# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୩ /୨୦୧୮ (୨୦ ପୃଷ୍ଠା+ମେଟ୍ରୋ ମିଜାଜ) Bhubaneswar,Thursday, August 23 / 2018 ★★★★★★

୪୪ଶ ଭାଗ ୨୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





ଭୁବନେଶ୍ୱର ସ୍ମାର୍ଟ ସିଟିର ଗମନାଗମନକୁ ଆହୁରି ସୁଗମ କରିବା ପାଇଁ ନବନିର୍ମିତ

## ଲିଙ୍ଗରାଜ ରୋଡ୍ ରେଲଓ୍ୱେ ଓଭରବ୍ରିଜ୍

ଆଜି ଏହାର ଲୋକାର୍ପଣ କରୁଛନ୍ତି
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ





ଏବେ ଟାଇମ୍‌ରେ
ପହଞ୍ଚିବି ସ୍କୁଲ୍‌ରେ...

-ଚୁମ୍‌କି, ସ୍କୁଲ୍ ଛାତ୍ରୀ



ଏବେ ସ୍କୁଟି ଧରି ସୁବିଧାରେ
ବଜାରକୁ ଯାଇଆସିହେବ...

-ମନ୍ଦାକିନୀ, ଗୃହିଣୀ



ଏବେ ସ୍ମାର୍ଟ
ସିଟିରେ ସ୍ମାର୍ଟ ଯିବାଆସିବା...

-ଜଣେ କ୍ରୀଡ଼ାପ୍ରେମୀ



ଏବେ ଠିକଣା ସମୟରେ ଠିକଣା ଜାଗାରେ
ପହଞ୍ଚିବା ପାଇଁ ଆଉ ଅସୁବିଧା ନାହିଁ...

-ସ୍ଥାନୀୟ ବାସିନ୍ଦା

34001/13/0005/1819

**ପୂର୍ତ୍ତ ବିଭାଗ**



ଆତଙ୍କବାଦର ଶିକାର ହୋଇଥିବା ପୀଡ଼ିତଙ୍କୁ ସମସ୍ତେ ସହାୟତାର ହାତ ବଢ଼ାଇବା ଉଚିତ। ଏହାଦ୍ୱାରା ସେମାନଙ୍କ ନୈତିକ ମନୋବଳ ବୃଦ୍ଧି ପାଇବା ସହ ଘୃଣା ବିସ୍ତାର ପାଇଁ ଆତଙ୍କବାଦୀଙ୍କ ଉଦ୍ୟମ ଭଣ୍ଡୁର ହେବ।

- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ



# ବିଶ୍ୱବିଦ୍ୟାଳୟ, କଲେଜ କ୍ୟାମ୍ପସ୍‌ରେ ବିକ୍ରି ହେବନି ଜଙ୍କ୍ ଫୁଡ୍

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**

ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର କ୍ୟାମ୍ପସ୍ ଭିତରେ ଏଣିକି ଜଙ୍କ୍ ଫୁଡ୍ ବିକ୍ରି ହେବ ନାହିଁ। ଏନେଇ କଟକଣା ଜାରି କରିଛନ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)। ଜଙ୍କ୍ ଫୁଡ୍ ବିକ୍ରି ନିଷେଧ କରିବା ଲାଗି ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଜାଣି ସୁଦ୍ଧା ପିଲା ଓ ଯୁବପିଢ଼ିମାନେ ଏସବୁକୁ ଖାଇ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରଖିବା ପାଇଁ ୟୁଜିସି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। କଲେଜଗୁଡ଼ିକରେ ଜଙ୍କ୍ ଫୁଡ୍ ବିକ୍ରି ନ ହେଲେ ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ଏବଂ ଉତ୍ତମ ଜୀବନ ନିର୍ବାହ କରିବେ। ଫଳରେ ପିଲାମାନେ ଭଲ ପାଠପଢ଼ିବା ସହ ମୋଟାପଣରୁ ମୁକ୍ତି ପାଇବେ। ଖରାପ ଜୀବନଶୈଳୀ

**ନିର୍ଦ୍ଦେଶ ଜାରି କଲା ୟୁଜିସି**



ଯୋଗୁ ସୃଷ୍ଟି ହେଉଥିବା ରୋଗ ମଧ୍ୟ ସେମାନଙ୍କୁ ଛୁଇଁପାରିବ ନାହିଁ ବୋଲି ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅବଗତ କରାଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ୟୁଜିସି ଏହି କଟକଣା ଲଗାଇଛନ୍ତି। ପୂର୍ବରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସମସ୍ତ ସହବନ୍ଧିତ ସ୍କୁଲର କ୍ୟାଣ୍ଟିନ୍ ମେନୁରୁ ଜଙ୍କ୍ ଫୁଡ୍ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଲି ସେତିକି ନୁହେଁ, କିଛି ଛାତ୍ରୀଛାତ୍ର ଟିଫିନ୍ ବକ୍ସରେ ଘରୁ ଜଙ୍କ୍ ଫୁଡ୍ ନେଇଯାଆନ୍ତି। ତେଣୁ ସ୍କୁଲ ପିଲାଙ୍କ ଟିଫିନ୍ ବକ୍ସ ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ପୋଷଣଯୁକ୍ତ ଖାଦ୍ୟଗ୍ରହଣ ପାଇଁ ପିଲାଙ୍କୁ ସଚେତନ କରାଇବା ସହ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ମଧ୍ୟ ବୋର୍ଡ ନିର୍ଦ୍ଦେଶ ଦେଇଥିଲା। ପ୍ରକାଶ ଯେ, ସ୍କୁଲ ପିଲାମାନେ ଅଧିକ ମାତ୍ରାରେ ଚର୍ବି, ଲୁଣ ଓ ଶର୍କରା (ଏଚ୍‌ଏଫ୍‌ଏସ୍‌ଏସ୍)ଯୁକ୍ତ ଖାଦ୍ୟ ଗ୍ରହଣ କରୁଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରଥମେ ସିବିଏସ୍‌ଇ ଏବଂ ପରେ ୟୁଜିସି ତତ୍ପରତା ଦେଖାଇ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଯେଉଁ ଖାଦ୍ୟରେ ଅଧିକ କ୍ୟାଲୋରୀ (ଶର୍କରା ଓ ଚର୍ବି) ଥିବ ଏବଂ କମ୍ ଫାଇବର୍, ପ୍ରୋଟିନ୍, ଭିଟାମିନ୍ କିମ୍ବା ମିନେରାଲ ରହିଥିବ ତାହାକୁ ଜଙ୍କ୍ ଫୁଡ୍ କୁହାଯାଏ।

**ସଂକ୍ଷେପରେ**

## ଏଏପିରୁ ଆଶିଷ ଖେତାନ୍‌ଙ୍କ ଇସ୍ତଫା




**ନୂଆଦିଲ୍ଲୀ, ୨୨।୮ (ପି.ଟି.):** ଆଶୁତୋଷଙ୍କ ପରେ ଏବେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ହାତ ଛାଡ଼ିଲେ ଆଶିଷ ଖେତାନ୍। ଦିଲ୍ଲୀର ଶାସକ ଦଳରୁ ସେ ଇସ୍ତଫା ଦେଇଥିବା ବୁଧବାର ଜଣାପଡ଼ିଛି। ଇସ୍ତଫା ଖବରକୁ ମଧ୍ୟ ଆଶିଷ ଖଣ୍ଡନ କରିନାହାନ୍ତି। ସକ୍ରିୟ ରାଜନୀତିରେ ନ ଥିଲେ ବୋଲି ସେ କହିଛନ୍ତି। ଏଏପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ୧୫ରେ ଦଳର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନିକଟକୁ ଆଶିଷ ଇସ୍ତଫାପତ୍ର ପଠାଇଥିଲେ। ଏଏପି ସହ ସମ୍ପର୍କ ତୁଟାଇଥିବା ସେହିଦିନ ଆଶୁତୋଷ ମଧ୍ୟ ଘୋଷଣା କରିଥିଲେ। ତେବେ ଉଭୟଙ୍କ ଇସ୍ତଫାକୁ କେଜ୍‌ରିୱାଲ ଗ୍ରହଣ କରିନାହାନ୍ତି। ଏମାନଙ୍କୁ ମନାଇବା ପାଇଁ ସେ ପ୍ରୟାସ ଚଳାଇଥିବା କୁହାଯାଉଛି।

## ଫେବୃୟାରୀରେ ଆଇସିଜେ ରାୟ



**ଇସ୍‌ଲାମାବାଦ, ୨୨।୮ (ପି.ଟି.):** ଗୁପ୍ତଚରଗିରି ଅଭିଯୋଗରେ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କୁ ପାକିସ୍ତାନ ସାମରିକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ପରେ ଏହାକୁ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଚ୍ୟାଲେଞ୍ଜ କରାଯାଇଛି। ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଏହି ମାମଲାର ଶୁଣାଣି ଆସନ୍ତାବର୍ଷ ଫେବୃୟାରୀରେ ହେବ। ସପ୍ତାହବ୍ୟାପୀ ବିଚାର ଚାଲିବା ପରେ କୁଲଭୂଷଣଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଜିଓ ଟିଭି ରିପୋର୍ଟରୁ ଜଣାପଡ଼ିଛି। ଆଇସିଜେଙ୍କ ଚୂଡ଼ାନ୍ତ ରାୟ ଉପରେ ତାଙ୍କ ଜୀବନ ଓ ମରଣ ନିର୍ଭର କରୁଛି। ପ୍ରକାଶ ଯେ, ୨୦୧୬ ମାର୍ଚ୍ଚରେ କୁଲଭୂଷଣଙ୍କୁ ଗିରଫ କରିଥିଲା ପାକିସ୍ତାନ। ବେଲୁଚିସ୍ତାନ ପ୍ରଦେଶରୁ ତାଙ୍କୁ ଧରିଥିବା ପଡ଼ୋଶୀ ରାଷ୍ଟ୍ର ଦାବି କରିଥିଲା। ପାକିସ୍ତାନ ବିରୋଧରେ ସେ ଗୁପ୍ତଚରଗିରି କରୁଥିଲେ ବୋଲି ଅଭିଯୋଗ ଆଣିବା ସହ ଗତବର୍ଷ ଏପ୍ରିଲରେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ରାୟକୁ ଚ୍ୟାଲେଞ୍ଜ କରି ଭାରତ ଗତବର୍ଷ ମେ'ରେ ଆଇସିଜେର ଦ୍ୱାରସ୍ଥ ହୋଇଥିଲା।

## ଭାରତ-ପାକ୍ ସମ୍ପର୍କ ମଧ୍ୟସ୍ଥ ହେବାକୁ ଚାଇନା ଆଗ୍ରହୀ

**ବେଜିଂ, ୨୨।୮ (ପି.ଟି.):** ଭାରତ-ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଧାରିବା ଲାଗି ଚାଇନା ମଧ୍ୟସ୍ଥ ହେବାକୁ ଆଗ୍ରହ ପ୍ରକାଶ କରିଛି। ଏହାସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ ଖାନ୍‌ଙ୍କ ସକାରାତ୍ମକ ମନ୍ତବ୍ୟକୁ ବେଜିଂ ସ୍ୱାଗତ କରିଛି। ବେଜିଂରେ ବୁଧବାର ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ୍ କହିଛନ୍ତି, ଉଭୟ ଭାରତ ଓ ପାକିସ୍ତାନ ଦକ୍ଷିଣ ଏସିଆର ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର। ଉଭୟ ପକ୍ଷ ପାରସ୍ପରିକ ମତଭେଦ ଭୁଲି ସମସ୍ତ ସମସ୍ୟାର ସମାଧାନ କରିବା ଉଚିତ। ଚାଇନା ଏଦିଗରେ ସକାରାତ୍ମକ ଭୂମିକା ନେବାକୁ ଆଗ୍ରହୀ। ଦୁଇ ପଡ଼ୋଶୀଙ୍କ ସମ୍ପର୍କକୁ ନେଇ ସଦ୍ୟ ଘଟଣାକ୍ରମ କ୍ଷେତ୍ରୀୟ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଲୁ କହିଛନ୍ତି।



## ଫେରିଲେ ପାରିକର

**ପଣଜୀ ୨୨।୮ (ପି.ଟି.):** ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର ବୁଧବାର ଆମେରିକାରୁ ଭାରତ ଫେରିଛନ୍ତି। ଗତ ୩ ମାସ ହେବ ସେ ଅସୁସ୍ଥ ରହିଥିବାରୁ ତାଙ୍କର ଚିକିତ୍ସା ଚାଲିଛି। ଗତ ୧୦ ତାରିଖରେ ପାରିକର ଆମେରିକା ଯାଇଥିବାବେଳେ ବୁଧବାର ଗୋଆ ବିମାନବନ୍ଦରରେ ଓହ୍ଲାଇଥିଲେ। ସେ ମାର୍ଚ୍ଚ ପ୍ରଥମ ସପ୍ତାହ ଓ ଜୁନ୍ ଶେଷ ସପ୍ତାହରେ ସେ ଆମେରିକାରୁ ଫେରି ବିଧାନସଭାର ମୌସୁମୀ ଅଧିବେଶନରେ ଯୋଗଦେଇଥିଲେ।

# ଇଦ୍‌ରେ ବି ଛାଡ଼ିଲେନି

**ଶ୍ରୀନଗର, ୨୨।୮ (ପି.ଟି.)**

**କଶ୍ମୀରରେ ଆତଙ୍କବାଦୀଙ୍କ ବର୍ବରତା**

- ନମାଜ ପଢ଼ି ଫେରୁଥିବା ପୋଲିସ କନଷ୍ଟେବଲଙ୍କୁ ହତ୍ୟା
- ମିଳିଲା ଆଉ ୨ ପୋଲିସ କର୍ମୀଙ୍କ ଗୁଳିବିଦ୍ଧ ମୃତଦେହ
- ଭାଜପା ନେତା ଶବିର ଅହମ୍ମଦଙ୍କୁ ଅପହରଣ ପରେ ହତ୍ୟା



ପବିତ୍ର ଇଦ୍-ଅଲ୍-ଆଧା ପର୍ବକୁ ସାରା ବିଶ୍ୱର ମୁସଲମାନ ସମ୍ପ୍ରଦାୟ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରୁଛନ୍ତି। କିନ୍ତୁ ଜମ୍ମୁ-କଶ୍ମୀରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍ଥାନୀୟ ଆତଙ୍କବାଦୀମାନେ ପୁଲୱାମା ଓ କୁଲଗାମ୍ ଜିଲାରେ ବର୍ବରତାର ସୀମା ଲଂଘିଛନ୍ତି। ସେମାନେ ଜଣେ ଭାଜପା ନେତାଙ୍କୁ ଅତି ନିର୍ମମ ଭାବେ ହତ୍ୟାକରିବା ପରେ ୩ ପୋଲିସ କର୍ମଚାରୀଙ୍କ ମୁଣ୍ଡ ନେଇଛନ୍ତି। ଆତଙ୍କବାଦୀଙ୍କ ହିଂସା ଇଦ୍ ଉତ୍ସବକୁ ଫିକା କରିଦେଇଛି। ଉପତ୍ୟକାରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ପାଇଁ ପାକିସ୍ତାନ ଷଡ଼ଯନ୍ତ୍ର ରଚୁଥିବାବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଜମ୍ମୁ-କଶ୍ମୀରସ୍ଥିତ କୁଲଗାମ୍ ଜିଲାର ଜଜ୍‌ରିପୋରା ଗ୍ରାମର ବାସିନ୍ଦା ଫୟାଜ୍ ଅହମ୍ମଦ ଶାହ (୩୪) ରାଜ୍ୟ ପୋଲିସରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ସେ ତଲୱାରା ଟ୍ରେନିଙ୍ଗ୍ କ୍ୟାମ୍ପରୁ ପରିବାର ସହ ଇଦ୍ ଛୁଟି କାଟିବାକୁ ଘରକୁ ଆସିଥିଲେ। ଫୟାଜ୍ ବୁଧବାର ମଣିଗାମ୍‌ରେ ଇଦ୍ ପାଇଁ ନୱାଜ୍ ପାଠ କରି ଘରକୁ ଫେରୁଥିବାବେଳେ ଅଗାମ୍‌ରେ ଆତଙ୍କବାଦୀମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଟଳିପଡ଼ିଥିଲେ ଫୟାଜ୍। ସେହିପରି ଅନ୍ୟ ଆତଙ୍କବାଦୀମାନେ ଜଣେ ସ୍ପେଶାଲ ପୋଲିସ ଅଫିସର ମହମ୍ମଦ ୟାକୁବ୍ ଶାହଙ୍କୁ ପୁଲୱାମା ଜିଲାରେ ଗୁଳିକରିଛନ୍ତି। ତାଙ୍କୁ ହସ୍ପିଟାଲକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଜିଲାରେ ସନ୍ଧ୍ୟାରେ ଏକ ଅନୁରୂପ ଘଟଣା ଘଟିଛି। ଆତଙ୍କବାଦୀମାନେ ଇନ୍‌ସ୍ପେକ୍ଟର ମହମ୍ମଦ ଅଶ୍ରଫ୍ ଦର୍‌ଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏସ୍.ପି. ବୈଦ୍ ଏହାକୁ ଆତଙ୍କବାଦୀଙ୍କ ଭୀରୁ କାର୍ଯ୍ୟ ବୋଲି ଅଭିହିତ କରିଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ରାତିରେ କୁପୱାଡ଼ା ଜିଲାର ରଖ-ଇ-ଲିଟେର ଅଞ୍ଚଳରେ ଭାଜପା ନେତା ଶବିର ଅହମ୍ମଦ ଭଟ୍ଟଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିଥିଲେ। ଶବିରଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ କହିଛନ୍ତି, ଆତଙ୍କବାଦୀମାନେ ଉପତ୍ୟକାର ଯୁବକମାନଙ୍କୁ ଉନ୍ନତ ଭବିଷ୍ୟତ ବାଛିବାକୁ ଅଟକାଇ ପାରିବେନାହିଁ। କଶ୍ମୀରରେ ହିଂସା ଅଧିକ ଦିନ ତିଷ୍ଠି ରହିବ ନାହିଁ। ଶବିରଙ୍କ ତ୍ୟାଗ ବେକାର ଯିବନାହିଁ।

## ଆଇଏସ୍ ପତାକା ଦେଖାଇ ଟେକାମାଡ଼

**ଶ୍ରୀନଗର, ୨୨।୮ (ପି.ଟି.)**

ଇଦ୍-ଅଲ୍-ଆଧା ପାଳନ ବେଳେ ଶ୍ରୀନଗର ସମେତ ଉପତ୍ୟକାର ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକେ ସେନା ଉପରକୁ ଟେକାମାଡ଼ କରିଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଅନନ୍ତନାଗ, ସୋପୋର ଓ କୁପ୍‌ୱାଡ଼ାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଶ୍ରୀନଗରର ଏକ ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନେ ସକାଳ ନମାଜ ପାଠ ପାଇଁ ଅପେକ୍ଷା କରିଥିବାବେଳେ କେତେଜଣ ଯୁବକ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ସେମାନେ 'ମୁସା ଆର୍ମି' (କଶ୍ମୀରରେ ଅଲ୍-କାଏଦା ମୁଖ୍ୟ ଜାକିର ମୁସାଙ୍କ ଗୋଷ୍ଠୀ) ବ୍ୟାନରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟେକାମାଡ଼ରେ କେତେଜଣ ଯବାନ ଆହତ ହୋଇଛନ୍ତି।



ଦିଲ୍ଲୀର ଜାମା ମସ୍‌ଜିଦରେ ଇଦ୍-ଉଲ୍ -ଜୁହା ପାଳନ ଅବସରରେ ସମୂହ ପ୍ରାର୍ଥନା।

## ପରଲୋକରେ ଗୁରୁଦାସ୍ କାମାଥ

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତା ଗୁରୁଦାସ୍ କାମାଥଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ସକାଳ ପ୍ରାୟ ୭ଟାରେ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ କାମାଥଙ୍କୁ ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲକୁ ନିଆଯାଉଥିଲା। ହେଲେ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ପାରିବାରିକ ସୂତ୍ରରୁ ପ୍ରକାଶ। କାମାଥ ବସନ୍ତ ଏନ୍‌କ୍ଲେଭ୍ ବାସଭବନରେ ବୁଧବାର ସକାଳେ ଚା ପିଉଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ଡ୍ରାଇଭର ଚାଣକ୍ୟପୁରୀସ୍ଥିତ ପ୍ରାଇମସ୍ ହସ୍ପିଟାଲକୁ ନେଇଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାଥଙ୍କ ପରଲୋକ ଖବର ପାଇ ଉପା ଅଧକ୍ଷା ସୋନିଆ ଗାନ୍ଧୀ ତାଙ୍କର ଶେଷଦର୍ଶନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଏନ୍‌ସିପି ଅଧକ୍ଷ ଶରଦ ପାୱାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କାମାଥଙ୍କ ପାର୍ଥିବ ଶରୀର ନେବା ପାଇଁ ତାଙ୍କ ପରିବାର ବର୍ଗ ବମ୍ବେରୁ ଦିଲ୍ଲୀ ଆସିଛନ୍ତି। ଏକ ଜେଟ୍ ଏୟାର୍‌ୱେଜ୍ ବିମାନରେ ତାଙ୍କ ମରଶରୀରକୁ ମୁମ୍ବାଇକୁ ନିଆଯିବା ପରେ ଗୁରୁବାର କାମାଥଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। କାମାଥ ମଙ୍ଗଳବାର ରାତି ୧୧ଟା ୪୪ରେ 'ଇଦ୍ ମୁବାରକ୍' ବୋଲି ଟୁଇଟ୍ କରିଥିଲେ। ଇଦ୍-ଅଲ୍-ଆଧା ଅବସରରେ ଏହା ଥିଲା ତାଙ୍କ ଜୀବନର ଶେଷ ଟୁଇଟ୍। କାମାଥ ନୂଆଦିଲ୍ଲୀର ସରକାରୀ ଆଇନ କଲେଜରୁ ସ୍ନାତକ ହେବା ପରେ ଓକିଲାତିରେ ପେସା ଆରମ୍ଭ କରିଥିଲେ। ସେ ୧୯୭୬ରୁ ୧୯୮୦ ଯାଏ ଏନ୍‌ଏସ୍‌ୟୁଆଇ ଅଧକ୍ଷ ଥିଲେ। ମୁମ୍ବାଇରୁ ଲୋକ ସଭାରେ ୫ଥର ପ୍ରତିନିଧିତ୍ୱ କରିଥିବା କାମାଥ ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଥିଲେ। ଏହାସହ ତାଙ୍କୁ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। ୨୦୧୧ରେ ସେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିଲେ। ବିଦେଶ ଗସ୍ତରେ ଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ କାମାଥଙ୍କ ବିୟୋଗକୁ ଦଳର ଏକ ବୃହତ୍ କ୍ଷତି ବୋଲି ଅଭିହିତ କରିଛନ୍ତି।

## ଭାରତରେ ବେକାରି ସମସ୍ୟା ଉତ୍କଟ

**ହାମ୍‌ବର୍ଗ, ୨୨।୮ (ପି.ଟି.)**

**ବିଦେଶରେ ପୁଣି ବର୍ଷିଲେ ରାହୁଲ**



ବିମୁଦ୍ରୀକରଣ ଏବଂ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଭାରତୀୟ ଅର୍ଥନୀତିକୁ ଉଜାଡ଼ି ଦେଇଛି। ଏଥିଯୋଗୁ କ୍ଷୁଦ୍ର ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଭାରତରେ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ମୁହଁ ଖୋଲୁନାହାନ୍ତି। ସମସ୍ୟାର ସମାଧାନ କରିବାକୁ ହେଲେ ତାକୁ ସ୍ୱୀକାର କରିବାକୁ ପଡ଼ିବ ବୋଲି ବିଦେଶ ଗସ୍ତରେ ଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଜର୍ମାନୀର ହାମ୍‌ବର୍ଗରେ ବୁଧବାର ସମ୍ବୋଧିତ କରି ରାହୁଲ କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ବିକାଶକୁ ଗୁରୁତ୍ୱ ଦେଉନାହାନ୍ତି। ଓଲଟା ଏହି ବର୍ଗର ଲୋକଙ୍କ ଉପରେ ଆକ୍ରମଣ କରାଯାଉଛି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଏହି ଅବସରରେ ସେ ଭାରତ ଓ ଦେଶରେ ଗତ ୭୦ ବର୍ଷରେ ହୋଇଥିବା ବିକାଶ ସମ୍ପର୍କରେ ଆଲୋକପାତ କରିଛନ୍ତି। ସେହିପରି ପାର୍ଲାମେଣ୍ଟରେ ଅନାସ୍ଥା ପ୍ରସ୍ତାବ ବେଳେ ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଆଲିଙ୍ଗନକୁ କଂଗ୍ରେସର କେତେକ ନେତା ମଧ୍ୟ ପସନ୍ଦ କରି ନ ଥିବା ସେ କହିଛନ୍ତି।

## ନାବାଳିକାଙ୍କୁ ୧୧ ମାସ ବଳାତ୍କାର

**ବାଲିଆ, ୨୨।୮ (ପି.ଟି.)**

ଉତ୍ତରପ୍ରଦେଶରେ ଆଉ ଏକ ଲଜ୍ଜା ସାମ୍ନାକୁ ଆସିଛି। ବାଲିଆ ଜିଲାର ସୁଖପୁରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ୧୧ ମାସ ବଳାତ୍କାର କରାଯାଇଛି। ୧୫ ବର୍ଷୀୟା ପୀଡ଼ିତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ପ୍ରେମିକ ଦୀର୍ଘଦିନ ଯୌନ ଶୋଷଣ କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ଅଭିଯୁକ୍ତ ଅବିନିଶ୍ ସିଂ (୨୪)ଙ୍କୁ ଗିରଫ କରାଯାଇଛି। ପୀଡ଼ିତା ଏବଂ ଅବିନିଶ ପରସ୍ପରର ପଡ଼ୋଶୀ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହାକୁ ବିବାହର ରୂପ ଦେବା ପାଇଁ କହି ଅବିନିଶ୍ ତାଙ୍କୁ ବାରମ୍ବାର ବଳାତ୍କାର କରୁଥିଲେ ବୋଲି ପୋଲିସ କହିଛି।

### ଗୋଆରେ ୮୦ ଆକାଉଣ୍ଟାଣ୍ଟ ପଦବୀ ପାଇଁ ପରୀକ୍ଷା

## ୮ ହଜାର ଆବେଦନକାରୀ ଫେଲ୍

**ପଣଜୀ ୨୨।୮ (ପି.ଟି.)**

ଗୋଆ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ୮୦ ଆକାଉଣ୍ଟାଣ୍ଟ ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ସମସ୍ତ ୮ ହଜାର ଆବେଦନକାରୀ ଅକୃତକାର୍ଯ୍ୟ ହୋଇଛନ୍ତି। ଆକାଉଣ୍ଟାଣ୍ଟ ପରୀକ୍ଷାରେ ୧୦୦ ମାର୍କର ପ୍ରଶ୍ନ ପଡ଼ିଥିଲା। ଉତ୍ତୀର୍ଣ୍ଣ ହେବା ପାଇଁ ସେଥିରୁ ୫୦ ନମ୍ବର ଆଣିବା ଜରୁରୀ ଥିଲା। ହେଲେ ସମସ୍ତ ପରୀକ୍ଷାର୍ଥୀ ସ୍ନାତକ ହୋଇଥିଲେ ମଧ୍ୟ କେହି ପାସ୍ କରିନାହାନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଡାଇରେକ୍ଟୋରେଟ୍ ଅଫ୍ ଅକାଉଣ୍ଟସ ପକ୍ଷରୁ ୮୦ ଆକାଉଣ୍ଟାଣ୍ଟ ପଦବୀ ପାଇଁ ଗତବର୍ଷ ଅକ୍ଟୋବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ଜାନୁୟାରୀ ୭ରେ ୫ ଘଣ୍ଟା ଧରି ପରୀକ୍ଷା ହୋଇଥିଲା। ଏଥିରେ ଇଂଲିଶ୍, ସାଧାରଣ ଜ୍ଞାନ ଓ ଆକାଉଣ୍ଟ ସମ୍ପର୍କିତ ୧୦୦ ନମ୍ବରର ପ୍ରଶ୍ନ କରାଯାଇଥିଲା। ଯେଉଁ ପ୍ରାର୍ଥୀମାନେ ସଫଳ ହୋଇଥାନ୍ତେ ସେମାନଙ୍କୁ ଚୂଡ଼ାନ୍ତ ଚୟନ ପୂର୍ବରୁ ମୌଖିକ ସାକ୍ଷାତ୍କାର ଦେବାକୁ ପଡ଼ିଥାନ୍ତା। କିନ୍ତୁ ସେଯାଏ କେହି ପରୀକ୍ଷାର୍ଥୀ ଯାଇପାରିଲେ ନାହିଁ। ଏହାକୁ ନେଇ ଗୋଆର ଭାଜପା ସରକାରଙ୍କୁ ଏଏପି ଟାର୍ଗେଟ କରିଛି। ଏଏପିର ଗୋଆ ସାଧାରଣ ସମ୍ପାଦକ ପ୍ରଦୀପ ପଡ୍‌ଗାଓଁକର ପରୀକ୍ଷାଫଳ ପ୍ରକାଶରେ ବିଳମ୍ବକୁ ସମାଲୋଚନା କରିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି।

# ବନ୍ୟା ଛାଡ଼ିଗଲା ବିପର୍ଯ୍ୟୟର ସନ୍ତକ

**ଥିରୁଭାନନ୍ତପୁରମ୍, ୨୨।୮ (ପି.ଟି.)**

**ଖାଇବାକୁ ଦାନା ନାହିଁ, ଘର ସଜାଡୁଛନ୍ତି କେରଳୀ**



ବନ୍ୟା ବିପର୍ଯ୍ୟୟରେ ଯୁଝୁଥିବା କେରଳରେ ଟଳୁଛି ସଙ୍କଟ। ଧୀରେ ଧୀରେ ଜଳ ନିଷ୍କାସନ ହେବାରେ ଲାଗିଥିବାରୁ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକେ ଏବେ ଘରମୁହାଁ ହେଉଛନ୍ତି। ଭିଟାମାଟିକୁ ଫେରି ଯେଉଁ ଦୃଶ୍ୟ ଦେଖୁଛନ୍ତି, ତାହା ଯୁଦ୍ଧଭୂମିଠାରୁ କିଛି କମ୍ ନୁହେଁ। ବନ୍ୟା ବିପର୍ଯ୍ୟୟର ସନ୍ତକ ଛାଡ଼ିଯାଇଛି। ଘରଦ୍ୱାର ସବୁ ଭାଙ୍ଗି ମାଟିରେ ମିଶିଯାଇଛି। ଖୁବ୍ କମ୍ ଲୋକଙ୍କ ଘର ବାସୋପଯୋଗୀ ହୋଇରହିଛି। କାଦୁଅରେ ସର ସର ଘର ଭିତରେ ନାଗସାପ ଖେଳୁଛନ୍ତି। ମୋଟାମୋଟି ୧୪.୫୦ ଲକ୍ଷ ଲୋକ ମୁଣ୍ଡ ଗୁଞ୍ଜିବାକୁ ଜାଗାଟିଏ ଏବଂ ଖାଇବାକୁ ଦାନା ଖୋଜୁଛନ୍ତି। ଏବେ ମଧ୍ୟ ଲୋକଙ୍କୁ ପାଣିଘେରରୁ ଉଦ୍ଧାର କରାଯାଉଛି। ବନ୍ୟା ଦେଇଯାଇଥିବା ଅସରନ୍ତି ଦୁଃଖକୁ ସାମ୍ନା କରିବା ପାଇଁ ଜାତିଧର୍ମ ଭୁଲି ସମସ୍ତେ ସହଯୋଗର ହାତ ବଢ଼ାଉଛନ୍ତି। ମଲପୁରମ୍‌ରେ ଥିବା ଏକ ମସ୍‌ଜିଦରେ ହିନ୍ଦୁମାନଙ୍କୁ ଆଶ୍ରୟ ଦିଆଯାଇଛି। ହିନ୍ଦୁ ମନ୍ଦିରରେ ମଧ୍ୟ ସଫେଇ କାର୍ଯ୍ୟରେ ଲାଗିପଡ଼ିଛନ୍ତି ମୁସଲମାନ ଲୋକେ। ଘର ଭାଙ୍ଗଯାଇଥିବାରୁ ଦୁଃଖ ସହ୍ୟ କରି ନ ପାରି ଏର୍ନାକୁଲମ୍ ଜିଲାର କୋଥାଡଠାରେ ଜଣେ ୬୮ ବର୍ଷୀୟ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି।

## ବିଦେଶୀ ପାଣ୍ଠିକୁ କେନ୍ଦ୍ରର ନା, ତେଜିଲା ରାଜନୀତି

**ନୂଆଦିଲ୍ଲୀ/କୋଚି, ୨୨।୮ (ପି.ଟି.)**

କେରଳକୁ ବିପନ୍ନଙ୍କ ପାଇଁ ୟୁଏଇ ୭୦୦ କୋଟି ଟଙ୍କା ଓ ମାଳଦ୍ୱୀପ ୩୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। କିନ୍ତୁ ବିଦେଶୀ ପାଣ୍ଠିକୁ ଗ୍ରହଣ କରିବେ ନାହିଁ ବୋଲି ବୁଧବାର କେନ୍ଦ୍ର ସରକାର ସ୍ପଷ୍ଟ କରିବା ପରେ ଆରମ୍ଭ ହୋଇଯାଇଛି ରାଜନୀତି। ବିଦେଶୀ ପାଣ୍ଠିକୁ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ବିଜୟନ୍ କହିଛନ୍ତି। କେରଳର ବିରୋଧୀ ଦଳଗୁଡ଼ିକ ମଧ୍ୟ ଏଲ୍‌ଡିଏଫ୍ ସରକାରଙ୍କୁ ଆକ୍ରମଣ କରିଛନ୍ତି। ଏହି ବନ୍ୟା ମନୁଷ୍ୟକୃତ ବୋଲି ୟୁଡିଏଫ୍ ଓ ଭାଜପା ନେତାଏ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୩ /୨୦୧୮ | Bhubaneswar, Thursday, August 23 / 2018 | ପୃଷ୍ଠା-୧



**ଦିଶାଙ୍କୁ ଜଣା ଚର୍ଚ୍ଚାରେ ରହିବାର କାଇଦା**
ବଲିଉଡ୍ ଅଭିନେତ୍ରୀ ଦିଶା ପଟାନିଙ୍କୁ ଘାରିଛି ବିକିନି ନିଶା। ବିକିନି ପିନ୍ଧି ସେ ବିଭିନ୍ନ ପୋଜ୍‌ର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।
୧୪

୧୬
**ଶୁଟିଂରେ ସର୍ନୋବତଙ୍କୁ ସ୍ୱର୍ଣ୍ଣ**
ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ରାହି ସର୍ନୋବତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛନ୍ତି।






■ଫସଲ କ୍ଷତି ସହ ଋଣ ଭାର ଅସହ୍ୟ ହେଲା

# କୀଟନାଶକ ପିଇ ୨ ଚାଷୀଙ୍କ ଆତ୍ମହତ୍ୟା

ମାନେଶ୍ୱର/କଣ୍ଟାବାଞ୍ଜି, ୨୨।୮(ଡି.ଏନ୍.ଏ.)

ବାରମ୍ବାର ଫସଲ ଉଜୁଡ଼ିଲା । ଚାଷ ପାଇଁ ଆଣିଥିବା ଋଣ ଭାର ଅସହ୍ୟ ହେଲା । ଋଣ ପରିଶୋଧ ପାଇଁ ଅନ୍ୟ କୌଣସି ଉପାୟ ବି ନ ଥିଲା । ଶେଷରେ କୀଟନାଶକ ପିଇ ଆତ୍ମହତ୍ୟାର ବାଟ ବାଛି ନେଲେ ୨ ଚାଷୀ । ମୃତ ଚାଷୀଦ୍ୱୟ ହେଲେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲିଆ ଗ୍ରାମର ଲଳିତ ବାରିକ(୬୦) ଓ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ଗ୍ରାମର ଶରତ ମାଝି(୪୫) । ଏହି ଘଟଣା ସାରା ପଶ୍ଚିମ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଛି।

ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଲଳିତଙ୍କ ନିଜର ୧୦ ଏକର ଜମି ରହିଛି । ସେ ଆଉ ୧୫ ଏକର ଜମି ଭାଗରେ ନେଇ ଖରିଫ ଧାନ ଚାଷ କରିଥିଲେ । ଆଶା ଥିଲା ଏଥର ଭଲ ଫସଲ ହେବ । ସେ ପର୍ଯ୍ୟାପ୍ତ ଲାଭ ପାଇବେ । ହେଲେ ରୋଗ ପୋକ ଯୋଗୁ ତାଙ୍କ ଫସଲ ନଷ୍ଟ ହୋଇଯାଇଥିଲା । ଏହା ପରେ ଲଳିତ ଗାଁ ଜମିଦାର ଓ ବ୍ୟାଙ୍କରୁ ଋଣ କରି ପୁଣି ଥରେ ରବି ଫସଲ କରିଥିଲେ । ହେଲେ ଲଗାଣ ବର୍ଷାରେ ତାଙ୍କର ଫସଲ ଉଜୁଡି ଯାଇଥିଲା । ଦୁଇଥର ଫସଲ କ୍ଷତି ଯୋଗୁ ସେ ଭାଙ୍ଗି ପଡିଥିଲେ । ଋଣ ଶୁଝିବା ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରିଥିଲା । ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ମଙ୍ଗଳବାର ସନ୍ଧ୍ୟାରେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କ ମୃତ୍ୟୁ ଘଟିଥିଲା । ଲଳିତଙ୍କ ପୁଅ ସରୋଜ ବାରିକ କହିଛନ୍ତି, ତାଙ୍କ ବାପା ପ୍ରାୟ ୧୭ ଲକ୍ଷ ☞ପୃଷ୍ଠା-୨

# ନୂଆ ଯୋଜନା ପାଇଁ ପୁରୁଣା ଅଡୁଆ

ଅନିଲ ଦାସ
ଭୁବନେଶ୍ୱର,୨୨।୮(ବ୍ୟୁରୋ)

■ ପକ୍କାଘର ପାଇବାରୁ ବାଦ ପଡ଼ିବେ ୫୦ ହଜାର ଆଇଏୱାଇ ହିତାଧିକାରୀ
■ କିସ୍ତି ନ ଫେରାଇଲେ ହେବ ମାମଲା



କେନ୍ଦ୍ରରେ କଂଗ୍ରେସ ପରିଚାଳିତ ଉପା ସରକାର ବିଦା ହୋଇ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାସୀନ ହୋଇଛନ୍ତି। ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନାର ନାମ ମଧ୍ୟ ପରିବର୍ତ୍ତନ ହୋଇଛି। ଗ୍ରାମାଞ୍ଚଳ ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେବାକୁ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଆବାସ ଯୋଜନା(ଆଇଏୱାଇ) ବଦଳରେ ଏବେ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି)। ତେବେ ଆଇଏୱାଇ ସମୟରେ ପକ୍କାଘର ପାଇଥିବା ୪୮ ହଜାର ୪୯୦ ହିତାଧିକାରୀ କେନ୍ଦ୍ର ସରକାରଙ୍କ ପିଏମଏୱାଇ-ଜିରୁ ବାଦ୍ ପଡ଼ିବେ। ୨୦୧୩-୧୪ରୁ ୨୦୧୫-୧୬ରେ ମଧ୍ୟ ଉକ୍ତ ହିତାଧିକାରୀମାନଙ୍କୁ ପକ୍କାଘର ନିର୍ମାଣ ପାଇଁ ୱାର୍କ ଅର୍ଡର(କାର୍ଯ୍ୟାଦେଶ) ଦିଆଯାଇଥିଲା। ସେମାନେ ଗୋଟିଏ କିମ୍ବା ଦୁଇଟି କିସ୍ତି ନେଇ ଘର ଅଧାକରି ଛାଡ଼ି ଦେଇଛନ୍ତି। ଦୀର୍ଘ ୫ ବର୍ଷ ପରେ ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଏହି ହିତାଧିକାରୀମାନେ ଗୃହ ନିର୍ମାଣ ଶେଷ କରୁନାହାନ୍ତି। ଏହାକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡିଛନ୍ତି। ୨୦୧୯ ସୁଦ୍ଧା ରାଜ୍ୟରେ କୌଣସି ଗରିବ ଲୋକର କଚ୍ଚାଘର ରହିବ ନାହିଁ ବୋଲି କେନ୍ଦ୍ର ସରକାର ଯେଉଁ ଟାର୍ଗେଟ ଦେଇଛନ୍ତି ସେହି ଲକ୍ଷ୍ୟ ପୂରଣ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି।

ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆଇଏୱାଇରେ ସାମିଲ ହୋଇଥିବା ୪୮,୪୯୦ ହିତାଧିକାରୀ ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି। ୨୦୧୩-୧୪ରେ ରାଜ୍ୟର ବିଭିନ୍ନ ଜିଲାରେ ୮୩୨୨ ଜଣ ହିତାଧିକାରୀ କିସ୍ତି ନେଇ ଘର ନିର୍ମାଣ କରି ନ ଥିବା ବେଳେ ୨୦୧୪-୧୫ରେ ୧୫ ହଜାର ୧୬୩ ଏବଂ ୨୦୧୫-୧୬ରେ ୨୫,୦୦୫ କିସ୍ତି ନେଇ ଘର ନିର୍ମାଣ ସମ୍ପୂର୍ଣ୍ଣ କରିନାହାନ୍ତି। ଦୀର୍ଘବର୍ଷ ହେବ ସେହି ଘରଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ଇତିମଧ୍ୟରେ ଯୋଜନା ନାମ ବଦଳିବା ସହ ଗୃହ ନିର୍ମାଣ ମୂଲ୍ୟ(ୟୁନିଟ୍ କଷ୍ଟ) ମଧ୍ୟ ଦ୍ୱିଗୁଣିତ ହୋଇଗଲାଣି। ୨୦୧୩-୧୪ରେ ଆଇଏୱାଇ ଯୋଜନାରେ ୟୁନିଟ ମୂଲ୍ୟ ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ(ଆଇଏପି) ଅନ୍ତର୍ଭୁକ୍ତ ଏସ୍‌ସି/ଏସ୍‌ଟି ବହୁଳ ଓ ପଛୁଆ ଜିଲାଗୁଡିକ ପାଇଁ ୭୫ ହଜାର ଟଙ୍କା ଥିବା ବେଳେ ନନ୍ ଆଇଏପି ଜିଲା ପାଇଁ ୭୦ ହଜାର ଟଙ୍କା ଥିଲା। ପିଏମଏୱାଇ-ଜି କାର୍ଯ୍ୟକାରୀ ହେବା ପରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ଓ ଅଣ ଆଇଏଏପିରେ ୟୁନିଟ ପିଛା ୧ ଲକ୍ଷ ୨୦ ହଜାର ଟଙ୍କା ହୋଇଛି। ଏହାଛଡା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ଯଥାକ୍ରମେ ୯୫ ଓ ୯୦ ଦିନର ମଜୁରି ବାବଦରେ ୧୫ ହଜାରରୁ ୧୬ ହଜାର ଟଙ୍କା ଏବଂ ପାଇଖାନା ତିଆରି କରିବାକୁ ସ୍ୱଚ୍ଛ ଭାରତ ମିଶନରେ ଅତିରିକ୍ତ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏ ସବୁକୁ ମିଶାଇଲେ ଘର ନିର୍ମାଣ ମୂଲ୍ୟ ଦେଢଲକ୍ଷକୁ ଟପି ଯାଉଛି। ଏହାଛଡା ପକ୍କାଘର ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ତାଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୨୦ ହଜାର ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ଦେବାର ☞ପୃଷ୍ଠା-୨

ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

■ଦାମ୍ପତ୍ୟ କଳହ ମାମଲା

## ପ୍ରମାଣ ନ ଥିଲେ ସ୍ୱାମୀଙ୍କ ପରିବାର ଲୋକଙ୍କ ନାଁରେ ହେବନି ମାମଲା



ନୂଆଦିଲ୍ଲୀ, ୨୨।୮(ପି.ଟି.)

ପ୍ରଚଳିତ ଆଇନ ଅନୁଯାୟୀ ଦାମ୍ପତ୍ୟ କଳହ ଏବଂ ଯୌତୁକଜନିତ ହତ୍ୟା ମାମଲାରେ ସ୍ୱାମୀଙ୍କ ସହିତ ତାଙ୍କ ପରିବାର ଲୋକଙ୍କୁ ଆଇନର କାଠଗଡ଼ାକୁ ଟଣାଯାଉଛି। କିନ୍ତୁ ଆଉ ସେଭଳି ଘଟିବ ନାହିଁ। ନିର୍ଦ୍ଦିଷ୍ଟ ପ୍ରମାଣ ନ ଥିଲେ ସ୍ୱାମୀଙ୍କ ପରିବାର ଲୋକଙ୍କ ନାଁରେ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହିଳାମାନେ ସ୍ୱାମୀଙ୍କ ଦୂର ସମ୍ପର୍କୀୟଙ୍କ ବିରୋଧରେ ମଧ୍ୟ ନିର୍ଯାତନା ଅଭିଯୋଗ ଆଣୁଛନ୍ତି। ଏଭଳି ମାମଲାର ବିଚାର କରିବାବେଳେ କୋର୍ଟଗୁଡ଼ିକୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ସତର୍କ କରାଇଛନ୍ତି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଦେ ଏବଂ ଏଲ୍. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଏହି ରାୟ ଦେଇଛନ୍ତି। ବୈବାହିକ ସମ୍ପର୍କରେ ☞ପୃଷ୍ଠା-୬

## କୋଠାରେ ନିଆଁ: ୪ ଦଗ୍ଧ

ମୁମ୍ବାଇ,୨୨।୮(ପି.ଟି.): ମୁମ୍ବାଇର ଏକ ବହୁତଳ ବିଶିଷ୍ଟ ଆବାସିକ କୋଠାରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଆହତ ହୋଇଛନ୍ତି। ମୁମ୍ବାଇର ପାରେଲରେ ୧୭ ମହଲା ବିଶିଷ୍ଟ କ୍ରିଷ୍ଟାଲ ଟାୱାର ବିଲ୍ଡିଂ ଅବସ୍ଥିତ। ସକାଳ ୮ଟା ୩୦ରେ ଏହାର ଦ୍ୱାଦଶ ମହଲାରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଫସିରହିଥିବା ଶତାଧିକ ଲୋକଙ୍କୁ ସେମାନେ ଉଦ୍ଧାର କରିଥିଲେ। ହେଲେ ସେତେବେଳ ଯାଏ ନିଆଁରେ ୪ ଜଣ ଜୀବନ୍ତ ଦଗ୍ଧ ହୋଇସାରିଥିଲେ। ଉଦ୍ଧାର କାର୍ଯ୍ୟ ବେଳେ ଜଣେ ଅଗ୍ନିଶମ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି ଅନ୍ୟ ୯ ପୁରୁଷ ଓ ୬ ମହିଳା ମଧ୍ୟ କିଛି ମାତ୍ରାରେ ପୋଡ଼ିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ମୁମ୍ବାଇର ପାରେଲସ୍ଥିତ କ୍ରିଷ୍ଟାଲ ଟାୱାର ବିଲ୍ଡିଂରେ ଅଗ୍ନିକାଣ୍ଡ।

## ଯାଞ୍ଚ ବେଳେ ଖସିଲା ପଥର

ପୁରୀ ଅଫିସ, ୨୨।୮

**ନାଟମଣ୍ଡପ**



■ ଫାଟ ଅନୁଧ୍ୟାନ କରିବ ମାଡ୍ରାସ ଆଇଆଇଟି
■ ୩ ମାସ ମଧ୍ୟରେ ସବୁ ବିମ୍ ସ୍ଥିତି ଯାଞ୍ଚ ହେବ

ବିଶେଷଜ୍ଞଙ୍କ ଦ୍ୱାରା ତିନିଦିନ ଧରି ଚାଲିଥିବା ନାଟମଣ୍ଡପ ଯାଞ୍ଚ ବୁଧବାର ଶେଷ ହୋଇଛି। ୪ଟି ମୁଖ୍ୟ କଲମ(ସ୍ତମ୍ଭ)ର କ୍ୟାପିଟାଲ (ସ୍ତମ୍ଭ ଶୀର୍ଷ ଭାଗରେ ରହିଥିବା ବର୍ଗାକୃତି ଅଂଶ) ଯାଞ୍ଚ ବେଳେ ଖସିଛି ପଥର। ଦୁଇଟି କଲମର କ୍ୟାପିଟାଲରୁ ଦୁଇଖଣ୍ଡ ପଥର ଖସିଛି। ଉକ୍ତ ପଥରକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଖୁବ୍‌ଶୀଘ୍ର ଖସିଥିବା ସ୍ଥାନରେ ଲଗାଇବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି।

ଗତ ତିନିଦିନ ଧରି ନାଟମଣ୍ଡପର ପ୍ରତିଟି ଅଂଶକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି ଆଇଆଇଟି ମାଡ୍ରାସ ଏବଂ ଖଡଗପୁରର ବିଶେଷଜ୍ଞ। ଏମାନଙ୍କ ସହିତ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ ପରାମର୍ଶଦାତା କୋର୍ କମିଟି, ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ବି ସାମିଲ ଥିଲେ। ବୁଧବାର ଯାଞ୍ଚର ତୃତୀୟ ଦିନରେ ବିଶେଷଜ୍ଞ ଟିମ୍ ଭାରା ଉପରେ ଚଢି କଲମ ଏବଂ ବିମ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲେ। କଲମର କ୍ୟାପିଟାଲ ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

ନିଷିଦ୍ଧ ଆଣ୍ଟିବାୟୋଟିକ୍ସ

**ଆଜିର ମନ୍ତବ୍ୟ**

"କୋଳାକୋଳି ପୁଞ୍ଜିବାଦକୁ ପ୍ରଶ୍ରୟ ଦେଇ କେନ୍ଦ୍ରରେ 'ସୁଟ୍-ବୁଟ୍-ଲୁଟ୍' ସରକାର ଚାଲିଛି ।
-ଜୟରାମ ରମେଶ, କଂଗ୍ରେସ ନେତା

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC
NATIONAL EGG CO-ORDINATION COMMITTEE
22.08.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

■ବଂଶାନୁକ୍ରମିକ ରୋଗର ନିରାକରଣ ଲାଗି କେନ୍ଦ୍ରର ନୂଆ ନୀତି

# ବାଧ୍ୟତାମୂଳକ ହେବ ଗର୍ଭବତୀଙ୍କ ଜେନେଟିକ୍ ସ୍କ୍ରିନିଂ

ନୂଆଦିଲ୍ଲୀ, ୨୨।୮(ପି.ଟି.)

ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ବଂଶାନୁକ୍ରମିକ ରୋଗରେ ଅନେକେ ପୀଡ଼ିତ ହେଉଛନ୍ତି। ଏହି ପ୍ରାଣଘାତୀ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେବା ଲାଗି କେନ୍ଦ୍ର ସରକାର ଏକ ଚିଠାନୀତି ନିର୍ଦ୍ଧାରଣ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ ଏଣିକି ସମସ୍ତ ଗର୍ଭବତୀ ମହିଳାଙ୍କ ଜେନେଟିକ୍ ସ୍କ୍ରିନିଂ ପରୀକ୍ଷା ହେବ। ଏହାକୁ ବାଧ୍ୟତାମୂଳକ କରିବା ଲାଗି ଡ୍ରାଫ୍ଟ ପଲିସିରେ ସରକାର ଯୋଜନା କରିଛନ୍ତି। ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ଆଧୁନିକ ପଦ୍ଧତି ଅବଲମ୍ବନ ହେବ ବୋଲି ମଧ୍ୟ ଜଣାପଡ଼ିଛି।

ନୂଆ ନୀତି ଅନୁଯାୟୀ ରକ୍ତଜନିତ ବଂଶାନୁକ୍ରମିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଗରିବ ରୋଗୀଙ୍କୁ ମାଗଣାରେ ମେଡିସିନ୍ ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ଯୋଗାଇଦିଆଯିବ। 'ମେକ୍ ଇନ୍ ଇଣ୍ଡିଆ' ଆଧାରରେ ମଧ୍ୟ ଦେଶରେ ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ରୋଗର ଚିକିତ୍ସା ସାମଗ୍ରୀ ଓ ରସାୟନ ଉତ୍ପାଦନ ଲାଗି ପ୍ରୋତ୍ସାହନ ମିଳିବ। ସେହିପରି ଗରିବ ରୋଗୀଙ୍କ ପରିବାରକୁ ଆର୍ଥିକ ବୋଝରୁ ମୁକ୍ତି ଦେବା ଲାଗି ଚିକିତ୍ସା ସାମଗ୍ରୀ ଉପରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଏବଂ ସୀମା ଶୁଳ୍କ ଛାଡ଼ କରାଯିବ। କେନ୍ଦ୍ରର ଏହି ପ୍ରସ୍ତାବିତ ନୀତିକୁ 'ପଲିସି ଫର୍ ପ୍ରିଭେନ୍‌ଶନ୍ ଆଣ୍ଡ କଣ୍ଟ୍ରୋଲ୍ ଅଫ୍ ହେମୋଗ୍ଲୋବିନୋପାଥିସ୍-ଥାଲାସେମିଆ, ସିକଲ୍ ସେଲ୍ ଡିଜିଜ୍ ଆଣ୍ଡ ଭେରିଆଣ୍ଟ ହେମୋଗ୍ଲୋବିନ୍ସ ଇନ୍ ଇଣ୍ଡିଆ' ଭାବେ ନାମିତ କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସୂଚନା ପ୍ରଦାନ କରାଯାଇଛି। ଅଗଷ୍ଟ ୩୦ ସୁଦ୍ଧା ବିଭିନ୍ନ ପକ୍ଷ କେନ୍ଦ୍ରର ପ୍ରସ୍ତାବ ଉପରେ ସୁଚିନ୍ତିତ ମତ ଓ ପରାମର୍ଶ ☞ପୃଷ୍ଠା-୨

# ହକି: ଭାରତର ସର୍ବବୃହତ୍ ବିଜୟ

ଜାକର୍ତ୍ତା,୨୨।୮(ପି.ଟି.)

ହକି ଇତିହାସରେ ଭାରତ ଏହାର ସର୍ବବୃହତ୍ ବିଜୟ ହାସଲ କରିଛି। ଏସିଆନ୍ ଗେମ୍ସରେ ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଦଳ ବୁଧବାର ୨୬-୦ ଗୋଲରେ ହଂକଂ ଚାଇନାକୁ ପରାସ୍ତ କରିଛି। ଏଥିସହ ଭାରତର ୮୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତ ୨୪-୧ ଗୋଲ ବ୍ୟବଧାନରେ ଆମେରିକାକୁ ପରାସ୍ତ କରିଥିଲା। କିମ୍ବଦନ୍ତୀ ଖେଳାଳି ଧ୍ୟାନ ଚାନ୍ଦ, ରୂପ ସିଂ ଓ ଗୁରମିତ ସିଂ ପ୍ରମୁଖ ସେହି ଦଳର ସଦସ୍ୟ ଥିଲେ। ଏହା ଏପର୍ଯ୍ୟନ୍ତ ଭାରତୀୟ ଦଳର ସର୍ବବୃହତ୍ ବିଜୟ ରେକର୍ଡ ହୋଇ ରହିଥିଲା। ଅନ୍ତର୍ଜାତୀୟ ହକିରେ କିନ୍ତୁ ସର୍ବବୃହତ୍ ବିଜୟ ରେକର୍ଡ ଏବେ ମଧ୍ୟ ନ୍ୟୁଜିଲାଣ୍ଡ ନାମରେ ରହିଛି। ୧୯୯୪ରେ ନ୍ୟୁଜିଲାଣ୍ଡ ୩୬-୧ ଗୋଲରେ ସାମୋଆକୁ ପରାସ୍ତ କରିଥିଲା।

ହଂକଂ ବିପକ୍ଷ ମ୍ୟାଚଟି ଏକତରଫାଭାବେ ଶେଷ ହୋଇଥିଲା। ଏଥିରେ ୧୪ ଜଣ ଭାରତୀୟ ଖେଳାଳି ଗୋଲ ଦେଇଥିଲେ। ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିମ୍ନ ର୍ୟାଙ୍କଧାରୀ ହଂକଂ (୪୫ତମ ର୍ୟାଙ୍କ୍) ଦଳ ଉପରେ ଭାରତ(୫ମ ର୍ୟାଙ୍କ୍) ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏମିତି କି ମ୍ୟାଚ୍‌ର ଅନ୍ତିମ ୭ ମିନିଟ୍ ଗୋଲକିପରଙ୍କ ବିନା ଖେଳିଥିଲା। ଏହା ସତ୍ତ୍ୱେ ହଂକଂ ଚାଇନା ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା। ଭାରତ ପକ୍ଷରୁ ରୁପିନ୍ଦର ପାଲ ସିଂ ୩, ୫, ୩୦, ୪୫ ଓ ୫୯ତମ ମିନିଟ୍‌ରେ ସର୍ବାଧିକ ୫ଟି ଗୋଲ ଦେଇଥିଲେ। ତାଙ୍କ ବ୍ୟତୀତ ହରମନପ୍ରିତ ସିଂ (୨୯, ୫୨, ୫୩ ଓ ୫୪ତମ) ୪ଟି ଓ ଆକାଶଦୀପ ସିଂ (୨, ୩୨ ଓ ୩୫ତମ) ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନପ୍ରିତ ସିଂ (୩ ଓ ୧୭ତମ), ଲଳିତ ଉପାଧ୍ୟାୟ (୧୭ ଓ ୧୯ତମ) ☞ପୃଷ୍ଠା-୨



ବୁଧବାର ଭାରତ ଓ ହଂକଂ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



୮ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କାର ନୌସେନା ଗିରଫ କରିବା ସହ ସେମାନଙ୍କର ଟ୍ରଲରକୁ ଜବତ କରିଛି। ଶ୍ରୀଲଙ୍କା ନୌସେନା ଅଧିକାରୀଙ୍କ ସୂଚନା ଅନୁସାରେ ଏହି ମତ୍ସ୍ୟଜୀବୀମାନେ ବିନା ଅନୁମତିରେ ଶ୍ରୀଲଙ୍କା ଜଳସୀମାରେ କରିଥିଲେ। ଏକ ନୌସେନା ଜାହାଜ ଏହି ମତ୍ସ୍ୟଜୀବିଙ୍କୁ ଅବୈଧ ଭାବରେ ମାଛ ଧରିବା ବେଳେ ସମୁଦ୍ର ପଥରେ ୧୬ ମାଇଲ ଭିତର ଆରିପ୍ପୁ ଅଞ୍ଚଳରୁ ଗିରଫ କରିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ସାଇ
ପରିବାରବର୍ଗ


କବିତା
ପରିବାରବର୍ଗ


ଅନୁଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

Yellowzone ଘରବାରି boundary corner immediate construction at Jagannathvihar. Contact: 8480447967. D-63039

ଭୁବନେଶ୍ୱରର **IIT** ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Akshya: 8327748629.** D-63583

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

2BHK flat sale at SBI Colony, Kesura & କେସୁରାରେ ଘରବାରି ପ୍ଲଟ ପିଚୁ ରୋଡ୍‌କୁ ଲାଗି ମିଳୁଛି। 8480447967. D-63040

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

ମେହେରପଲ୍ଲୀ ମୌଜାରେ ରାସ୍ତା ନ ଥିବା plot କେସୁରା highway ପାଖରେ ସୁଲଭ ମୂଲ୍ୟରେ ମିଳୁଛି। 8480447967. D-63041

Gharabari plots available adjacent to NH-5 Hanspal Pahal sides. Contact: 9438101895. D-7987

Chakeisianiରେ yellow-zone ଘରବାଡି boundary corner plot ମିଳୁଛି। Contact: 8480447967. D-63042

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64897

### to-let

3 Bedroom first floor Aryapalli (KIIT Square) for family only. Contact: 9438669617. D-62773

### ACCOMMODATION

ଯାଜପୁର ରେଲୱେ ଷ୍ଟେଶନ ଅଥବା ଦାନଗଦି (ଯାଜପୁର ଷ୍ଟେଶନ ନିକଟସ୍ଥ)ରେ ଦୁଇ ବଖରା ବିଶିଷ୍ଟ ଫ୍ଲାଟ/ ଘର ଛୋଟ ପରିବାର ରହିବା ପାଇଁ ଭଡା ନେବି। ଘର ମାଲିକ ଯୋଗାଯୋଗ କରନ୍ତୁ। **6370728412.** D-7988

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-7836

### healthcare

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

Experience full body massage with us by experts enquiry. 7377048581. D-64890

Bangkok spa special offer 50% off on all 1hrs any full body massage. 9861688844, 8018739084. D-63582

Herbal full body massage by smart/ expert therapist. Contact: 8338067247. D-64893

Fully refreshed/ relaxed body massage by expert therapist, Shastri nagar. 7377984773. D-64894

Newly opening ayurvedic body massage in joint pains, smart therapist. 9776383819. D-64895

Newly opening ayurvedic body massage smart therapist, Shree Herbal. 7750020754. D-64896

Madam Monalisa massage club-50% discount full body massage by hiprofile smart lady therapist. 9708545108. D-7948

Ayurvedic full body massage ladies / gents smart expert therapist. 9114697517. D-63043

### LOST

ମୁଁ ବିଶ୍ୱନାଥ ଶବର ମୋର ସ୍କୁଲ ସାର୍ଟିଫିକେଟ ଉଇଖାଇ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଛି। ଗୁଡାରୀ। ଧ-୭୯୯୧

ଆମ୍ଭେ ଜଗବନ୍ଧୁ ମହାରୀ, ରଘୁନାଥ ମହାରୀ ଜଣାଉଛୁ ଯେ ମୋର ସେଲଡିଡ୍ ନଂ- ୫୫୦୩, ମୌଜା- ସତ୍ୟଭାମାପୁର, ଥାନା- ବାଲିଅନ୍ତା, ଖାତା ନଂ- ୧୯୫, ପ୍ଲଟ ନଂ- ୧୪୨, ଏରିଆ- ୦.୧୪୦, ୧୬ ଜୁଲାଇରୁ କେଉଁଆଡେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ତେବେ ଜଣାଇବାକୁ ଅନୁରୋଧ। 9776994301. D-7990

### AFFIDAVIT

I Subhasri Tripathy, W/o- Narayan Das Panda, BBSR henceforth be known as Lakshmipriya Panda for all purpose vide Notary affidavit-31AA228630. D-62122

In the Court of the Executve Magistrate, Jajpur I, Mamata Mohapatra, W/o- Amar Kumar Mohapatra, Dist.- Jajpur, Odisha. My real name is Mamata Mohapatra which has been recorded in my Aadhaar Card & Voter ID Card respectively. But it is regretfully stated that in my husband's service my name has been wrongly recorded as "Shini Prabha" in stead of Mamata Mohapatra that in this connection it is stated that Mamata Mohapatra and Shini Prabha belongs one and same person. D-7996

### ୩ୟ ଜନ୍ମଦିନ ଶୁଭେଚ୍ଛା



**(Tisu)**
**Akshita Ananya**
ରଘୁନାଥପୁର, ନନ୍ଦନକାନନ

ଅନେକ ଅନେକ ଶୁଭେଚ୍ଛା ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ବାବା, ମାମା, ଅଜା, ଆଈ, ମିକୁନି ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୭୯୯୫

### ଜନ୍ମଦିନ ଶୁଭେଚ୍ଛା



**ସାଇ ସୁମନ ବେଉରା**
ଟଙ୍କପାଣି ରୋଡ୍, ଭୁବନେଶ୍ୱର

ଶୁଭ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବାବା, ମମି, ଅପା, ଗୁଡ଼ିଆ ଦିଦି, ପିଉସା, ପିଉସୀ, ଲାଡ୍‌ଲୀ ଦିଦି ଏବଂ ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ। ଧ-୭୯୫୦

### Birthday Wish



**Shiney**

Shower of blessing for you Shiney on your 3rd birthday anniversary. May God bless you to shine in your life. Aja, Aai, Jejemaa, Papa, Mummum, Mamu, Maai and all well wishers. D-7922

## ହକି: ଭାରତର ...

ଓ ବରୁଣ କୁମାର (୨୩ ଓ ୩୦ତମ) ଦୁଇଟି ଲେଖାଏ ଗୋଲ ଦେଇଥିଲେ। ସେହିଭଳି ଏସ୍. ଭି. ସୁନୀଲ (୭ମ), ବିବେକ ସାଗର ପ୍ରସାଦ (୧୪ତମ), ମନଦୀପ ସିଂ (୨୧ତମ), ଓଡ଼ିଶାର ଅମିତ ରୋହିଦାସ (୨୭ତମ), ଦିଲପ୍ରିତ ସିଂ (୪୮ତମ), ଚିଙ୍ଗଲେନ୍‌ସାନା ସିଂ (୫୧ତମ), ସିମରନ ସିଂ (୫୩ତମ) ଓ ସୁରେନ୍ଦର କୁମାର (୫୫ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଚଳିତ ପ୍ରତିଯୋଗିତାରେ ଏହା ଭାରତୀୟ ଦଳର କ୍ରମାଗତ ୨ୟ ବୃହତ୍ ବିଜୟ। ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୭-୦ ଗୋଲରେ ଭାରତ ହରାଇଥିଲା। ଭାରତ ଶୁକ୍ରବାର ଆଗାମୀ ମ୍ୟାଚ୍‌ରେ ଜାପାନକୁ ଭେଟିବ।

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିଜୟଶଙ୍କର ମିଶ୍ର**
ଭକ୍ତମଧୁନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୦୪।୧୯୫୧
ତିରୋଧାନ: ୧୨।୦୮।୨୦୧୮

ଦ୍ୱାଦଶାହରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ- ରଞ୍ଜୁ, ପୁଅ- ଅଭିଷେକ, ଝିଅ- ଅମୃତା, ଭାଇ- ବିକ୍ରମ୍, ବିଶ୍ୱଜିତ୍, ଭଉଣୀ- ବିଦ୍ୟୁତ୍‌ପ୍ରଭା, ବିଷ୍ଣୁପ୍ରିୟା, ସଂଯୁକ୍ତା, ଜ୍ୱାଇଁ- ପ୍ରଜ୍ଞାମୟ, ବୋହୂ- ସସ୍ମିତା, ନାତୁଣୀ- ଲିହାନା, ଆହ୍ୱବୀ, ବନ୍ଧୁ ଓ ପରିବାରବର୍ଗ। ଧ-୫୮୬୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରେଣୁକା ପଟ୍ଟନାୟକ**
ସ୍ୱାମୀ: ୰ଭୁବନ ମୋହନ ପଟ୍ଟନାୟକ
ଆବିର୍ଭାବ: ତା୧୯.୦୪.୧୯୨୭
ତିରୋଧାନ: ତା୧୩.୦୮.୨୦୧୮

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ:
ଅରୂପ ମୋହନ ପଟ୍ଟନାୟକ
ସନ୍ଦୀପ ପଟ୍ଟନାୟକ ଏବଂ
ଶୋକାକୁଳ ପରିବାରବର୍ଗ
ଧ-୭୯୯୭

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନଟବର ମହାନ୍ତି**
ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯

ଆପଣଙ୍କର ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ। ଧ-୭୯୮୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅନ୍ତର୍ଯ୍ୟାମୀ ମିଶ୍ର**
ତୀର୍ଥରେଣୁ, କେଦାର ଲେନ୍,
ପୁରୁଣା ଭୁବନେଶ୍ୱର

ଆପଣଙ୍କ ପୁଣ୍ୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମମାନଙ୍କର ଆନ୍ତରିକ ଭକ୍ତି, ଶ୍ରଦ୍ଧା ଓ ନୈବେଦ୍ୟ ଆପଣଙ୍କର ଆଶୀର୍ବାଦ ଓ ଅମୃତ ଦୃଷ୍ଟି ସମସ୍ତଙ୍କ ଉପରେ କୃପା ଥାଉ। ବନ୍ଧୁ ଓ ପରିବାରବର୍ଗ। ଧ-୭୯୬୮

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖଟିରେ ଖଟିରେ...

### ଖାଲି କଳି

**ପା**ପୁଲି ଦଳ ଏବେ ଭାରି ସକ୍ରିୟ। ଖଣି ନେତା ଯେତେବେଳେ ଦଳ ମୁଖିଆ, ସକ୍ରିୟ ହେବାଟା ସ୍ୱାଭାବିକ। ହେଲେ ଢୋଲ ଭିତରେ ମୂଷା ଭଳି କଥା ଶୁଣିବାକୁ ମିଳିଛି। ଖଟିରେ ଏବେ ପାପୁଲି ଦଳର ଭିତିରି କଥା ଆଲୋଚନା। ମୁଖିଆ କୁଆଡେ ନୂଆ କମିଟି ବୈଠକ ଶେଷରେ ଯୋଡହସ୍ତ ହୋଇଥିଲେ। କହିଥିଲେ, ତାଙ୍କର କୁଆଡେ ମୁଖିଆ ହେବାର ଇଚ୍ଛା ନ ଥିଲା। ହାଇକମାଣ୍ଡ ବି ଚାହୁଁ ନ ଥିଲେ। ଦଳୀୟ ଲୋକଙ୍କ ଚାପରେ ପଦ ମିଳିଛି। ତେଣୁ ତାଙ୍କୁ ସହଯୋଗ କରାଯାଉ। ଏହିକଥା କିନ୍ତୁ ତାଙ୍କ ପାଖ ଲୋକମାନଙ୍କୁ ଅଡୁଆ ଅଡୁଆ ଲାଗିଛି। ପାପୁଲି ଦଳର ଯେଉଁମାନେ ଖଣି ନେତାଙ୍କ ପାଇଁ ପୂର୍ବରୁ ଲବି କରୁଥିଲେ, ସେମାନଙ୍କୁ ଏତେଟା ମୁଖିଆ ଲୋଡ଼ୁନାହାନ୍ତି। ଆଲୋଚନାରେ ଭାଗନେଇ ଖଟିର ଚା ଦୋକାନୀ କହିଲା, ସେ କାଳ ପଖାଳ ଗଲାଣି। ପାପୁଲି ଉଠିବ, ଆଉ ତାଳି ବାଜିବ, ତାହା ସମ୍ଭବ ନୁହେଁ। ଶଙ୍ଖ, ଫୁଲ କୋଳାକୋଳି... ପାପୁଲି ଦଳରେ ଖାଲି କଳି।

### କୁନ୍ଥୁ କୁନ୍ଥୁ ହୋଇ ଦେଲେ

**ଇ**ଲୋ ବାପା, ତାଙ୍କଠାରୁ ତୁମେ କିଛି ଗୋଟେ କ'ଣ ମାଗିକି ଆଣିଦେଇ ପାରିବ, ଏଇଟା କଷ୍ଟକର। ତାଙ୍କୁ ଯଦି ତୁମେ ଟଙ୍କା ମାଗିଦେଲ ତେବେ ସରିଗଲା କଥା। ଏମିତି କଥା ଶୁଣେଇବେ ଯେମିତି ସ୍ୱୟଂ ଭଗବାନ ରାମଚନ୍ଦ୍ର କହୁଛନ୍ତି। ପୁରୀର ଗଡ ଅଞ୍ଚଳ ମାନ୍ୟବର ନିଜ ଘରେ ବସି ଲୋକମାନଙ୍କୁ ଏମିତି କଥା ଶୁଣାଉ ଥାଆନ୍ତି। ପୁଣି କହିଲେ, ଆଜ୍ଞା ଶୁଣନ୍ତୁ, ଦୁଇ ହଜାର ମସିହା ପୂର୍ବର କଥା, ରାଜ୍ୟର ଚକ୍ରାନ୍ତ ଭାଇ କେନ୍ଦ୍ରରେ ପଦବୀରେ ଥାଆନ୍ତି। ମୁଁ ଆଉ ଆଇନ ମାନ୍ୟବର ସେତେବେଳେ ଦିଲ୍ଲୀ ଯାଇ ଚକ୍ରାନ୍ତ ଭାଇଙ୍କୁ ଭେଟିଥିଲୁ। କିଛି ସମୟ କଥା ହେଲା ପରେ ଆମେ ଦୁହେଁ ଦୁଇଟି ବିମାନ ଟିକଟ ଲାଗି ତାଙ୍କୁ କହିଦେଲୁ। ସେଇଠୁ କ'ଣ କାହା ସହିତ କଥା ହେଲେ କେଜାଣି କହିଲେ, ଆରେ ଦୁଇଟା ଯାକ ତ ଭେଣ୍ଡା ଟୋକା ହେଇଛ ରେଳରେ ପଳଉନ। ସେଇଠୁ ପାଖରେ ବସିଥିବା ଜଣେ ବାବୁ ପଚାରିଲେ ତେବେ ଶେଷରେ ଆପଣ ରେଳରେ ଫେରିଲେ। ସେଇଠୁ ଗଡ ଏରିଆ ମାନ୍ୟବର ଜଣକ କହିଲେ, ବହୁ ଏପଟ ସେପଟ କଥା କହିଲା ପରେ କୁନ୍ଥୁ କୁନ୍ଥୁ ହୋଇ ଦେଲେ।

## ପ୍ରଥମ ପୃଷ୍ଠାରୁ...

### ନୂଆ ଯୋଜନା ପାଇଁ ପୁରୁଣା...

ବ୍ୟବସ୍ଥା ରହିଛି। ୨୦୧୮-୧୯ରେ ସମୁଦାୟ ୭ ଲକ୍ଷ ଘର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୨ ଲକ୍ଷ ୧୬ ହଜାର ଘର ନିର୍ମାଣ ଶେଷ ହୋଇଛି। ଅବଶିଷ୍ଟ ଗୃହ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ପୁରୁଣା ହିତାଧିକାରୀ ଘର ନିର୍ମାଣ ଶେଷ କରୁନାହାନ୍ତି କିମ୍ବା ନୂଆ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ଏହାକୁ ନେଇ ସରକାର ଅଡୁଆରେ ପଡିଛନ୍ତି। ପୁରୁଣା ଯୋଜନା ଅନୁଯାୟୀ ଗୃହ ନିର୍ମାଣ ଶେଷ କଲେ ହିତାଧିକାରୀଙ୍କୁ ସେହି ପୁରୁଣା କିସ୍ତି ଅନୁଯାୟୀ ଅବଶିଷ୍ଟ ଅର୍ଥ ମିଳିବ। ବର୍ତ୍ତମାନ ଗୃହ ନିର୍ମାଣ ସାମଗ୍ରୀ ବୃଦ୍ଧି ହୋଇଥିବାରୁ ପୁରୁଣା ଯୋଜନା ଅନୁଯାୟୀ ଘର ଶେଷ କରିବା ସମ୍ଭବ ନୁହେଁ। ଏଥିଯୋଗୁ ହିତାଧିକାରୀ ଅଧା ପଡିଥିବା ଘର କାମକୁ ସମ୍ପୂର୍ଣ୍ଣ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଅନ୍ୟ ପକ୍ଷରେ ପିଏମଏୱାଇ-ଜିରେ ସାମିଲ ହୋଇପାରୁ ନ ଥିବାରୁ ନୂତନ ବ୍ୟବସ୍ଥା ଅନୁଯାୟୀ ଅର୍ଥ ପାଇପାରୁ ନାହାନ୍ତି। ସେହି ହିତାଧିକାରୀମାନଙ୍କୁ ଚିହ୍ନଟ କରି ପୁରୁଣା କିସ୍ତି ଫେରାଇ ନୂଆ ଯୋଜନାରେ ସାମିଲ କରିବାକୁ ପଞ୍ଚାୟତିରାଜ ବିଭାଗ ବାରମ୍ବାର ନୋଟିସ ଦେଉଥିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ବାଧହୋଇ ସେହି ହିତାଧିକାରୀଙ୍କ ବିରୋଧରେ ସାର୍ଟିଫିକେଟ ମାମଲା ରୁଜୁ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### କୀଟନାଶକ ପିଇ...

ଟଙ୍କା ଋଣ କରିଥିଲେ। ଫସଲ ବୀମା କରିଥିଲେ ମଧ୍ୟ ତାଙ୍କୁ ସେ ବାବଦରେ କୌଣସି କ୍ଷତିପୂରଣ ମିଳି ନ ଥିଲେ। ଶେଷରେ ସେ ଏପରି ପନ୍ଥା ବାଛି ନେଇଥିଲେ।

ସେହିପରି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ଗ୍ରାମର ଚାଷୀ ଶରତ ମାଝି ଓରଫ ଚିତ୍ରୁ ମଙ୍ଗଳବାର ସନ୍ଧ୍ୟାରେ ନିଜ ଚାଷ ଜମିକୁ ଯାଇଥିଲେ। ବର୍ଷା ଅଭାବରୁ ତାଙ୍କ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ଦେଖି ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ନିଜ ଚାଷ ଜମିରେ ହିଁ ସେ କୀଟନାଶକ ପିଇଦେଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶରତଙ୍କ ୧ ଏକର ଚାଷ ଜମି ଅଛି। ସେ ବିଭିନ୍ନ ସୂତ୍ରରୁ ଋଣ କରି ଚାଷ କରିଥିଲେ। ସେ ବି ଚଳିତ ବର୍ଷ ଭଲ ଫସଲ ହେବ ବୋଲି ଆଶା କରିଥିଲେ। ହେଲେ ଆବଶ୍ୟକ ଅନୁଯାୟୀ ବର୍ଷା ନ ହେବାରୁ ତାଙ୍କ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ଫସଲ କ୍ଷତି ସହିତ ଋଣ ଚିନ୍ତା ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଗ୍ରାମବାସୀ କହିଛନ୍ତି। ବୁଧବାର ସକାଳେ ଶରତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ କ୍ଷତିପୂରଣ ଦାବିରେ ମୃତଦେହକୁ ସ୍ଥାନୀୟ ଚୈତନ୍ୟ ପ୍ରଧାନ ଛକର ତିନିକୋଣିଆ ରାସ୍ତାରେ ରଖି ଦିନ ସାଢେ ୧୧ରୁ ରାସ୍ତା ଅବରୋଧ କରିଥିଲେ। ଫଳରେ ଷ୍ଟେଶନ ରୋଡ,ତୁରେକେଲା ରାସ୍ତା ଏବଂ



ଶରତଙ୍କ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ସହରକୁ ସଂଯୋଗ କରିଥିବା ଏନଏସି ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା। ଖବରପାଇ ଏସ୍‌ଡିପିଓ ପ୍ରଫୁଲ୍ଲ କୁମାର ମିଶ୍ର ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳେ ବିଡିଓ ରାମଦତ୍ତ ଭୋଇ ପହଞ୍ଚି ଆବଶ୍ୟକ ତଦନ୍ତ ପରେ ଶରତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ବାଧ୍ୟତାମୂଳକ ହେବ ଗର୍ଭବତୀଙ୍କ...

ଦେଇପାରିବେ। ଚିକିତ୍ସା ସୁବିଧା ଯୋଗାଇବା ସହିତ ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ବଂଶଗତ ରୋଗର ନିରାକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଭଳି ସ୍ୱାସ୍ଥ୍ୟ ସମସ୍ୟା ରହିଛି କି ନା, ତାହା ଶିଶୁ ମାତୃଗର୍ଭରେ ଥିବାବେଳେ ଜଣାପଡ଼ିଯିବ। ତେଣୁ ଗର୍ଭବତୀ ମହିଳା ଏବଂ ଆବଶ୍ୟକ ସ୍ଥଳେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଜେନେଟିକ୍ ସ୍କ୍ରିନିଂ ପରୀକ୍ଷା ବାଧ୍ୟତାମୂଳକ କରାଯିବ। ଗର୍ଭସ୍ଥ ଶିଶୁ ରକ୍ତଜନିତ ସମସ୍ୟାରେ ପୀଡ଼ିତ ନ ଥିଲେ ଚିନ୍ତାର ବିଷୟ ନୁହେଁ। ଏହାଦ୍ୱାରା ଆଉ ଅଧିକ ସଂଖ୍ୟକ ପିଲାଙ୍କୁ ଜନ୍ମଲାଭ ପରେ ବର୍ଷ ବର୍ଷ ଧରି ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡ଼ିବ ନାହିଁ। ପରୀକ୍ଷା ପରେ ଦମ୍ପତିଙ୍କୁ ଏକ କାର୍ଡ ଦିଆଯିବ। ଏକ ରିପୋର୍ଟ ମୁତାବକ, ଦେଶରେ ୩.୬ରୁ ୩.୯ କୋଟି ଲୋକ ବି-ଥାଲାସେମିଆରେ ପୀଡ଼ିତ। ପ୍ରତିବର୍ଷ ବି-ଥାଲ୍‌ସାମିଆରେ ପୀଡ଼ିତ ୧୦,୦୦୦ରୁ ୧୫,୦୦୦ ଶିଶୁ ଜନ୍ମଗ୍ରହଣ କରୁଛନ୍ତି। ସେହିପରି ୨୫,୦୦,୦୦୦ ଲୋକ ସିକଲ୍ ସେଲ୍ ରୋଗରେ ପୀଡ଼ିତ ଅଛନ୍ତି।

### କିଛି ତଥ୍ୟ

୧୯୯୩-୯୪ରେ ଭାରତରେ ଜେଣ୍ଡର ୱେଜ୍ ଗ୍ୟାପ୍ (ପୁରୁଷ ମାନଙ୍କ ତୁଳନାରେ ନାରୀମାନଙ୍କୁ କମ୍ ମଜୁରି ପ୍ରଦାନ)ର ମାତ୍ରା ୪୮% ଥିବା ବେଳେ ୨୦୧୧-୧୨ରେ ଏହା ୩୪%କୁ ହ୍ରାସ ପାଇଛି। -ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ର ବହୁତ ଭଲ ରହିବ। ଆପଣ ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ପଡୋଶୀ ଲୋକଟିକୁ ସାହାଯ୍ୟ କରି ପ୍ରଶଂସିତ ହେବେ। ପୂର୍ବ ନିର୍ଦ୍ଧାରିତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମାନସିକ ସ୍ତରରେ ଖୁସିରହିବେ। ସାହିତ୍ୟ, ସଭାସମିତି କ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ଠାରୁ ସମ୍ମାନ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ମାଡି ଆସିବ। ସକାଳ ସମୟଟି ଭଲ, କିନ୍ତୁ କାମ ହାସଲ ସକାଶେ ବେଶି ଧାଁ ଧଉଡ କରିବାକୁ ପଡିପାରେ। ଅପେକ୍ଷା କରିଥିବା କାମରେ ନାସ୍ତି ସୂଚକ ସୂଚନା ପାଇଲେ ମଧ କାମ କରି ଚାଲନ୍ତୁ, କୃତକାର୍ଯ୍ୟ ହେବେ। ବନ୍ଧୁମହଲରେ ସମ୍ମାନିତ ହେବାର ସୂଚନା ରହିଛି।

**ମିଥୁନ** ଦୀର୍ଘଦିନରୁ ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ ହାସଲ କରାଇବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବ, ଯାହାକି ଆଦୌ ଆଶା କରି ନ ଥିବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ। ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲ।

**କର୍କଟ** କର୍ମକ୍ଷେତ୍ରରେ ଅଭିଳଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପାରିବାରିକ ଘଟଣାରେ ମନ୍ଥର ଗତି ଅବଲମ୍ବନ କରିବା ଭଲ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କଳା, କ୍ରୀଡା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତିରେ ଲକ୍ଷ୍ୟ ପୂରଣ ହେବ।

**ସିଂହ** ପ୍ରତ୍ୟେକ ସ୍ତରରେ ନିଜକୁ ସୁହାଇଲା ଭଳି କଥା କହିଲେ ମଧ ଅନ୍ୟମାନେ ଆପଣଙ୍କୁ ଆଡ୍‌ଜଷ୍ଟ କରିପାରିବେ ନାହିଁ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପା ଲାଭକରି ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ସ୍ୱାସ୍ଥ୍ୟ ଭଲ ରହିବ।

**କନ୍ୟା** ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ଲାଭ କରିପାରନ୍ତି। ବ୍ୟବସାୟ, ପରିବହନ, ହୋଟେଲ, ରେଷ୍ଟୁରାଣ୍ଟ, ଠିକାଦାରି କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଗୃହନିର୍ମାଣ, ଜମି କିଣାବିକା, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ହସ୍ତାନକ୍ଷତ୍ର ଯେକୌଣସି ପ୍ରକାରେ କାମ ହାସଲ କରିବାରେ ତତ୍ପରତା ପ୍ରକାଶ କରିବେ।

**ତୁଳା** ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ମନ ଭଲ ଲାଗିବ ନାହିଁ କିନ୍ତୁ କିଛି କରିବାର ଉପାୟ ନ ଥିବ। ଅଫିସ୍‌ରୁ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ହିତୈଷୀ କିମ୍ବା ସହକର୍ମୀଙ୍କ ପରାମର୍ଶରେ ସାମୟିକ ସାନ୍ତ୍ୱନା ମିଳିବ। ଗତ କିଛି ଦିନ ହେଲା କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହୋଇପାରେ।

**ବିଛା** କେତେକ ଅପୂରଣୀୟ କାର୍ଯ୍ୟ ସକାଶେ ସାମୟିକ ଭାବେ ମନରେ ଭାବାନ୍ତର ସୃଷ୍ଟି ହୋଇପାରେ। ଯେତେ ଚେଷ୍ଟା କଲେ ମଧ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା କଷ୍ଟକର ହେବ। ପ୍ରତିହିଂସା ପରାୟଣ ହୋଇ କିମ୍ବା ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବ୍ୟବସାୟିକ ସଫଳତା ହାସଲ କରିବେ।

**ଧନୁ** ଆନୁଷଙ୍ଗିକ ସାହାଯ୍ୟ ପାଇ ପ୍ରତ୍ୟେକ କାମରେ ଆଶାନୁରୂପକ ସଫଳତା ହାସଲ କରିବେ। ନିଜ ଲୋକମାନେ ଦୂରେଇ ଯିବା କାରଣରୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। ନିଜର କୃତି ଓ କୃତିତ୍ୱ ସକାଶେ ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**ମକର** କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡିବ। ଈର୍ଷାପରାୟଣ ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ସ୍ୱାର୍ଥସାଧନର କ୍ଷୀଣ ଆଶା ଦେଖି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ।

**କୁମ୍ଭ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ସମସ୍ତ କାମ କରିବା ଭଲ ଅନ୍ୟଥା ଆକସ୍ମିକ ସମସ୍ୟାରେ ଛନ୍ଦି ହୋଇପାରନ୍ତି। ପରୋକ୍ଷ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ତଥାପି କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡିବେ।

**ମୀନ** ଆଶା କରୁଥିବା ବନ୍ଧୁଙ୍କ ଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପିଲାମାନଙ୍କର ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅଗଷ୍ଟ ୨୩ ତାରିଖ , ରାଶି ନକ୍ଷତ୍ର-ଉତରାଷାଢା/ଧନୁ, ଦିବା ଘ୧୧।୧୨ମି. ଗତେ ମକର ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟଶ୍ରାଦ୍ଧ, ଦିବା ଘ୧୧।୦୮ମି. ଗତେ ଘ୧୨।୪୭ମି. ମଧ୍ୟେ, ଘ୨।୨୬ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬।୫୦ମି. ମଧ୍ୟେ ଘ୨।୨୬ମି. ଗତେ ଘ୩।୦୫ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୧।୨୪ମି. ଗତେ ଘ୨।୫୮ମି. ମଧ୍ୟେ ରାହୁକାଳ।



ଭେନେଜୁଏଲାର ଉତ୍ତର ପୂର୍ବରେ ଥିବା ୟଗୁୟାରାପାରୋ ଅଞ୍ଚଳରେ ମଙ୍ଗଳବାର ଏକ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୭.୩। ଭୂକମ୍ପ ଫଳରେ ବଡ ବଡ କୋଠା ଦୋହଲି ଯାଇଥିବା ସୂଚନା ମିଳିଛି। ହେଲେ ସୁନାମି ଆଶଙ୍କା ନ ଥିବା କହିଛି ସ୍ଥାନୀୟ ପାଣିପାଗ ବିଭାଗ। କାରାକାସର ୧୨୩.୨ କିଲୋମିଟର ଦୂରରେ ଏହା କେନ୍ଦ୍ରୀଭୂତ ହୋଇଥିବା ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ବିଭାଗ ପ୍ରକାଶ କରିଛି।






# ୨୬ରେ ଆଉ ଏକ ଲଘୁଚାପ

## କୌଣସି ବ୍ଲକରେ ମରୁଡ଼ି ପରିସ୍ଥିତି ନାହିଁ: ଏସ୍ଆର୍‌ସି

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୨୬ ତାରିଖ ବେଳକୁ ଏହା ଘନୀଭୁତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପର ପ୍ରଭାବ କେତେ ରହିବ ସେନେଇ ପାଣିପାଗ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ ଚିତ୍ର ଜଣାପଡିବ। ମୌସୁମୀ ସକ୍ରିୟ ରହିଥିବାରୁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ଆଶଙ୍କା ରହିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ମାତ୍ର ୪.୯ ମି.ମି. ବର୍ଷା ହୋଇଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୫ଟି ଜିଲାରେ ହାରାହାରି ୧୦ ମିଲିମିଟର ବର୍ଷା ହୋଇଛି। ଖୋର୍ଦ୍ଧାରେ ୧୯.୬ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଯାଜପୁର ୧୮.୩, ଜଗତ୍‌ସିଂହପୁର ୧୭.୫, କଟକ ୧୩ ଏବଂ କେନ୍ଦୁଝରରେ ୧୨.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ଏହି ସମୟରେ ୧୯ଟି ଜିଲାରେ ହାରାହାରି ବର୍ଷା ଅନୁପାତ ୧୦ ମି.ମି.ଠାରୁ କମ ରହିଛି। ୬ଟି ଜିଲା ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଗଜପତି, ନୂଆପଡା ଓ ସୁବର୍ଣ୍ଣପୁରରେ ଆଦୌ ବର୍ଷା ହୋଇନାହିଁ। ସେହିପରି ୩ଟି ବ୍ଲକରେ ୫୦ ମି.ମି.ରୁ ଅଧିକ ବର୍ଷା ହୋଇଛି। ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକରେ ସର୍ବାଧିକ ୮୫ ମି.ମି. ବର୍ଷା ହୋଇଥିବାବେଳେ ଯାଜପୁରର ଦଶରଥପୁର ୬୨, ଗଞ୍ଜାମର ଜଗନ୍ନାଥ ପ୍ରସାଦ ବ୍ଲକରେ ୬୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜୁନ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୦.୪% ଅଧିକ ବର୍ଷା ହୋଇଛି। ୯ଟି ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୦ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଦେବଗଡ ଜିଲା ୧୯.୧% କମ ବର୍ଷା ହୋଇଛି। ବ୍ଲକକୁ ଯଦି ହିସାବକୁ ନିଆଯାଏ, ତେବେ ୧୦୧ ବ୍ଲକରେ ୧୯%ରୁ ଅଧିକ ବର୍ଷା ହୋଇଥିବା ବେଳେ ୧୭୬ ବ୍ଲକରେ ସ୍ୱାଭାବିକ ଓ ୩୦ ବ୍ଲକ ଅନାବୃଷ୍ଟି କବଳିତ ହୋଇଛି। ୭ଟି ବ୍ଲକରେ ଭୟଙ୍କର ଭାବେ ବର୍ଷା କମ୍ ହୋଇଛି। କୌଣସି ବ୍ଲକରେ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଡିଗ୍ରୀ, ସ୍ୱୟଂଶାସିତ କଲେଜରେ ବଢ଼ିବ ସିଟ୍

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

- ୨୫ରୁ ୪ର୍ଥ ପର୍ଯ୍ୟାୟ ନାମଲେଖା ଫର୍ମ ଆବେଦନ
- ୨୯ରେ ମେରିଟ୍ ଲିଷ୍ଟ, ୩୦ରେ ନାମଲେଖା

ରାଜ୍ୟରେ ଥିବା ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜର ଯୁକ୍ତ୩ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ବିଭିନ୍ନ ବିଷୟରେ ସିଟ୍ ବୃଦ୍ଧି କରାଯିବ। ଯେଉଁ କଲେଜଗୁଡ଼ିକରେ ଚଳିତବର୍ଷ ସିଟ୍ ପୂରଣ ହୋଇଛି ସେହି କଲେଜରେ ସିଟ ବୃଦ୍ଧି କରାଯିବ। ବିଷୟର ମୋଟ ସିଟ୍ ଉପରେ ୭.୫% ହାରରେ ସିଟ୍ ବୃଦ୍ଧି କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି ସମସ୍ତ ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷଙ୍କୁ ନୋଟିସ ମାଧ୍ୟମରେ ଜଣାଇଛି। ଏଥିସହ ବର୍ଦ୍ଧିତ ସିଟ୍ ପୂରଣ କରିବା ପାଇଁ ବିଭାଗ ୪ର୍ଥ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ସରକାରୀ ଏବଂ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡିକରେ ସିଟ୍ ବଢିବ। ସେଲ୍ଫ ଫାଇନାନ୍ସିଂ କଲେଜଗୁଡିକରେ ସିଟ୍ ବଢିବ ନାହିଁ। ବର୍ଦ୍ଧିତ ସିଟ୍‌ରେ ନାମଲେଖାବେଳେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ। ଅର୍ଥାତ ବର୍ଦ୍ଧିତ ସିଟ୍ ଉପରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ରହିବ। ସିଟ୍ ବୃଦ୍ଧି ବେଳେ ଅନର୍ସ ହେଉ କିମ୍ବା ପାସ୍ ବିଷୟର ମୋଟ ସିଟ୍ ଉପରେ ୭.୫% ବୃଦ୍ଧି କରାଯିବ। ଉଦାହରଣ ସ୍ୱରୂପ, ଗୋଟିଏ କଲେଜରେ ପଦାର୍ଥ ବିଜ୍ଞାନ ଅନର୍ସରେ ୩୨ ସିଟ୍ ରହିଛି। ଏସବୁ ସିଟ୍ ପୂରଣ ହୋଇସାରିଛି। ତେବେ ବିଷୟର ମୋଟ୍ ୩୨ ସିଟ୍ ଉପରେ ୭.୫% ବଢିବ। ଏସବୁ ସିଟ୍ ପୂରଣ କରିବା ପାଇଁ ୪ର୍ଥ ପର୍ଯ୍ୟାୟ ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୫ରୁ ୨୮ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ କଲେଜକୁ ଯାଇ ଅଫଲାଇନ୍‌ରେ ନାମଲେଖା ଫର୍ମ ଆବେଦନ କରିବେ। ୨୯ ତାରିଖ ଅପରାହ୍ନ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୩୦ ତାରିଖରେ ଛାତ୍ରୀଛାତ୍ରମାନେ କଲେଜକୁ ଯାଇ ନାମ ଲେଖାଇବେ। ୩୧ରେ କଲେଜ କର୍ତ୍ତୃପକ୍ଷ ନାମଲେଖା ତଥ୍ୟକୁ କଲେଜ ଇ-ସ୍ପେସ୍‌ରେ ଅପଲୋଡ୍ କରିବେ।

ଅପରପକ୍ଷରେ ଚଳିତବର୍ଷ ରାଜ୍ୟରେ ଅନେକ ଡିଗ୍ରୀ କଲେଜରେ ସିଟ୍ ପୂରଣ ହୋଇପାରି ନାହିଁ। ଫଳରେ ପର୍ଯ୍ୟାୟ ପରେ ପର୍ଯ୍ୟାୟ ନାମଲେଖା ବିଜ୍ଞପ୍ତି ପ୍ରକାଶ କରାଯାଉଛି। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ନାମଲେଖା ପରେ ବି ଅନେକ କଲେଜରେ ସିଟ୍ ଖାଲିପଡିଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ହୋଇପାରୁ ନ ଥିବାରୁ ବିଭାଗର ଚିନ୍ତା ବଢିଯାଉଛି। ଫଳରେ ବାରମ୍ବାର ନାମଲେଖା ପ୍ରକ୍ରିୟା ଆରମ୍ଭ କରୁଛି। ବିଭାଗ କାହିଁକି ସିଟ୍ ବୃଦ୍ଧି କରୁଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




# ଗାଧୁଆ ତୁଠରେ ଛିଣ୍ଡି ପଡ଼ିଲା ବିଦ୍ୟୁତ୍ ତାର

## ୮ ମହିଳା ଆହତ, ୨ ଗୁରୁତର

ଆସିକା,୨୨।୮(ଡି.ଏନ୍.ଏ.)



ଚିକିତ୍ସାଧୀନ ଦୁଇ ମହିଳା।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗ୍ରାମରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଖଦାଳ ସାହି ନିକଟ ଖୋଲାବନ୍ଧ ତୁଠ ଉପର ଦେଇ ଯାଇଥିବା ବିଦ୍ୟୁତ ତାର ଛିଣ୍ଡି ପଡ଼ିବାରୁ ଗାଧୋଉଥିବା ୧୦ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଗ୍ରାମର ବୁଦ୍ଧି ନାଇକ, ଅପି ଦାସ, ମାୟା ଦାସ, ସୁଷମା ଦାସ, ଅର୍ପିତା ନାହାକ, ଅହଲ୍ୟା ଦାସ, ଛବି ଦାସ, ପ୍ରତିମା ଦାସ, ରୀନା ଦାସ ଓ ଶାନ୍ତି ଦାସ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ କବିସୂର୍ଯ୍ୟନଗର ଡାକ୍ତରଖାନାକୁ ନିଆଯାଇଥିଲା। ବୁଦ୍ଧି, ମାୟା ଓ ଅପିଙ୍କୁ ଅଧିକ ଚିକିତ୍ସା ପାଇଁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ବୁଦ୍ଧି ଓ ମାୟାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଗ୍ରାମରେ ବିଦ୍ୟୁତ ବିଭାଗ ପକ୍ଷରୁ ତୁରନ୍ତ ଖୋଲା ତାରକୁ ବଦଳାଯାଇ କେବୁଲ ଲାଇନ ଲଗାଯାଇଛି।

ଗୁଡ଼ିଆଳି ଗ୍ରାମରେ ବହୁବାର ବିଦ୍ୟୁତ୍ ତାର ଛିଣ୍ଡୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଖୋଲାତାର ବଦଳରେ କେବୁଲ ଲାଇନ ପକାଇବା ନିମନ୍ତେ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ହେଲେ ବିଦ୍ୟୁତ ବିଭାଗ ଏଥିପ୍ରତି ଧ୍ୟାନ ନ ଦେଇ ନ ଥିଲା। ଯାହାଫଳରେ ଏପରି ଦୁର୍ଘଟଣା ଘଟିଥିବା ଆହତମାନଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ କବିସୂର୍ଯ୍ୟନଗର ବିଦ୍ୟୁତ ବିଭାଗ ଏସଡିଓ ରାଜକିଶୋର ବଲ୍ଲଭ କହିଛନ୍ତି, ପୋଖରୀଠାରୁ ଅଳ୍ପ ଦୂରରେ ଥିବା ଏକ ଟ୍ରାନ୍ସଫର୍ମରରୁ ଏଲଟି ଲାଇନ ସଂଯୋଗ ହୋଇଥିଲା। ମାଙ୍କଡ ଡେଇଁବାରୁ ତାର ଛିଣ୍ଡି ପଡିଥିଲା। ତୁରନ୍ତ ଉକ୍ତ ତାରକୁ ବଦଳାଇ ଦିଆଯାଇଛି।

# ଶୁକ୍ରବାର ହେବ ବିଜେଡି ମହିଳା ଜନତା ଦଳର କାର୍ଯ୍ୟକାରିଣୀ

## ଉଦ୍‌ବୋଧନ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ଶୁକ୍ରବାର ଅନୁଷ୍ଠିତ ହେବ। ଏହାର ଦୁଇଦିନ ପୂର୍ବରୁ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହ ସଭାକୁ ସମ୍ବୋଧିତ କରିବେ। ମହିଳା ଜନତା ଦଳର ସଭାନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ସୁଲତା ଦେଓ, ସୁଲୋଚନା ଦାସ ଏବଂ କେ. ଶାନ୍ତି ପ୍ରମୁଖ ଏହି ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏନେଇ ସୁଲତା ଦେଓ କହିଛନ୍ତି ଯେ, ମହିଳା କାର୍ଯ୍ୟକାରିଣୀ ଶୁକ୍ରବାର ଦିନ ବ୍ୟାପୀ ଚାଲିବ। ପୂର୍ବାହ୍ନରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ପ୍ରତିନିଧି ବକ୍ତବ୍ୟ ରଖିବେ। ରାଜ୍ୟରେ ମହିଳାଙ୍କୁ ଆହୁରି ସଶକ୍ତୀକରଣ କରିବା ପାଇଁ କିଛି ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ସେହିପରି ନିର୍ବାଚନ ବର୍ଷ ହୋଇଥିବାରୁ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ କିପରି ଭାବେ ତୃଣମୂଳରେ ପହଞ୍ଚିବ, ସେଥିଲାଗି ମହିଳା କର୍ମକର୍ତ୍ତାଙ୍କୁ ନେଇ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ସୁଲତା କହିଛନ୍ତି।




# ଜନ୍ମମାଟିରେ ଯଦୁନାଥଙ୍କ ଶେଷକୃତ୍ୟ ସମ୍ପନ୍ନ

ସୋର,୨୨।୮(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାହିତ୍ୟିକ ଯଦୁନାଥ ଦାସ ମହାପାତ୍ରଙ୍କ ମରଶରୀରକୁ ବୁଧବାର ସକାଳେ ତାଙ୍କ ଜନ୍ମମାଟି ସୋରସ୍ଥିତ କୁଢ଼େଇ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ଓ ଅଞ୍ଚଳବାସୀ ଅନ୍ତିମ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବଡ଼ପୁଅ ଡାକ୍ତର ବିଶ୍ୱଜିତ ଦାସ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଅନ୍ୟ ୩ ପୁଅ ସୁରଜିତ ଦାସ ମହାପାତ୍ର, ଅଜିତ ଦାସ ମହାପାତ୍ର, ସତ୍ୟଜିତ ଦାସ ମହାପାତ୍ର ଓ ସାନଭାଇ ଗୋଲେକ ଦାସ ମହାପାତ୍ରଙ୍କ ସମେତ ନାତି ନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ସୋର ତହସିଲଦାର ଦେବୀପ୍ରସାଦ ଦାଶ, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଓ ରାକେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଯଦୁନାଥ ମଙ୍ଗଳବାର ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ପରେ ଆଇଆରସି ଭିଲେଜସ୍ଥିତ ତାଙ୍କ ବାସଭବନକୁ ମରଶରୀର ଅଣାଯାଇ ଶେଷଦର୍ଶନ ସକାଶେ ରଖାଯାଇଥିଲା। ବୁଧବାର ସକାଳେ ତାଙ୍କ ମରଶରୀର ସୋରକୁ ଅଣାଯାଇଥିଲା। ସ୍ଥାନୀୟ କଲେଜ ଛକରେ ମରଶରୀର ପହଞ୍ଚିବା ପରେ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପାଢ଼ୀ, ମହାବିଦ୍ୟାଳୟର ସଭାପତି ତଥା ସୋର ବିଧାୟକ ପର୍ଶୁରାମ ଧଡ଼ା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପରେ ସୋର ବଜାର ପରିକ୍ରମା କରାଯାଇ ରାଧାନାଥ ପାଠାଗାର ନିକଟକୁ ଅଣାଯାଇଥିଲା। ଯଦୁନାଥ ରାଧାନାଥ ପାଠାଗାରର ପ୍ରତିଷ୍ଠାତା ସଭାପତି ଥିଲେ। ପାଠାଗାର ତରଫରୁ ସମ୍ପାଦକ ସୁଧୀର କୁମାର ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।









ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି- ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ।
-ଶ୍ରୀମା



# ନିଷିଦ୍ଧ ଆଣ୍ଟିବାୟୋଟିକ୍ସ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ଏକ ଅନୁଧ୍ୟାନ ଅନୁସାରେ ଗତ ୧୦ ବର୍ଷ ଭିତରେ ଭାରତ ଛଡ଼ା ପୃଥିବୀର ଅନ୍ୟ ଦେଶଗୁଡ଼ିକରେ ଆଣ୍ଟିବାୟୋଟିକ୍ସର ବ୍ୟବହାର ୩୬% ଏବଂ ଭାରତରେ ତାହା ୬୨% ବୃଦ୍ଧିପାଇଛି, ଯାହା ବିଶ୍ୱରେ ସର୍ବାଧିକ। ଭାରତରେ ଯେତେ ଆଣ୍ଟିବାୟୋଟିକ୍ସ ବିକ୍ରି ହେଉଛି, ତା'ର ୭୦ ଭାଗ ରୋଗଣା କୁକୁଡ଼ାଙ୍କୁ ଖୁଆଯାଉଛି, ଯେଉଁମାନଙ୍କ ମାଂସ ଓ ଅଣ୍ଡାକୁ ପରେ ଭାରତୀୟମାନେ ଖାଉଛନ୍ତି।

ଯଦି ଜଣେ ଦୀର୍ଘଦିନ ଧରି ଆଣ୍ଟିବାୟୋଟିକ୍ସ ବ୍ୟବହାର କରେ, ତେବେ ତା' ଶରୀରରେ ପ୍ରତିରୋଧ (resistance) ବୃଦ୍ଧି ପାଇବାକୁ ଲାଗେ। ଯଦି ଜଣେ ଲୋକ ନିୟମିତ କୁକୁଡ଼ା ମାଂସ ଓ ଅଣ୍ଡା ମାଧ୍ୟମରେ ଆଣ୍ଟିବାୟୋଟିକ୍ସ ଖାଏ, ତେବେ ଯେତେବେଳେ ସେହି ଲୋକଟି ରୋଗରେ ପଡ଼ିବ, ସେ ଆଣ୍ଟିବାୟୋଟିକ୍ସ ଆଉ ତା' ଦେହରେ କାମ ଦେବ ନାହିଁ। ତା' ଦେହ ସୁପରବଗ୍ ଦ୍ୱାରା ସଂକ୍ରମିତ ହେବ, ଯାହାକୁ ଆଣ୍ଟିବାୟୋଟିକ୍ସ ଦ୍ୱାରା ଭଲ କରାଯାଇପାରିବ ନାହିଁ। ଏ ପରିସ୍ଥିତିରେ ଜଣେ ଲୋକ ସାଧାରଣ ଅଣ୍ଡାକାଶରେ ବି ମୃତ୍ୟୁବରଣ କରିପାରେ।

ଗବେଷକମାନଙ୍କ ପୂର୍ବାନୁମାନ ଅନୁସାରେ ଆଣ୍ଟିବାୟୋଟିକ୍ସ ପ୍ରତିରୋଧୀ ବୀଜାଣୁ କିଛିବର୍ଷ ଭିତରେ ସାରା ବିଶ୍ୱରେ ଏକ କୋଟି ଲୋକଙ୍କୁ ମାରିଦେଇ ପାରିବେ, ଯେଉଁମାନଙ୍କ ମଧ୍ୟରେ ୪୭ ଲକ୍ଷ ଲୋକ ଏସିଆର। ଭାରତରେ ଅନେକ ଆଣ୍ଟିବାୟୋଟିକ୍ସ ଆଉ ଲୋକଙ୍କ ଦେହରେ କାମ କରୁନାହିଁ। ରୋଗ ଭଲ କରିବା ପାଇଁ ନୂଆ ଆଣ୍ଟିବାୟୋଟିକ୍ସ ଦରକାର ପଡ଼ୁଛି। କିନ୍ତୁ ଏତେ ନୂଆ ଆଣ୍ଟିବାୟୋଟିକ୍ସ ଆବିଷ୍କାର କରିବା ସହଜ ନୁହେଁ। ଗତ ୧୦ ବର୍ଷ ଭିତରେ ମାତ୍ର ଦୁଇଟି ଆଣ୍ଟିବାୟୋଟିକ୍ସକୁ ବ୍ୟବହାର ପାଇଁ ଅନୁମତି ମିଳିଛି। ସେଥି ମଧ୍ୟରୁ ଗୋଟିଏ ହେଉଛି ସେଫ୍ଟାରୋଲିନ୍, ଯାହା ବ୍ୟବହାରର ପ୍ରଥମ ବର୍ଷରେ ହିଁ ପ୍ରତିରୋଧ ସମସ୍ୟାର ସମ୍ମୁଖୀନ ହୋଇଛି।

ଡାକ୍ତରମାନେ ବାଧ୍ୟ ହୋଇ ୫୦ ବର୍ଷ ତଳୁ ପ୍ରତ୍ୟାଖ୍ୟାତ ଆଣ୍ଟିବାୟୋଟିକ୍ସ ପୁଣି ବ୍ୟବହାର କରିବାକୁ ବ୍ୟବସ୍ଥାପତ୍ର ଲେଖୁଛନ୍ତି। ପ୍ରବଳ ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ଏଗୁଡ଼ିକୁ ଅତୀତରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଡାକ୍ତରମାନେ ଅନ୍ୟ ବିକଳ୍ପ ନ ପାଇ ଏହାକୁ ବ୍ୟବହାର ପାଇଁ ପରାମର୍ଶ ଦେଉଛନ୍ତି କାରଣ ଏଗୁଡ଼ିକ ଜୀବାଣୁ-ପ୍ରତିରୋଧୀ ହୋଇ ନ ଥିଲା। ଏପରି ଗୋଟିଏ ଆଣ୍ଟିବାୟୋଟିକ୍ସ ହୋଇଛି କୋଲିଷ୍ଟିନ୍। କୋଲିଷ୍ଟିନ୍ ବା ପଲିମାଇକ୍ସିନ୍ ଇ ହେଉଛି ଏକ ଆଣ୍ଟିବାୟୋଟିକ୍ସ ଯାହା ପିନିବାସିଲସ୍ ପଲିମାଇକ୍ସା ବୀଜାଣୁଙ୍କ କିଛି ପ୍ରଜାତିକୁ ନେଇ ପ୍ରସ୍ତୁତ ହୋଇଛି। ଅଧିକାଂଶ ଗ୍ରାମ୍-ନେଗେଟିଭ୍ ବାସିଲି ବୀଜାଣୁଙ୍କ ପାଇଁ କୋଲିଷ୍ଟିନ୍ ଭଲ କାମ କରେ।

କୋଲିଷ୍ଟିନ୍ ପ୍ରଥମେ ୧୯୫୯ ମସିହାରେ ବଜାରକୁ ଆସିଥିଲା। କିନ୍ତୁ କିଡ୍‌ନୀ ଅଚଳ ହେବା ଓ ସ୍ନାୟବିକ ଦୁର୍ବଳତା ପରି ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରୁଥିବା ଯୋଗୁ ୧୯୮୦ ଦଶକ ପ୍ରାରମ୍ଭରେ ଏହାକୁ ବର୍ଜନ କରାଯାଇଥିଲା। ଏହାଦ୍ୱାରା ଶ୍ୱାସକ୍ରିୟା ବନ୍ଦ ହୋଇଯିବା ପରି ସମସ୍ୟା ମଧ୍ୟ ଦେଖାଯାଇଥିଲା। ଏହାଦ୍ୱାରା ବିଭିନ୍ନ ସ୍ନାୟବିକ ସମସ୍ୟା ଯଥା ବଧିରା ଲାଗିବା, ଚର୍ମ କୁଣ୍ଡେଇ ହେବା, ମୁଣ୍ଡ ବୁଲେଇବା ପ୍ରଭୃତି ସମସ୍ୟା ମଧ୍ୟ ଉପୁଜୁଥିଲା। ତେଣୁ ବିକଳ୍ପ ଅଭାବରୁ କୋଲିଷ୍ଟିନ୍‌କୁ ଅତି ସତର୍କତାର ସହ କେବଳ ଜଟିଳ ପରିସ୍ଥିତିରେ ହିଁ ବ୍ୟବହାର କରାଯାଉଛି। ଏହା ଯେପରି ପ୍ରତିରୋଧୀ ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। କିନ୍ତୁ ତାହା ସତ୍ତ୍ୱେ ଏହା ଜୀବାଣୁ-ପ୍ରତିରୋଧୀ ହୋଇସାରିଲାଣି। ଦିଲ୍ଲୀ ଓ ପୁଣେଠାରେ ଥିବା ହସ୍ପିଟାଲଗୁଡ଼ିକରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଗୁରୁତର ସଂକ୍ରମଣ ପାଇଁ ହସ୍ପିଟାଲକୁ ଆସିଥିବା ୫% ରୋଗୀଙ୍କଠାରେ କୋଲିଷ୍ଟିନ୍ ଜୀବାଣୁ-ପ୍ରତିରୋଧୀ ହୋଇସାରିଲାଣି। ତେବେ ତାହା ହେଲା କେମିତି? ନିକଟରେ ଘଟିଥିବା ଚାଇନାର ଏକ ଉଦାହରଣରୁ ତାହା ସ୍ପଷ୍ଟ ହୋଇଯିବ।

୨୦୧୫ରେ କାର୍ଡିଫ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ପ୍ରଫେସର ଟିମୋଥି ୱାଲ୍‌ଶ୍ ଓ ତାଙ୍କ ଦଳ ଚାଇନାର ଏକ ଘୁଷୁରିଠାରେ କୋଲିଷ୍ଟିନ୍-ପ୍ରତିରୋଧୀ ଜିନ୍ ଆବିଷ୍କାର କରିଛନ୍ତି। ଏହା ବିଶ୍ୱ ମେଡିକାଲ ସମ୍ପ୍ରଦାୟରେ ଆତଙ୍କ ଖେଳାଇ ଦେଇଥିଲା, କାରଣ ଏହି ଜିନ୍ (mcr-1) ବ୍ୟାପକ ଭାବେ ଚିକିତ୍ସା କରାଯାଇପାରୁ ନ ଥିବା ସଂକ୍ରମଣର ପ୍ରସାର ଘଟାଇପାରିବ। ଚାଇନାର ପ୍ରାଣୀ ଫାର୍ମଗୁଡ଼ିକରେ ବ୍ୟାପକଭାବେ କୋଲିଷ୍ଟିନ୍ ଆଣ୍ଟିବାୟୋଟିକ୍ସ ବ୍ୟବହାର କରାଯିବା ଯୋଗୁ ଏହି ଜିନ୍‌ର ପ୍ରସାର ଘଟିଥିବା ଜଣାପଡ଼ିଛି। ଆହୁରି ଉଦ୍‌ବେଗର ବିଷୟ ହେଉଛି, ଚାଇନାରୁ ଘୁଷୁରି ମାଂସ ରପ୍ତାନି କରାଯାଉଥିବା ୩୦ରୁ ଅଧିକ ଦେଶରେ ମଣିଷ ଓ ପ୍ରାଣୀଙ୍କଠାରେ ଏହି ଜିନ୍ ମିଳିଛି।

ଭାରତରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ୧୯୮୦ ଦଶକରେ ମଣିଷଙ୍କଠାରେ କୋଲିଷ୍ଟିନ୍‌ର ବ୍ୟବହାରକୁ ନିଷିଦ୍ଧ କରାଯିବା ପରେ ଏହାକୁ ଉତ୍ପାଦନ କରୁଥିବା କମ୍ପାନୀମାନେ ଚାଇନାର ଘୁଷୁରି ଫାର୍ମ ଓ ଭାରତର କୁକୁଡ଼ା ଫାର୍ମଗୁଡ଼ିକୁ ବିକ୍ରି କରିବାକୁ ଆରମ୍ଭ କଲେ। ପାଶ୍ଚାତ୍ୟ ଦେଶଗୁଡ଼ିକରେ କୋଲିଷ୍ଟିନ୍ ନିଷିଦ୍ଧ ହୋଇଥିବାରୁ କମ୍ପାନୀମାନେ ଏସିଆକୁ ଟାର୍ଗେଟ୍ କରିଥିଲେ। ପ୍ରାଣୀମାନଙ୍କଠାରେ ବ୍ୟବହାର ପାଇଁ ଟନ୍ ଟନ୍ କୋଲିଷ୍ଟିନ୍ ପ୍ରତି ବର୍ଷ ଭାରତ, ଭିଏତ୍‌ନାମ, ଦକ୍ଷିଣ କୋରିଆ ଓ ରୁଷିଆକୁ ରପ୍ତାନି କରାଗଲା। ଭାରତର ପାଞ୍ଚଟି ଔଷଧ କମ୍ପାନୀ ଖୋଲାଖୋଲି ଭାବେ କୋଲିଷ୍ଟିନ୍ ଥିବା ଔଷଧକୁ ପ୍ରାଣୀମାନଙ୍କ ଗ୍ରୋଥ୍ ପ୍ରମୋଟର ଭାବେ ବିଜ୍ଞାପନ ଦେଉଛନ୍ତି। ଦୁଇଟି କମ୍ପାନୀ ସ୍ଥାନୀୟ ଭାବେ କୋଲିଷ୍ଟିନ୍ ଉତ୍ପାଦନ କରୁଛନ୍ତି। ପ୍ରତିବର୍ଷ ଆମେ ୧୫୦ ଟନ୍‌ରୁ ଅଧିକ କୋଲିଷ୍ଟିନ୍ ଆମଦାନି କରୁଛୁ। ଭାରତର କୁକୁଡ଼ା ଫାର୍ମଗୁଡ଼ିକ ବ୍ୟାପକ କୋଲିଷ୍ଟିନ୍ ବ୍ୟବହାର କରୁଛନ୍ତି, ଯାହାକୁ ତଦାରଖ କରାଯାଉ ନାହିଁ। ସେମାନେ ଏତେ ଖରାପ ପରିବେଶରେ ଛୋଟ ପିଞ୍ଜରାଗୁଡ଼ିକରେ କୁକୁଡ଼ାମାନଙ୍କୁ ରଖୁଛନ୍ତି ଯେ, ମରାହେବା ପୂର୍ବରୁ ତାଙ୍କ ଜୀବନ ବଞ୍ଚେଇବା ପାଇଁ ଆଣ୍ଟିବାୟୋଟିକ୍ସ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଯେତେବେଳେ କୁକୁଡ଼ାମାନଙ୍କ ଦେହରେ ଅନ୍ୟ ସରଳ ଆଣ୍ଟିବାୟୋଟିକ୍‌ଗୁଡ଼ିକ ଆଉ କାମ କରୁନାହିଁ, ସେମାନେ ଅଧିକରୁ ଅଧିକ ଶକ୍ତିଶାଳୀ ଏବଂ କୋଲିଷ୍ଟିନ୍ ପରି ମାରାତ୍ମକ ଆଣ୍ଟିବାୟୋଟିକ୍ସ ବ୍ୟବହାର କରୁଛନ୍ତି। ଏହି ଆଣ୍ଟିବାୟୋଟିକ୍ସ ପରୋକ୍ଷରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଉଥିବା ମଣିଷଙ୍କ ଦେହକୁ ଯାଉଛି।

ଉକ୍ତ କୋଲିଷ୍ଟିନ୍-ରେଜିଷ୍ଟାଣ୍ଟ ଜିନ୍ କେବଳ କୁକୁଡ଼ା ଓ ଘୁଷୁରି ମାଂସ ଖାଉଥିବା ଲୋକଙ୍କ ଦେହକୁ ଯାଉନାହିଁ, ଏହା ନାନା ବାଟରେ ଅନ୍ୟ ମଣିଷଙ୍କ ଦେହକୁ ବି ଯାଉଛି। ଏହି ଜିନ୍ ଥିବା ବୀଜାଣୁ କୁକୁଡ଼ା ଫାର୍ମ ଅଞ୍ଚଳର ବାୟୁମଣ୍ଡଳରେ ଉଡ଼ି ବୁଲନ୍ତି। ଏହା ବାୟୁ ମାଧ୍ୟମରେ ଏକ କୁକୁଡ଼ା ଫାର୍ମରେ କାମ କରୁଥିବା ଲୋକଙ୍କ ମାଧ୍ୟମରେ ଅନ୍ୟ ମଣିଷଙ୍କ ଦେହକୁ ଯାଇପାରନ୍ତି। କୁକୁଡ଼ାଙ୍କ ମଳରେ ବସୁଥିବା ମାଛି ବି ବହୁ ଦୂର ଯାଏ ଏହି ଜୀବାଣୁଙ୍କୁ ବୋହି ନେଇଯାନ୍ତି। କୁକୁଡ଼ା ମଳ ଆଖପାଖର ମାଟି ଓ ଜଳଭଣ୍ଡାରକୁ ବି ପ୍ରଦୂଷିତ କରେ ଏବଂ ତାହା ମାଧ୍ୟମରେ ଅନ୍ୟ କୃଷି ଉତ୍ପାଦ ବି ପ୍ରଦୂଷିତ ହୋଇପାରେ।

ଲୋକମାନେ ପ୍ରତିବାଦ କରୁ ନ ଥିବାରୁ ସରକାର ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କୁକୁଡ଼ା ଫାର୍ମଗୁଡ଼ିକ ଉପରେ ଚଢ଼ାଉ କରାଯାଉ ନାହିଁ। ନିଷିଦ୍ଧ ଔଷଧ ବିକ୍ରି କରୁଥିବା କୌଣସି କମ୍ପାନୀକୁ ବନ୍ଦ କରାଯାଉ ନାହିଁ। ତିନୋଟି ମନ୍ତ୍ରଣାଳୟ ଏଥିପାଇଁ ଦାୟୀ। ପ୍ରଥମ ପଶୁପାଳନ ମନ୍ତ୍ରଣାଳୟ, ଯାହାର ଇନ୍ସପେକ୍ଟରମାନେ ଦୁର୍ନୀତିଗ୍ରସ୍ତ ଓ ଅଳସୁଆ ଏବଂ ସେମାନେ କୁକୁଡ଼ା ପାଳନକୁ ଉପାର୍ଜନର ଏକ ଉତ୍ସଭାବେ ବିଚାର କରନ୍ତି। ଦ୍ୱିତୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଯିଏ କୋଲିଷ୍ଟିନ୍‌ର ବ୍ୟବହାରକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହିଁ। ତୃତୀୟ ପରିବେଶ ମନ୍ତ୍ରଣାଳୟ, ଯିଏ କୁକୁଡ଼ା ଫାର୍ମଜନିତ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ କିଛି ବି କରୁନାହିଁ। ତେଣୁ କୋଲିଷ୍ଟିନ୍ ଦ୍ୱାରା ଆପଣମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। କିଡ୍‌ନୀ ଅଚଳ ହେବାଠାରୁ ଆରମ୍ଭ କରି ଚର୍ମ କୁଣ୍ଡେଇ ହେବା, ରକ୍ତହୀନତା ଓ ସ୍ନାୟୁ ସମସ୍ୟା ପରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଉ ଆପଣ ଯେତେବେଳେ ଅସୁସ୍ଥ ହେଉଛନ୍ତି ସେତେବେଳେ କୋଲିଷ୍ଟିନ୍ ପରି ଆଣ୍ଟିବାୟୋଟିକ୍ସ ଆପଣଙ୍କର କୌଣସି କାମରେ ଆସୁନାହିଁ କାରଣ ଆପଣଙ୍କ ଶରୀର ଏହାର ପ୍ରତିରୋଧୀ ହୋଇସାରିଛି। ଭାରତ ପରି ଜନବହୁଳ ଦେଶରେ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ସଂକ୍ରମଣ ମହାମାରୀରେ ପରିଣତ ହୋଇପାରେ। ଏଣୁ ଖାଉଟିଙ୍କ ମଧ୍ୟରେ କୋଲିଷ୍ଟିନ୍‌ର ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଜରୁରୀ। ସରକାର ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। କୁକୁଡ଼ା ଫାର୍ମଗୁଡ଼ିକରେ କୋଲିଷ୍ଟିନ୍ ତଥା ଅନ୍ୟ କୌଣସି ପ୍ରକାର ଆଣ୍ଟିବାୟୋଟିକ୍ସର ବ୍ୟବହାରକୁ ବନ୍ଦ କରାଯିବା ଉଚିତ। ଚାଇନା କୋଲିଷ୍ଟିନ୍‌କୁ ନିଷିଦ୍ଧ କରିସାରିଲାଣି। ଇଂଲଣ୍ଡର ଚିଫ୍ ମେଡିକାଲ ଅଫିସର ସାରା ବିଶ୍ୱରେ କୁକୁଡ଼ା ଫାର୍ମଗୁଡ଼ିକରେ ଗ୍ରୋଥ୍ ପ୍ରମୋଟର ହିସାବରେ ଆଣ୍ଟିବାୟୋଟିକ୍ସର ବ୍ୟବହାରକୁ ନିଷିଦ୍ଧ କରିବାକୁ ଆହ୍ୱାନ ଦେଇଛନ୍ତି। ୟୁରୋପୀୟ ସଂଘରେ ୨୦୦୬ରୁ ଏବଂ ଆମେରିକାରେ ୨୦୧୭ରୁ ଏହା ନିଷିଦ୍ଧ। ଭାରତ ତାହା ନିଷିଦ୍ଧ କରିବାକୁ ଚାହୁଁନାହିଁ, କାରଣ ଲୋକଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ଆର୍ଥିକ ଲାଭ ଅର୍ଜନକୁ ଏହା ଅଧିକ ଗୁରୁତ୍ୱ ଦେଉଛି।

Email: gandhim@nic.in

# ଭଡ଼ାରେ ମାତୃତ୍ୱ



ଅଲେଖ ଚନ୍ଦ୍ର ମିଶ୍ର

ଭଡ଼ାରେ ମାତୃତ୍ୱ (ସରୋଗେସି) ଚିକିତ୍ସା ବିଜ୍ଞାନ ଦ୍ୱାରା ସ୍ୱୀକୃତ ଏକ ପ୍ରଜନନ ପ୍ରକ୍ରିୟା, ଯାହାଦ୍ୱାରା ଗର୍ଭଧାରଣ ପାଇଁ ଅକ୍ଷମ ଜଣେ ମହିଳାଙ୍କ ଲାଗି ଅନ୍ୟଜଣେ ମହିଳା ଗର୍ଭଧାରଣ କରନ୍ତି ଏବଂ ଜନ୍ମିତ ସନ୍ତାନକୁ ଅକ୍ଷମ ମହିଳାଙ୍କୁ ହସ୍ତାନ୍ତର କରନ୍ତି। ସନ୍ତାନପ୍ରାପ୍ତିର ଅନ୍ୟ ଏକ ବିକଳ୍ପ ଆଇଭିଏଫ୍ (ଇନ୍‌ଭର୍ଟୋ ଫର୍ଟିଲିଟି) ପ୍ରଣାଳୀଠାରୁ ଏହା ଅଧିକ ଉପାଦେୟ, କାରଣ ଏହାଦ୍ୱାରା ନିଜ ଔରସର ସନ୍ତାନପ୍ରାପ୍ତି ସମ୍ଭବ ହୋଇଥାଏ। ତେଣୁ ଏହି ପଦ୍ଧତି ଏତେ ଲୋକପ୍ରିୟ ହୋଇଯାଇଛି ଯେ ସାରା ପୃଥିବୀର କୋଟି କୋଟି ଲୋକ ଏହାର ଆଶ୍ରୟ ନେଉଛନ୍ତି। ବିଶ୍ୱବ୍ୟାପୀ କେତେ ହତାଶ ଦମ୍ପତି ଆଶାର ଆଲୋକ ଦେଖୁଛନ୍ତି।

ମାତ୍ର ଗଭୀର ପରିତାପର ବିଷୟ, ଏଭଳି ଏକ ଜନହିତକାରୀ କର୍ମର ଲୋକପ୍ରିୟତାକୁ ଆଧାର କରି ଅନେକ ଅସାଧୁ ବ୍ୟକ୍ତି ଓ ସଂସ୍ଥା ଏଥିରୁ ବ୍ୟବସାୟିକ ଫାଇଦା ଉଠେଇବା ପାଇଁ ତତ୍ପର ହୋଇପଡିଛନ୍ତି। ବିଶ୍ୱବ୍ୟାପୀ ଏଥିପାଇଁ ଅନ୍ୟୂନ ୨ ବିଲିୟନ ଡଲାରର କାରବାର ଚାଲିଛି। ପ୍ରତିଯୋଗିତାମୂଳକ ବ୍ୟବସାୟ ଯୋଗୁ ସେମାନେ ଭୁଲିଯାଉଛନ୍ତି ଯେ ସରୋଗେଟ୍ ମଦର ହୁଏତ ଥରେ ଦୁଇଥର ଗର୍ଭଧାରଣ କରିବା ପରେ ତା'ର ପ୍ରଜନନ କ୍ଷମତାକୁ ହରେଇପାରେ ଏବଂ ଜନ୍ମିତ ସନ୍ତାନର ଭବିଷ୍ୟତ ଅନିଶ୍ଚିତ ହୋଇପାରେ। ସୁତରାଂ ଏହି ପ୍ରକ୍ରିୟାର ଦୁରୁପଯୋଗ ସମ୍ପ୍ରତି ବିଶ୍ୱସ୍ତରୀୟ ଚିନ୍ତାର କାରଣ ପାଲଟିଛି। ସେଥିପାଇଁ ରୁଷିଆ, ୟୁକ୍ରେନ୍ ଓ ଆମେରିକାର କେତେକ ରାଜ୍ୟକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦେଶରେ ବ୍ୟବସାୟିକ ସରୋଗେସିକୁ ନିଷିଦ୍ଧ କରାଯାଇଛି।

ଏ କ୍ଷେତ୍ରରେ ଭାରତର ସ୍ଥିତି ବି ଉଦ୍‌ବେଗଜନକ। କାରଣ ବିଦେଶର ପ୍ରାୟ ୮୦ ଭାଗ ସଂସ୍ଥା ଭାରତୀୟ ନାରୀଙ୍କ ଦାରିଦ୍ର୍ୟର ସୁଯୋଗ ନେଇ ସେମାନଙ୍କୁ ଶୋଷଣ କରୁଛନ୍ତି। ସାମାନ୍ୟ ଧନର ଲୋଭ ଦେଖାଇ ଅନେକ ମହିଳାଙ୍କ ଜୀବନ ବିପନ୍ନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଦୁଇଟି ଦୃଷ୍ଟାନ୍ତରୁ ଘଟଣାର ଗମ୍ଭୀରତା ଅନୁମେୟ। ୨୦୦୮ ମସିହାରେ ଏକ ଜାପାନୀ ଡାକ୍ତର ଦମ୍ପତି ଗୁଜରାଟର ଏକ ଛୋଟ ସହରରେ ରହୁଥିବା ଜଣେ ଗରିବ ମହିଳାଙ୍କୁ ପ୍ରଲୋଭିତ କରି ସରୋଗେସି ମାଧ୍ୟମରେ ଗର୍ଭାଧାନ କରାଇଲେ। ସେଥିରୁ ଏକ ସୁନ୍ଦର ସୁସ୍ଥ କନ୍ୟା ସନ୍ତାନ ଜନ୍ମ ନେଲା। କିନ୍ତୁ ସେତେବେଳକୁ ସମ୍ପୃକ୍ତ ଜାପାନୀ ଦମ୍ପତି ପରସ୍ପରକୁ ଛାଡପତ୍ର ଦେଇସାରିଥିଲେ ଏବଂ ଝିଅଟିକୁ ଗ୍ରହଣ କଲେନାହିଁ। ମାତ୍ର ସେମାନଙ୍କର ମା' (ଝିଅଟିର ବୁଢ଼ୀମା) ତାକୁ ଗ୍ରହଣ କଲା। ହେଲେ ଜାପାନରେ ସରୋଗେସି ବେଆଇନ ହେତୁ ଝିଅଟିକୁ ଜାପାନର ନାଗରିକତ୍ୱ ଦିଆଯାଇନାହିଁ। ଝିଅଟି କେଉଁ କୂଳର ହେଲାନି। ସେହିପରି ୨୦୧୨ ମସିହାରେ ଅଷ୍ଟ୍ରେଲିଆର ଏକ ଦମ୍ପତି ଚେନ୍ନାଇର ଏକ ମହିଳାଙ୍କଠାରେ ସରୋଗେସି ମାଧ୍ୟମରେ ଗର୍ଭ ସଞ୍ଚାର କରାଇଲେ। ମହିଳା ଜଣକ ଯାଆଁଳା ଶିଶୁ ଜନ୍ମ ଦେଲେ, ଯେଉଁଥିରୁ ସେମାନେ କେବଳ ଜଣକୁ ଗ୍ରହଣ କଲେ। ଅନ୍ୟ ସନ୍ତାନଟିର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା।

ଏପରି ଅନେକ ଘଟଣା ପରେ ଭାରତ ସରକାର ଏହାର ସମାଧାନ ପନ୍ଥା ନିର୍ଣ୍ଣୟ ପାଇଁ ଲ' କମିଶନକୁ ଦାୟିତ୍ୱ ଦେଇଥିଲେ। କମିଶନଙ୍କ ରିପୋର୍ଟରେ କମର୍ସିଆଲ ସରୋଗେସିକୁ ତୁରନ୍ତ ବନ୍ଦ କରାଯିବା ଉଚିତ ବୋଲି ସୁପାରିସ କରାଯାଇଛି। ଏହି ସୁପାରିସ ଏବଂ ଆବଶ୍ୟକ ଜନମତ ସଂଗ୍ରହ ପରେ ସରୋଗେସି ରେଗୁଲେଶନ ବିଲ୍ ୨୦୧୬ ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇ ବିଚାରାଧୀନ ରହିଛି। ଏହି ବିଲ୍‌ରେ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା-

ଏହା କେବଳ ସେହି ଭାରତୀୟ ଦମ୍ପତିଙ୍କ ପାଇଁ ପ୍ରଯୁଜ୍ୟ, ଯାହାର ସନ୍ତାନ ଜନ୍ମ କରିବାର ଶାରୀରିକ ଅକ୍ଷମତା ଥିବ ଏବଂ ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିବ।

ତାଙ୍କ ତରଫରୁ ଗର୍ଭଧାରଣ କରୁଥିବା ମହିଳା ସେମାନଙ୍କର ଅତି ଆପଣାର ସମ୍ପର୍କୀୟ ହୋଇଥିବେ। ସରୋଗେଟ୍ ସନ୍ତାନ ଜନ୍ମିତ ସନ୍ତାନ ଭଳି ସମସ୍ତ ସୁବିଧା ସୁଯୋଗ ଓ ସମ୍ପତ୍ତିର ଅଧିକାର ପାଇବ।

ଯେଉଁ ଭାରତୀୟ ଦମ୍ପତିଙ୍କର ବୟସ ୨୩ରୁ ୫୦ (ମହିଳା) ଏବଂ ୨୬ରୁ ୫୫ (ପୁରୁଷ) ହୋଇଥିବ ଏବଂ ସେମାନଙ୍କ ବିବାହକୁ ଅନ୍ୟୂନ ୫ବର୍ଷ ପୂରିଥିବ ଅଥଚ ତାଙ୍କର କୌଣସି ସନ୍ତାନ ଜୀବିତ ନ ଥିବ ସେଇମାନେ ହିଁ ଏହି ସୁବିଧାର ହକ୍‌ଦାର ହେବେ।

ସରୋଗେଟ୍ ମଦରର ବୟସ ୨୫ରୁ ୩୫ବର୍ଷ ମଧ୍ୟରେ ହୋଇଥିବ ଏବଂ ଜୀବନକାଳରେ ସେ ମାତ୍ର ଥରକ ପାଇଁ ସରୋଗେଟ୍ ମଦର ହୋଇପାରିବ।

ଯେଉଁ ବ୍ୟକ୍ତି ବା ସଂସ୍ଥା ଏଥିରେ ଖିଲାପ କରିବେ ତାଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ପଞ୍ଜୀକୃତ ସରୋଗେସି କ୍ଲିନିକ୍ ସମସ୍ତ ରେକର୍ଡପତ୍ର ଠିକ୍‌ଭାବରେ ତିଆରି କରିବେ ଏବଂ ସେ ସବୁକୁ ଅନ୍ତତଃ ୨୫ବର୍ଷ ପର୍ଯ୍ୟନ୍ତ ସାଇତି ରଖିବେ।

ଏ ଆଇନଗତ ବ୍ୟବସ୍ଥାରେ ଯାହା ଅଭାବ ରହିଛି ତାହା ହେଲା ସରୋଗେସି ଚାହୁଁଥିବା ଅନେକ ଲୋକ ଏହି ଆଇନର ପରିସରଭୁକ୍ତ ହୋଇପାରିନାହାନ୍ତି। ସେମାନେ ହେଲେ ଅବିବାହିତ ସ୍ତ୍ରୀ କିମ୍ବା ପୁରୁଷ, ଛାଡପତ୍ର ଦେଇଥିବା ସ୍ତ୍ରୀ କିମ୍ବା ପୁରୁଷ, ବିଧବା, ମୃତଦାର, କିନ୍ନର, ଲିଭ୍ ଇନ୍ ରିଲେଶନଶିପ୍‌ରେ ଥିବା ଲୋକ, ସମଲିଙ୍ଗୀ, ବିଦେଶୀ, ଏନ୍‌ଆର୍‌ଆଇ, ପିଆଇଓ ଏବଂ ଓସିଆଇ କାର୍ଡ ଅଧିକାରୀ ଇତ୍ୟାଦି। ଏ ଦିଗରେ ଧ୍ୟାନ ଦିଆଯାଇ ଆଇନ ପ୍ରଣୀତ ହେବା ବାଞ୍ଛନୀୟ।

ସାରଦାଶ୍ରୀ,୯୦୪ ଶାସ୍ତ୍ରୀନଗର, ୟୁନିଟ ୪,
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ମୁମ୍ବାଇର ଜଣେ ସ୍କୁଲ୍ ଛାତ୍ରୀ ପଢ଼ିଥିବା ବିଷୟକୁ ଅଗ୍ନିକାଣ୍ଡ ବେଳେ ପ୍ରୟୋଗ କରିବାରୁ ଅନେକଙ୍କ ଜୀବନରକ୍ଷା ହୋଇପାରିଛି। ବୁଧବାର ସକାଳେ କେନ୍ଦ୍ରୀୟ ମୁମ୍ବାଇର ପାରେଲ ଅଞ୍ଚଳର ଏକ ୧୭ମହଲା ବିଶିଷ୍ଟ କ୍ରିଷ୍ଟାଲ ଟାୱାର ବିଲ୍‌ଡିଂରେ ହଠାତ୍ ନିଆଁ ଲାଗିଯାଇଥିଲା। ୧୦ବର୍ଷ ବୟସ୍କ ଜେନ୍ ସଦାବର୍ତ୍ତେ ତାଙ୍କର ଉପସ୍ଥିତି ବୁଦ୍ଧି ଖଟାଇ ନିରାପଦ ଉପାୟ ବତାଇ ଦେଇଥିଲେ। ଏହାଦ୍ୱାରା ତାଙ୍କ ପରିବାର ଏବଂ ପଡୋଶୀଙ୍କ ଜୀବନରକ୍ଷା ହୋଇପାରିଥିଲା। ଜେନ୍ ଏବଂ ତାଙ୍କ ପରିବାର ୧୬ ମହଲାରେ ରୁହନ୍ତି। ଷଷ୍ଠ ଶ୍ରେଣୀର ଏହି ଛାତ୍ରୀ ସ୍କୁଲ୍ ପ୍ରୋଜେକ୍ଟରୁ ଶିକ୍ଷାକରିଥିବା ଅଗ୍ନିକାଣ୍ଡ ନିରାପତ୍ତା ବିଷୟ ମନେପକାଇଥିଲେ। ସକାଳୁ ସମଗ୍ର ଫ୍ଲାଟ୍ ଧୂଆଁମୟ ହୋଇଯାଇଥିଲା। ସମସ୍ତେ ଆତଙ୍କିତ ହୋଇପଡିଥିଲେ। ଆଦୌ ବିଚଳିତ ନ ହୋଇ ନୀରବ ରହିବାକୁ ଜେନ୍ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ତୁଳା, ପାଣି ଓ କପଡା ସହାୟତାରେ ଏକ ପ୍ରକାର ବିଶୋଧକ ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ନାକ ଓ ପାଟିରେ ଦେବାକୁ ସେ ପରାମର୍ଶ ଦେଇଥିଲେ। ଫଳରେ ସେମାନେ ଧୂଆଁ ଦ୍ୱାରା ଶ୍ୱାସନିଃଶ୍ୱାସୀ ହୋଇ ନ ଥିଲେ। ଏହି ବିଷୟ ସେ ସ୍କୁଲ୍ ପ୍ରୋଜେକ୍ଟରୁ ଶିକ୍ଷା କରିଥିଲେ ବୋଲି ପ୍ରକାଶ କରିଛନ୍ତି। ଅଗ୍ନିଶମ କର୍ମଚାରୀ ଆସିବା ପର୍ଯ୍ୟନ୍ତ ଏହି ସ୍କୁଲ ଛାତ୍ରୀ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ନିଜ ପରିବାର ଏବଂ ପଡୋଶୀଙ୍କ ଜୀବନରକ୍ଷା କରିପାରିଥିଲେ।

## ଚିରନ୍ତନୀ

ଯିବାକୁ ଉଠି ସତ୍ୱର    ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି    ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ ।
(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | 6 | | | E | | | | A | | | |
| | | 3 | | A | | | 1 | | B | 2 | C | | E | |
| | 7 | | | | 0 | | | D | | | | C | 2 | |
| E | | A | 9 | | | 0 | | 8 | | | | | | |
| 0 | D | 6 | | | | 4 | | | | E | | | 1 | |
| | | | | | | | 2 | | A | | | | 6 | |
| | | | B | D | 4 | | | | | 6 | | 3 | | 1 |
| | E | 9 | | | | | | 5 | 7 | | | | | |
| | | | 7 | | | | D | | | 9 | | | 5 | |
| | | | | | 6 | | | 7 | | 0 | 1 | 9 | | A |
| | 9 | | 3 | | | 8 | | | 5 | | 2 | 1 | 4 | |
| | | | 6 | 0 | 9 | 7 | 4 | B | | | | 8 | | 3 |
| 7 | | | | | D | | | 6 | | | | E | | |
| | B | | | C | A | | 3 | | | | | | | |
| | 4 | | 1 | | 2 | | C | | | 3 | | | D | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | B | 0 | C | 3 | 5 | 1 | E | 8 | 4 | A | 6 | 7 | D |
| 4 | 7 | E | B | 6 | 1 | 2 | A | 3 | D | 5 | 9 | C | 0 | 8 |
| D | 8 | 3 | 5 | 2 | 9 | 0 | 4 | 7 | 1 | 6 | C | B | A | E |
| A | 6 | 0 | 8 | 4 | E | C | B | D | 7 | 2 | 3 | 1 | 5 | 9 |
| C | 1 | 5 | D | A | 7 | 9 | 8 | 6 | E | B | 0 | 3 | 4 | 2 |
| 3 | C | 9 | 6 | E | 2 | 4 | D | B | 0 | 7 | 1 | 5 | 8 | A |
| 6 | 0 | A | 3 | B | D | 7 | E | 5 | 4 | 9 | 8 | 2 | C | 1 |
| 1 | D | 2 | 7 | 5 | 4 | 8 | 9 | C | 3 | A | E | 0 | 6 | B |
| 5 | 4 | 8 | 1 | 0 | C | 3 | 2 | A | B | D | 6 | 9 | E | 7 |
| E | B | 7 | A | 9 | 8 | 6 | 0 | 1 | 2 | C | 5 | D | 3 | 4 |
| 2 | 9 | 6 | 4 | 1 | B | E | 5 | 0 | A | 3 | 7 | 8 | D | C |
| B | 5 | D | C | 7 | 0 | A | 3 | 8 | 9 | 1 | 4 | E | 2 | 6 |
| 0 | A | C | 9 | 8 | 5 | 1 | 7 | 2 | 6 | E | D | 4 | B | 3 |
| 7 | E | 1 | 2 | 3 | 6 | D | C | 4 | 5 | 8 | B | A | 9 | 0 |
| 8 | 3 | 4 | E | D | A | B | 6 | 9 | C | 0 | 2 | 7 | 1 | 5 |

ଗତକାଲିର ଉତ୍ତର

# ସହରୀ ବନ୍ୟା



ବିଚିତ୍ର ବିଶ୍ୱାଳ

ଆମେ ପିଲାଦିନରୁ ଝିଣ୍ଟିକା ଓ ପିମ୍ପୁଡ଼ିର ଗପ ଶୁଣିଛେ। ପିମ୍ପୁଡ଼ି ବର୍ଷାଦିନ ପାଇଁ ଖାଦ୍ୟ ସଞ୍ଚୟ କରି ରଖିବା ନିମନ୍ତେ କଠିନ ପରିଶ୍ରମ କରୁଥିବା ବେଳେ ଅଳସୁଆ ଝିଣ୍ଟିକା ବର୍ଷାଦିନ କଥା ନ ଭାବି ମଉଜ ମସ୍ତିରେ ମାତିଥିଲା। ପରିଣାମ ସ୍ୱରୂପ ବର୍ଷାଦିନ ଆସିବାରୁ ଝିଣ୍ଟିକା କ୍ଷୁଧାରେ ଛଟପଟ ହେଲା ଓ ବାକି କାହାଣୀ ଆମେ ଜାଣିଛେ। ସମ୍ପ୍ରତି ଆମ ଦେଶର ବଡ଼ ବଡ଼ ସହରଗୁଡ଼ିକର ଅବସ୍ଥା ସେହି ଅଳସୁଆ ଝିଣ୍ଟିକା ପରି ହୋଇଛି। ଏହି ସବୁ ବଡ଼ ବଡ଼ ସହର ବର୍ଷାଦିନ ପାଇଁ ଯୋଜନା ନ କରି କେବଳ ରାସ୍ତାଘାଟ, କୋଠାବାଡ଼ି, ମଲ୍, ମଲ୍‌ଟିପ୍ଲେକ୍ସ ଆଦି ବଢ଼େଇ ଚାଲିଛନ୍ତି। ପରିଣାମ କ'ଣ ହେଉଛି ଆମେ ଦେଖୁଛେ। ଅସରାଏ ଦି' ଅସରା ବର୍ଷାରେ ସହର ଜଳାର୍ଣ୍ଣବ ହୋଇଯାଉଛି।

ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଲକ୍ଷ ଲକ୍ଷ ଲୋକ ଗାଁ ଛାଡ଼ି ସହରାଭିମୁଖୀ ହେବାରେ ଲାଗୁଛନ୍ତି। ଗାଁରେ ରହିବା ପାଇଁ ଆଉ କାହାର ବି ଇଚ୍ଛା ନାହିଁ। ତେଣୁ ସାରା ଦେଶରେ ବଡ଼ ବଡ଼ ସହରଗୁଡ଼ିକରେ ଲୋକସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲୁଛି। ସହର ହିଁ ସାମ୍ପ୍ରତିକ ସମୟରେ ବିକାଶର ପ୍ରତୀକ ସାଜିଛି। କିନ୍ତୁ ଅନ୍ୟପକ୍ଷରେ ଦେଖାଯାଉଛି ଯେ, ବିକାଶର ପ୍ରତୀକ ସାଜିଥିବା ଦେଶର ବଡ଼ ବଡ଼ ସହରଗୁଡ଼ିକ ବର୍ଷାଦିନେ ଭୀଷଣ ବିପତ୍ତିର ସମ୍ମୁଖୀନ ହେଉଛନ୍ତି। ଆଗରୁ ବର୍ଷାଦିନେ ନଦୀ ତଳି ଅଞ୍ଚଳଗୁଡ଼ିକର ଯେପରି ଅବସ୍ଥା ହେଉଥିଲା ଏବେ ଦେଶର ମେଟ୍ରୋ ସହରର ସେହିପରି ଅବସ୍ଥା ହେଉଛି। ଅଦିନିଆ ବନ୍ୟା ଦେଖାଦେଉଛି ସହରଗୁଡ଼ିକରେ।

ଚଳିତ ବର୍ଷ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଯେଭଳି ଭାବେ ବର୍ଷା ଯୋଗୁ ବିପତ୍ତିର ସମ୍ମୁଖୀନ ହେଲା, ରାଜଧାନୀବାସୀ ତାହା ଅଙ୍ଗେ ନିଭେଇଲେ। ଚାରି ପାଞ୍ଚଦିନ କ୍ରମାଗତ ବର୍ଷା ଯୋଗୁ ରାଜଧାନୀର ଏକାଧିକ ଅଞ୍ଚଳ ଜଳମଗ୍ନ ହୋଇଗଲା। ରାସ୍ତା ଉପରେ ଗାଡ଼ି ମୋଟର ଚାଲିବା ଅସମ୍ଭବ ହୋଇପଡ଼ିଲା। ସମ୍ପ୍ରତି କେରଳରେ ଦେଖାଦେଇଥିବା ଭୟଙ୍କର ବନ୍ୟା ପରିସ୍ଥିତି ବି ଆମ ଦେଶର ସହରଗୁଡ଼ିକର ଦୁର୍ଭାଗ୍ୟଜନକ ସ୍ଥିତିକୁ ସୂଚାଉଛି। କେରଳର ବନ୍ୟାକୁ କେନ୍ଦ୍ର ସରକାର ଗୁରୁତର ବିପର୍ଯ୍ୟୟର ନାଁ ଦେଇଛନ୍ତି। ଲକ୍ଷାଧିକ ଲୋକ ବେଘର ହୋଇ ଆଶ୍ରୟସ୍ଥଳରେ ଜୀବନଯାପନ କରୁଛନ୍ତି। ଗୋଟିଏ ପଟେ ଆମେ ସହରକୁ ବିକାଶର କେନ୍ଦ୍ରସ୍ଥଳ ରୂପେ ବର୍ଣ୍ଣନା କରୁଥିବା ବେଳେ ବର୍ଷାଦିନେ ସହରଗୁଡ଼ିକର ଏପରି ଅବସ୍ଥାକୁ ଆମ ବିକାଶ ପ୍ରକ୍ରିୟାର ଅସହାୟ ଦିଗକୁ ଦର୍ଶାଉନାହିଁ କି? କେବଳ ଭୁବନେଶ୍ୱର କି କେରଳ ନୁହେଁ, ଆମ ଦେଶର ମେଟ୍ରୋ ସହରଗୁଡ଼ିକ ଯଥା ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ ଓ କୋଲକାତା ବି ବର୍ଷାଦିନେ ଜଳାର୍ଣ୍ଣବ ହୋଇଯାଉଛି।

ଗତ ଅଗଷ୍ଟ ୯ ତାରିଖରେ କେରଳରେ ଭୀଷଣ ବର୍ଷା ଯୋଗୁ ପ୍ରସିଦ୍ଧ କୋଚି ସହର ଜଳାର୍ଣ୍ଣବ ହୋଇଗଲା। ରାଜ୍ୟ ସରକାରଙ୍କୁ ପ୍ରାୟ ଚାରି ହଜାର ଲୋକଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡ଼ିଲା। ଗତ ଜୁଲାଇ ୧୩ ତାରିଖରେ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀ ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍ ଅଧା ବୁଡ଼ିଗଲା। ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ଆସି ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ ପଡ଼ିଲା। ଭିକାଜୀ କାମା ମେଟ୍ରୋ ଷ୍ଟେଶନ ବି ପାଣିରେ ଭରିଗଲା। ଏହା ହେଉଛି ବର୍ଷାଦିନେ ରାଜଧାନୀ ଦିଲ୍ଲୀର ଅବସ୍ଥା। ଗତବର୍ଷ ପ୍ରବଳ ବର୍ଷା ଯୋଗୁ ମୁମ୍ବାଇର ରାସ୍ତାଘାଟ ଏପରି ପାଣିରେ ବୁଡ଼ି ରହିଲା ଯେ, ଜଣେ ଲୋକ ମ୍ୟାନ୍‌ହୋଲ୍‌ରେ ପଡ଼ି ମୃତ୍ୟୁବରଣ କଲେ। ଅନ୍ଧେରିର ଗୋଟେ ପାଦଚଲା ପୋଲ ଭୁଶୁଡ଼ି ପଡ଼ିଲା। ପାଖାପାଖି ସହରର ୪୩ଟି ଅଞ୍ଚଳରେ ଘର ବି ଭୁଶୁଡ଼ି ପଡ଼ିଥିବା ରିପୋର୍ଟ ଆସିଲା।

ଚଳିତ ବର୍ଷ ଦେଶର ଅନ୍ୟତମ ମେଟ୍ରୋ ସହର ଚେନ୍ନାଇର ପରିସ୍ଥିତି ବର୍ଷାରେ ଅତ୍ୟନ୍ତ ସଙ୍ଗିନ ହୋଇଯାଇଥିଲା। ସହରର କେତେକ ଅଞ୍ଚଳର ଲୋକେ ତିନି ଚାରିଦିନ ପାଇଁ ଘର ଭିତରୁ ବାହାରି ପାରିଲେ ନାହିଁ। ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା ସାରା ସହରରେ। ୨୦୧୫ରେ ମଧ୍ୟ ବର୍ଷା ଯୋଗୁ ଏହାଠାରୁ ଅତ୍ୟନ୍ତ ଖରାପ ପରିସ୍ଥିତି ସୃଷ୍ଟି ହୋଇଥିଲା ଚେନ୍ନାଇରେ। ଗତ ଜୁଲାଇର ଚତୁର୍ଥ ସପ୍ତାହରେ କୋଲକାତାରେ ପ୍ରବଳ ବର୍ଷା ଯୋଗୁ ସହରବାସୀ ବି ଅତ୍ୟନ୍ତ ନାହିଁ ନ ଥିବା ପରିସ୍ଥିତିର ସମ୍ମୁଖୀନ ହେଲେ। ବର୍ଷାଜଳ ସହରରୁ ବାହାରକୁ ନିଷ୍କାସନ ନ ହୋଇପାରିବାରୁ ଓ ଅନ୍ୟପଟେ ଗଙ୍ଗାନଦୀ ଫୁଲିକରି ରହିଥିବା ଯୋଗୁ ସହରର କେତେକ ଅଞ୍ଚଳ କିଛିଦିନ ପାଇଁ ବନ୍ୟା ସ୍ଥିତିକୁ ସାମ୍ନା କଲା। ଡ୍ରେନ୍ ପାଣି ରାସ୍ତା ଉପରକୁ ମାଡ଼ିଆସିଲା।

ସହରଗୁଡ଼ିକରେ ଏପରି ମୌସୁମୀ ବିପର୍ଯ୍ୟୟର ମୁଖ୍ୟ କାରଣ ହେଉଛି, ସହରରେ ହୁ ହୁ ହୋଇ ବଢୁଥିବା ଅନିୟନ୍ତ୍ରିତ ଘରବାଡ଼ି। ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, କୋଲକାତା ଓ ବେଙ୍ଗାଲୁରୁ ଭଳି ପାଞ୍ଚୋଟି ମୁଖ୍ୟ ମେଟ୍ରୋ ସହରର ଜନସଂଖ୍ୟା ପ୍ରାୟ ୩୭ କୋଟି ଓ ପ୍ରତିଦିନ ଏହା ବଢ଼ିବାରେ ଲାଗୁଛି। ସହରର କ୍ଷମତାଠାରୁ ଅଧିକ ଲୋକ ବାସ କରିବାରୁ ଓ ଘର ନିର୍ମାଣ ତଥା ଅନେକ ବେଆଇନ ନିର୍ମାଣ ହେଉଥିବାରୁ ବର୍ଷାପାଣି ସହରରୁ ବାହାରକୁ ଯାଇପାରୁନାହିଁ। ଏପରି କି ସହର ପାଖରେ ଥିବା ନଦୀଗୁଡ଼ିକର ଶଯ୍ୟା କ୍ରମାଗତ ଭାବେ ପୋତିହୋଇ ପଡୁଥିବାରୁ ସହରରୁ ବାହାରୁଥିବା ପାଣି ନଦୀକୁ ଯାଇପାରୁନାହିଁ। ଏହା ଅଦିନିଆ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ବିକାଶର ଧ୍ୱଜା ଉଡ଼ାଉଥିବା ଆମ ଦେଶର ସହରଗୁଡ଼ିକର ଏପରି ଅବସ୍ଥା ବାସ୍ତବିକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦୁଇ ଅସରା ବର୍ଷାକୁ ସହି ନ ପାରିବାର ଶକ୍ତି ଯଦି ଆମ ସହରଗୁଡ଼ିକର ନାହିଁ, ତେବେ ଆମ ବିକାଶ ଯୋଜନା କେତେ ପରିପକ୍ୱ, ଏଥିରୁ ବୁଝିହେଉଛି। ପରିସ୍ଥିତିକୁ ଲକ୍ଷ୍ୟ କରି ସହରଗୁଡ଼ିକ ପାଇଁ ଦୀର୍ଘମିଆଦୀ ଓ ସନ୍ତୁଳିତ ଯୋଜନା କରିବାକୁ ପଡ଼ିବ।

bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ହକି ବିଶ୍ୱକପ୍

ମହାଶୟ,

ଆମ୍ଭ ରାଜ୍ୟ ଦ୍ୱାରା ଭୁବନେଶ୍ୱରରେ ଥିବା କଳିଙ୍ଗ ଷ୍ଟାଡିୟମ୍‌ରେ ନିକଟ ଭବିଷ୍ୟତରେ ହକି ବିଶ୍ୱକପ୍‌ର ଆୟୋଜନ କରାଯିବ। ବିଶ୍ୱର ୧୬ଟି ଶ୍ରେଷ୍ଠ ହକି ଦଳକୁ ନେଇ ଏହି ସମରସଜ୍ଜା ହେବ। ଏଥିପାଇଁ ସାରା ଓଡ଼ିଶା ବିଶ୍ୱ ହକି ମାନଚିତ୍ରରେ ଏକ ଅତି ବିଶିଷ୍ଟ ସ୍ଥାନ ଭାବେ ପରିଚିତ ହେବ। ଆମ୍ଭେ ଏଥିପାଇଁ ଗର୍ବିତ ହେବା ଦରକାର। ଖବରକାଗଜ ରିପୋର୍ଟ ଅନୁଯାୟୀ ପ୍ରାୟ ୧୧,୦୦୦ ହୋଟେଲ ରୁମ୍ ଦରକାର ହେବ। କିନ୍ତୁ ଭୁବନେଶ୍ୱର ରାଜଧାନୀ ହୋଇଥିବା ସତ୍ତ୍ୱେ ଖୁବ୍ ବେଶିରେ ୫୦୦୦ ହୋଟେଲ ରୁମ୍ ମିଳିପାରିବ। ଅବଶିଷ୍ଟ ପୁରୀରେ ଯୋଗାଡ଼ ହୋଇସାରିଛି ଏବଂ ଅତିରିକ୍ତ ୫୦୦ ହୋଟେଲ ରୁମ୍ କଟକରୁ ବୁକ୍ ହୋଇଛି। ୩୦ ଓ ୬୦ କି.ମି. କଟକ ଓ ପୁରୀକୁ ଯିବାଆସିବା ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ମୋର ମନେ ହୁଏ।

ପ୍ରଫୁଲ୍ଲ କୁମାର ନାୟକ, ବୋଷ୍ କଲୋନୀ, କଟକ

### ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ସ୍ୱାଗତଯୋଗ୍ୟ

ସମ୍ପ୍ରତି ଦେଶର ବିଭିନ୍ନ ପ୍ରାନ୍ତରେ ଶିଶୁ ଓ ମହିଳାମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ହେଉଛି। ଅନେକ ସମୟରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଦୋଷୀ ଦଣ୍ଡ ପାଇପାରୁ ନାହିଁ। ନ୍ୟାୟିକ ପ୍ରକ୍ରିୟାରେ ବହୁ ବିଳମ୍ବ ଘଟୁଛି। ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ମିଳୁନାହିଁ। କେନ୍ଦ୍ର ସରକାର ବହୁ ଡେରିରେ ହେଲେ ମଧ୍ୟ ଏଭଳି ଘଟଣାର ତ୍ୱରିତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଇବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ନାବାଳିକାଙ୍କ ପ୍ରତି ହେଉଥିବା ଅତ୍ୟାଚାରର ପୋକ୍ସୋ ଆକ୍ଟକୁ ସଂଶୋଧନ କରି ୧୨ବର୍ଷରୁ କମ୍ ବୟସର ଝିଅମାନଙ୍କ ବଳାତ୍କାରୀଙ୍କୁ ଫାଶୀଦଣ୍ଡ ଓ ତା'ଠାରୁ ଅଧିକା ବୟସ୍କାଙ୍କ ପ୍ରତି ହେଉଥିବା ଅତ୍ୟାଚାର ପାଇଁ ଦୋଷୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କାରାଦଣ୍ଡ ପ୍ରଦାନ- ଏହି ନିୟମ କଡାକଡି ଭାବେ ପାଳନ ସହ ଘଟଣା ଘଟିବାର ୨ ମାସ ମଧ୍ୟରେ ସ୍ୱତନ୍ତ୍ର କୋର୍ଟରେ ଫଇସଲା ହେବା ଜରୁରୀ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଅଗଷ୍ଟ ୧୯୯୩**

- ଆଲଜେରିଆର ପୂର୍ବତନ ପ୍ରଧାନମନ୍ତ୍ରୀ କାସଦି ମେରବାଙ୍କୁ କେତେଜଣ ଅଜ୍ଞାତ ବନ୍ଧୁକଧାରୀ ତାଙ୍କ ବାସଭବନରେ ଗୁଳିକରି ହତ୍ୟା କରିଛନ୍ତି।
- ରୁଷିଆ ଲିଥୁଆନିଆରୁ ନିଜର ସୈନ୍ୟ ପ୍ରତ୍ୟାହାର କରିନେବା ସଂକ୍ରାନ୍ତରେ ଚଳାଇଥିବା କଥାବାର୍ତ୍ତାରୁ ଓହରିଯାଇଛି।
- ଆନ୍ଧ୍ରପ୍ରଦେଶର ଏକ ବସ୍ ହୁସେନସାଗର ହ୍ରଦ ମଧ୍ୟକୁ ଖସିପଡିବା ଫଳରେ ୨୮ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ସୁନାଖଣିର ଅନୁସନ୍ଧାନ ଚଳାଇଥିବା ହିଂସ୍ର ଲୋକମାନଙ୍କ ଆକ୍ରମଣରେ ଆମାଜନ ଅବବାହିକାର ଘଞ୍ଚ ଜଙ୍ଗଲ ମଧ୍ୟରେ ୭୩ ଜଣ ଆଦି ଭାରତୀୟ ନିହତ।

**facebook** ବିଶ୍ୱର ବିଭିନ୍ନ ଦେଶରେ ରାଜନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ଖୋଲାଯାଇଥିବା ୬୫୨ଟି ଜାଲ୍ ଆକାଉଣ୍ଟକୁ ଫେସ୍‌ବୁକ୍ ହଟାଇଦେଇଛି। ଜାଲ୍ ଆକାଉଣ୍ଟ, ପେଜ୍ ଓ ଗ୍ରୁପ୍ ଖୋଲି ବିଭିନ୍ନ ଇଣ୍ଟରନେଟ୍ ସେବା ଜରିଆରେ ମଧ୍ୟପ୍ରାଚ୍ୟ, ଲାଟିନ୍ ଆମେରିକା, ବ୍ରିଟେନ ଓ ଆମେରିକାର ଲୋକଙ୍କୁ ଟାର୍ଗେଟ କରାଯାଉଥିଲା। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଇରାନ ଓ ରୁଷିଆରେ ଖୋଲାଯାଇଥିଲା ବୋଲି ଫେସ୍‌ବୁକ୍ ପକ୍ଷରୁ କୁହାଯାଇଛି।

**ସଂକ୍ଷେପରେ**

## ୨୫ରେ ଆସିବେ ଉପରାଷ୍ଟ୍ରପତି

### ଏମ୍‌ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)- ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ପ୍ରଥମ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ ଯୋଗଦେବେ। ଏଥିପାଇଁ ୨୫ ତାରିଖ ପୂର୍ବାହ୍ନ ୯ଟାରେ ଉପରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସିଧାସଳଖ ଏମ୍‌ସ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ସାଢେ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ଉତ୍ସବରେ ଉପସ୍ଥିତ ରହିବେ। ଉତ୍ସବରେ ଏମ୍‌ସର ଏମ୍‌ବିବିଏସ୍ ଏବଂ ନର୍ସିଂରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ଜଣଙ୍କୁ ଉପରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ଦେଇ ସମ୍ବର୍ଦ୍ଧିତ କରିବେ ବୋଲି ଏମ୍‌ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପଟେ କଡା ସୁରକ୍ଷା ଦୃଷ୍ଟିରୁ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ଏମ୍‌ସ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

■କଟରଙ୍ଗା ଗ୍ରାମ ନିକଟରେ 'ସୁନ୍ଦରୀ'

# ଉତ୍ତେଜନା, ଏସିଏଫ୍‌ଙ୍କୁ ଘେରାଉ

ବନ୍ତଲା, ୨୨।୮ (ଡି.ଏନ.ଏ.)



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଗତ ୧୭ ତାରିଖରେ ଛଡା ଯାଇଥିବା ମଧ୍ୟପ୍ରଦେଶର ବାଘୁଣୀ 'ସୁନ୍ଦରୀ'ର କଟରଙ୍ଗା ଗ୍ରାମ ନିକଟରେ ଉପସ୍ଥିତିକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ବାଘୁଣୀକୁ ଗ୍ରାମ ସ୍କୁଲ ପାଖ ବୁଦାମୂଳେ ଯୋଗୀନାଥ ପଧାନ, ପ୍ରାଣବନ୍ଧୁ ପ୍ରଧାନ, ବିରାଜ ଯାନୀ, ବିକାଶ ବେହେରା, କେଦାର ବେହେରା, ମନୋଜ ଯାନୀ ପ୍ରମୁଖ ଦେଖିବା ପରେ ଗ୍ରାମରେ ଆତଙ୍କ ଖେଳିଯାଇଥିଲା। ଭୟରେ ଲୋକେ ରାତିସାରା ଠେଙ୍ଗାବାଡି ଧରି ଜଗି ବସିଥିଲେ। ଖବରପାଇ ବୁଧବାର ଏସିଏଫ୍ ଶୁଭେନ୍ଦୁ ବେହେରା ଓ ଟିମ୍ ସେଠାରେ ପହଞ୍ଚି ଜଗି ରହିଥିଲେ। ଏଥିସହ ଜଙ୍ଗଲ ଭିତରକୁ ନ ଯିବା ପାଇଁ ଗ୍ରାମବାସୀଙ୍କୁ ସତର୍କ କରାଇଥିଲେ। ତେବେ ରାତି ସୁଦ୍ଧା ବାଘୁଣୀ ଗ୍ରାମ ନିକଟରୁ ନ ଯିବାରୁ ଲୋକେ ଉତ୍ତେଜିତ ହୋଇ ଏସିଏଫ୍ ଓ ବନ କର୍ମଚାରୀଙ୍କୁ ଘେରାଉ କରିଥିଲେ। ପରେ ଗ୍ରାମ କୋଠଘରେ ଏ ନେଇ ଆଲୋଚନା ହୋଇଥିଲା। ସୁନ୍ଦରୀକୁ ଗ୍ରାମ ନିକଟରୁ ଘଉଡାଇବା ସହ ଗ୍ରାମ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ କ୍ଷେତ୍ରରେ ବନ ବିଭାଗ ସହଯୋଗ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବର୍ଷା ଛାଡିଲେ ଗାଁକୁ ନଳକୂପ ଗାଡି ଆସିବ ଓ ବାଘୁଣୀ ଯୋଗୁ କୌଣସି କ୍ଷତି ହେଲେ ସମସ୍ତ କ୍ଷତିପୂରଣ ବହନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରାତି ଭିତରେ ସୁନ୍ଦରୀ ଗାଁରୁ ନ ଗଲେ ସେଥିପାଇଁ କିଛି ବ୍ୟବସ୍ଥା କରାଯିବା, ଗ୍ରାମବାସୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଯିବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ବିଷୟରେ ସାତକୋଶିଆ ଡିଏଫ୍‌ଓ ଏସ୍‌ଏମ୍‌ଡିଟି ରହମାନ କୁହନ୍ତି, ବାଘୁଣୀ କଟରଙ୍ଗାରେ ଦୁଇ ଦିନ ହେଲା ଅଛି। ଏସିଏଫ୍‌ଙ୍କ ସହିତ ଟିମ୍ ସେଠାରେ ନଜର ରଖିଛନ୍ତି। କୋର୍ ଜଙ୍ଗଲ ଭିତରକୁ ନ ପଶିବା ପାଇଁ ଗ୍ରାମବାସୀଙ୍କୁ ସତର୍କ କରାଯାଇଛି।

### ଆକ୍ରମଣରେ ୱାଚର ଆହତ

ବନ୍ତଲା, ୨୨।୮ (ଡି.ଏନ.ଏ.)

କଟରଙ୍ଗାରେ ଥିବା ବନ ବିଭାଗ କର୍ମଚାରୀ ଏବଂ ୱାଚରଙ୍କଠାରୁ ଜିପିଏସ୍ ନେଇ ଡଙ୍କିଆ ଯାଇଥିବା ରାଇଗୁଡାର ୱାଚର ସୁରେଶ ବେହେରା ବାଘୁଣୀ ଆକ୍ରମଣରେ ଆହତ ହୋଇଛନ୍ତି। ଡଙ୍କିଆରେ ଥିବା କର୍ମଚାରୀଙ୍କୁ ଜିପିଏସ୍ ଦେଇ ଫେରୁଥିବା ବେଳେ ଅପରାହ୍ନ ୫ଟା ୩୦ରେ ପଛପଟୁ ସୁନ୍ଦରୀ ତାଙ୍କ ଉପରକୁ କୁଦା ମାରିଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ପଛରେ ଆସୁଥିବା ଅନ୍ୟ କର୍ମଚାରୀମାନେ ପାଟି କରିବାରୁ ବାଘୁଣୀ ସେଠାରୁ ପଳାଇ ଯାଇଥିଲା। ଆହତ ସୁରେଶଙ୍କୁ ଜିଲିଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ନରସିଂହପୁର ଥାନା ନୂଆସାହି ବାରଭାୟା ଗ୍ରାମରେ। ଏ ବିଷୟରେ ସୁରେଶ କୁହନ୍ତି, ପଛପଟୁ ସୁନ୍ଦରୀ କୁଦା ମାରିବା ସହ ତାଙ୍କ ନିକଟରେ ଠିଆ ହୋଇଥିଲା। ସେ ବୁଲିପଡ଼ିବାରୁ ତାଙ୍କ ହାତ ବାଘୁଣୀ ଦେହରେ ବାଜିଥିଲା। ହେଲେ ଅନ୍ୟ କର୍ମଚାରୀଙ୍କ ପାଟି ଶୁଣି ସୁନ୍ଦରୀ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା।

# ରେଳଷ୍ଟେଶନ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଧମକ

ବ୍ରହ୍ମପୁର ଅଫିସ, ୨୨।୮:



ବ୍ରହ୍ମପୁର ରେଳ ଷ୍ଟେସନରେ ଥିବା ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ଉପରେ ବୁଧବାର ସକାଳ ୭.୩୦ମିନିଟ୍‌ରେ ଜଣେ ଯୁବକ ଚଢି ଆତ୍ମହତ୍ୟା ପାଇଁ ଧମକ ଦେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ରେଳପଥ କର୍ତ୍ତୃପକ୍ଷ ଅଗ୍ନିଶମ କର୍ମଚାରୀଙ୍କୁ ଜଣାଇବା ପରେ ସେମାନେ ପହଞ୍ଚି ଯୁବକଙ୍କୁ ଖୁଣ୍ଟରୁ ତଳକୁ ଓହ୍ଲାଇ ଥିଲେ। ପଚରା ଉଚରା ପରେ ଯୁବକଙ୍କ ପରିଚୟ ମିଳିଥିଲା। ଯୁବକଙ୍କ ନାମ ପଲ୍ଲବ ବରଦଉଲ, ଘର ଆସାମ ବୋଲି ଜଣାପଡିଛି। ସୂଚନାନୁଯାୟୀ, ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ଉପରକୁ ଜଣେ ଯୁବକ ଚଢିଯାଇଥିବା ସ୍ଥାନୀୟ ଯାତ୍ରୀ ଓ ରେଳପଥ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ତଳକୁ ଓହ୍ଲାଇବା ପାଇଁ ତାଗିଦ୍ କରିଥିଲେ। ହେଲେ ଯୁବକ ଜଣକ ଜିଦ୍‌ରେ ଅଟଳ ରହି ଖୁଣ୍ଟରୁ ଓହ୍ଲାଇବେ ନାହିଁ ବୋଲି କହିବା ସହ ଆତ୍ମହତ୍ୟା କରିବା ପାଇଁ ଧମକ ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଉକ୍ତ ଯୁବକଙ୍କୁ ତଳକୁ ଓହ୍ଲାଇଥିଲେ। ଯୁବକଙ୍କ ସହ କଥାବାର୍ତ୍ତାରୁ ସେ ସାମାନ୍ୟ ମାନସିକ ବିକୃତ ଥିବା ଜଣାପଡିଥିଲା। ପରେ ଯୁବକଙ୍କୁ ରେଳପଥ ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

{ ଆମ୍ବ କୋଇଲି ଗୁଣ୍ଡ ନେଲାଣି ଅନେକ ଜୀବନ। ଅନାହାର ଓ ଭୋକର ତାଡନା ସହି ନ ପାରି କେଉଁଠି ଲୋକମାନେ ଆମ୍ବ କୋଇଲି ଗୁଣ୍ଡ ଖାଉଛନ୍ତି ତ ଆଉ କେଉଁଠି ପାରମ୍ପରିକ ଖାଦ୍ୟ ଭାବେ ଏହାକୁ ଗ୍ରହଣ କରାଯାଉଛି। ଏପରି ଅଖାଦ୍ୟ ପରବର୍ତ୍ତୀ ସମୟରେ ପରିବାର ପାଇଁ ଦୁଃଖ ଆଣିଦେଉଛି। }

# ସ୍ୱାସ୍ଥ୍ୟକର ସ୍ମୃତିରେ ରହୁନି ପାରମ୍ପରିକ ଖାଦ୍ୟ

■ଆମ୍ବକୋଇଲି ପିଠା ଖାଇ ପରିବାରର ୩ ମୃତ୍ୟୁ ଘଟଣା

## ଅନାହାର ମୃତ୍ୟୁ ଅଭିଯୋଗ ଭିତ୍ତିହୀନ: ଜିଲାପାଳ

- ■ଗୁରୁତର ପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି
- ■ଜଙ୍ଗଲ ଅଧିକାର ଆଇନରେ ମିଳିଛି ପଟ୍ଟା, ଅଛି ରାଶନ କାର୍ଡ
- ■ପରିବାରର ଆର୍ଥିକ ଦୁରବସ୍ଥା ନଥିଲା
- ■ସଚେତନତା ଅଭାବ: ବିଷାକ୍ତ ଖାଦ୍ୟ ଖାଇବାରୁ ଘଟିଛି ମୃତ୍ୟୁ

ଝରିଗାଁ, ୨୨।୮ (ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ମଇନାପଦର ଗ୍ରାମର କାମସାହିରେ ଆମ୍ବକୋଇଲି ପିଠା ଖାଇ ଗୋଟିଏ ପରିବାରର ୩ ଜଣଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଏଥିରେ ଡମ୍ବରୁ ସାନ୍ତାଙ୍କ ଦୁଇ ବୋହୂ ସୁଧମଣି ସାନ୍ତା( ୩୦), ପ୍ରମିଳା ସାନ୍ତା(୨୮) ଓ ଝିଅ ନମିତା ସାନ୍ତା(୧୬)ଙ୍କ ମୃତ୍ୟୁ ଘଟିଥିଲା। ଡମ୍ବରୁଙ୍କ ନାତି ପ୍ରକାଶ ସାନ୍ତା(୬) ଗୁରୁତର ହୋଇ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଦେଖାଦେଇଛି। ବୁଧବାର ଜିଲାପାଳ ଡଃ ଅଜିତ କୁମାର ମିଶ୍ର ମଇନାପଦର ଗ୍ରାମକୁ ଗସ୍ତ କରି ଡମ୍ବରୁ ସାନ୍ତାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଡମ୍ବରୁଙ୍କ ବଡ ପୁଅ ଅର୍ଜୁନଙ୍କୁ ଘଟଣା ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ତେବେ ଡମ୍ବରୁଙ୍କ ପରିବାରର ଆର୍ଥିକ ସ୍ଥିତି ଖରାପ ନ ଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ଡମ୍ବୁରଙ୍କ ତିନି ବଖରା ବିଶିଷ୍ଟ ପକ୍କା ଘର ରହିଛି। ସରକାରଙ୍କ ସମସ୍ତ ଯୋଜନାର ଲାଭ ସେମାନେ ପାଇଛନ୍ତି। ଜଙ୍ଗଲ ସୁରକ୍ଷା ଆଇନ ମୁତାବକ ୨୦୧୭ ମସିହାରେ ୬ .୧୫ ଏକରର ଜଙ୍ଗଲ ଜମି ପଟ୍ଟା ପାଇଛନ୍ତି। ସେହିପରି ଅର୍ଜୁନଙ୍କ ଟ୍ରାକ୍ଟର ରହିଛି। ଅର୍ଜୁନ ଗତ ବର୍ଷ ମକା ଚାଷ କରି ୩ ଲକ୍ଷ ଟଙ୍କା ଆୟ କରିଥିବା ବେଳେ ଚଳିତ ବର୍ଷ ମଧ୍ୟ ମକା ଚାଷରେ ପ୍ରାୟ ୩ ଲକ୍ଷ ଟଙ୍କା ଆୟ କରିବେ ବୋଲି କହିଥିଲେ। ସେହିପରି ନିଜ ଧାନ ଜମିରୁ ଆଦାୟ ହୋଇଥିବା ପ୍ରାୟ ୮୦ କେଜି ଚାଉଳ ନିଜ ଘରେ ଗଚ୍ଛିତ ରଖିଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ସେହିପରି ଡମ୍ବରୁଙ୍କ ସ୍ତ୍ରୀ ନିଲାଇ ସାନ୍ତା, ବଡ ବୋହୂ ସୁଧମଣୀ ସାନ୍ତା ଏବଂ ସାନ ବୋହୂ ପ୍ରମିଳା ସାନ୍ତାଙ୍କ ନାମରେ ରାଶନ କାର୍ଡ ରହିଛି। ଏପରିକି ଅଘଟଣ ଘଟିବାର ଗୋଟିଏ ଦିନ ପୂର୍ବରୁ ଗୁରୁସିଙ୍ଗା ପଞ୍ଚାୟତରୁ ରାଶନ କାର୍ଡରେ ଚାଉଳ ପାଇଥିବା ନେଇ ଅର୍ଜୁନ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ସେମାନେ ଫସଲ ବୀମା କରିଥିବା ମଧ୍ୟ ଜିଲାପାଳ ଜାଣିବାକୁ ପାଇଥିଲେ। ପରିବାର ଲୋକ ଅନାହାରରେ ଥିଲେ ଏବଂ ଖାଦ୍ୟ ଖାଇବାକୁ ପାଉନଥିଲେ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ । ସେମାନଙ୍କର କୌଣସି ଆର୍ଥିକ ଦୁରବସ୍ଥା ନଥିଲା ବୋଲି ଜିଲାପାଳ କହିଛନ୍ତି। ଏହି ସମୟରେ ଜିଲାପାଳଙ୍କ ସହ ପିଡି ଲକ୍ଷ୍ମୀଧର ଦାସ, ବିଡିଓ ରୁନୁ ଲାକ୍ରା, ତହସିଲଦାର କ୍ଷମାନିଧି ଭୋଇ, ଡାକ୍ତର ସ୍ମୃତି ମଧୁସ୍ମିତା , ଏମଏଚୟୁ ଡାକ୍ତର ସନ୍ତୋଷ ପ୍ରଧାନ, ସିଡିପିଓ ବାସନ୍ତି ପଣ୍ଡା, ଗୁରୁସିଙ୍ଗା ପଞ୍ଚାୟତ ପିଇଓ ସଂଗ୍ରାମ ପଟ୍ଟନାୟକ, ବିପିଏମ୍ ଜଗନ୍ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ନବରଙ୍ଗପୁର(ବି.ପ୍ର.)/କାଶୀପୁର/୨୨।୮ (ଡି.ଏନ୍.ଏ.)

ଆମ୍ବ ଟାକୁଆରୁ ପ୍ରସ୍ତୁତ ଖାଦ୍ୟ ଖାଇ ମୃତ୍ୟୁ ହେବା ଘଟଣା ଦକ୍ଷିଣ ଓଡ଼ିଶା ବିଶେଷ କରି କେବିକେ ଜିଲା ପାଇଁ ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏଭଳି ଅନେକ ନଜିର ରହିଛି। ତେବେ ପୂର୍ବର ପ୍ରାୟ ଘଟଣା ଅନାହାର ଜନିତ ଥିବାବେଳେ ଗତ ମଙ୍ଗଳବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ମଇନାପଦର ଗାଁରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ତାହା ପଛର କାରଣ ଭିନ୍ନ ଥିଲା। କେବିକେ ଜିଲା ଅଧୀନରେ ଯାଉଥିବା ନବରଙ୍ଗପୁର ଅଞ୍ଚଳରେ ଆଦିବାସୀମାନଙ୍କର ଅନେକ ପ୍ରକାର ପାରମ୍ପରିକ ଖାଦ୍ୟ ରହିଛି। ତାହା ଭିତରୁ ଆମ୍ବ ଟାକୁଆର ପ୍ରସ୍ତୁତ ପିଠା ମଧ୍ୟ ରହିଛି। ଏହା ବାଦ୍ ବାଉଁଶ କରଡ଼ି, ବିଭିନ୍ନ ପ୍ରକାର ଜଙ୍ଗଲି ଛତୁ ଓ ଶାଗ ମଧ୍ୟ ସେମାନେ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ସଚେତନତା ଅଭାବରୁ ଏସବୁ ଖାଦ୍ୟ ଖାଇ ସେମାନେ ଅନେକ ସମୟ ଅସୁସ୍ଥ ହେବା ଓ ଜୀବନ ହାରିବା ଭଳି ଘଟଣା ଘଟିଆସୁଛି ଆଦିବାସୀ ଇଲାକାରେ।

ବିଶେଷକରି ବର୍ଷାଦିନରେ ଏଭଳି ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହେବା ଘଟଣା ବେଶୀ ଘଟୁଥିବା ଦେଖିବାକୁ ମିଳେ। ନବରଙ୍ଗପୁର ଜିଲା ମଇନାପଦର ଗାଁରେ ଆମ୍ବ ଟାକୁଆରୁ ପ୍ରସ୍ତୁତ ପିଠା ଖାଇ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅସୁସ୍ଥ ରହିଛନ୍ତି। ନବରଙ୍ଗପୁର ଜିଲାରେ ଏଭଳି ଖାଦ୍ୟ ଖାଇ ମୃତ୍ୟୁ ହେବା ପ୍ରଥମ ହୋଇଥିବା ବେଳେ ଏହି ଖାଦ୍ୟ ଖାଇଥିବା ପରିବାର ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। କିନ୍ତୁ ଏହାସତ୍ତ୍ୱେ ଏଭଳି ଘଟିବା ପଛରେ ରହିଛି ସେମାନେ ଗ୍ରହଣ କରୁଥିବା ଖାଦ୍ୟ ସମ୍ପର୍କିତ ସଚେତନତାର ଅଭାବ। ଏହି ଖାଦ୍ୟ ଜନିତ ଅଧିକାଂଶ ଘଟଣା ଅଗଷ୍ଟ ସେପ୍ଟେମ୍ବରରେ ହିଁ ଦେଖିବାକୁ ମିଳିଛି। ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ବର୍ଷାଦିନ, କାମ ନମିଳିବା ଭଳି ମାନ୍ଦା ଅବସ୍ଥା ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକେ ଆମ୍ବ ଟାକୁଆ ଓ ଅନ୍ୟ ସେହିଭଳି କିଛି ଖାଦ୍ୟ ଖାଇଥାନ୍ତି। ମଇନାପଦର ଗାଁର ମୃତକଙ୍କ ପରିବାର ଏହାକୁ ପାରମ୍ପରିକ ଖାଦ୍ୟ ଭାବେ ସେଦିନ ଗ୍ରହଣ କରିଥିଲେ। ତେବେ ଉଭୟ କ୍ଷେତ୍ରରେ ଦାରିଦ୍ର୍ୟ ଅପେକ୍ଷା ସଂଗୃହୀତ ଖାଦ୍ୟକୁ ଅଧିକ ଦିନ ଧରି ରଖିବା, ବର୍ଷାଦିନେ ସେଥିରେ ଫିମ୍ପି ମାରି ବିଷାକ୍ତ ହେବା ଯୋଗୁ ଏହି ଖାଦ୍ୟ ପଏଜନିଂର କାରଣ ହୋଇଥାଏ, ଯାହା ଅସୁସ୍ଥତା ଓ ମୃତ୍ୟୁକୁ ଡାକିଆଣେ।

## କେବିକେ ଜିଲାରେ ଅନେକ ମୁଣ୍ଡ ନେଇଛି ଆମ୍ବ ଟାକୁଆ

ପୂର୍ବରୁ ରାୟଗଡ଼ା ଜିଲା କାଶୀପୁର ଓ କୋରାପୁଟ ଜିଲା ଲକ୍ଷ୍ମୀପୁର ଅଞ୍ଚଳରେ ଏଭଳି ଆମ୍ବ ଟାକୁଆ ପ୍ରସ୍ତୁତ ଖାଦ୍ୟ ଖାଇ ଜୀବନହାନି ଘଟଣା ଘଟିଛି। ୨୦୧୬ ମସିହା ଅଗଷ୍ଟରେ ଆମ୍ବ ଟାକୁଆର ଜାଉ ଖାଇ କାଶୀପୁର ବ୍ଲକ ସିପିଯୋଡ଼ ଗ୍ରାମର ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ମଝିଆଣି ମାଝୀ, ରଞ୍ଜନ ମାଝୀ, ନରସିଂହ ମାଝୀ। ୬ ଜଣ ଅସୁସ୍ଥ ହୋଇ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କିନ୍ତୁ ୨୦୦୧ ମସିହାରେ ଆମ୍ବ ଟାକୁଆ କାଶୀପୁର ଅଞ୍ଚଳକୁ ଜାତୀୟ ଅନ୍ତର୍ଜାତୀୟ ସ୍ତରର ଗଣମାଧ୍ୟମରେ ଶିରୋନାମାରେ ପରିଣତ କରିଥିଲା। ସେହି ବର୍ଷ ଆମ୍ବ ଟାକୁଆ ପ୍ରସ୍ତୁତ ଖାଦ୍ୟ ଖାଇ କାଶୀପୁର ବ୍ଲକରେ ୨୪ ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। କାଶୀପୁର, ଟିକିରି, ବିଲାମାଳ, ପଣସଗୁଡ଼ା, ପିତାଯୋଡ଼ି ଓ ଅନ୍ୟ କେତେକ ଗ୍ରାମରେ ଏହି ଅକାଳ ମୃତ୍ୟୁର ଚିତ୍ର ବେଶ୍ କିଛିବର୍ଷ କାଶୀପୁରକୁ ଚର୍ଚ୍ଚିତ କରି ରଖିଥିଲା। ଅନାହାର ଯୋଗୁ ଏଭଳି ଖାଦ୍ୟ ଖାଇ ଆଦିବାସୀମାନେ ପ୍ରାଣ ହରାଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ବିଶେଷ କରି ପଣସଗୁଡ଼ାରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ କୁମୁଟି ମାଝୀ, ଲଛି ମାଝୀ, ଗାହାଡି ମାଝୀ, ସରୋଜିନୀ ମାଝୀ, ସୁନ୍ଦୁରୁ ମାଝୀ, ତରନ ମାଝୀ, ହାରସ ମାଝୀ ବୋଲି ସୂଚନା ରହିଛି। ୧୯୮୬ ମସିହାରେ ମଧ୍ୟ ସେହି ପଣସଗୁଡ଼ା ଗ୍ରାମରେ ଆମ୍ବଟାକୁଆ ଖାଇ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ ତଦନ୍ତ କରି ଫେରିଥିଲେ। ସେହିପରି କିଛିବର୍ଷ ତଳେ କୋରାପୁଟ ଜିଲା ଲକ୍ଷ୍ମୀପୁର ଓ ଦଶମନ୍ତପୁରରେ ମଧ୍ୟ ଏହି ଖାଦ୍ୟ ଖାଇ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା।




# ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ତଥ୍ୟ ନେବ ତୈଳ କମ୍ପାନୀ

ଭୁବନେଶ୍ୱର, ୨୨।୮ (ବ୍ୟୁରୋ):

ବ୍ୟକ୍ତିଗତ ତଥ୍ୟର ସୁରକ୍ଷାକୁ ନେଇ ବର୍ତ୍ତମାନ ବିବାଦ ଜୋର୍ ଧରିଛି। ଏଭଳି ସମୟରେ ପେଟ୍ରୋଲପମ୍ପଗୁଡିକରେ କାର୍ଯ୍ୟରତ କର୍ମଚାରୀଙ୍କ ପରିଚୟ ସମ୍ପର୍କିତ ସମସ୍ତ ତଥ୍ୟ ତୈଳ କମ୍ପାନୀ ପକ୍ଷରୁ ସଂଗ୍ରହ କରାଯିବ ବୋଲି ଜଣାପଡ଼ିଛି। ଦେଶର ୩ ପ୍ରମୁଖ ତୈଳ କମ୍ପାନୀ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ(ଏଚ୍‌ପିସିଏଲ୍), ଭାରତୀୟ ତୈଳ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) ଓ ଭାରତୀୟ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ଅଧୀନ ୬୩ହଜାର ପେଟ୍ରୋଲିୟମ ଡିଲରମାନଙ୍କୁ ଚିଠି କରି ଏ ସମ୍ପର୍କରେ କୁହାଯାଇଛି। କର୍ମଚାରୀଙ୍କ ଦକ୍ଷତା ବିକାଶ ପାଇଁ ଏଭଳି କରାଯାଉଥିବା ଜଣାପଡ଼ିଛି। ଏହାକୁ ନେଇ ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, କେନ୍ଦ୍ର ସରକାର ସାଢେ ୪ବର୍ଷ ଶାସନ କରିଥିବା ବେଳେ ନିର୍ବାଚନକୁ କିଛି ସମୟ ବାକି ରହିଛି। ହଠାତ୍ ଦକ୍ଷତା ବିକାଶ ନାଁ କହି କର୍ମଚାରୀଙ୍କ ତଥ୍ୟ ମାଗିବା ଘଟଣା ବହୁ ପ୍ରଶ୍ନ ସୃଷ୍ଟି କରୁଛି। କେବଳ ରାଜନୈତିକ ଦିଗ ନୁହେଁ ବରଂ ଏଥିରେ ବିଭିନ୍ନ ପ୍ରକାର ଦିଗ ରହିଥିବା ସସ୍ମିତ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ସମସ୍ତଙ୍କ ତଥ୍ୟ ରଖିବାର ଅଧିକାର ସରକାରଙ୍କର ରହିଛି। ସେମାନେ ଏହା କେଉଁଥିପାଇଁ ମାଗୁଛନ୍ତି ସେକଥା ସେମାନେ ଜାଣିଥିବେ। ସେମାନଙ୍କୁ ଏ ବିଷୟରେ ପଚାରିଲେ ଜଣାପଡିବ ବୋଲି ସେ କହିଛନ୍ତି। ସର୍ବଭାରତୀୟ ପେଟ୍ରୋଲ ଡିଲର୍ସ ଆସୋସିଏଶନ(ଏଆଇପିଡିଏ) ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। କର୍ମଚାରୀଙ୍କ ସୂଚନା ଦେବାରେ କୌଣସି ଅସୁବିଧା ନାହିଁ। କର୍ମଚାରୀଙ୍କ ଆଧାରକାର୍ଡ ଦ୍ୱାରା ସମସ୍ତ ସୂଚନା କମ୍ପାନୀ ପାଇପାରିବ ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ(ୟୁପିଡିଏ)ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ସମର୍ଥନ କରିଛନ୍ତି। ସରକାରୀ ସୁବିଧା ଲାଗି କର୍ମଚାରୀଙ୍କ ତଥ୍ୟ ସଂଗ୍ରହ ହେଉଛି। ଏ କ୍ଷେତ୍ରରେ କାମ କରୁଥିବା ୧୦ଲକ୍ଷ କର୍ମଚାରୀ ଦକ୍ଷତା ବିକାଶ ଯୋଜନାରେ ଉପକୃତ ହେବେ, ଏହାକୁ ନେଇ ରାଜନୀତି କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

■ପ୍ରେମିକା ପକ୍ଷ ନେଇ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

## ଟିମନ କୁମ୍ଭାର ଗିରଫ

ବଲାଙ୍ଗୀର ଅଫିସ, ୨୨।୮

ପ୍ରେମିକା ପକ୍ଷ ନେଇ ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଓ ହତ୍ୟା ଉଦ୍ୟମ କରିବା ଜମି ମାଫିଆ ଟିମନ କୁମ୍ଭାରଙ୍କୁ ମହଙ୍ଗା ପଡ଼ିଛି। ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମନଙ୍କୁ ପୁଣି ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜମି ଜାଲିଆତି, ଦାଦାଗିରି, ମାରପିଟ ଘଟଣାରେ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିବା ଟିମନ ଏବେ ସ୍ତ୍ରୀଙ୍କ ଅଭିଯୋଗରେ ଛନ୍ଦିହୋଇ ବିଚାର ବିଭାଗୀୟ ହାଜତକୁ ଯିବା ଘଟଣା ଅଞ୍ଚଳରେ ପୁଣି ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂଚନା ମୁତାବକ, ଗତ ଜୁଲାଇ ୧୬ରେ ଟିମନଙ୍କ ସ୍ତ୍ରୀ ପୁନମ ସ୍ୱାମୀଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟିମନ ପୁନମଙ୍କୁ ହତ୍ୟା ଉଦ୍ୟମ ସହ ମରଣାନ୍ତକ ଆକ୍ରମଣ, ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ପୁନମଙ୍କ ଅଭିଯୋଗ ପରେ ଟିମନ ଫେରାର ହୋଇଯାଇଥିଲେ। ପ୍ରାୟ ମାସେ କାଳ ଫେରାର ଥିବାବେଳେ ମଙ୍ଗଳବାର ବଲାଙ୍ଗୀର ଫେରିଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ଥାନା ଏସ୍‌ଆଇ ବିଜୟ କେତନ ବେହେରା ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ପୋଲିସ ଟିମ୍ ସହ ଚଢ଼ାଉ କରି ଶାନ୍ତିପଡ଼ାରୁ ଟିମନଙ୍କୁ ଗିରଫ କରିଥିଲେ।

■୬ ମାସରେ ୭୦ ଅଚିହ୍ନା ମୃତଦେହ ଜବତ

## ମିଳୁନି ମୃତକଙ୍କ ପରିଚୟ

କଟକ ଅଫିସ, ୨୨।୮

- ■ ୫୦ ଘଟଣାରେ ହତ୍ୟା ସନ୍ଦେହ
- ■ ହାତ ବାନ୍ଧି ବସିଛି ପୋଲିସ

ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୭୦ ଜଣ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ପୋଲିସ। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ହତ୍ୟା କରି ମୃତଦେହ ଫିଙ୍ଗି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି, ଯେଉଁମାନଙ୍କ ମଧ୍ୟରେ ମହିଳା, ନାବାଳକ, ନାବାଳିକା ମଧ୍ୟ ଅଛନ୍ତି। ହେଲେ ପୋଲିସ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଏପରି କି ୭୦ ଜଣଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ପରିଚୟ ପାଇବାରେ ପୋଲିସ ସକ୍ଷମ ହୋଇନାହିଁ। କେବଳ ଏକ ମାମଲା ରୁଜୁ କରି ବସିପଡିଛି। ଏଥିରୁ ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟ୍ରେନ୍ ଲାଇନ୍, ନଦୀ କୂଳ, ଜାତୀୟ ରାଜପଥ, ଜଙ୍ଗଲ ତଥା ଜନଗହଳିପୂର୍ଣ୍ଣ ସ୍ଥାନରୁ ପୋଲିସ ମୃତଦେହ ଜବତ କରୁଛି, ତାହାବି ମୃତଦେହ ପଡିଥିବା ଦେଖି ସାଧାରଣ ଲୋକ ସୂଚନା ଦେବା ପରେ। କିନ୍ତୁ ମୃତ ବ୍ୟକ୍ତି ଜଣଙ୍କ କିଏ, ତାଙ୍କର ମୃତ୍ୟୁ କିଭଳି ଘଟିଲା ତାହାର ତଦନ୍ତ ହେଉନାହିଁ। ପୋଲିସର ଏଭଳି ଇଚ୍ଛାଶକ୍ତି ଅଭାବର ଫାଇଦା ଉଠାଉଛନ୍ତି ଅପରାଧୀ। ସେମାନେ ହତ୍ୟାକାଣ୍ଡ ଘଟାଇ ମୃତଦେହକୁ ଅନ୍ୟ ସ୍ଥାନରେ ଫିଙ୍ଗି ଦେଉଛନ୍ତି ଏବଂ ପୋଲିସର ହାତ ସେମାନଙ୍କ ପାଖରେ ପହଞ୍ଚିପାରୁନାହିଁ।

କ୍ରାଇମ୍‌ବ୍ରାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ବିଭିନ୍ନ ଥାନା ଏବଂ ଜିଆରପି ଥାନା ଅଧୀନରୁ ୨୦୧୮ ଜାନୁୟାରୀ ୧୭ରୁ ଜୁନ୍ ୮ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧୭ଟି ମୃତଦେହ ଜବତ କରାଯାଇଥିବା ବେଳେ ବ୍ରହ୍ମପୁରରୁ ୧୫, ପୁରୀରୁ ୬, ଅନୁଗୋଳରୁ ୨, ଭଦ୍ରକରୁ ୬, ଭୁବନେଶ୍ୱରରୁ ୭, କଟକରୁ ୪, ବାଲେଶ୍ୱରରୁ ୪, ଢେଙ୍କାନାଳରୁ ଗୋଟିଏ, କୋରାପୁଟରୁ ୭ଟି ଓ ସମ୍ବଲପୁରରୁ ଗୋଟିଏ ମୃତଦେହ ଜବତ ହୋଇଛି। ପୋଲିସ କେତେକ ଘଟଣାରେ ହତ୍ୟା ମାମଲା ରୁଜୁ କରିଥିବା ବେଳେ ବାକି ସବୁ କ୍ଷେତ୍ରରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ହେଲେ କୌଣସି ଗୋଟିଏ ଘଟଣାରେ ପର୍ଦ୍ଦାଫାଶ କରିବାରେ ପୋଲିସ ସମର୍ଥ ହୋଇପାରିନାହିଁ। ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ଜବତ ହେଉଥିବା ଅଧିକାଂଶ ମୃତଦେହର ପରିଚୟ ମିଳିଛି। ପରିଚୟ ମିଳି ନ ଥିବା ମାମଲାଗୁଡିକର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ପରଦା ହଟିବ ବୋଲି ସେ କହିଛନ୍ତି।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟ ନାଗରିକ ସମାଜ ପକ୍ଷରୁ ସାମାଜିକ କର୍ମୀ କାଳୀପ୍ରସାଦ ସାମନ୍ତରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା, ଇଡ୍‌କଲ ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା।
- ଉତ୍କଳ ଫଟୋଗ୍ରାଫି କ୍ଲବ ପକ୍ଷରୁ ଫଟୋ ମହୋତ୍ସବ 'ଚିତ୍ରବର୍ଣ୍ଣାଳୀ'ର ତୃତୀୟ ଦିବସ, ଲଳିତ କଳା ଏକାଡେମୀ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା ୨୦ରୁ ରାତି ୭ଟା ୩୦।
- ସପ୍ତକ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟଙ୍କ ୮୦ତମ ଜୟନ୍ତୀ ଓ ସମ୍ବର୍ଦ୍ଧନା ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଆଶାୟୀ ଛାତ୍ରଛାତ୍ରୀ ପରିଷଦ, ଓଡ଼ିଶା ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭୁବନେଶ୍ୱର ଶାଖା ତରଫରୁ 'ସେନା ପାଇଁ ରାଖୀଟିଏ' କାର୍ଯ୍ୟକ୍ରମ, ମୁଖ୍ୟ ଡାକଘର, ୟୁନିଟ୍-୩, ମଧ୍ୟାହ୍ନ ୧୨ଟା।
- ଚିନ୍ତା ଓ ଚେତନାର ୪୦ତମ ବର୍ଷ ଉତ୍ସବ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ସ୍ୱରାଭିଷେକ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା 'ଆୟା ସାୱନ୍ ଝୁମ୍ କେ', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରି ପରିସର, ପ୍ଲଟ୍ ନଂ. ୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଶ୍ରୀଶ୍ରୀ ରାଧାମୋହନଜୀଉଙ୍କ ଝୁଲଣ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ଏକାମ୍ର ସତ୍ୟ ସେବାଶ୍ରମ, ବୈକୁଣ୍ଠ ସରଣୀ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ୩୦।

**କଟକ**

- ଉତ୍କଳ ସମ୍ମିଳନୀ, କଟକ ଜିଲା ପକ୍ଷରୁ କୁନ୍ତଳା କୁମାରୀ ସାବତଙ୍କ ୮୦ତମ ଶ୍ରାଦ୍ଧୋତ୍ସବ, ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ତେଲେଙ୍ଗାବଜାର, ଅପରାହ୍ନ ୫ଟା।
- ଓଡ଼ିଶା ୟଙ୍ଗ୍ ଏଣ୍ଟରପ୍ରିନ୍ୟୁଓର୍ସ ଆସୋସିଏଶନ ପକ୍ଷରୁ ଆଲୋଚନାଚକ୍ର, ଆସୋସିଏଶନ ସମ୍ମିଳନୀ କକ୍ଷ, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଅପରାହ୍ନ ୫ଟା ୩୦।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଦଶମ ସ୍ମୃତି ସମାରୋହ ଉପଲକ୍ଷେ ଧର୍ମରକ୍ଷା ଦିବସ ପାଳନ, ସାରଳା ଭବନ, ଅପରାହ୍ନ ୫ଟା ୩୦।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଶ୍ରାଦ୍ଧୋତ୍ସବ, ଟାଉନହଲ୍, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ଅର୍ପଣ, ଦିଗବାରେଣୀ ଖୁଣ୍ଟି ନିକଟ ବେଳାଭୂମି, ଅପରାହ୍ନ ୧ଟା।
- ସମୁଦ୍ର ଆଳତି, ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି, ସନ୍ଧ୍ୟା ୬ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଯୁବତୀଙ୍କଠାରୁ ମୋବାଇଲ ଲୁଟ ଉଦ୍ୟମ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ):** ଶହୀଦନଗର ଥାନା ଅଧୀନ ଏସ୍‌ପ୍ଲାନେଡ୍ ମଲ୍ ନିକଟରୁ ଯୁବତୀଙ୍କଠାରୁ ମୋବାଇଲ ଫୋନ ଲୁଟ ଉଦ୍ୟମ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଶବରସାହିର ରାଜା ମାଝି(୨୩)। ସୂଚନା ମୁତାବକ, ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଅର୍ପିତା ମଙ୍ଗଳବାର ଏସ୍‌ପ୍ଲାନେଡ୍ ମଲରୁ ବାହାରିବା ବେଳେ ଅଭିଯୁକ୍ତ ତାଙ୍କଠାରୁ ଫୋନ ଛଡାଇ ଫେରାର ହେବାକୁ ଉଦ୍ୟମ କରୁଥିଲେ। ଅର୍ପିତା ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଖବରପାଇ ପୋଲିସ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରାଯାଇଥିଲା।

### ୨୪ରୁ ସର୍ବଭାରତୀୟ କର୍ମଶାଳା

## ଦିଲ୍ଲୀ ଗଲେ ପରିଚାରିକା ମହାସଂଘ ପ୍ରତିନିଧି

**କଟକ ଅଫିସ, ୨୨।୮:** ଘରୋଇ ଶ୍ରମିକ ବା ପରିଚାରିକାମାନଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ଓ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଆସନ୍ତା ୨୪ ଓ ୨୫ ତାରିଖରେ ନୂଆଦିଲ୍ଲୀଠାରେ ସର୍ବଭାରତୀୟ କର୍ମଶାଳା ଅନୁଷ୍ଠିତ ହେବ। ଉକ୍ତ କର୍ମଶାଳାରେ ଯୋଗଦେବା ପାଇଁ ଓଡ଼ିଶା ପରିଚାରିକା ମହାସଂଘର ଏକ ପ୍ରତିନିଧି ଦଳ ବୁଧବାର ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀ ଯାତ୍ରା କରିଛନ୍ତି। ଆଡ୍‌ଭୋକେଟ ହେମେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଜି. ଗୌରୀ, ଶାନ୍ତି ନାୟକ ଓ ନିରବତୀ ପ୍ରଧାନ ଏହି ପ୍ରତିନିଧି ଦଳରେ ଯାଇଛନ୍ତି। ଏହି ପ୍ରତିନିଧି ଦଳଙ୍କୁ ପରିଚାରିକା ମହାସଂଘ ପକ୍ଷରୁ ସେଖ୍ ଅବଦୁଲ୍ଲା, ସସ୍ମିତା ମହାନ୍ତି, ଖଗେଶ୍ୱର ସେଠୀ, ପ୍ରତାପ ସାହୁ, ଦୀପକ୍ ଦାସ, ହୀରା ବିଶ୍ୱାଳ, ବି. ଲିଙ୍ଗରାଜୁ, ଏନ୍. ବୁଦ୍ଧିମତି, ବସନ୍ତ ନାଏକ, ଏସ୍. ନରସିମା, ମାଲେଶ୍ୱରୀ ସେଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଉଦ୍‌ଘାଟନ ଅପେକ୍ଷାରେ ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ।

## ପୋଖରୀପୁଟ ଫ୍ଲାଏଓଭର ବ୍ରିଜ ନିର୍ମାଣ ଶେଷ

### ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟନ କରିବେ। ଏହି ବ୍ରିଜ ପୋଖରୀପୁଟ, ଜାଗମରା, ସୁନ୍ଦରପଦା, ଭୀମଟାଙ୍ଗୀ ଏବଂ ପୁରୁଣା ଭୁବନେଶ୍ୱରକୁ ସଂଯୋଗ କରିବ। ପୂର୍ତ୍ତ ବିଭାଗ ପକ୍ଷରୁ ଉଦଘାଟନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୬୫୩ ମିଟର ଦୈର୍ଘ୍ୟ ଏହି ରେଳ ଫ୍ଲାଏଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ୨୦୧୨ରୁ ଆରମ୍ଭ ହୋଇଥିଲା। ଚଳିତମାସ ପ୍ରଥମ ସପ୍ତାହରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯାଇଛି। ଏହାର ନିର୍ମାଣ ଦାୟିତ୍ୱ ପଣ୍ଡା ଇନ୍‌ଫ୍ରାକୁ ପ୍ରଦାନ କରାଯାଇଥିଲା। ଏଥିପାଇଁ ୩୨.୫୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ବ୍ରିଜର ନିର୍ମାଣ କାର୍ଯ୍ୟ ୨ ବର୍ଷ ଅର୍ଥାତ ୨୦୧୪ରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜମି ଅଧିଗ୍ରହଣ ଓ ଜବରଦଖଲ ହଟାଇବା ବିଳମ୍ବ ହେବାରୁ ନିର୍ମାଣ କାର୍ଯ୍ୟ ଘୁଞ୍ଚି ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପୋଲ ନିର୍ମାଣ କାର୍ଯ୍ୟ ଜୋରଦାର କରାଯାଇ ଶେଷ କରାଯାଇଛି।

### ଆମିକସ୍‌କ୍ୟୁରିଙ୍କ ଗସ୍ତକୁ ନେଇ ଅନିଶ୍ଚିତତା

## ଦିନ ଗଡୁଛି, ଆଶଙ୍କା ବଢୁଛି

**ପୁରୀ ଅଫିସ, ୨୨।୮**

ଶ୍ରୀମନ୍ଦିରରେ ଶୃଙ୍ଖଳା ଏବଂ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ରାୟ। ସେହିପରି ଜିଲାଜଜ୍‌ଙ୍କ ସୁପାରିସକୁ ଆଧାର କରି ୧୨ଟି ପ୍ରସ୍ତାବ ମଧ୍ୟ ରଖିଛନ୍ତି। ଏହି ପ୍ରସ୍ତାବକୁ ନେଇ ସେବକଙ୍କ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ପ୍ରସ୍ତାବଗୁଡ଼ିକ ଯଦି କାର୍ଯ୍ୟକାରୀ ହୁଏ ତେବେ ସେମାନଙ୍କ ବଂଶାନୁକ୍ରମିକ ସେବା ପ୍ରତି ବିପଦ ସୃଷ୍ଟି ହେବ। ଦାନ ଦକ୍ଷିଣା ଆଦାୟ କରିପାରିବେ ନାହିଁ କି ରୋଷ ଚୁଲି ଉପରେ ସେମାନଙ୍କ ଅଧିକାର ରହିବ ନାହିଁ। ଏମିତି ଏକାଧିକ ପ୍ରସ୍ତାବ ସେମାନଙ୍କ ଆଖିରୁ ନିଦ ହଜାଇ ଦେଇଛି। କେଉଁଭଳି ନିଜ ପାରମ୍ପରିକ ଅଧିକାରକୁ ବଜାୟ ରଖିବେ ସେହି ଚିନ୍ତାରେ ରହିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରିଙ୍କୁ ଶେଷ ଭରସା ରଖିଛନ୍ତି। ତାଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ନିଜ ପେଟପାଟଣା ଏବଂ ପରମ୍ପରାର କଥା। ଏମିତି ଆମିକସ୍‌କ୍ୟୁରିଙ୍କ ପୁରୀ ଆଗମନକୁ ଅପେକ୍ଷା କରିଛନ୍ତି ସେବକ। ହେଲେ ଆମିକସ୍‌କ୍ୟୁରି କେବେ ଆସିବେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ସୂଚନା ସେମାନଙ୍କ ପାଖରେ ନାହିଁ। ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ନେଇ ସୁପ୍ରିମ୍‌କୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୫



ତାରିଖରେ ହେବ। ମଝିରେ ଆଉ ୧୩ ଦିନ ରହିଛି। ପରବର୍ତ୍ତୀ ତାରିଖ ପାଇଁ ଦିନ ଯେତେ ଗଡୁଛି ସେବକଙ୍କ ମଧ୍ୟରେ ଆଶଙ୍କା ସେତେ ବଢ଼ିବାରେ ଲାଗିଛି।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଯେଉଁ ୧୨ଟି ପ୍ରସ୍ତାବ ରଖିଛନ୍ତି ତାହାକୁ ନେଇ ହରଡ଼ଘଣାରେ ପଡିଛନ୍ତି ସେବାୟତ। ନିଜ ସେବା ଓ ଅଧିକାରକୁ ସୁରକ୍ଷିତ ରଖିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ସାକ୍ଷାତ୍ କରିସାରିଲେଣି। ଏକାଧିକଥର ଆଇନଜୀବୀଙ୍କଠାରୁ ପରାମର୍ଶ ମଧ୍ୟ ନେଇସାରିଲେଣି। ସବୁଠୁ ଆଶ୍ୱାସନା ମିଳୁଛି, ହେଲେ ସେମାନଙ୍କ ମନ ବୁଝୁନି। ଅପେକ୍ଷା କରିଛନ୍ତି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ। ଆମିକସ୍‌କ୍ୟୁରିଙ୍କ ସମ୍ମୁଖରେ କି ପ୍ରକାର ମତ ରଖିବେ ସେ ନେଇ ବରିଷ୍ଠ ଆଇନଜୀବୀଙ୍କ ପାଖରୁ ପରାମର୍ଶ ନେଇଛନ୍ତି। ପ୍ରତିଟି ପ୍ରସ୍ତାବ ସଂକ୍ରାନ୍ତରେ ଆମିକସ୍‌କ୍ୟୁରିଙ୍କୁ ଜଣାଇବେ। ଶ୍ରୀମନ୍ଦିରର ପରମ୍ପରା ଓ ସେବାପୂଜା ବିଷୟରେ ମଧ୍ୟ ଅବଗତ କରାଇବେ। ଏଥିଲାଗି ସେବାୟତଙ୍କ ମଧ୍ୟରେ ଏକ ଲିଗାଲ ସେଲ୍ କମିଟି ମଧ୍ୟ ଗଠନ କରାଯାଇଛି। ହେଲେ ଆମିକସ୍‌କ୍ୟୁରି କେବେ ଆସିବେ ତାହାକୁ ନେଇ ଅନ୍ଧାରରେ ରହିଛନ୍ତି ସେବାୟତ। ଏ ସମ୍ପର୍କରେ ବରିଷ୍ଠ ସେବାୟତ ତଥା ଲିଗାଲ ସେଲ୍ କମିଟି ସଦସ୍ୟ ରବୀନ୍ଦ୍ରନାଥ ପ୍ରତିହାରୀ କୁହନ୍ତି, ଆମିକସ୍‌କ୍ୟୁରି କେବେ ପୁରୀ ଆସିବେ ସେ ବିଷୟରେ ଆମ ପାଖରେ କୌଣସି ସୂଚନା ନାହିଁ।

## ରାଜଧାନୀ, ଦେବରାୟ କଲେଜରେ ଗୋଷ୍ଠୀ ସଂଘର୍ଷ

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇ ନ ଥିବାବେଳେ ରାଜଧାନୀର ବିଭିନ୍ନ କଲେଜରେ ହିଂସା ସୃଷ୍ଟି ହେଲାଣି। ଦୁଇଦିନ ତଳେ ବିଜେବି ସ୍ୱୟଂଶାସିତ କଲେଜରେ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବାବେଳେ ବୁଧବାର ରାତିରେ ରାଜଧାନୀ କଲେଜ ଏବଂ ଦେବରାୟ କଲେଜରେ ଗୋଷ୍ଠୀ ସଂଘର୍ଷ ଘଟିଛି।

### ୨ ଅଣଛାତ୍ର ଅଟକ

ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅଧୀନ ଦେବରାୟ କଲେଜରେ ଦୁଇ ଦିନ ତଳେ ଆରମ୍ଭ ହୋଇଥିବା ବିବାଦକୁ କେନ୍ଦ୍ର କରି ବୁଧବାର ସନ୍ଧ୍ୟାରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଗୋଟିଏ ଗୋଷ୍ଠୀର ଛାତ୍ରମାନେ ଅପର ଗୋଷ୍ଠୀର ଛାତ୍ରଙ୍କୁ ଆକ୍ରମଣ କରିଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ୨ ଅଣଛାତ୍ରଙ୍କୁ ଥାନାକୁ ଉଠାଇଆଣି ଅଟକ ରଖିଛି। ସେହିପରି ଖଣ୍ଡଗିରି ଥାନା ଅଧୀନ ରାଜଧାନୀ କଲେଜରେ ଗୋଟିଏ ଛାତ୍ର ଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟି ହୋଇ ନିଜ ନିଜ ମଧ୍ୟରେ ମାରପିଟ ହୋଇଛି। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ଅଶ୍ୱିନୀ କୁମାର ଆକ୍ରମଣର ଶିକାର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।




କେରଳ ଗସ୍ତ ପୂର୍ବରୁ କିମ୍‌ସର ୨୫ଜଣିଆ ଡାକ୍ତରୀ ଦଳଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

## ସରିଲା ଏମ୍‌ବିବିଏସ୍, ବିଡିଏସ୍ ନାମଲେଖା

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ସହିତ ଭୁବନେଶ୍ୱରସ୍ଥିତ ଘରୋଇ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଏମ୍‌ବିବିଏସ୍, ବିଡିଏସ୍ ପାଠ୍ୟକ୍ରମ ପାଇଁ ବୁଧବାର ନାମଲେଖା ସରିଛି। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ସମସ୍ତ ଏମ୍‌ବିବିଏସ୍ ଏବଂ ବିଡିଏସ୍ ସିଟ୍ ପୂରଣ ହୋଇଥିବାବେଳେ ଘରୋଇ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୭ ଏବଂ ବିଡିଏସ୍‌ରେ ୧୫ଟି ସିଟ୍ ଖାଲି ପଡ଼ିଛି। ତେବେ ଏସବୁ ସିଟ୍ ନନ୍ ରେସିଡେଣ୍ଟିଆଲ ଇଣ୍ଡିଆନ(ଏନ୍‌ଆରଆଇ) କୋଟାରେ ରହିଥିବାରୁ ଖାଲି ପଡିଛି। ଖାଲି ପଡ଼ିଥିବା ସିଟ୍‌ଗୁଡ଼ିକୁ ହାଇଟେକ୍ ମେଡିକାଲ

### ହାଇଟେକ୍‌ରେ ଏନ୍‌ଆରଆଇ କୋଟାରେ ଖାଲି ପଡିଲା ସିଟ୍

କଲେଜ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ପୂରଣ କରିବାକୁ ଓଜେଇଇ ପକ୍ଷରୁ ମେଡିକାଲ କଲେଜ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ଓଜେଇଇ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଜେନା କହିଛନ୍ତି।

ପ୍ରଥମ ଏବଂ ୨ୟ ପର୍ଯ୍ୟାୟ ନାମଲେଖା ପରେ ମୋଟ ୨୩୨ ଏମ୍‌ବିବିଏସ୍ ଏବଂ ବିଡିଏସ୍ ସିଟ୍ ଖାଲି ପଡ଼ିଥିଲା। ଏହି ସିଟ୍‌ରେ ନାମ ଲେଖାଇବା ପାଇଁ ଓଜେଇଇ ପକ୍ଷରୁ ୨୦ ତାରିଖରୁ ସ୍ପଟ୍ ନାମଲେଖା ପ୍ରକ୍ରିୟା ଚାଲିଥିଲା। ସୂଚନାଯୋଗ୍ୟ, ଏମ୍‌ବିବିଏସ୍‌ରେ କଟକ ଏସ୍‌ସିବିରେ ୨୫୦ ସିଟ୍ ଥିବାବେଳେ ବ୍ରହ୍ମପୁର ଏମ୍‌କେସିଜିରେ ୨୫୦, ବୁର୍ଲା ଭିମ୍‌ସାରରେ ୧୫୦, ବାଲେଶ୍ୱର ସରକାରୀ ମେଡିକାଲ କଲେଜରେ ୧୦୦, ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୧୦୦, ବଲାଙ୍ଗୀରସରକାରୀ ମେଡିକାଲ କଲେଜରେ ୧୦୦, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଏବଂ କଟକ ଡେଣ୍ଟାଲ କଲେଜରେ ବିଡିଏସ୍‌ରେ ୫୦ ସିଟ୍ ରହିଛି। ଘରୋଇ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୧୦୦ ଏବଂ ବିଡିଏସ୍‌ରେ ୧୦୦ ସିଟ ରହିଛି। ସରକାରୀ ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆରଆଇ କୋଟା ନାହିଁ। ହାଇଟେକ୍ ମେଡିକାଲ କଲେଜ ଘରୋଇ ହୋଇଥିବାରୁ ଏଥିରେ ଏନ୍‌ଆରଆଇ କୋଟା ରହିଛି ବୋଲି ଜେନା କହିଛନ୍ତି।

## କେରଳ ଗଲେ କିମ୍‌ସର ୨୫ଜଣିଆ ଡାକ୍ତରୀ ଦଳ

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

କେରଳ ବନ୍ୟା ବିପନ୍ନଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ନିମନ୍ତେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ (କିମ୍‌ସ)ର ୨୫ଜଣିଆ ଡାକ୍ତରୀ ଦଳ ବୁଧବାର କେରଳ ଯାତ୍ରା କରିଛନ୍ତି। କେରଳରେ ପ୍ରଳୟଙ୍କରୀ ବନ୍ୟାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବେଳେ ବହୁ କ୍ଷୟକ୍ଷତି ହୋଇଛି। ଏବେ ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ବୃଦ୍ଧି ପାଇବା ସହିତ ସେଠାରେ ମହାମାରୀର ଆଶଙ୍କା ଦେଖାଦେଇଛି। ବିଶେଷକରି ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ୪ଟି ଜିଲାରେ ସ୍ୱାସ୍ଥ୍ୟସେବାର ବ୍ୟାପକ ଆବଶ୍ୟକତା ଦେଖାଦେଇଛି। ତେଣୁ କିମ୍‌ସର ଏହି ଡାକ୍ତରୀ ଦଳ ଏକ ଭ୍ରାମ୍ୟମାଣ ଚିକିତ୍ସା ସହାୟକ ଦଳ ଭାବେ କେରଳର ଏର୍ନାକୁଲମ, ଆଲାପ୍ପୁଝା, ତ୍ରିସୁର ଓ କୋଟାୟାମ ଆଦି ପ୍ରଭାବିତ ଜିଲାଗୁଡ଼ିକରେ କାର୍ଯ୍ୟ କରିବେ। କିଟ୍‌ର ରାଜା ରମଣଙ୍କ ନେତୃତ୍ୱରେ ଏହି ଡାକ୍ତରୀ ଦଳ କେରଳ ଯାତ୍ରା କରିଛନ୍ତି। ଡାକ୍ତରୀ ଦଳ କେରଳରେ ଏକ ମାସ ରହି ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଏହି ଦଳର ସମସ୍ତ ଗସ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ କିମ୍‌ସ ବହନ କରୁଛି। ଏହା ବ୍ୟତୀତ ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ବିଜେଡି ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ନିଜ ଦରମାରୁ ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଗସ୍ତ ପୂର୍ବରୁ ସାମନ୍ତ ଏହି ସମସ୍ତ ଡାକ୍ତରୀଦଳଙ୍କୁ ସେବା ମନୋବୃତ୍ତି ପାଇଁ ଉତ୍ସାହିତ କରିଥିଲେ। କେରଳ ଗସ୍ତରେ ଯାଇଥିବା ସମସ୍ତ ଡାକ୍ତର କିମ୍‌ସରେ ଅଧ୍ୟୟନ ତଥା କାର୍ଯ୍ୟ କରୁଥିବା ବେଳେ ସମସ୍ତେ କେରଳ ଓ ତାମିଲନାଡୁ ରାଜ୍ୟର ବାସିନ୍ଦା। ଏହାଛଡ଼ା କିଟ୍‌ର ବହୁ ପୁରାତନ ଛାତ୍ରୀଛାତ୍ର କେରଳରେ ଏବେ ବନ୍ୟା ବିପନ୍ନଙ୍କ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

### ଲୁପ୍ତପ୍ରାୟ ଲୋକକଳା ସନ୍ଧ୍ୟାରେ କଣ୍ଢେଇ ନାଚ

## ମନ ମୋହିଲା 'ଟାମିଙ୍ଗ୍ ଅଫ୍ ଦି ୱାଇଲ୍ଡ'



**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ବିନା ସଂଳାପରେ ବି କଥା କୁହେ କଣ୍ଢେଇ। ମଣିଷ ଅପେକ୍ଷା ଜୀବନ୍ତ ଅଭିନୟ କରେ। କଣ୍ଢେଇର ଆକୃତି ହେଉ କି ବେଶପୋଷାକ, ଯାହାକି ଅନ୍ୟମାନଙ୍କୁ ଆକର୍ଷିତ କରିଥାଏ। କଣ୍ଢେଇ ନାଚ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳେ। ବୁଧବାର ଭାରତୀୟ ବିଦ୍ୟାଭବନ ମଞ୍ଚରେ ଏହି ପାରମ୍ପରିକ କଣ୍ଢେଇ ନାଚ ପରିବେଷିତ ହୋଇଯାଇଛି। ଇନ୍‌ଫୋସିସ୍ ଫାଉଣ୍ଡେଶନ ଓ ଭାରତୀୟ ବିଦ୍ୟାଭବନର ମିଳିତ ସହଯୋଗରେ ଆୟୋଜିତ ଲୁପ୍ତପ୍ରାୟ ଲୋକକଳାର ୫୫ତମ ସନ୍ଧ୍ୟାରେ ଏହା ମଞ୍ଚସ୍ଥ ହୋଇଥିଲା। କୋଲକାତାସ୍ଥିତ ଡଲ୍ ଥିଏଟରର ପ୍ରତିଷ୍ଠାତା ତଥା ପ୍ରତିଷ୍ଠିତ କଣ୍ଢେଇ ନୃତ୍ୟଶିଳ୍ପୀ ସୁଦୀପ୍ ଗୁପ୍ତା ଓ ସାଥୀଙ୍କ ଦ୍ୱାରା କଣ୍ଢେଇ ନାଚ 'ଟାମିଙ୍ଗ୍ ଅଫ୍ ଦି ୱାଇଲ୍ଡ' ପରିବେଷଣ କରାଯାଇଥିଲା, ଯାହାକି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସୁଦୀପ୍‌ଙ୍କ ଏହି କଣ୍ଢେଇ ନାଚର ବିଶେଷତ୍ୱ ହେଲା, ଏଥିରେ ସଂଳାପ ବ୍ୟବହାର କରାଯାଇ ନ ଥାଏ। ବିନା ସଂଳାପରେ ଯେ କଣ୍ଢେଇ ନୃତ୍ୟ କରାଯାଇପାରିବ ନାହିଁ, ଏହାକୁ ସେ ଭୁଲ୍ ବୋଲି ପ୍ରମାଣିତ କରିଥିଲେ। କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ସୁନ୍ଦର କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଆତଙ୍କ ଖେଳାଇଲା ସରକାରୀ କାର୍

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ରାଜଧାନୀ ରାସ୍ତାରେ ଆତଙ୍କ ଖେଳାଇଲା ସରକାରୀ କାର୍। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ନୟାପଲ୍ଲୀରୁ ଜୟଦେବ ବିହାର ମଧ୍ୟରେ ସିରିଜ ଦୁର୍ଘଟଣା ଘଟି ୬ଟି ବାଇକ୍ କ୍ଷତିଗ୍ରସ୍ତ ହେବା ସହ ବାଇକ୍ ଆରୋହୀମାନେ ଆହତ ହେଲେ। ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଏବଂ ପଥଚାରୀ ବି ଭୟଭୀତ ହୋଇପଡ଼ିଥିଲେ। ଦୀର୍ଘ ଘଣ୍ଟାଏ ଧରି ଛକାପଞ୍ଝା ପରେ ଶେଷରେ କ୍ଷତିଗ୍ରସ୍ତ ବାଇକ୍ ଚାଳକମାନେ ଉକ୍ତ କାର୍ ସହ ଡ୍ରାଇଭରଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି।

ସୂଚନା ମୁତାବକ, ସୋନପୁର ଅଞ୍ଚଳର ପ୍ରକାଶ ନାମକ ଯୁବକ କେନ୍ଦ୍ରୀୟ ଗେଲ ଅଫ ଇଣ୍ଡିଆର ୟୁଟି(ଅଣ୍ଡରଟେକିଂ) ଡିପାର୍ଟମେଣ୍ଟର କାର ଚାଳନା କରନ୍ତି। ବୁଧବାର ପୂର୍ବାହ୍ନ

- ନୟାପଲ୍ଲୀରେ ସିରିଜ ଦୁର୍ଘଟଣା
- ୬ ବାଇକ୍‌କୁ ଧକ୍କା ଦେଲା
- ଚାଳକଙ୍କୁ କାବୁ କଲେ କ୍ଷତିଗ୍ରସ୍ତ ଲୋକେ



ଅଭିଯୁକ୍ତ ଡ୍ରାଇଭର।




ଜବତ କାର୍।

ପ୍ରାୟ ୧୧ଟା ବେଳକୁ ନୟାପଲ୍ଲୀ ଥାନା ଅଧୀନ ଭୋଇସାହି ଅଞ୍ଚଳରେ ପ୍ରକାଶଙ୍କ କାର୍ ପ୍ରଥମେ ବୁଲେଟରେ ଆସୁଥିବା ନଳିନୀକାନ୍ତ ସାମଲଙ୍କୁ ପଛପଟୁ ଧକ୍କା ଦେଇଥିଲା। ନଳିନୀ ଗାଡିରୁ ଛିଟିକି ତଳେ ପଡିଯାଇଥିଲେ। ପ୍ରକାଶ ଗାଡି ନ ରଖି ଫେରାର ହେବାକୁ ଉଦ୍ୟମ କରିବାରୁ ନଳିନୀ ତାଙ୍କ ପିଛା କରିଥିଲେ। ଏହା ପରେ ଆଇଡି ମାର୍କେଟ ନିକଟ ମୁଣ୍ଡାସାହି ଛକରେ ପ୍ରକାଶ ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲେ। ଏହାପରେ ମଇଳା ଟାଙ୍କି ନିକଟରେ ପ୍ରକାଶ ବାଇକ୍‌ରେ ଆସୁଥିବା ଜଣେ ଖବରଦାତାଙ୍କୁ ଧକ୍କା ଦେଇଥିଲେ। ସେଠାରୁ ଖସି ଚାଲିଯିବା ସମୟରେ ସ୍କୁଟିରେ ଆସୁଥିବା ଜଣେ ମହିଳାଙ୍କୁ କାର୍‌ଟି ଧକ୍କା ଦେଇ ଜୟଦେବ ବିହାର ଛକ ଆଡକୁ ଚାଲିଯାଇଥିଲା। ଜୟଦେବ ବିହାର ଛକରେ ଟ୍ରାଫିକ ପୋଲିସ ଉକ୍ତ କାର୍‌କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପ୍ରକାଶ ଟ୍ରାଫିକ କର୍ମଚାରୀଙ୍କୁ ସାଇଡ୍ ମାରିବାରୁ କାରଟି ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ପରେ ପ୍ରକାଶ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଥିଲେ। ମାତ୍ର ଦୁର୍ଘଟଣାର ଶିକାର ହୋଇଥିବା ବାଇକ୍ ଚାଳକମାନେ ତାଙ୍କ ପିଛା ଛାଡ଼ି ନ ଥିଲେ। ନଳିନୀ ଏବଂ ଅନ୍ୟମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳକୁ ଆଇଆରସି ସବଷ୍ଟେଶନ ନିକଟରେ ଅଟକାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କାର୍‌ଟି ଜଣେ କିନ୍ନରଙ୍କୁ ସାଇଡ୍ ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ପ୍ରକାଶଙ୍କ କାର୍‌କୁ ବାଇକ୍ ଚାଳକମାନେ ଘେରି ଯାଇଥିଲେ। ପ୍ରକାଶଙ୍କୁ ସେଠାରେ ସମ୍ପୃକ୍ତ କିନ୍ନର ଏକ ଶକ୍ତ ଚାପୁଡ଼ା ମାରିଥିଲେ। ବାଇକ୍ ଚାଳକମାନେ ତାଙ୍କୁ କାବୁ କରି ନୟାପଲ୍ଲୀ ଥାନା ଜିମା ଦେଇଥିଲେ। ସେମାନେ ପ୍ରକାଶଙ୍କ ନାମରେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଏସ୍‌ସିବିରେ ୧୨୦ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୨।୮:** ଏସ୍‌ସିବିରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ୧୨୦ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଗୁରୁତର ୮ ଜଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ବୁଧବାର ମେଡିକାଲରେ ମୋଟ ୫୮ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୧୭ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ କଟକରୁ ୯, ଜଗତ୍‌ସିଂହପୁରରୁ ୪, ଖୋର୍ଦ୍ଧାରୁ ୨, ଢେଙ୍କାନାଳ ଓ ଗଞ୍ଜାମରୁ ଜଣେ ଲେଖାଏ ରହିଛନ୍ତି।

### ଜେଲ୍‌ରୁ ଫେରି ଗଣ୍ଡଗୋଳ, ମଦ ବ୍ୟବସାୟୀ ଗିରଫ

**କଟକ ଅଫିସ, ୨୨।୮:** ବେଆଇନ ଦେଶୀ ମଦ କାରବାର ଓ ଗଣ୍ଡଗୋଳ କରିବା ଅଭିଯୋଗରେ ଜେଲ୍ ଫେରନ୍ତା ଜଣେ ମଦ ବ୍ୟବସାୟୀଙ୍କୁ ପୁଣି ଗିରଫ କରିଛି ମଧୁପାଟଣା ଥାନା ପୋଲିସ। ସେ ହେଲେ ଏହି ଥାନା ଅନ୍ତର୍ଗତ ନେତାଜୀ ନଗର ଅଞ୍ଚଳର ତପନ କୁମାର ନନ୍ଦ ଓରଫ୍ ତପୁ। ପୋଲିସ ତାଙ୍କଠାରୁ ୧୦ ଲିଟର ଦେଶୀ ମଦ ଜବତ କରିଛି। ଆଇପିସି ଦଫା ୩୫୩, ୨୯୪, ୫୦୬ ଏବଂ ଏକ୍ସାଇଜ୍ ଆକ୍ଟ ୫୨(ଏ)ରେ ଏକ ମାମଲା (୯୮/୧୮) ରୁଜୁ କରି ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ତପୁ ନେତାଜୀ ନଗର ଅଞ୍ଚଳରେ ବେଆଇନ ମଦ କାରବାର ସହ ଉକ୍ତ ଅଞ୍ଚଳରେ ଗୁଣ୍ଡାଗର୍ଦ୍ଦି କରନ୍ତି। ଏପରି ଅଭିଯୋଗରେ ସେ ଗିରଫ ହୋଇ ପୂର୍ବରୁ ଜେଲ୍ ଯାଇଥିଲେ। ଗତ ଶନିବାର ସେ ଚୌଦ୍ୱାର ଜେଲରୁ ମୁକୁଳିବା ପରେ ପୁଣି ବେଆଇନ ମଦ କାରବାର ଆରମ୍ଭ କରି ଦେଇଥିଲେ। ମଙ୍ଗଳବାର ରାତିରେ ନେତାଜୀ ନଗର ଅଞ୍ଚଳରେ ମଦ ପଇ ଗଣ୍ଡଗୋଳ କରୁଥିବାବେଳେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

### କଲେଜ ଛାତ୍ରୀଙ୍କ ମୃତ୍ୟୁ ସନ୍ଦେହଘେରରେ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୨।୮ (ଡି.ଏନ.ଏ.):** ନିରାକାରପୁର ଥାନା ଡିଆ ଗାଁରେ ମୋନାଲି ଦାଶ (୧୮) ନାମକ ଜଣେ କଲେଜ ଛାତ୍ରୀଙ୍କର ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ତେବେ ତାଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହୁଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ଏ ନେଇ ନିରାକାରପୁର ଥାନାରେ ନଂ. ୨/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ମୃତଦେହ ବ୍ୟବଚ୍ଛେଦ ଗୁରୁବାର ହେବ ବୋଲି ପୋଲିସ ସୂଚନା ମିଳିଛି।

# ଏଥର କଷ୍ଟମାଇଜ୍‌ଡ ରାଖୀର ଡିମାଣ୍ଡ








**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଭଉଣୀଭାଇର ସମ୍ପର୍କକୁ ଆହୁରି ମଜଭୁତ୍ କରିବାକୁ ପ୍ରତିବର୍ଷ ପାଳନ ହେଉଥିବା ରକ୍ଷାବନ୍ଧନ ପର୍ବ ବା ରାଖୀ ପୂର୍ଣ୍ଣିମାକୁ ଆଉ ମାତ୍ର ଦିନ କେଇଟା ବାକି। ଅଗଷ୍ଟ ୨୬ରେ ଏହି ନିଆରା ପର୍ବ ପାଳନ ହେବାକୁ ଥିବା ବେଳେ ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ସହର। ପ୍ରାୟ ମାସକ ଆଗରୁ ସହରର ବିଭିନ୍ନ ସ୍ଥାନରେ ଖୋଲିଛି ରାଖୀ ଦୋକାନ। ଦୂରରେ ରହୁଥିବା ଭାଇ ପାଖକୁ ଠିକ୍ ସମୟରେ ରାଖୀ ପହଞ୍ଚାଇବାକୁ ସଜବାଜ ସରିଥିବା ବେଳେ ଏପଟେ ସିଜିନ୍ ବ୍ୟବସାୟ କରୁଥିବା ଦୋକାନୀମାନେ ବି ପର୍ବକୁ ନେଇ ବେଶ୍ ଉତ୍ସାହିତ। ସବୁଥର ଭଳି ଏଥର ମଧ୍ୟ ବଜାରରେ କେତେକ ଭିନ୍ନ ଧରଣର ରାଖୀ ଟ୍ରେଣ୍ଡ୍ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ହ୍ୱାଟ୍‌ସଆପ୍ ଓ ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ରାଖୀ ଏବଂ କଷ୍ଟମାଇଜ୍‌ଡ ରାଖୀର ଏଥର ଢେର୍ ଡିମାଣ୍ଡ ରହିଛି।

କଷ୍ଟମାଇଜ୍‌ଡର ନିଶା ବର୍ତ୍ତମାନର ଯୁବପିଢ଼ିଙ୍କୁ ଘାରିଥିବା ବେଳେ ରାଖୀ କ୍ଷେତ୍ରରେ ମଧ୍ୟ ଏହି ଟ୍ରେଣ୍ଡ୍ ପଛରେ ପଡ଼ିନି। ଚଳିତବର୍ଷ ପ୍ରଥମଥର ପାଇଁ କଷ୍ଟମାଇଜ୍‌ଡ ରାଖୀର ଚାହିଦା ପରିଲକ୍ଷିତ ହୋଇଛି। ବଜାରରେ ଏହା ଏତେଟା ଦେଖିବାକୁ ମିଳୁ ନ ଥିବା ବେଳେ ଅନ୍‌ଲାଇନ୍‌ରେ କିନ୍ତୁ ପର୍ସନାଲାଇଜ୍‌ଡ ଓ କଷ୍ଟମାଇଜ୍‌ଡ ରାଖୀର ପ୍ରବଳ ଚାହିଦା ରହିଛି। ଟ୍ରେଣ୍ଡି ଏବଂ ଫଙ୍କି ଡିଜାଇନ୍ ରାଖୀର ମଧ୍ୟ ଭଲ ଡିମାଣ୍ଡ ରହୁଛି। 'ବଡ଼ାଭାଇ', 'ଛୋଟାଭାଇ', 'ସ୍ୱାଗ୍ ୱାଲା ଭାଇ', 'ଲଭ୍ ୟୁ ଭାଇ', 'ସିଙ୍ଗିଲ୍ ଭାଇ', 'ସେଲ୍‌ଫି ୱାଲା ଭାଇ', 'ଷ୍ଟାର୍ଟ-ଅପ୍ ୱାଲା ଭାଇ' ଭଳି କେତେକ ଫଙ୍କି ରାଖୀକୁ ଯୁବପିଢ଼ି ପସନ୍ଦ କରୁଛନ୍ତି। ସେହିଭଳି 'କୁଲ୍ ଡ୍ୟୁଡ୍', 'ଲିଟିଲ୍ ବ୍ରୋ', 'ବିଗ୍ ବ୍ରୋ', 'ୱାର୍ଲଡସ୍ ବେଷ୍ଟ ବ୍ରଦର' ଭଳି ଇଂଲିଶ ଫଙ୍କି ରାଖୀକୁ ମଧ୍ୟ ଅନେକେ ପସନ୍ଦ କରୁଛନ୍ତି। ଅନ୍‌ଲାଇନ୍ ଗିଫ୍ଟିଙ୍ଗ୍ ୱେବ୍‌ସାଇଟ୍ 'ଫ୍ରେସ୍ ଆଣ୍ଡ ପେଟାଲସ୍' ପକ୍ଷରୁ ଏଥର ରାଖୀ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ସେବା ଆରମ୍ଭ ହୋଇଛି। ଏହାସହ 'ଫ୍ଲାୱାରଅରା', 'ଇଣ୍ଡିଆଗିଫ୍ଟ ଡଟ୍ ଇନ୍', 'ବୁକ୍ ମାଇଁ ଫ୍ଲାୱାର୍', 'ଗିଫ୍ଟଲଭ୍ ଡଟ୍ କମ୍' ଭଳି କେତେକ ୱେବ୍‌ସାଇଟ୍ ସ୍ୱତନ୍ତ୍ର ଭାବେ ରାଖୀ ଡେଲିଭର୍ କରୁଛନ୍ତି। ଅନ୍ୟପକ୍ଷରେ କନଭର୍ଟେବୁଲ ରାଖୀ, ଲୁମ୍ବା ରାଖୀ, ପର୍ଲ ରାଖୀ, ପିକକ୍ ରାଖୀ, ବ୍ରେସ୍‌ଲେଟ ରାଖୀ, ସିଲ୍‌ଭର ରାଖୀ, କୁନ୍ଦନ ରାଖୀ, ଆମେରିକାନ୍ ଡାଇମଣ୍ଡ ରାଖୀ ଆଦି ଏଥର ବଜାରରେ ଉପଲବ୍ଧ ହେଉଛି। ନିକଟରେ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ରାଖୀ ପ୍ରଦର୍ଶନୀରେ ଏଭଳି ରାଖୀ ଦେଖିବାକୁ ମିଳିଥିଲା। ଛୋଟ ପିଲାଙ୍କ ପାଇଁ ମିଳୁଥିବା ଛୋଟାଭୀମ୍, ଡୋରେମନ୍, ମିକି ମାଉସ୍, ବାଲ୍ ଗଣେଶ, ବେନ୍‌ଟେନ୍ ଓ ତାର୍‌ଜାନ୍ ରାଖୀର ମଧ୍ୟ ଲୋକପ୍ରିୟତା ରହିଛି।

## ଆସୁଛି ରାଖୀ ପୂର୍ଣ୍ଣିମା

## ଅର୍ଗାନିକ୍ ରାଖୀ

ଏଥର ଏକ ଭିନ୍ନ ଧରଣର ଅର୍ଗାନିକ୍ ରାଖୀ ବଜାରକୁ ଆସିଛି। 'ସିଡ୍ ରାଖୀ' ନାମରେ ପ୍ରସିଦ୍ଧିଲାଭ କରିଥିବା ଏହି ପରିବେଶ ଉପଯୋଗୀ ରାଖୀକୁ ପ୍ରସ୍ତୁତ କରିଛି ଜୟପୁରର ଏକ ଷ୍ଟାର୍ଟଅପ୍ ସଂସ୍ଥା। ହାତତିଆରି ସ୍ୱତନ୍ତ୍ର ପ୍ୟାକେଜ୍‌ରେ ଉପଲବ୍ଧ ହେଉଥିବା ଏହି ରାଖୀ କିଟ୍‌ରେ ଗଛ ମଞ୍ଜିରେ ପ୍ରସ୍ତୁତ ରାଖୀ ରହୁଛି। ଏହାସହ କୋକୋ ପିଟ୍, ଗଛ ଲଗାଇବା ପାଇଁ ଏକ କୁଣ୍ଡ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଲିଖିତ ଏକ କାର୍ଡ ରହୁଛି। ରାଖୀ ପୂର୍ଣ୍ଣିମା ସରିବା ପରେ ହାତରୁ ରାଖୀଟିକୁ କାଢ଼ି ତାହାକୁ ମାଟିରେ ପୋତିଲେ, ସେଥିରୁ ମଞ୍ଜି ଅଙ୍କୁରିତ ହୋଇ ଗଛ ହେବା ନେଇ ବାର୍ତ୍ତା ଦିଆଯାଇଛି। ଏହି ରାଖୀରେ ସୂର୍ଯ୍ୟମୁଖୀ, ଗେଣ୍ଡୁ, କପା ଓ ଚନ୍ଦନ ଭଳି ଗଛର ମଞ୍ଜି ରହୁଛି। ସିଡ୍ ରାଖୀ ୱେବ୍‌ସାଇଟ୍ ସହ ଆମାଜନ୍ ଓ ଫ୍ଲିପ୍‌କାର୍ଟ ଭଳି ଅନ୍‌ଲାଇନ୍ ଶପିଂ ୱେବ୍‌ସାଇଟ୍‌ରେ ଏହା ମିଳୁଛି, ଯାହାର ଦାମ୍ ୩୦୦ରୁ ୩୫୦ଟଙ୍କା ମଧ୍ୟରେ ରହିଛି।

# ମହାପ୍ରଭୁଙ୍କ ପାଇଁ ଚାଲିଛି ରାଖୀ ତିଆରି

**ପୁରୀ ଅଫିସ, ୨୨।୮**

ଭଉଣୀ ଭାଇଙ୍କ ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭମନାସିଥାଏ। ପ୍ରତିବଦଳରେ ଭଉଣୀକୁ ଜନ୍ମ ଜନ୍ମ ପାଇଁ ସୁରକ୍ଷା ଦେବାର ସଂକଳ୍ପ ନିଏ ଭାଇ। ଶ୍ରାବଣ ମାସ ପୂର୍ଣ୍ଣିମାରେ ଏହି ପବିତ୍ର ବନ୍ଧନର ପର୍ବ ପାଳନ କରାଯାଇଥାଏ। ଆସନ୍ତା ୨୬ ତାରିଖରେ ରାଖୀ ପୂର୍ଣ୍ଣିମା। ଶ୍ରୀମନ୍ଦିରରେ ମଧ୍ୟ ପାଳିତ ହେବ ଏହି ପର୍ବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ରାଖୀ ପିନ୍ଧିବେ। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାଖୀ ପ୍ରସ୍ତୁତ କରୁଛନ୍ତି।

ଶ୍ରୀମନ୍ଦିରରେ ବର୍ଷତମାମ୍ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ ଗହ୍ମା ପୂର୍ଣ୍ଣିମା ତଥା ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହିଦିନ ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ସହିତ ରାଖୀ ପୂର୍ଣ୍ଣିମା ନୀତି ପାଳିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥାନ୍ତି। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ବାସୁଙ୍ଗା ପାଟକୁ ନାଲି, ନେଳି, ବାଇଗଣୀ ଏବଂ ହଳଦିଆ ରଙ୍ଗ କରାଯାଏ। ଏହାକୁ ପାନିଆରେ ସୂତା ଭଳି କରାଯାଏ। ସୂତା ଓ ଛୁଞ୍ଚ ଦ୍ୱାରା ଚାରି ରଙ୍ଗର ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ ହୁଏ। ୪ଟି ରଙ୍ଗର ବାସୁଙ୍ଗା ପାଟରେ ରାଖୀଗୁଡ଼ିକ ଚାରି ପରସ୍ତ ହୋଇ ତିଆରି ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଏବଂ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଏବଂ ନୀଳ ରଙ୍ଗର ଗୁଆମାଳ ପରିଧାନ କରିଥାନ୍ତି। ୫୪ଟି ଗୁଆରେ ଗୋଟିଏ ଲେଖାଏ ମାଳ ପ୍ରସ୍ତୁତ ହୋଇଥାଏ।

ପାଟରା ବିଶୋଇ ଜଗନ୍ନାଥ ପାତ୍ର କୁହନ୍ତି, ରାଖୀ ପ୍ରସ୍ତୁତି ଲାଗି ଶ୍ରୀମନ୍ଦିର ପ୍ରଶାସନ ବାସୁଙ୍ଗା ପାଟ ଦେଇଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ରଙ୍କ ପାଇଁ ୪ଟି ରାଖୀ ପ୍ରସ୍ତୁତ ହେଉଥିବାବେଳେ ପାର୍ଶ୍ୱଦେବତାଙ୍କ ପାଇଁ ୮ଟି ଛୋଟ ରାଖୀ ତିଆରି କରାଯାଇଥାଏ। ଏଥିପାଇଁ ପ୍ରାୟ ୧୨ରୁ ୧୫ ଦିନ ସମୟ ଲାଗେ। ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହ ଠାକୁରଙ୍କ ପାଇଁ ରାଖୀ ତିଆରି କରିବାକୁ ପଡ଼ିଥାଏ। ଗହ୍ମା ପୂର୍ଣ୍ଣିମା ଦିନ ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ରାଖୀ ଏବଂ ଗୁଆମାଳକୁ ଦୁଇଟି ଡାଲାରେ ନେଇ ଶ୍ରୀମନ୍ଦିରକୁ ଯାଇଥାଉ ବୋଲି ପାଟରା ବିଶୋଇ ପାତ୍ର କହିଛନ୍ତି।



ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ରଙ୍କ ପାଇଁ ରାଖୀ ପ୍ରସ୍ତୁତ କରୁଛନ୍ତି ପାଟରା ବିଶୋଇ ଜଗନ୍ନାଥ ପାତ୍ର ଓ ପ୍ରସାଦ ପାତ୍ର।

# କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ସହାୟତା କେନ୍ଦ୍ର

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

କେରଳ ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପାଇଁ ବୁଧବାର ବାଣୀବିହାରଠାରେ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ୱାର୍ଲଡ ମାଲାୟଲି କାଉନ୍‌ସିଲ ଓଡ଼ିଶା ଚାପ୍ଟର, କେରଳ କଳା ସମିତି ଭୁବନେଶ୍ୱର, ଅଲ୍ ଇଣ୍ଡିଆ ମାଲାୟଲି ଆସୋସିଏଶନ, ଓଡ଼ିଶା ଷ୍ଟେଟ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏହି କେନ୍ଦ୍ର ଖୋଲାଯାଇଛି। ଏଠାରେ ସହାୟତା ପାଇଁ ଲୋକେ ଆର୍ଥିକ ସେବା ଦେବା ଲାଗି ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ର ସହାୟତାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଅର୍ଥ ଦେଇପାରିବେ ବୋଲି ୱାର୍ଲଡ ମାଲାୟଲି କାଉନ୍‌ସିଲ ଓଡ଼ିଶା ଚାପ୍ଟର ଅଧ୍ୟକ୍ଷ ବେଞ୍ଜାମିନ୍ ସାଇମନ୍ କହିଛନ୍ତି। ଏଥିସହିତ ଏକ ସଚେତନତା ଭ୍ୟାନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି, ଯାହା ଭୁବନେଶ୍ୱରରେ ବୁଲିବୁଲି ଲୋକଙ୍କୁ ସଚେତନ କରାଇବ। ଏହ କେନ୍ଦ୍ରକୁ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସହାୟତା କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ନୟାପଲ୍ଲୀରେ ଅସାମାଜିକଙ୍କ ଆତଙ୍କ

# ୨ ଜଣଙ୍କୁ ଖଣ୍ଡା ଧରି ଗୋଡ଼ାଇଲେ

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଖଣ୍ଡା ଧରି ଜୋର ଜବରଦସ୍ତ ଲୋକମାନଙ୍କୁ ବଟି ମାଗିବା ସହ ଆକ୍ରମଣ କରିବାକୁ ଗୋଡ଼ାଉଛନ୍ତି। ବୁଧବାର ଏ ନେଇ ୨ଟି ପୃଥକ ଅଭିଯୋଗ ଥାନାରେ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସୁରଜ ରାଉତ ଏବଂ ଚନ୍ଦନ ପ୍ରସାଦ ପ୍ରଧାନ ଏହି ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଅପରାହ୍ଣ ପ୍ରାୟ ୩ଟାରେ ସୁରଜ ଘରୁ ବାହାରିବା ସମୟରେ ତାଙ୍କୁ ୩ ଜଣ ଯୁବକ ଆକ୍ରମଣ କରିବା ସହ ଗାଡ଼ିକୁ ଢେଲା ପଥର ମାରିଥିଲେ। ଏପରିକି ତାଙ୍କୁ ଖଣ୍ଡା ଧରି ହାଣିବାକୁ ଗୋଡାଇଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଚନ୍ଦନଙ୍କ କାଠ ଗୋଲାକୁ କେତେଜଣ ଯୁବକ ଆସି ତାଙ୍କ ବାପାଙ୍କୁ ବଟି ମାଗିଥିଲେ। ଚନ୍ଦନ ଘରୁ ବାହାରି ଏହାର ବିରୋଧ କରିବାରୁ ୪ ଜଣ ଯୁବକ ତାଙ୍କୁ ଖଣ୍ଡା ଧରି ଆକ୍ରମଣ କରିବାକୁ ଗୋଡାଇଥିଲେ। ପ୍ରାଣ ବିକଳରେ ଚନ୍ଦନ ଦୌଡ଼ିବା ସହ ପାଟି କରିବାରୁ ସ୍ଥାନୀୟ ଲୋକେ ଜମା ହୋଇଯାଇଥିଲେ। ଫଳରେ ଆକ୍ରମଣ କରିବାକୁ ଅସିଥିବା ଯୁବକମାନେ ଖଣ୍ଡା ଛାଡ଼ି ବାଇକରେ ଫେରାର ହୋଇଯାଇଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଖଣ୍ଡାକୁ ଜବତ କରିଛି।

## ଆରମ୍ଭ ହେଲା ଚିନ୍ତା ଓ ଚେତନାର ୪୦ତମ ବର୍ଷା ମହୋତ୍ସବ

# ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟର ପସରା

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ମହାଆଡ଼ମ୍ବର ସହ ବୁଧବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି ଚିନ୍ତା ଓ ଚେତନାର ୪୦ତମ ବର୍ଷା ମହୋତ୍ସବ। ୨ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବରେ ଅତିଥି ଭାବେ ସନ୍ଥ ରାମନାରାୟଣ ଦାସ ମହାରାଜ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ବିଭୂତିଭୂଷଣ ପଟ୍ଟନାୟକ, ନୃତ୍ୟଶିଳ୍ପୀ ବୀଣା ଶେଷାଦ୍ରି, ଗୁରୁ ଗଜେନ୍ଦ୍ର ପଣ୍ଡା, ସିତାର ବାଦକ ସୁବ୍ରତ ଦେ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଅଶୋକ ପାଣ୍ଡେ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବର୍ଷା ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିଥିଲା। ଉଦ୍‌ଘାଟନୀ ସଭା ପରେ ଅନୁଷ୍ଠିତ ନିଆରା କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ନୃତ୍ୟର ବର୍ଷା ହୋଇଥିଲା। ଉତ୍ସବର ପ୍ରଥମ ପ୍ରସ୍ତୁତିରେ ପରିବେଷିତ ହୋଇଥିଲା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ଶ୍ରୀଜଗନ୍ନାଥ ଭକ୍ତି ଅର୍ଘ୍ୟ 'ମାନ ଉଦ୍ଧାରଣ କରହେ କାରଣ ଶରଣ ମୁଁ ତୁମ୍ଭ ପାଦ ତଳେ' ନୃତ୍ୟାଭିନୟ। ଏଥିରେ ଗୁରୁ ଗଜେନ୍ଦ୍ର ପଣ୍ଡା ଚିତ୍ତାକର୍ଷକ ନୃତ୍ୟ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଏହାପରେ ଶାସ୍ତ୍ରୀୟ ଭାରତନାଟ୍ୟମ୍ ନୃତ୍ୟକୁ ମଞ୍ଚରେ ପରଷିଥିଲେ ଭାରତନାଟ୍ୟମ୍ ଶିଳ୍ପୀ ବୀଣା ଶେଷାଦ୍ରି। ବୀଣା ନିଜର ପ୍ରଥମ ପ୍ରସ୍ତୁତିରେ ରାଗ ଶଙ୍କରାଭରଣ ଓ ତାଳ ଆଦିତାଳ ଉପରେ ଆଧାରିତ କୃଷ୍ଣଲୀଳା ମଞ୍ଚସ୍ଥ କରିଥିଲେ। ପରେ ପରେ ଜୟଦେବଙ୍କ ଗୀତଗୋବିନ୍ଦ ଉପରେ ଆଧାରିତ ଅଷ୍ଟପଦୀ 'ଯାହି ମାଧବ ଯାହି କେଶବ' ପରିବେଷଣ କରିଥିଲେ। ଶେଷ ଅର୍ଘ୍ୟରେ ସେ ରାଗ ବେହାଗରେ ଭଜଗୋବିନ୍ଦମ୍ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ଶିଳ୍ପୀମାନେ ତାଳବାଦ୍ୟର ଅଭିନୟ ମଞ୍ଚସ୍ଥ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ 'ଦେବୀମୟୀ' କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଚିନ୍ତା ଓ ଚେତନା'ର ମହାସଚିବ ସୁରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ସହଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁବାର ଉତ୍ସବର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେବା କାର୍ଯ୍ୟକ୍ରମ ରହିଛି। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛନ୍ତି।





ଗୁରୁ ଗଜେନ୍ଦ୍ର ପଣ୍ଡା ଓଡ଼ିଶୀ ଏବଂ ବୀଣା ଶେଷାଦ୍ରି ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରୁଛନ୍ତି।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



**ସଂକ୍ଷେପରେ**

## ଅଲାରନାଥଙ୍କ ପୀଠରେ ଝୁଲଣଯାତ୍ରା ଆରମ୍ଭ

**ବ୍ରହ୍ମଗିରି,୨୨।୮(ଡି.ଏନ୍.ଏ ):** ପ୍ରତିବର୍ଷ ପରି ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀଠାରୁ ମହାପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ଝୁଲଣ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ଏହି ଯାତ୍ରା ୫ଦିନ ଧରି ଚାଲିବ। ସନ୍ଧ୍ୟା ପୂର୍ବରୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ବାହୁ ବିଜେ କରାଇ ଝୁଲଣ ମଣ୍ଡପରେ ବିଜେ କରାଯାଇଥିଲା। ସେଠାରେ ମନ୍ଦିର ପକ୍ଷରୁ ଏକ ସ୍ୱତନ୍ତ୍ର ଧୂପରେ ଶୀତଳ ମଣୋହି ଭୋଗ ମାଣ୍ଡୁଅପିଠା, ଖଇକୋରା ଖଣ୍ଡ, ଉଖୁଡା ଅର୍ପଣ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ୫ ଆହତ

**ପୁରୁଣା ଭୁବନେଶ୍ୱର,୨୨ ।୮(ଡି.ଏନ.ଏ.)-** ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡିଆପୋଖରୀ ଏବଂ ଉତ୍ତରା ଛକ ନିକଟରେ ଦୁଇଟି ପୃଥକ୍ ପୃଥକ୍ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ପୋଲିସ ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ୪ଟି ବାଇକ୍ ଯୋଗେ କିଟ୍‌ର ୧୦ ଜଣ ଛାତ୍ରୀଛାତ୍ର ପୁରୀ ଅଭିମୁଖେ ଯାଉଥିଲେ। ଘଟଣାସ୍ଥଳରେ ଏକ ପିକ୍‌ଅପ ଭ୍ୟାନ ବିପରୀତ ଦିଗରେ ରଙ୍ଗ୍ ସାଇଡରେ ଆସୁଥିଲା। ଦୁଇଟି ବାଇକ୍ ଦ୍ରୁତଗତିରେ ଥିବାରୁ ଭାରସାମ୍ୟ ହରାଇ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ବାଇକ୍ ଦୁଇଟି ଭାଙ୍ଗିରୁଜି ଯାଇଥିବାବେଳେ ୪ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଉତ୍ତରା ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିଲା। ସେହିଭଳି ଅପରାହ୍ନରେ ବାଳକାଟୀ ଆଉ ନିଜ ଗାଁ ଉତ୍ତରାକୁ ବାଇକ୍‌ରେ ରମା ପରିଡା ନାମ୍ନୀ ମହିଳା ଫେରୁଥିବା ବେଳେ ଭୁବନେଶ୍ୱର ପଟୁ ଦ୍ରୁତଗତିରେ ଫେରୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ରମା ଆହତ ହୋଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଫାଣ୍ଡି ଅଧିକାରୀ ଅଶୋକ ଗୋଚ୍ଛାୟତ କହିଛନ୍ତି।

## ବ୍ୟକ୍ତିଙ୍କୁ ଭୁଜାଲିରେ ଆକ୍ରମଣ

**କଟକ ସଦର, ୨୨।୮ (ଡି.ଏନ.ଏ.):** କନ୍ଦରପୁର ଥାନା ଅଧୀନ ଅଥଙ୍ଗାଠାରେ ବୁଧବାର ସନ୍ଧ୍ୟାରେ କୂଳସରିଚୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ବ୍ୟକ୍ତିଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୭/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଆହତ ବ୍ୟକ୍ତିଙ୍କ ଝିଅ କନ୍ଦରପୁର କଲେଜରେ ଅଧ୍ୟୟନ କରନ୍ତି। ସକାଳେ ସେ କଲେଜରୁ ଘରକୁ ଫେରୁଥିବାବେଳେ ବରାଳ ଗ୍ରାମର ଜଣେ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ଖବରପାଇ ଛାତ୍ରୀଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ।

## କେରଳ ବନ୍ୟା ବିପନ୍ନଙ୍କୁ ନେତାଜୀ ଯୁବକ ସଂଘର ସହାୟତା

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** କେରଳର ପ୍ରଳୟଙ୍କରୀ ବନ୍ୟା ବିପନ୍ନ ଲୋକଙ୍କୁ ସହାୟତାର ହାତ ବଢ଼ାଇଛି ଭୁବନେଶ୍ୱର ବଡ଼ଗଡ଼ର ନେତାଜୀ ଯୁବକ ସଂଘ। ବିପନ୍ନ ଲୋକମାନଙ୍କୁ ସମବେଦନା ଜଣାଇବା ସହ ସଂଘ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ପାଇଁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ନେତାଜୀ ଯୁବକ ସଂଘର ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ସଂଘ ସଭାପତି ସନ୍ତୋଷ କୁମାର ସିଂଙ୍କ ମାଧ୍ୟମରେ କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଏହି ଟଙ୍କା ପ୍ରଦାନ କରିଛନ୍ତି।

# ପ୍ଲାଷ୍ଟିକ୍ ବର୍ଜନ ପାଇଁ ଆଗୁଆ ପଦକ୍ଷେପ

**କଟକ ଅଫିସ,୨୨।୮**

ଅକ୍ଟୋବର ୨ରୁ ରାଜ୍ୟରେ ପ୍ଲାଷ୍ଟିକ ଓ ପଲିଥିନ (ନିର୍ଦ୍ଦିଷ୍ଟ ଓଜନ ଓ ପ୍ରକାରର) ବ୍ୟବହାର ବନ୍ଦ ହେବ। ତେଣୁ ସହରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ଏବେଠୁ ପ୍ରକ୍ରିୟା ଆରମ୍ଭ କରିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଓଲିଉଡ୍ ଷ୍ଟାର ଅରିନ୍ଦମ ରାୟ ଏଥିରେ ସାମିଲ୍ ହେବେ ବୋଲି କହିଛନ୍ତି ମେୟର ମୀନାକ୍ଷୀ ବେହେରା।

ତାଙ୍କ ସୂଚନାନୁସାରେ, ବିଭିନ୍ନ ସାମାଜିକ ସଂଗଠନ ଏହି କାର୍ଯ୍ୟକ୍ରମରେ ସହାୟତା ଯୋଗାଇଦେବେ। ପ୍ରତି ୧୦ଟି ୱାର୍ଡ ଦାୟିତ୍ୱରେ ଜଣେ ଲେଖାଏ ଡେପୁଟି କମିଶନର ର୍‍ୟାଙ୍କର ଅଧିକାରୀ ରହିବେ। ଲିଫ୍‌ଲେଟ, ପୋଷ୍ଟର ଜରିଆରେ ଲୋକଙ୍କୁ ସଚେତନତା କରାଯିବ। ଏଥିସହ ବିଭିନ୍ନ ଏଫଏମ୍ ରେଡିଓ ଚ୍ୟାନେଲରେ ମଧ୍ୟ ଏ ନେଇ ମହାନଗର ନିଗମ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସହର ନେଇ ସ୍ୱତନ୍ତ୍ର ସ୍ଲୋଗାନ ବିଜ୍ଞାପନ ଦିଆଯିବ।

ସିଏମ୍‌ସି କମିଶନର ବିକାଶ ମହାପାତ୍ର କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର କାହିଁକି କରିବା ନାହିଁ ସେ ସମ୍ପର୍କରେ ସଚେତନ କରାଯିବ। ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପ୍ରତି କ'ଣ ଦଣ୍ଡବିଧାନ ରହିବ ତାହା ଦ୍ୱିତୀୟ ପର୍ଯ୍ୟାୟରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ଜଣାଇଦିଆଯିବ। ମହାନଗର ନିଗମ ଅଧୀନରେ ଥିବା ସ୍କୁଲଗୁଡ଼ିକରେ ମଧ୍ୟ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ବିଷୟରେ ପିଲାଙ୍କୁ ସଚେତନ କରାଯିବ ଏବଂ ସଚେତନତା ପ୍ରଚାର ରଥ ଅଞ୍ଚଳ ବୁଲି 'ପ୍ଲାଷ୍ଟିକ ବର୍ଜନ କରନ୍ତୁ, ପରିବେଶକୁ ସୁସ୍ଥ ରଖନ୍ତୁ' ବାର୍ତ୍ତା ଦେବ।

ତେବେ ସିଏମ୍‌ସିର ଏହି ପ୍ରସ୍ତୁତିକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ମହାନଗର ନିଗମ ପକ୍ଷରୁ ଲୋକଙ୍କୁ ସଚେତନ କରାଇବା କିଛି ବଡ଼ କଥା ନୁହେଁ। ହେଲେ ନିଷିଦ୍ଧ ପ୍ଲାଷ୍ଟିକ୍ ତିଆରି କରୁଥିବା ୟୁନିଟଗୁଡ଼ିକୁ ବନ୍ଦ କରିବା ଦିଗରେ ସରକାରୀ ସ୍ତରରେ କିଭଳି ଉଦ୍ୟମ ହେବ ତାହା ହିଁ ସବୁଠାରୁ ବଡ କଥା। ସିଏମ୍‌ସିର ଏପରି ବହୁ ଯୋଜନା ଓ ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରହିଛି। ସଚେତନତା ବାହାନାରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସଫଳତା ସେପରି ମିଳୁ ନ ଥିବା ଅନେକ ନଜିର ରହିଛି। ଏହି ଅଭିଯାନର ପରବର୍ତ୍ତୀ ସମୟରେ ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ। ସଚେତନତା କାର୍ଯ୍ୟକ୍ରମ ପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଥରେ ଅଧେ ଚେକିଂ କରି ଚୁପ୍ ବସିଲେ ହେବ ନାହିଁ। ନିୟମିତ ବ୍ୟବଧାନରେ ଏହି ଟିମ ବିଭିନ୍ନ ଦୋକାନରେ ଯାଞ୍ଚ କରିବା ଦରକାର ବୋଲି କହିଛନ୍ତି ଭାଜପା କର୍ପୋରେଟର ଚିତ୍ତରଞ୍ଜନ ଦାସ।

**ସିଏମ୍‌ସି**




- ସେପ୍ଟେମ୍ବରରୁ ଆରମ୍ଭ ହେବ ସଚେତନତା କାର୍ଯ୍ୟକ୍ରମ
- ପ୍ରତି ୧୦ଟି ୱାର୍ଡ ପାଇଁ ଜଣେ ଡେପୁଟି କମିଶନର ର୍‍ୟାଙ୍କ୍ ଅଧିକାରୀ
- ସାମିଲ୍ ହେବେ ଓଲିଉଡ୍ ଷ୍ଟାର୍ ଅରିନ୍ଦମ



ସୁସଜ୍ଜିତ ଝୁଲଣ କୁଞ୍ଜରେ ପୂଜାପାଉଥିବା ଆଣ୍ଠୁଆ ଗୋପାଳ।

## ମଠ, ମନ୍ଦିରରେ ଝୁଲଣ ଉତ୍ସବ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୨୨ ।୮( ଡି.ଏନ.ଏ.)**

ଏକାମ୍ରକ୍ଷେତ୍ରରେ ବିଭିନ୍ନ ମଠ ଓ ମନ୍ଦିରରେ ବୁଧବାରଠାରୁ ଆରମ୍ଭ ହୋଇଛି ଝୁଲଣ ଉତ୍ସବ। ହାଟସାହିସ୍ଥିତ ଶ୍ୟାମ ଶଙ୍କର ମଠ ପରିସରରେ ଆଣ୍ଠୁଆ ଗୋପାଳ ମହାପ୍ରଭୁଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ପ୍ରାତଃରୁ ସମସ୍ତ ରୀତିନୀତି ପରେ ସନ୍ଧ୍ୟାରେ ନିଜ ଆସ୍ଥାନରୁ ପ୍ରଭୁଙ୍କୁ ଆଳତି, ଘଣ୍ଟ, ଘଣ୍ଟା ଶୋଭାଯାତ୍ରାରେ ଝୁଲଣ ଦୋଳିକୁ ସେବାୟତ ଆଣିଥିଲେ। ପରେ ଦୋଳିରେ ଝୁଲି, ପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଆଧ୍ୟାତ୍ମିକ ପରିବେଶରେ ଝୁଲଣ ଯାତ୍ରା ୬ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ମଠ ପରିଚାଳକ ଅରୁଣ ଗାଙ୍ଗୁଲି ସୂଚନା ଦେଇଛନ୍ତି। ସେହିଭଳି ରବି ଟକିଜ୍ ଛକ ନିକଟ ରାଧାବଲ୍ଲଭ ମଠ କୈବର୍ତ୍ତସାହି ନିକଟ ତ୍ରିଦଣ୍ଡୀ ଗୌଡୀୟ, କାଠିଆ ବାବା ନିମାର୍କ ମଠ, ଉତ୍ତରା ନିକଟ ରାଧାକାନ୍ତ ଗୋପୀନାଥଜୀଉଙ୍କ ମଠରେ ଝୁଲଣ ଉତ୍ସବ ଧୁମ୍‌ଧାମରେ ଆରମ୍ଭ ହୋଇଯାଇଛି। ସୂଚନାଥାଉ କି ଏହି ସବୁ ସ୍ଥାନରେ ସନ୍ଧ୍ୟାରେ ଠାକୁରଙ୍କ ଦର୍ଶନ ଲାଗି ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି।

## ଫୁଟ୍‌ପାଥରେ ଗାଡ଼ି ପାର୍କିଂ

### ସୋସିଆଲ ମିଡିଆରେ ଫଟୋ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ରାଜଧାନୀରେ ଅଧିକାଂଶ ସ୍ଥାନରେ ଫୁଟପାଥ୍‌ଗୁଡିକ ବର୍ତ୍ତମାନ ଗାଡି ପାର୍କିଂ ପାଇଁ ବ୍ୟବହାର କରାଯାଉଛି। ଏ ଦିଗରେ ଟ୍ରାଫିକ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପ୍ରାୟତଃ ରାସ୍ତା ଜାମ୍ ରହୁଥିବାରୁ ଲୋକମାନେ ଫୁଟ୍‌ପାଥରେ ବାଇକ୍ ନେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଏପରି କି ଅନେକ ସ୍ଥାନରେ ଲୋକେ ଫୁଟ୍‌ପାଥରେ କାର୍ ଏବଂ ଅନ୍ୟ ୪ ଚକିଆ ଯାନ ପାର୍କିଂ କରୁଛନ୍ତି। ପଟିଆ ଏବଂ ଚନ୍ଦ୍ରଶେଖରପୁର ଅଞ୍ଚଳରେ କେତେଜଣ ନିର୍ଦ୍ଦିଷ୍ଟ ଶୋ'ରୁମ ମାଲିକ ସେମାନଙ୍କ ବ୍ୟବହୃତ ଲଗ୍‌ଜ୍ୟୁରି କାରକୁ ଫୁଟ୍‌ପାଥରେ ପାର୍କିଂ କରୁଛନ୍ତି। ଫଳରେ ପଥଚାରୀମାନେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ଏ ସମ୍ପର୍କିତ କେତେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ଏହା ପରେ ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଟ୍ରାଫିକ କର୍ମଚାରୀଙ୍କୁ ପଠାଇ ପଟିଆ ଓ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଫୁଟ୍‌ପାଥରେ ବେଆଇନ ଭାବେ ପାର୍କିଂ ହୋଇଥିବା ଗାଡି ମାଲିକଙ୍କଠାରୁ ଜରିମାନା ଆଦାୟ କରିବା ସହିତ ନୋଟିସ ଜାରି କରାଯାଇଛି।

## ଘରୋଇ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୨।୮**

ଖୋର୍ଦ୍ଧା ଟାଉନ ଥାନା ଶିଳ୍ପାଞ୍ଚଳ ଫାଣ୍ଡି ମୁକୁନ୍ଦପ୍ରସାଦ ଅଞ୍ଚଳରେ ଥିବା ଏକ ଘରୋଇ ହଷ୍ଟେଲରେ ବୁଧବାର ଝୁଲନ୍ତା ଅବସ୍ଥାରେ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ପୁରୀ ଜିଲା ଗଡିଶାଗଦା ଥାନା ଜଙ୍କିଆ ଗଡସାହିର ସ୍ୱପ୍ନାପ୍ରିୟା ବଳିଆରସିଂହ (୧୬)। ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ ହେବ। ପୋଲିସ ନଂ. ୪୦/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀଙ୍କ ଗୋଡ ତଳେ ଲାଗିଥିବାରୁ ମା' ବାପା ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, କଣାସ ଥାନା ଜଙ୍କିଆ ଗଡସାହିର ନେତ୍ରାନନ୍ଦ ବଳିଆରସିଂହଙ୍କ ଝିଅ ସ୍ୱପ୍ନାପ୍ରିୟା ପି.ଏନ. କଲେଜ ଖୋର୍ଦ୍ଧାର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀ। ଗତ ୧୮ ତାରିଖରେ ସେ ମକୁନ୍ଦପ୍ରସାଦର ଘରୋଇ ହଷ୍ଟେଲରେ ରହିଥିଲେ। ତେବେ ବୁଧବାର ସନ୍ଧ୍ୟାରେ ହଷ୍ଟେଲର ଫ୍ୟାନରେ ନିଜ ଓଢ଼ଣିରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ତେବେ ଗୋଡ ତଳେ ଲାଗିଛି। ଗୋଡ ତଳେ ଲାଗିବା ନେଇ ହତ୍ୟାର ପ୍ରଶ୍ନ ଉଠୁଥିବାରୁ ଛାତ୍ରୀଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ସେହିଭଳି ହାଣ୍ଡନୋଟ ମିଳୁଥିବା କୁହାଯାଉଥିଲେ ହେଁ ପୋଲିସ ଅସ୍ୱୀକାର କରିଛି। ଏ ନେଇ ଟାଉନ ଥାନା ଆଇଆଇସି ରଣଜିତ ସାହୁ କୁହନ୍ତି, ଛାତ୍ରୀଙ୍କ ଗୋଡ ତଳେ ଲାଗିଥିବାରୁ ମା'ବାପା ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ରଖି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶଥାଉ କି ଏହି ହଷ୍ଟେଲରେ ପୁରୀ ଜିଲା କଣାସ ଥାନା ହଳଦିଆପଡା ଗାଁର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ର ଶାନ୍ତନୁ ହାତୀ(୧୭) ୨୦୧୭ ଏପ୍ରିଲ ୨୭ ସନ୍ଧ୍ୟା ୫ଟାରେ ପ୍ରାଣ ହରାଇଥିଲେ। ତାଜା ଭାଙ୍ଗି ଶାନ୍ତନୁ ପ୍ରାଣ ହରାଇଥିଲେ କହି ହଷ୍ଟେଲ କର୍ତ୍ତୃପକ୍ଷ ଖସିବାକୁ ଚେଷ୍ଟା କରିଥିବା ଅଭିଯୋଗ ଥିବାବେଳେ ଛାତ୍ରୀଙ୍କ ମୃତ୍ୟୁ ପୁଣି ଅସୁବିଧା ସୃଷ୍ଟି କରିଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

# ବୈଜ୍ଞାନିକ ଚିନ୍ତାଧାରାର ପରିସ୍ଫୁଟନ ପାଇଁ ବିଜ୍ଞାନମେଳା ଅପରିହାର୍ଯ୍ୟ

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ବିଜ୍ଞାନମେଳା ଓ ଚିତ୍ରକଳା ପ୍ରଦର୍ଶନୀ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ. ଗୁରୁଚରଣ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଜ୍ଞାନ, ପ୍ରଜ୍ଞାନ ଓ ବିଜ୍ଞାନର ଉନ୍ନତିର ଦୁରୂପୋଯୋଗ ନ ହେଉ, ଯାହାକି ବିଶ୍ୱକୁ ବିଭୀଷିକାମୁଖୀ କରିଦେଉଛି ବୋଲି ଡ. ପ୍ରଧାନ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ କିଶୋର ପୃଷ୍ଟି ଅତିଥି ପରିଚୟ ଦେବା ସହିତ ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ଚିନ୍ତାଧାରାର ପରିସ୍ଫୁଟନ ପାଇଁ ବିଜ୍ଞାନମେଳାର ଆୟୋଜନ ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପଦେଷ୍ଟା ତଥା ଖୋର୍ଦ୍ଧା ଜିଲା ରୋଟାରୀ କ୍ଲବର ସମ୍ପାଦକ ଅନିଲ କୁମାର ମହାଲିକ ବିଜ୍ଞାନମେଳାର ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କମିଟିର ସମ୍ପାଦକ ରାସବିହାରୀ ନରେନ୍ଦ୍ର ବିଜ୍ଞାନର ପ୍ରାକ୍ଟିକାଲ ଶିକ୍ଷା ହିଁ ଶିଶୁମାନଙ୍କ ପାଇଁ ବେଶ୍ ଉପଯୋଗୀ ବୋଲି ଆଶାପୋଷଣ କରିଥିଲେ। ପରିଚାଳନା କମିଟି ସଦସ୍ୟା ବନଜାବାସିନୀ ସେଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୨୦୬ଟି ବିଜ୍ଞାନ ଓ ଭୂଗୋଳ ପ୍ରକଳ୍ପ ସମେତ ୭୦୦ଶିଶୁଙ୍କ କାରୁକାର୍ଯ୍ୟରେ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା।

### ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ସାଧାରଣ ସଭା

# ପେନ୍‌ସନ କର୍ମଚାରୀଙ୍କୁ ସରକାରୀ ସହାୟତା ଦାବି

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଦେଶର ୨୩ଟି ରାଜ୍ୟର ରାଜ୍ୟ ସରକାର ପେନ୍‌ସନ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ସହ ମୃତ୍ୟୁକାଳୀନ ଆର୍ଥିକ ଅନୁଦାନ ଦେଉଛନ୍ତି। ଏହାବ୍ୟତୀତ ମାଗଣା ଚିକିତ୍ସା ସୁବିଧା ଓ କ୍ଷତିପୂରଣ ଭଳି ବିଭିନ୍ନ ସୁବିଧା ସୁଯୋଗ ଦେଇଆସୁଛନ୍ତି। ହେଲେ ଏଭଳିସ୍ଥଳେ ଓଡ଼ିଶା ସରକାର ଅବସରପ୍ରାପ୍ତ ପେନ୍‌ସନ କର୍ମଚାରୀମାନଙ୍କୁ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରୁଛନ୍ତି ବୋଲି ଅଭିଯୋଗ କରିଛି ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ। ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଆମ ସରକାର ମଧ୍ୟ ସେମାନଙ୍କ ନୀତିକୁ ଅନୁସରଣ କରିବାର ସମୟ ଆସିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ ବିଜେବି ନଗରସ୍ଥିତ ରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏ ନେଇ ମତପ୍ରକାଶ ପାଇଛି।

ସଂଘ ସଭାପତି ଇଂ. ବିପିନ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ୫ଜଣ ବରିଷ୍ଠ ସଦସ୍ୟ ଇଂ. କୁଞ୍ଜବିହାରୀ ମହାନ୍ତି, ଇଂ. ଧ୍ରୁବଚରଣ ହୋତା, ଇଂ. ବଳରାମ ପ୍ରସାଦ ବସୁମଲ୍ଲିକ, ଇଂ. ଶରତ ଚନ୍ଦ୍ର ଦାସ ଓ ଇଂ. ଭବାନୀ ଚରଣ ପଟ୍ଟନାୟକଙ୍କୁ 'ରାୟ ଚୂଡ଼ାମଣି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଘର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ରାୟ ଚୂଡ଼ାମଣିଙ୍କ ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଡିପ୍ଲୋମା ଇଞ୍ଜିନିୟର ସ୍ୱର୍ଗତ ଚୂଡ଼ାମଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିଭଳି କେରଳ ବନ୍ୟା ବିପନ୍ନଙ୍କ ପାଇଁ ସମସ୍ତେ ମୁକ୍ତ ହସ୍ତରେ ଦାନ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ଏହି ସଭାରେ ଉପଦେଷ୍ଟା ଦର୍ପ ନାରାୟଣ ଦାସ, ସାଧାରଣ ସମ୍ପାଦକ ବାମଦେବ ତ୍ରିପାଠୀ, ପୃଷ୍ଠପୋଷକ ସାରଦା ପ୍ରସାଦ ମହାନ୍ତି, ଧବଳ ପ୍ରସାଦ ଚୌଧୁରୀ, ଜନାର୍ଦ୍ଦନ ରାୟ, କୃଷ୍ଣଚନ୍ଦ୍ର ସାହୁ, ମଳୟରାଜ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଉପସଭାପତି ଇଂ. ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ', 'ପ୍ରବନ୍ଧ ଗୁଚ୍ଛ' ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

'ଆଶ୍ରୟ' ସମାଜ କଲ୍ୟାଣ ସଂଗଠନ ପକ୍ଷରୁ ବୁଧବାର ରେଡ୍‌କ୍ରସ୍ ଭବନରେ 'ଆଶ୍ରୟର ସାହିତ୍ୟ ଉତ୍ସବ-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭାଷାବିତ୍ ଡ. ବିଜୟଲକ୍ଷ୍ମୀ ମହାନ୍ତି, ଶିକ୍ଷାବିତ୍ ପ୍ରଫେସର ଡ. ସତ୍ୟନାରାୟଣ ପାଲ୍, ଚିତ୍ରାଙ୍ଗଦା ପ୍ରଧାନ ଓ ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ଦାଶ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଡ. ସୁହାସିନୀ ମହାପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକ 'ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ' ଓ 'ପ୍ରବନ୍ଧ ଗୁଚ୍ଛ' ଉନ୍ମୋଚିତ ହୋଇଥିଲା। ପ୍ରବନ୍ଧ ଗୁଚ୍ଛରେ ୨୪ଟି ଓଡ଼ିଆ ଓ ୪ଟି ଇଂଲିଶ ପ୍ରବନ୍ଧ ରହିଛି। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଭାଷାବିତ୍, ଗବେଷକ ଯୋଗଦେଇଥିଲେ। 'ବିଶ୍ୱ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜ ଅପ୍ରତିଦ୍ୱନ୍ଦ୍ୱୀ' ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ଇଦ୍-ଉଜ୍-ଜୁହା ପାଳିତ

**ଚୌଦ୍ୱାର,୨୨।୮(ଡି.ଏନ.ଏ.)-** ଚୌଦ୍ୱାର ଅଞ୍ଚଳରେ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ବହୁସଂଖ୍ୟାରେ ମୁସଲମାନ ସକାଳେ ସ୍ଥାନୀୟ ମସ୍‌ଜିଦ୍‌ରେ ନମାଜ ପାଠ କରିଥିଲେ। ପରେ ଚୌଦ୍ୱାର ପୌରାଞ୍ଚଳ, ମଙ୍ଗରାଜପୁର, ସାଇଁଟୋ, ନାରପଡ଼ା ଗ୍ରାମରେ ବାସ କରୁଥିବା ବହୁ ମୁସଲମାନ୍ ଶ୍ରଦ୍ଧାଳୁ ଚୌଦ୍ୱାରର ଚାଟେଶ୍ୱର ମନ୍ଦିର ନିକଟସ୍ଥ ଇଦ୍‌ଗା ପଡିଆରେ ଏକତ୍ରିତ ସମୂହ ନମାଜ ପାଠ କରିଥିଲେ। ସ୍ଥାନୀୟ ଗୁଲ୍‌ସନ୍-ଇ-ଇସ୍‌ଲାମ୍ ମଦ୍ରାସାର ମୁଖ୍ୟ ମୌଲାନା ଜନାବ୍ ସାଫୁଦ୍ଦିନ୍ ସକାଫି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ନମାଜ ପାଠ କରାଇଥିଲେ। ଚୌଦ୍ୱାର ମୁସଲିମ୍ ପଞ୍ଚାୟତର ସଭାପତି ସେକ୍ ସାଜିଦ୍ ଚାନ୍ଦ, ଉପ ସଭାପତି କରିମ୍ ବକ୍ସ, ସମ୍ପାଦକ ରହିମ୍ ବେଗ୍, ଏହେସାନ୍ ରକିବ୍ ସାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଚୌଦ୍ୱାର ନିକଟସ୍ଥ ବିଲ୍‌ତେରୁଆଁ ଗ୍ରାମରେ ଅନୁରୂପ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଥିଲା।



ଇଦ୍-ଉଜ୍-ଜୁହା ଅବସରରେ ବୁଧବାର କଟକ ସତୀଚୌରା ଛକ ନିକଟ ଇଦ୍‌ଗାରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ସମୂହ ନମାଜ ପାଠ।

# ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା: ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଖେଳପଡିଆରେ ପୂର୍ଣ୍ଣଚନ୍ଦ୍ର ନାୟକ ନାମକ ଯୁବକଙ୍କୁ ସୋମବାର ରାତିରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ୪୮ ଘଣ୍ଟା ବିତିଛି। ହେଲେ ଅଭିଯୁକ୍ତ ଟେର୍ ପାଇପାରି ନାହିଁ ପୋଲିସ। କିଏ କ'ଣ ପାଇଁ ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କଲା ତାହାର ଉତ୍ତର ନା ପୋଲିସ ପାଖରେ ଅଛି ନା ପରିବାର ଲୋକେ ଜାଣିଛନ୍ତି। ଫଳରେ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି।

କଟକ ଜିଲା ନିଆଳି ମାଣିକପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ଓ ୬ବର୍ଷର ପୁଅକୁ ନେଇ ସାଲିଆସାହି ତାରିଣୀନଗରରେ ରହୁଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ପିଲାଙ୍କୁ ଟ୍ୟୁଶନ କରିବା ସହ ମାମୁଙ୍କ ଚାଟ୍ ଦୋକାନରେ ବ୍ୟବସାୟ କରି ପରିବାର ଚଳାଉଥିଲେ। ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ସେ ମାମୁଙ୍କ ଦୋକାନରୁ ଘରକୁ ବାହାରିଥିଲେ। କିନ୍ତୁ ଘରେ ପହଞ୍ଚି ନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ହାଇସ୍କୁଲ ପଛପଟ ଖେଳପଡ଼ିଆରୁ ମିଳିଥିଲା। କେହି ଦୁର୍ବୃତ୍ତ ତାଙ୍କ କାନମୁଣ୍ଡାକୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ କହିଛନ୍ତି, ସ୍ୱାମୀଙ୍କର କାହା ସହିତ ଶତ୍ରୁତା ନ ଥିଲା। କିଏ କାହିଁକି ତାଙ୍କୁ ହତ୍ୟା କଲା ତାହା ଜାଣିବା ଲାଗି କେବଳ ପୋଲିସ ହିଁ ଏକମାତ୍ର ଭରସା। ପୋଲିସ ମୋ ସ୍ୱାମୀଙ୍କ ହତ୍ୟାକାରୀକୁ ଗିରଫ କରିବା ସହ ଆମକୁ ନ୍ୟାୟ ଦେଇପାରିବ। ସ୍ୱାମୀଙ୍କ ହତ୍ୟା ପରେ ଆମେ ସର୍ବସ୍ୱ ହରାଇଲୁ। ତେଣୁ ପୋଲିସ ଅଭିଯୁକ୍ତମାନଙ୍କୁ ଧରି ଉଚିତ ଶାସ୍ତି ଦେଉ ବୋଲି ସେ ନିବେଦନ କରିଛନ୍ତି।

ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଅନ୍ୟପଟେ ଏ ନେଇ ବୁଧବାର ସନ୍ଧ୍ୟାରେ ଡିସିପିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଡିସିପି ଅନୁପ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



## ସଂକ୍ଷେପରେ

### ଚୋରି ଘଟଣାରେ ଜଣେ ଅଟକ

ଯାଁଳା, ୨୨।୮( ଡି.ଏନ.ଏ.): ଏକ ଚୋରି ଘଟଣାରେ ଯାଁଳା ଫାଣ୍ଡି ପୋଲିସ ସନିଆ ଓରଫ ବିଷ୍ଣୁପଦ ସ୍ୱାଇଁଙ୍କୁ ଗିରଫ କରିଛି। ଯାଁଳା ଅଞ୍ଚଳରେ ବେବିନା ବାରିକଙ୍କ ଘରୁ ବୁଧବାର ସକାଳେ ସୁନାଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। କେହି ଘରେ ନ ଥିବା ସୁଯୋଗରେ ଏହି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ତନାଘନା କରି ସନିଆଙ୍କୁ ଧରିବା ସହ ଚୋରି ସାମଗ୍ରୀ ଓ ଗୋଟିଏ ଗାଡି ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ।

### ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟମେଳା, ଔଷଧ ବଣ୍ଟନ

**ଖୋର୍ଦ୍ଧା ଅଫିସ,୨୨।୮:** ଆତ୍ମା ଖୋର୍ଦ୍ଧା ଓ କୃଷି ବୈଜ୍ଞାନିକ ସଂଘ ଭୁବନେଶ୍ୱର ସହଯୋଗରେ ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟମେଳା ଓ ଔଷଧ ବଣ୍ଟନ ମେଳା ଦଳେଇପୁଟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ୨୦୦ରୁ ଊର୍ଦ୍ଧ୍ୱ ଗାଈ, ଛେଳି, ମେଣ୍ଢା, ବଳଦଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା। ପରେ ଗୋପାଳନ, କୁକୁଡାପାଳନ ସମ୍ପର୍କରେ କୃଷକ ପ୍ରଶିକ୍ଷଣ ଦିଆଯାଇଥିଲା। ଡା. ପ୍ରଜ୍ଞା ପରମିତା ହରିଚନ୍ଦନ ଓ ଚନ୍ଦ୍ରମଣି ସାହୁ ଗୋରୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ଜିଲା ଆତ୍ମା ଉପଦେଷ୍ଟା ସଦସ୍ୟ ସତ୍ୟାନନ୍ଦ ସୁବୁଦ୍ଧି ଏହାକୁ ପରିଚାଳନା କରିଥିଲେ।

### ପୂର୍ବତନ ବ୍ଲକ୍ ଚେୟାରମ୍ୟାନ୍‌ଙ୍କ ସ୍ମୃତି ସଭା

ଟାଙ୍ଗୀ(ଖୋର୍ଦ୍ଧା),୨୨।୮(ଡି.ଏନ.ଏ.)- ଟାଙ୍ଗୀର ପୂର୍ବତନ ବ୍ଲକ ଚେୟାରମ୍ୟାନ ସୂର୍ଯ୍ୟମଣି ସାହୁଙ୍କର ଦ୍ୱାଦଶାହରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷ ବିଜୟ କୁମାର ଜେନା, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ଅଶୋକ କୁମାର ବେହେରା, କଂଗ୍ରେସ ନେତା ବିଜୟ କୁମାର ମହାପାତ୍ର, ବିଜେଡି ନେତା ମନୋଜ କୁମାର ମାନସିଂହ, ବିଜେଡି ଟାଙ୍ଗୀ ବ୍ଲକ୍ ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର, ଡା. ମଧୁସୂଦନ ସେନାପତି, ସନ୍ତୋଷ ଚନ୍ଦ୍ର କର, ଶିକ୍ଷକନେତା ପଦ୍ମନାଭ ବିଶ୍ୱାଳ, ଲକ୍ଷ୍ମୀଧର ସୁନ୍ଦରାୟ, ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦୁଇ ନିର୍ଯାତିତାଙ୍କୁ ମିଳୁନି ନ୍ୟାୟ

**ଖୋର୍ଦ୍ଧା ଅଫିସ,୨୨।୮**

- ଦୁଇ ଛୁଆଙ୍କୁ ଧରି ମା' ବିତାଉଛନ୍ତି ଅସହାୟ ଜୀବନ
- ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ସୁରକ୍ଷା

ଖୋର୍ଦ୍ଧା ପୋଲିସ ଜିଲାରେ ନିର୍ଯାତିତ ମହିଳାଙ୍କୁ ନ୍ୟାୟ ମିଳୁନି। ଜଣେ ନିର୍ଯାତିତ ମହିଳା ଦୁଇ ଛୁଆଙ୍କୁ ଧରି ଅସହାୟ ଜୀବନ ବିତାଉଛନ୍ତି। ଆଉ ଜଣେ ଶିକ୍ଷୟିତ୍ରୀ ଦୁର୍ବ୍ୟବହାରର ଶିକାର ହେଲା ପରେ ବି ସ୍କୁଲର ପ୍ରଧାନଶିକ୍ଷକ ନୀରବ ରହିଛନ୍ତି। ବରଂ ଅଭିଯୁକ୍ତ ଶିକ୍ଷକଙ୍କୁ ଘଣ୍ଟ ଘୋଡାଇ ସବୁ କିଛି ଠିକ୍‌ଠାକ ଚାଲିଛି କହି ଘଟଣାକୁ ରଫାଦଫା କରିବାକୁ ଯୋଜନା କରୁଛନ୍ତି। ନିର୍ଯାତନା ରୋକିବା ପାଇଁ ପୋଲିସ, ମହିଳା କମିଶନ, ମାନବ ଅଧିକାର କମିଶନ ପରି ବହୁ ସଂସ୍ଥା ଓ ବିଭାଗ କାର୍ଯ୍ୟରତ ଥିଲେ ମଧ୍ୟ ଖୋର୍ଦ୍ଧା ପୋଲିସ ଜିଲାରେ ମହିଳା ଅସୁରକ୍ଷିତ ହୋଇପଡିଛନ୍ତି।

ଅଭିଯୋଗ ଅନୁସାରେ, ବାଣପୁର ଥାନା ଗମ୍ଭାରୀମୁଣ୍ଡା ପଞ୍ଚାୟତ ଭାଟପଡା ଗାଁର ଗଗନ ପ୍ରଧାନଙ୍କ ସ୍ତ୍ରୀ ସରୋଜିନୀ ନ୍ୟାୟ ନ ପାଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ସ୍ୱାମୀ ଗଗନ ଦାଦନ ଶ୍ରମିକ ଭାବେ ଚେନ୍ନାଇରେ କାର୍ଯ୍ୟରତ। ଏପଟେ ଶ୍ୱଶୁର ଘରର ଲୋକେ ନିର୍ଯାତନା ଦେଇ ଘରୁ ତଡି ଦେଇଛନ୍ତି। ସରୋଜିନୀଙ୍କ ସ୍ୱାମୀ ଗଗନଙ୍କର ୫ ଭାଇ। ଗାଁର ଜଣେ ଧନୀ ଲୋକଙ୍କଠାରୁ ଗଗନଙ୍କ ବାପା ଜମି କିଣି ଘର କରି ରହିଥିଲେ। ହେଲେ ଘର ରେଜିଷ୍ଟ୍ରୀ କରି ପାରି ନ ଥିଲେ। ଇତିମଧ୍ୟରେ ଗଗନଙ୍କର ବାପାଙ୍କର ମୃତ୍ୟୁ ହୋଇଯାଇଥିଲା। ଜମି ରେଜିଷ୍ଟ୍ରୀ ପାଇଁ ଜମି ବିକ୍ରେତା ୪୦ ହଜାର ଟଙ୍କା ମାଗିଥିଲେ। ସରୋଜିନୀ ତାଙ୍କ ଭାଗ ୮ ହଜାର ଟଙ୍କା ଦେଇଥିଲେ। ହେଲେ ଶାଶୁଘର ଲୋକେ ଅଧିକ ଟଙ୍କା ଦାବି କରି ଶାରୀରିକ ଓ ମାନସିକ ଭାବେ


ଦୁଇ ପିଲାଙ୍କ ସହ ସରୋଜିନୀ।

ନିର୍ଯାତନା ଦେଇ ଚାଲିଲେ। ସରକାରଙ୍କ ପକ୍ଷରୁ ମିଳିଥିବା ଇନ୍ଦିରାଆବାସ ଘର କରାଇ ନ ଦେବାରୁ କାର୍ଯ୍ୟାଦେଶ ପାଇ ବି ରଦ୍ଦ ହୋଇଗଲା। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଆସିଛି। ତାହା ପୁଣି କରାଇ ଦେଉନାହାନ୍ତି। ଘର ଭାଗ ବଣ୍ଟା ହୋଇଥିଲେ ମଧ୍ୟ ଗଗନଙ୍କ ସରଳତାର ସୁଯୋଗ ନେଇ ଭାଗକୁ ଜୋର ଜବରଦସ୍ତ ଅକ୍ତିଆର କରାଯାଇଛି। ସେପଟେ ସରୋଜିନୀଙ୍କ ଗୁପ୍ତାଙ୍ଗକୁ ଗୋଇଠା ମରାଯାଇଛି। ଦୁଇ ପିଲାଙ୍କ ସମ୍ମୁଖରେ ପୋଡଖୁଣ୍ଟା ଚେଙ୍କ ଦିଆଯାଇଛି। ପିନ୍ଧା ଲୁଗାକୁ ଛାଡି


ସରୋଜିନୀଙ୍କ ଗୋଡ଼ରେ ଚେଙ୍କ ଦିଆଯାଇଛି।

ଦେଲେ ଘରେ ଥିବା ଦୁଇ ପିଲାଙ୍କର ପ୍ୟାଣ୍ଟ ସାର୍ଟ ଓ ସରୋଜିନୀଙ୍କର ଲୁଗାକୁ ପୋଡି ଦିଆଯାଇଛି। ତାଙ୍କୁ ହତ୍ୟା ଉଦ୍ୟମ ପରେ ଗାଁର କିଛି ଲୋକଙ୍କ ସହାୟତାରେ ସରୋଜିନୀ ଘର ଛାଡିଛନ୍ତି। ଏବେ ୬ ମାସ ହେଲା ବାରଦ୍ୱାର ଶୁଣ୍ଠିପିଣ୍ଡା ହେଉଛନ୍ତି। ଏ ନେଇ ସରୋଜିନୀ ବାଣପୁର ଥାନା, ଏସ୍‌ପି, ଜିଲାପାଳ, ରାଜ୍ୟ ମହିଳା କମିଶନ, ରାଜ୍ୟ ମାନବାଧିକାର କମିଶନଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିନି।

ସେହିପରି ବାଣପୁର ଥାନା ସାହସପୁର ୟୁଜିଏମଇ ବିଦ୍ୟାଳୟରେ ଗତ ୪ ତାରିଖ ଶନିବାର ଜନୈକା ଶିକ୍ଷୟିତ୍ରୀ ଷ୍ଟାଫ୍ ରୁମରେ ଏକୁଟିଆ ବସିଥିବାବେଳେ ସେହି ବିଦ୍ୟାଳୟର ଜଣେ ଶିକ୍ଷକ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଶିକ୍ଷୟିତ୍ରୀ କୌଶଳକ୍ରମେ ସେଠାରୁ ଖସି ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ପ୍ରଧାନ ଶିକ୍ଷକ ଘଟଣାକୁ ଚପାଇ ଦେବା ପାଇଁ ଚେଷ୍ଟା କରିଥିଲେ। ଏ ଘଟଣା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ସ୍କୁଲ କମିଟି ଓ ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ପ୍ରଶ୍ନ କରିଥିଲେ, ଏଭଳି ଶିକ୍ଷକ ରହିଲେ ଆମ୍ଭ ଗ୍ରାମର ପିଲାମାନେ କ'ଣ ଶିଖିବେ। ଏଣୁ ଶିକ୍ଷକଙ୍କୁ ସ୍କୁଲ ଆସିବା ପାଇଁ ବାରଣ କରାଯାଉ। ଉତ୍ତେଜନାକୁ ଆଖି ଆଗରେ ରଖି ସମ୍ପୃକ୍ତ ଶିକ୍ଷକ ସ୍କୁଲକୁ ଆଉ ଯାଉନାହାନ୍ତି। ତେବେ ଅନୁପସ୍ଥିତ ରହିଲେ ଶିକ୍ଷକଙ୍କ ଉପସ୍ଥାନ ଖାତାରେ ପଡୁଛି। ଏ ନେଇ ଶିକ୍ଷୟିତ୍ରୀ ବ୍ଲକ ଶିକ୍ଷାଧିକାରୀ ଓ ପ୍ରଧାନଶିକ୍ଷକଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେଭଳି କିଛି ଘଟି ନାହିଁ। ତେବେ ଅଭିଯୋଗ ଥିବା ଶିକ୍ଷକ ବର୍ତ୍ତମାନ ଛୁଟିରେ ଅଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ବିଇଓ ପ୍ରଫୁଲ୍ଲ କୁମାର ବଳିୟାରସିଂହଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି। ତଦନ୍ତ ଚାଲିଛି ବୋଲି କହିଥିଲେ। ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଗାଁ ସ୍କୁଲକୁ ନ ଆସିବା ପାଇ ବାରଣ କରାଯାଇଛି। ଘଟଣାର ତଦନ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଇଓଙ୍କୁ ଅବଗତ କରାଯାଇଛି ବୋଲି କହିଥିଲେ।

### ରାସ୍ତାରୁ ହଟୁନି ଆବର୍ଜନା

**ଖୋର୍ଦ୍ଧା ଅଫିସ,୨୨।୮**

ଖୋର୍ଦ୍ଧା ସହର ଶ୍ରୀରାମନଗରର ଘାସିସାହିରେ ଡ୍ରେନରୁ ମାଟି କଢ଼ାଯାଇ ପ୍ରାୟ ୧ ମାସ ହେବ ରାସ୍ତା ଉପରେ ଗଦା ହୋଇରହିଛି। ସେହିପରି ସଫେଇ କର୍ମଚାରୀ ସଫା କରିବା ପରେ ରାସ୍ତା କଡରେ ଅଳିଆ ଆବର୍ଜନା ଜମେଇ ଚାଲି ଯାଉଛନ୍ତି। ମଝିରେ ମଝିରେ ମ୍ୟୁନିସିପାଲିଟିର ଟ୍ରାକ୍ଟର ଆସି ଆବର୍ଜନା ନେଇ ଚାଲିଯାଏ। ଏବେ ପ୍ରାୟ ମାସେ ହେଲା ଆବର୍ଜନା ଟ୍ରାକ୍ଟର ଆସି ନେଉନାହିଁ । ଅନ୍ୟପକ୍ଷେ ନରାଜରୁ ପାଣି ଆସିବା ପାଇଁ ରାସ୍ତା ଖୋଳା ହୋଇରହିଛି। ଖୋଳା କାର୍ଯ୍ୟ ୩ ଦିନ ତଳେ ହୋଇଥିଲେ ମଧ୍ୟ ଏଠାରେ ପାଇପ ପକାଯାଉନି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଅଳିଆ, ମାଟି ଗଦା ଓ ଅନ୍ୟପାର୍ଶ୍ୱରେ ରାସ୍ତାଖୋଳା ଯାଇ କଂକ୍ରିଟ ଖଣ୍ଡ ପଡି ରହିଛି। ଫଳରେ ରାସ୍ତା ସଙ୍କୁଚିତ ହୋଇ ଯିବାରୁ ଦୁର୍ଘଟଣାମାନ ଘଟୁଛି।


ରାସ୍ତାରେ ଆବର୍ଜନା ପଡ଼ିରହିଛି।



ଶିବିରରେ ଉପସ୍ଥିତ ଅତିଥିମାନେ।

### ଆଇନ ସଚେତନତା ଶିବିର

**ଖୋର୍ଦ୍ଧା ଅଫିସ,୨୨।୮**

ବାଣପୁର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସ୍ଥାନୀୟ ଓଡ଼ଗାଁ ଉଚ୍ଚ ବିଦ୍ୟାଳୟରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ବାଣପୁର ସବଜଜ୍ ଦିଲୀପ କୁମାର ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓକିଲ ସଂଘର ସଭାପତି ଗୌରୀଶଙ୍କର ଷଡଙ୍ଗୀ, ସମ୍ପାଦକ ଜଗନ୍ନାଥ ଭୋଳ, ଆଇନଜୀବୀ ବିପ୍ଳବ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। କନ୍ୟାଭ୍ରୂଣ ହତ୍ୟା, ଯୌତୁକ ନିରୋଧ ଆଇନ, ଘରୋଇ ହିଂସା ଆଇନ ସମ୍ବନ୍ଧରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡଗାଁ ଗ୍ରାମ ସଭାପତି ସତ୍ୟବାଦୀ ପ୍ରଧାନ, ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ସାମନ୍ତରାୟ, ବାଣପୁର ଥାନା ଅଧିକାରୀ କିରଣ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ ।

### ଜ୍ଞାନ ବିଜ୍ଞାନ ମେଳା

**ଖୋର୍ଦ୍ଧା ଅଫିସ,୨୨।୮**

ଖୋର୍ଦ୍ଧା ସହରର ୱାର୍ଡ ନଂ. ୧୭ ଗୁରୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିର ଓ ଖୋର୍ଦ୍ଧା ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଗୁରୁଜଙ୍ଗ ଜ୍ଞାନ ବିଜ୍ଞାନ ମେଳାକୁ ବିଦ୍ୟାଳୟ ସମ୍ପାଦକ ସୌମେନ୍ଦ୍ର ନାଥ ଶତପଥୀ ଓ କୋଷାଧ୍ୟକ୍ଷ ସୁମନ୍ତ ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ୪୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ ସୁବୁଦ୍ଧି ଏହାର ପରିଚାଳନା କରିଥିଲେ। ସେହିପରି ଖୋର୍ଦ୍ଧା ସରସ୍ୱତୀ ବିଦ୍ୟା ମନ୍ଦିରରେ କିଶୋର, ବାଳ, ଶିଶୁ ଓ ସ୍ୱତନ୍ତ୍ର ବର୍ଗର ୩୩୨ ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହାକୁ ଶିକ୍ଷାବିତ ଭୀମସେନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସଭାପତି ଗୌରାଙ୍ଗ ମଣ୍ଡଳ, କୋଷାଧ୍ୟକ୍ଷ ଦିଲୀପ ବଳିଆର ସିଂ ଓ ପ୍ରଧାନ ଆଚାର୍ଯ୍ୟ ବିଜୟ ପଣ୍ଡା ଉପସ୍ଥିତ ଥିଲେ।

### ପାରିବାରିକ ହିଂସା ଆଇନ ଉପରେ ତାଲିମ

**ଖୋର୍ଦ୍ଧା ଅଫିସ,୨୨।୮:** ଖୋର୍ଦ୍ଧା ଜିଲାପାଳଙ୍କ ସଭାଗୃହରେ ପାରିବାରିକ ହିଂସା ଆଇନ ୨୦୦୫ ଉପରେ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଓ ପିଡି ଡିଆରଡିଏ ସରୋଜ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୨୫ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷକ, ୧୫ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟାପକ, ୩ ଜିଲା ପରିଷଦ ସଭ୍ୟ, ମହିଳା ହେଲପ ଲାଇନ ପରିଚାଳିକା, ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସମାଜ ମଙ୍ଗଳ ଅଧିକାରୀ ମୋହିନି ସାହୁ, ସୁରକ୍ଷା ଅଧିକାରୀ ରଶ୍ମିପ୍ରଭା ମିଶ୍ର ଏହାକୁ ପରିଚାଳନା କରିଥିଲେ।

## ଡେଙ୍ଗୁ ସ୍ଥିତି ଅସମ୍ଭାଳ, ବିଳମ୍ବରେ ରକ୍ତ ନମୁନା ସଂଗ୍ରହ

**ବେଗୁନିଆ,୨୨।୮ (ଡି.ଏନ.ଏ.)**

**ବଡ଼ବେରଣାରେ ୫ ଦିନରେ ୪ ଆକ୍ରାନ୍ତ**
- ଲୋକେ ଭୟଭୀତ
- ଏଯାଏ ଖୋଲିଲାନି ସ୍ୱାସ୍ଥ୍ୟ କ୍ୟାମ୍ପ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡବେରଣା ଗ୍ରାମରେ ବୁଧବାର ଆଉ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ରୋଗୀ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ୫ ଦିନରେ ୪ ଜଣ ଆକ୍ରାନ୍ତ ହେଲେଣି। ସ୍ଥିତି ଅସମ୍ଭାଳ ହେଉଥିବା ବେଳେ ଲୋକେ ମଧ୍ୟ ଭୟଭୀତ ହୋଇ ପଡିଲେଣି। ତେବେ ଏହା ଆଗାମୀ ଦିନରେ ବ୍ୟାପକ ରୂପ ନେବ। ଏଯାଏ ସ୍ୱାସ୍ଥ୍ୟ ବିଭାଗର ଚେତା ପଶୁନି। ନିୟମ ଅନୁସାରେ ଉକ୍ତ ଗ୍ରାମରେ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ ଖୋଲାଯିବା କଥା। ଏଥିସହ ଆକ୍ରାନ୍ତ ହୋଇଥିବା ପୀଡିତଙ୍କ ପରିବାର ସଦସ୍ୟ ଓ ପଡୋଶୀ ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ ହେବା କଥା। ମାତ୍ର ତାହା କରାଯାଇ ନ ଥିଲା। ବହୁ ବିଳମ୍ବରେ ୫ ଦିନ ପରେ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସେହିପରି ଉକ୍ତ ଗ୍ରାମରେ ସ୍ଥିତି ଅସମ୍ଭାଳ ହେଉଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗର କୌଣସି ଆଖିଦୃଶିଆ ପ୍ରତିକାର ମଧ୍ୟ କରାଯାଇନାହିଁ। ଆବର୍ଜନା ସଫେଇ କରାଯାଇନାହିଁ କି ଡିଡିଟି ମଧ୍ୟ ସିଞ୍ଚନ କରାଗଲାନାହିଁ। କେବଳ ଖୋଲା କୂଅଗୁଡିକରେ ବ୍ଲିଚିଂ ସିଞ୍ଚନ କରିବା ସହ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପକ୍ଷରୁ ସଚେତନତା ବୈଠକ କରି କାମ ଶେଷ କରି ଦିଆଯାଇଛି। ଫଳରେ ଜନ ଅସନ୍ତୋଷ ଦେଖାଦେବା ସହ ଗ୍ରାମକୁ ଆସୁଥିବା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସହ ବୁଦ୍ଧିଜୀବୀମାନଙ୍କର ଯୁକ୍ତିତର୍କ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି।

ବଡବେରଣା ଗ୍ରାମରେ ମଙ୍ଗଳବାର ଜନୈକ ମହିଳାଙ୍କ ରକ୍ତ ନମୁନାରୁ ଡେଙ୍ଗୁ ପଜିଟିଭ ବାହାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେ ହେଲେ ଯଶୋଦା ବେହେରା। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଉଛି। ସେହିପରି ଉକ୍ତ ଗ୍ରାମର ଜ୍ୱରରେ ପୀଡିତ ହୋଇଥିବା ୧୮ ଜଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସେହି ନମୁନାକୁ ଭୁବନେଶ୍ୱର ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ୩ ଜଣଙ୍କ ଲକ୍ଷଣରୁ ଡେଙ୍ଗୁ ପଜିଟିଭ ବାହାରି ପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ପୂର୍ବରୁ ଗ୍ରାମର ନିଖିଳ ମହାପାତ୍ର, ରେଣୁବାଳା ବାରିକ ଓ ଅବିନାଶ ମହାପାତ୍ର ରୋଗରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଧୀରେ ଧୀରେ ସୁଧୁରୁଥିବା ଖବର ନେବାରେ ଜଣାପଡିଛି। ସେହିପରି ପୋଡାଡିହ ପଞ୍ଚାୟତ ତଳଗଡ ଗ୍ରାମର ବିଶ୍ୱେଶର ବଳିୟାରସିଂହ ଏହି ରୋଗରେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ରୋଗୀ ସଂଖ୍ୟା ବୃଦ୍ଧି ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରୁରିକାଳୀନ ପଦକ୍ଷେପ ନିଆଯିବ। ଗୁରୁବାରଠାରୁ ସ୍ୱାସ୍ଥ୍ୟ କ୍ୟାମ୍ପ କରାଯାଇ ମେଡିକାଲ ଟିମ ସମ୍ପୂର୍ଣ୍ଣ ଆଲର୍ଟ ରହିବେ। ରୋଗୀମାନେ ଭୟଭୀତ ହୁଅନ୍ତୁ ନାହିଁ। ଏହି ରୋଗର ପ୍ରତିକାର ହେଲା ଗାଁ ପରିମଳ ସଫା ରଖିବା। ଜ୍ୱର ଆରମ୍ଭ ହେଲେ କେବଳ ପାରାସିଟାମଲ ବଟିକା ସେବନ କରିବା ଦ୍ୱାରା ରୋଗରୁ ଉପଶମ ମିଳିଥାଏ।

### ଇଦ୍-ଉଲ୍-ଜୁହା ପାଳିତ

**ଖୋର୍ଦ୍ଧା ଅଫିସ,୨୨।୮**

ଖୋର୍ଦ୍ଧା ବ୍ଲକର କେରଙ୍ଗ ଅହମଦୀୟା ମୁସଲିମ ଜାମା ମସ୍‌ଜିଦଠାରେ ବୁଧବାର ଇଦ୍-ଉଲ୍-ଜୁହା ଜାମା ମସଜିଦର ଜମାଲ ସରିୟତ୍ ଅହମ୍ମଦ ନମାଜ ପାଠ କରାଇଥିଲେ। ଧର୍ମ ବିଶ୍ୱାସୀମାନେ ଇଦ୍ ନମାଜ ପରେ ହଜରତ ଇବ୍ରାହିମ ଓ ହଜରତ ଇସମାଇଲଙ୍କ ସ୍ମରଣେ କୁରୁବାନୀ ସ୍ୱରୂପ ପଶୁବଳି ଦେଇଥିଲେ। ନୂତନ ବେଶ ଭୁଷାରେ ସୁସଜ୍ଜିତ ହୋଇ ଜଣେ ଅନ୍ୟ ଜଣକୁ ଇଦ୍‌ର ଅଭିନନ୍ଦନ ଜଣାଇ ଆଲିଙ୍ଗନ କରି ମିଠା ବଣ୍ଟନ କରିଥିଲେ।

ସେହିପରି ସ୍ଥାନୀୟ କାଇପଦର ଗାଁର ଇଦ୍‌ଗାହରେ ଇଦ୍-ଉଲ୍-ଜୁହା ବୁଧବାର ପାଳିତ ହୋଇଛି। ଇବ୍ରାହିମ୍ ଓ ପୁତ୍ର ଇସ୍‌ମାଇଲ୍‌ଙ୍କ ବଳିଦାନ ବିଷୟରେ କାଇପଦର ଇଦ୍‌ଗା ମଇଦାନ ହାପିଜ୍ ଓ କାରୀ ଜାକିର ହୋସେନ ଟିପ୍ପଣୀ ଦେଇଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଶୋଭାନ୍ ଖାଁଙ୍କ ପୌରୋହିତ୍ୟ କରିଥିଲେ। ଏଥିରେ ନସିରୁଦ୍ଦିନ ଅହମ୍ମଦ, ଉମର ଅଲ୍ଲୀ, ଅଜି ମୁଦ୍ଦିନ ଖାଁ, ଜାକିର ହୁସେନ ଖାଁ ପ୍ରମୁଖ ଯୋଗଦେଇ ଇଦ୍-ଉଲ୍-ଜୁହା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ମୁକୁନ୍ଦପ୍ରସାଦ, ଶରଧାପୁରରେ ଅନୁରୂପ ଭାବେ ଏହା ପାଳିତ ହୋଇଛି।

**କୃଷ୍ଣପ୍ରସାଦ, (ଡି.ଏନ୍.ଏ.) :** କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ଓ ଭଗବାନପୁରରେ ମୁସଲିମ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ବୁଧବାର ଇଦ୍ ଉଲ୍ ଜୁହା ପାଳନ କରିଛନ୍ତି। ସେମାନେ ଦିନତମାମ ୫ ଥର ନମାଜ ପଢ଼ିବା ସହ ଧର୍ମଗ୍ରନ୍ଥ କୋରାନ୍ ପାଠ କରିଥିଲେ। ବ୍ଲକ୍‌ର ମାଲୁଦ ଓ ଭଗବାନପୁର ଗ୍ରାମର ପ୍ରାୟ ୪୦୦ ପରିବାର ଏହି ପର୍ବରେ ସାମିଲ ହୋଇଥିଲେ।

**ବୋଲଗଡ,(ଡି.ଏନ.ଏ.):** ଇସଲାମ ଧର୍ମର ତ୍ୟାଗ ଓ ବଳିଦାନର ପର୍ବ ଭାବେ ଇଦ୍ ଉଲ୍ ଜୁହା ପାଳିତ ହୋଇଥାଏ। ବୁଧବାର ବୋଲଗଡ ବ୍ଲକର ସମସ୍ତ ମୁସଲମାନ ଜନବସତିରେ ଏହି ପର୍ବ ପାଳିତ ହୋଇଯାଇଛି। ମାଣିକାଗୋଡା, ଭୀମପଡା, ଅରଖପଲ୍ଲୀ, ଇଚ୍ଛାପୁର, କେନ୍ଦୁପଲ୍ଲୀ, ଚୁଡା, ରାଜସୁନାଖଳାର କାଉଁରିପାଟଣା, କଡବ, ଜାମୁସାହି ଓ ଦକ୍ଷିଣ ପାରିକ୍ଷେତା ଆଦି ଗ୍ରାମ ଓ ସମସ୍ତ ମୁସଲମାନ ବସତିରେ ଏହା ପାଳନ କରାଯାଇଛି। ଏହି ଅବସରରେ ଇଦ୍‌ଗାହ ମଇଦାନରେ ସମବେତ ନମାଜ ପାଠ ସହ ସମସ୍ତେ କାନ୍ଧକୁ କାନ୍ଧ ମିଳାଇ ଇଦ୍ ମୁବାରକ୍ ଜଣାଇଥିଲେ। ଗରିବ ଶ୍ରେଣୀର ଲୋକମାନଙ୍କୁ ଦାନ ଧର୍ମ ମଧ୍ୟ କରାଯାଇଥିଲା।

## ■ ରାଖୀ ବ୍ୟବସାୟରେ ପ୍ରସିଦ୍ଧ ଜଟଣୀ
# ଥାଳି, ମ୍ୟୁଜିକାଲ୍ ରାଖୀର ଚାହିଦା ଅଧିକ

**ଜଟଣୀ,୨୨।୮(ଡି.ଏନ.ଏ.)**

୨୬ ତାରିଖ ରବିବାର ରାଖୀପୂର୍ଣ୍ଣିମା। ରକ୍ଷା ବନ୍ଧନ ଏକ ମଙ୍ଗଳ ସୂଚକ ବନ୍ଧନ। ଏହାକୁ ମୁଖ୍ୟତଃ ଭାଇଭଉଣୀଙ୍କ ମଧ୍ୟରେ ଗଭୀର ସମ୍ପର୍କର ସ୍ମାରକୀ ବୋଲି କୁହାଯାଏ। ଏହିଦିନ ଭଉଣୀମାନେ ଭାଇମାନଙ୍କ ଡାହାଣ ହାତରେ ରାଖୀ ବାନ୍ଧନ୍ତି। ତାଙ୍କର ଉନ୍ନତି ସୁଖ ଓ ସମୃଦ୍ଧି କାମନା ସହ ଜୀବନର ପ୍ରତିଟି କ୍ଷେତ୍ରରେ ସହଚର୍ଯ୍ୟ ଲୋଡ଼ନ୍ତି। ଭାଇମାନେ ଭଉଣୀମାନଙ୍କର ସୁରକ୍ଷା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ମଧ୍ୟ ଦିଅନ୍ତି। ରାଖୀ ଭାଇ ଓ ଭଉଣୀ ମଧ୍ୟରେ ଏକ ଅନାବିଳ ନିଦର୍ଶନ। ଏହା ପ୍ରେମ ଓ ଏକତାର ବନ୍ଧନ। ରାଖୀ ପୂର୍ଣ୍ଣିମୀ ପାଇଁ ଏବେଠୁ ଜଟଣୀ ଚଳଚଞ୍ଚଳ ହୋଇଉଠିଛି। ରାଖୀ ବ୍ୟବସାୟ ମଧ୍ୟ ଜୋର ଧରିଛି। ବିଭିନ୍ନ ସିଜନ ବ୍ୟବସାୟ ପାଇଁ ଏହି ଅଞ୍ଚଳର ପ୍ରସିଦ୍ଧି ରହିଛି। ଦୀପାବଳିରେ ବାଣ, ହୋଲିରେ ରଙ୍ଗ, ନୂଆବର୍ଷରେ କ୍ୟାଲେଣ୍ଡର, ଡାଇରୀ ପରି ରାଖୀ ବ୍ୟବସାୟ ପାଇଁ ୭ରୁ ୮ ଜଣ ହୋଲସେଲ୍ ସିଜନ ବ୍ୟବସାୟୀ ରହିଛନ୍ତି। ହୋଲ୍‌ସେଲ ବ୍ୟବସାୟୀମାନେ ପ୍ରାୟ ଦେଢ଼ମାସ ହେବ ବେପାର ଆରମ୍ଭ କରି


ଜଟଣୀଠାରେ ଥିବା ହୋଲ୍‌ସେଲ୍ ଦୋକାନରୁ ଗ୍ରାହକମାନେ ରାଖୀ କିଣୁଛନ୍ତି।

ସାରିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ରାଖୀ କ୍ରୟ କରିବା ପାଇଁ ବ୍ୟବସାୟୀମାନେ ଜଟଣୀ ଆସିଥାନ୍ତି। ହୋଲ୍‌ସେଲ ବ୍ୟବସାୟୀଙ୍କଠାରୁ ରାଖୀ କ୍ରୟ କରି ନିଜ ନିଜ ଅଞ୍ଚଳରେ ଦୋକାନ କରିଥାନ୍ତି। ହୋଲସେଲ୍ ବେପାର ସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଟେଣ୍ଟ ଟାଣି ଅନେକ ଯୁବକ ଏହି ଦୋକାନ ଖୋଲିଛନ୍ତି। ଏଠାରେ ଗ୍ରାହକଙ୍କ ଭିଡ଼ ମଧ୍ୟ ଜମିବାରେ ଲାଗିଲାଣି। ଦିଲ୍ଲୀ, କଲିକତା ମୁମ୍ବାଇ, ଅହମ୍ମଦାବାଦ, ରାୟପୁର, ରାଜକୋଟ, ବରୋଦା ଆଦି ସ୍ଥାନରୁ ବିଭିନ୍ନ ଡିଜାଇନ୍‌ର ରାଖୀ ଅଣାଯାଇଥାଏ ବୋଲି ହୋଲସେଲ ବ୍ୟବସାୟୀ ପ୍ରମୋଦ ଦାସ କହିଛନ୍ତି। ସେହିପରି ଅନ୍ୟତମ ହୋଲସେଲ ବ୍ୟବସାୟୀ ମନୋଜ ସାହୁ କୁହନ୍ତି, ଚଳିତବର୍ଷ ଅନେକ ନୂଆ ଡିଜାଇନ୍‌ର ରାଖୀ ଆସିଛି। ବିଭିନ୍ନ ଡିଜାଇନ୍ ମଧ୍ୟରେ ଷ୍ଟୋନ୍, ଲୁମ୍ବା, ଢ଼ାଗା, ଡୋରି ଆଦି ସହ ବିଭିନ୍ନ ଡିଜାଇନ୍‌ର ଫ୍ୟାନ୍‌ସି ରାଖୀ ମଧ୍ୟ ଏଥର ଆସିଅଛି। ଏହାଛଡ଼ା ଧାନ, ଅରୁଆ ଚାଉଳ, ଲବଙ୍ଗ, ଗୁଜୁରାଟିରେ ପ୍ରସ୍ତୁତ ରାଖୀକୁ ଲୋକେ ପସନ୍ଦ କରୁଛନ୍ତି। ଛୋଟ ପିଲାଙ୍କୁ ଆକର୍ଷିତ କଲାଭଳି ବିଭିନ୍ନ ରଙ୍ଗର ଆଲୋକ ଦେଉଥିବା ଓ ମ୍ୟୁଜିକ୍ ବାଜୁଥିବା ରାଖୀର ଚାହିଦା ମଧ୍ୟ ରହିଛି। ସେହିପରି ଫେସ୍‌ବୁକ୍, ହ୍ୱାଟ୍‌ସଅପ୍ ନାମରେ ଆସିଥିବା ନୂଆ ଡିଜାଇନ୍‌ର ରାଖୀ ଅଧିକ ବିକ୍ରି ହେଉଥିବା ସେ କହିଥିଲେ। ଏହାଛଡ଼ା ଥାଳି ରାଖୀ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହେଉଛି। ୫ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରାଖୀର ମୂଲ୍ୟ ରହିଥିବା ମନୋଜ କହିଛନ୍ତି। ପୁରୀ ଜିଲା ଚନ୍ଦନପୁରରୁ ରାଖୀ କ୍ରୟ କରିବାକୁ ଆସିଥିବା ଉମ୍ବରୁଧର ସାହୁ କୁହନ୍ତି, ତାଙ୍କ ଅଞ୍ଚଳରେ ଦୋକାନ ଦବା ପାଇଁ ୯ ବର୍ଷ ହେବ ଏଠାକୁ ରାଖୀ କିଣିବାକୁ ଆସୁଅଛି। ଜଟଣୀରେ ରାଖୀର ମୂଲ୍ୟ କମ୍ ଥିବାରୁ ଏଠାରୁ ସେ କ୍ରୟ କରି ସିଜନ ବେପାର କରିଥାନ୍ତି। ଏଥର ୨୫ ହଜାର ଟଙ୍କାର ରାଖୀ କ୍ରୟ କରିଥିବା ସେ କହିଥିଲେ। ସେହିପରି ନିରାକାରପୁରରୁ ଆସିଥିବା ଶରତ କୁମାର ସେଠୀ ୧୦ ହଜାର ଟଙ୍କାର ରାଖୀ କ୍ରୟ କରିଥିଲେ। ସେ ନିରାକାରପୁର ଅଞ୍ଚଳରେ ୩ ବର୍ଷ ହେବ ଦୋକାନ କରୁଥିବାରୁ ସବୁବର୍ଷ ଜଟଣୀରୁ ରାଖୀ କ୍ରୟ କରି ନେଉଥିବା ସେ କହିଛନ୍ତି।



ମହାରାଷ୍ଟ୍ର ସରକାର ସଞ୍ଜୟ ଗାନ୍ଧୀ ନ୍ୟାଶନାଲ ପାର୍କର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଯୁକ୍ତି ଦେଇଥିବାରୁ ମୁଁ ବେଶ୍ ଖୁସି।

- ରବିନା ଟଣ୍ଡନ, ବଲିଉଡ୍ ଅଭିନେତ୍ରୀ



## [ଇତିହାସର ଆଇନାରେ]

### ଅଗଷ୍ଟ ୨୩ର ପ୍ରମୁଖ ଘଟଣା

## ମାନିଲା ପଣବନ୍ଦୀ ସଙ୍କଟ

୨୦୧୦ ଅଗଷ୍ଟ ୨୩ରେ ଏକ ବଡ଼ଧରଣର ପଣବନ୍ଦୀ ସଙ୍କଟର ସାମ୍ନା କରିଥିଲା ମାନିଲା। ଏହାକୁ ରିଜାଲ୍ ପାର୍କ ପଣବନ୍ଦୀ ସଙ୍କଟ ବୋଲି କୁହାଯାଏ। ମାନିଲା ପୋଲିସ ଜିଲାର ଜଣେ ଅସନ୍ତୁଷ୍ଟ ପୂର୍ବତନ ବରିଷ୍ଠ ପୋଲିସ ଇନ୍ସପେକ୍ଟର ରୋଲାଣ୍ଡୋ ମେଣ୍ଡୋଜା ରିଜାଲ ପାର୍କରୁ ଏକ ପର୍ଯ୍ୟଟକ ବସ୍‌କୁ ଅପହରଣ କରି ନେଇଥିଲେ। ବସ୍‌ରେ ପ୍ରାୟ ୨୧ ଜଣ ହଂକଂ ଏବଂ ୪ ଜଣ ଫିଲିପାଇନ୍ସର ନାଗରିକ ଥିଲେ। ନିଜ ଚାକିରି ଫେରିପାଇବା ଲାଗି ରୋଲାଣ୍ଡୋ ଏଭଳି କାଣ୍ଡ କରିଥିଲେ। ତାଙ୍କୁ ବେଆଇନ ତଥା ଏକତରଫା ଭାବେ ଚାକିରିରୁ ନିଲମ୍ବିତ କରାଯାଇଛି ବୋଲି ସେ ଦର୍ଶାଇଥିଲେ। ତାଙ୍କ ସହ ଦୀର୍ଘ ୧୦ ଘଣ୍ଟା ଆଲୋଚନା କରାଯାଇଥିଲେ ବି ତାଙ୍କର ସମସ୍ତ ଦାବିକୁ ପୋଲିସ ଗ୍ରହଣ କରି ନ ଥିଲା। ଆଲୋଚନା କାଳରେ ପୋଲିସ ରୋଲାଣ୍ଡୋଙ୍କ ଭାଇଙ୍କୁ ଗିରଫ କରିଥିଲା। ଏହା ଜାଣିବା ପରେ ସେ ପୋଲିସ ଉପରକୁ ଗୁଳି କରିଥିଲେ। ପୋଲିସର ପାଲଟା ଗୁଳିମାଡ଼ରେ ରୋଲାଣ୍ଡୋଙ୍କ ମୃତ୍ୟୁ ହୋଇଥିଲା।

## ସାର୍ବଜନୀନ ହେଲା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ

୧୯୯୧ ଅଗଷ୍ଟ ୨୩ରେ ୱାର୍ଲ୍ଡ ୱାଇଡ୍ ୱେବ୍ ବା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ସାର୍ବଜନୀନ ହୋଇଥିଲା। ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ହେଉଛି ଏକ ସୂଚନାସ୍ଥଳୀ ଯେଉଁଠାରେ ୟୁନିଫର୍ମ ରିସୋର୍ସ ଲୋକେଟର୍ସ (ୟୁଆର୍‌ଏଲ୍) ଜରିଆରେ ନଥିପତ୍ର ଏବଂ ଅନ୍ୟାନ୍ୟ ସମ୍ବଳ ଚିହ୍ନଟ କରାଯାଇଥାଏ। ଏହା ହାଇପରଟେକ୍ସ ଲିଙ୍କ୍ ସହ ସଂଯୋଗ ହୋଇଥାଏ ଏବଂ ଇଣ୍ଟରନେଟ୍ ଜରିଆରେ ବ୍ୟବହାରକାରୀ ଏହାର ସୁବିଧା ପାଇପାରିଥାନ୍ତି। ୧୯୮୯ରେ ଇଂଲିଶ୍ ବୈଜ୍ଞାନିକ ଟିମ୍ ବର୍ନର୍ସ-ଲି ପ୍ରଥମେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁର ଉଦ୍ଭାବନ କରିଥିଲେ। ସୁଇଜରଲାଣ୍ଡର ସିଇଆର୍‌ଏନ୍‌ରେ କାର୍ଯ୍ୟରତ ଥିବାବେଳେ ୧୯୯୦ରେ ସେ ପ୍ରଥମ ୱେବ୍ ବ୍ରାଉଜର୍ କମ୍ପ୍ୟୁଟର ପ୍ରୋଗ୍ରାମ ଲେଖିଥିଲେ।

# ଗୁରୁ କହନ୍ତି 'ସଲାମ୍', ଛାତ୍ର-'ଜୟ ଶ୍ରୀରାମ'



**କରାଚି:** ପାକିସ୍ତାନର କରାଚି ନଗରୀ ଅନ୍ତର୍ଗତ ଶାନ୍ତି ଏରିଆରେ ଏକ ହିନ୍ଦୁ ମନ୍ଦିର ଅଛି। ସେଠାରେ ଜଣେ ମୁସଲମାନ ଶିକ୍ଷୟିତ୍ରୀ ଅନୁମ ଆଘା ପାରମ୍ପରିକ ପୋଷାକ ହିଜାବ ପରିଧାନ କରି 'ସଲାମ୍' କହି ଅଭିବାଦନ କରିବା ବେଳେ ହିନ୍ଦୁ ଛାତ୍ରୀଛାତ୍ରମାନେ 'ଜୟ ଶ୍ରୀରାମ' କହି ସ୍ୱାଗତ କରିଥାଆନ୍ତି। ଅନୁମ ଏଠାରେ ଥିବା ବସ୍ତି ଅଞ୍ଚଳରେ ଏକ ସ୍କୁଲ ଖୋଲି ପିଲାଙ୍କୁ ଶିକ୍ଷାଦାନ କରନ୍ତି। ଏହି ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମୌଳିକ ଅଧିକାର ସମ୍ପର୍କରେ ସଚେତନ କରାଇବାକୁ ଅନୁମ ପ୍ରତିଶ୍ରୁତିବଦ୍ଧ। ଏହି ବସ୍ତି ଅଞ୍ଚଳରେ ୮୦ରୁ ୯୦ ହିନ୍ଦୁ ପରିବାର ବାସ କରନ୍ତି। ଅନୁ ପାଠପଢ଼ାଇ ସାରିବା ପରେ ପିଲାଙ୍କ ସହିତ ଭାବ ବିନିମୟ କରନ୍ତି ଏବଂ ଦୁଃଖସୁଖରେ ସାମିଲ ହୁଅନ୍ତି। ବିଗତ ବର୍ଷେ ହେଲା ସେ ଏକ ମନ୍ଦିର ବେଢ଼ା ଭିତରେ ପିଲାଙ୍କୁ ଶିକ୍ଷା ଦିଅନ୍ତି। ମେହମୁଦାବାଦ୍ ନିକଟବର୍ତ୍ତୀ ରେହମନ୍ କଲୋନିରେ ଗଢ଼ିଉଠିଥିବା ଏହି ବସ୍ତିର ଲୋକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ। ୬୦ଦଶକରେ ସିନ୍ଧର ଘୋଟକି ଅଞ୍ଚଳରୁ କେତେକ ହିନ୍ଦୁ ପରିବାର ପଳାଇ ଆସି ଏଠାରେ ବସତି ସ୍ଥାପନ କରିଥିଲେ। କିଛିବର୍ଷ ତଳେ ଜଣେ ମୁସଲମାନ ଯୁବକ ସେହି ଅଞ୍ଚଳରେ ମସ୍‌ଜିଦ୍ ସ୍ଥାପନ ପାଇଁ ଜିଦ୍ ଧରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନୁମ ଅନୁସୂଚିତ ବର୍ଗର ଏହି ହିନ୍ଦୁ ପରିବାର ପିଲାଙ୍କୁ ପାଠ ପଢ଼ାଇବା ଏବଂ ସେହି ସମ୍ପ୍ରଦାୟ ସହିତ ସମ୍ପର୍କ ରଖୁଥିବାରୁ କେତେକ ମୁସଲମାନ ପସନ୍ଦ କରନ୍ତି ନାହିଁ। ବସ୍ତିର କେତେକ ପିଲା ଅନ୍ୟ ସ୍କୁଲ୍‌ରେ ପାଠ ପଢ଼ୁଥିଲେ ମଧ୍ୟ ସାମାଜିକ ଓ ଧର୍ମୀୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି ବୋଲି ଅନୁମ କହିଛନ୍ତି। ବସ୍ତିର ବୟସ୍କ ଲୋକମାନେ ଖୁବ୍ ଖୁସି। କାରଣ ସେମାନଙ୍କ ଝିଅମାନେ ଘର ପାଖରେ ହିଁ ଶିକ୍ଷା ସୁବିଧା ପାଇପାରୁଛନ୍ତି। ମୁଁ ପିଲାଙ୍କୁ 'ସଲାମ' କହିବା ବେଳେ ସେମାନେ ମୋତେ 'ଜୟ ଶ୍ରୀରାମ' କହିଥାଆନ୍ତି ବୋଲି ଅନୁମ୍ ପ୍ରକାଶ କରିଛନ୍ତି। ମୁସଲମାନ ବହୁଳ ରାଷ୍ଟ୍ରରେ ଏକ ଭିନ୍ନ ସମ୍ପ୍ରଦାୟ କିପରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିବା ସହିତ ପରସ୍ପରକୁ ସମ୍ମାନ ପ୍ରଦର୍ଶନ କରନ୍ତି ଏହି ସ୍କୁଲ୍ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ସେ ପ୍ରକାଶ କରିଛନ୍ତି।

# ଜିପିଏସ୍ ଉଦ୍ଭାବନ କଲେ ଛାତ୍ରୀ

### ମହିଳାଙ୍କ ପାଇଁ ସୁରକ୍ଷା କବଚ



**କୋଟା(ରାଜସ୍ଥାନ):** ଦ୍ୱାଦଶ ଶ୍ରେଣୀର ଜଣେ ଛାତ୍ରୀ ଏକ ଅଭିନବ ଉପକରଣ ବିକଶିତ କରିଛନ୍ତି। ଏହାକୁ କୌଣସି ମହିଳା ହାତଘଣ୍ଟାରେ ସଂଲଗ୍ନ କରିପାରିବେ। ଏହା ସାହାଯ୍ୟରେ ଇଣ୍ଟରନେଟ୍ ବିନା ପରିବାର ସଦସ୍ୟଙ୍କ ପାଖକୁ ଜରୁରୀ ଖବର ପଠାଇ ଦିଆଯାଇ ପାରିବ। ଭବ୍ୟା ଅଗ୍ରୱାଲ୍ ନାମ୍ନୀ ଏହି ଛାତ୍ରୀ ତାଙ୍କ ବିଜ୍ଞାନଭିତ୍ତିକ ପ୍ରକଳ୍ପର ବିସ୍ତୃତ ବିବରଣୀ ନମୋ ଆପ୍ (ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆପ୍)ରେ ଅପଲୋଡ୍ କରିଛନ୍ତି। କାରଣ ଏହି ଯନ୍ତ୍ରକୁ କ୍ଷୁଦ୍ର ଆକୃତିର କରିବା ପାଇଁ ସେ ପାଣ୍ଠି ଆବଶ୍ୟକ କରନ୍ତି। ବର୍ତ୍ତମାନ ଏହି ଡିଭାଇସ୍‌ର ଓଜନ ୫୦୦ଗ୍ରାମ୍। ଗଣିତ ଓ ବିଜ୍ଞାନ ବିଷୟ ପ୍ରତି ଶ୍ରଦ୍ଧାଶୀଳ ଭବ୍ୟା(୧୭) କହନ୍ତି, ମହିଳାଙ୍କ ଉପରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅତ୍ୟାଚାର ମୋତେ ଏଭଳି ଯନ୍ତ୍ରାଂଶ ବିକାଶ କରିବାକୁ ପ୍ରେରଣା ଯୋଗାଇଥିଲା। ଏହି ଡିଭାଇସ୍ ଦ୍ୱାରା ସେମାନେ ତତ୍କାଳ ସହାୟତା ପାଇପାରିବେ। ଆବଶ୍ୟକ ହେଲେ ପରିବାରକୁ ଖବର ମଧ୍ୟ ପଠାଇପାରିବେ। ସେ ୟୁଟ୍ୟୁବ୍‌ର ସହାୟତା ନେଇ ଏଭଳି ଏକ ଡିଭାଇସ୍ ବିକଶିତ କରିଛନ୍ତି। ଜିପିଏସ୍ ଧାରଣ କରିଥିବା ବ୍ୟକ୍ତି କେତେବେଳେ ଏବଂ କେଉଁଠାରେ ବିପଦରେ ପଡିଛନ୍ତି, ସେ ସମ୍ପର୍କିତ ନିର୍ଭୁଲ୍ ସୂଚନା ଇଣ୍ଟରନେଟ୍ ବିନା ପରିବାର ସଦସ୍ୟଙ୍କୁ ଜଣାଇ ଦିଆଯାଇପାରିବ।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଥରେ କିମ୍ବା ଦୁଇଥର ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୫.୩ |
| ଚାନ୍ଦବାଲି | ୩୩.୪ | ୨୫.୬ |
| କଟକ | ୩୧.୮ | ୨୫.୪ |
| ପାରାଦ୍ୱୀପ | ୩୨.୯ | ୨୭.୩ |
| ଭୁବନେଶ୍ୱର | ୩୨.୭ | ୨୬.୦ |
| ଗୋପାଳପୁର | ୩୬.୨ | ୨୭.୮ |
| ପୁରୀ | ୩୪.୬ | ୨୫.୬ |
| ଅନୁଗୋଳ | ୩୦.୧ | ୨୩.୦ |
| ବାରିପଦା | ୩୨.୨ | ୨୬.୬ |
| ଝାରସୁଗୁଡ଼ା | ୨୮.୦ | ୨୪.୪ |
| କେନ୍ଦୁଝର | ୨୮.୧ | ୨୨.୯ |
| ସମ୍ବଲପୁର | ୨୮.୬ | ୨୨.୯ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୨୯.୫ | ୨୧.୨ |
| ତାଲଚେର | ୩୩.୧ | ୨୫.୪ |
| ଭବାନୀପାଟଣା | ୩୧.୬ | ୨୪.୮ |
| ବଲାଙ୍ଗୀର | ୨୯.୫ | ୨୫.୦ |
| କୋରାପୁଟ | ୨୬.୦ | ୧୯.୮ |
| ଫୁଲବାଣୀ | ୨୮.୨ | ୨୧.୬ |
| ଟିଟିଲାଗଡ଼ | ୩୧.୦ | ୨୨.୦ |
| ମାଲକାନଗିରି | ୩୦.୦ | ୨୩.୮ |
| ସୋନପୁର | ୩୦.୦ | ୨୩.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୦ |
| ଢେଙ୍କାନାଳ | ୩୦.୬ | ୨୪.୮ |

ଡିଗ୍ରୀ ସେଲ୍‌ସିୟସ୍

# 'ଲଭ୍ ସୋନିଆ' ପାଇଁ ପ୍ରତିବନ୍ଧକ ଦୂର ହେବ




**ମୁମ୍ବାଇ:** ମହିଳା ଚୋରାଚାଲାଣ ଉପରେ ଆଧାରିତ ଫିଲ୍ମ 'ଲଭ୍ ସୋନିଆ'ର କୌଣସି ଅଂଶ ନ କାଟି ଏହାର ରିଲିଜ୍ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ପଥ ପରିଷ୍କାର କରିବ ବୋଲି ଅଭିନେତା ମନୋଜ ବାଜପେୟୀ ଆଶାୟୀ ଅଛନ୍ତି। ତାଙ୍କ କହିବାନୁଯାୟୀ, ଲଭ୍ ସୋନିଆ ମହିଳା ଚୋରାଚାଲାଣ ପ୍ରସଙ୍ଗକୁ ନେଇ ଗଢ଼ିଉଠିଛି। ସେନ୍‌ସର ବୋର୍ଡ ସମ୍ଭବତଃ ଖୁବ୍‌ଶୀଘ୍ର ଏହାକୁ ପାସ୍ କରାଇବେ। ତେବେ ଏହାର କୌଣସି ଭାଗ ନ କାଟିବାକୁ ସେ ଅନୁରୋଧ କରିଛନ୍ତି। କାରଣ ମହିଳା ଚୋରା ଚାଲାଣ ଆମ ସମାଜର ଏକ ବଡ ସମସ୍ୟା ଏବଂ ଭୟଙ୍କର ଅପରାଧ। ଏପରି କି ବାଳିକାମାନେ ମଧ୍ୟ ଏହାଦ୍ୱାରା ଯୌନ ଶୋଷଣର ଶିକାର ହେଉଛନ୍ତି। ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାକୁ ଅନେକ ଦର୍ଶକ ଦେଖି ପ୍ରଶଂସା କରିଥିବା ମନୋଜ କହିଛନ୍ତି। ସୋନିଆ ହେଉଛି ଭାରତର ଗ୍ରାମୀଣ ସଭ୍ୟତାରେ ବଢ଼ିଥିବା ଜଣେ ଯୁବତୀ। ସେ ନିଷ୍ଠୁର ଅନ୍ତର୍ଜାତୀୟ ଦେହ ବ୍ୟବସାୟ ନେଟୱାର୍କରେ ଫସିଯିବା ପରେ ଜୀବନରେ ପରିବର୍ତ୍ତନ ଦେଖାଦେଇଛି।



## ଓଡ଼ିଶା ସରକାର

904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

FIle No. 23/2017 Dated...........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISTION OF LAND**

ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୬୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/ ୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୬୧ | ୦.୧୭ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୭୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଲ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/ ୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଲା ଏକ | କଣ୍ଠ ପାତ୍ର, ପି-ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/ ୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣ୍ଡୁ କୋହ୍ଲ, ପି: ତୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଣ୍ଡୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ଲି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/ ୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/ ୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶୁନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୬୧ | ୦.୬୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଲି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦୁ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଲି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି- କାନ୍ଦ୍ରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି- ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା- ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି- ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା- ସୀତାରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି- ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି- ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି- ବିଶ୍ୱମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି- କୃପାସିନ୍ଧୁ ଦଣ୍ଡପାଟ, ଜା- ସାଉନ୍ତି, ବା- ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି- ଗୁରୁ ଚରଣ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚ କୋହ୍ଲ, ପି- ଜେନା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮. | ୯୨ | ୩୦୯/ ୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି- କର୍ମୁ ମହାନ୍ତ, ଜା- କୁଡୁମି, ବା- ମଣ୍ଡୁଆ, ଜି- ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି- ବୁଧିଆ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୩୦. | ୧୦୨ | ୬୨୬/ ୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି- ଭଗବାନ ନାଏକ, ଜା- ବାଥୁଡି, ବା- ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି- ରେଙ୍ଗୁ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୩. | ୧୨୪/ ୧୬ | ୫୧୮/ ୯୨୩ | ୦.୬୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ସଙ୍ଖୁଆ | |
| ୩୪. | ୧୨୪/ ୨୨ | ୩୨୪/ ୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି- ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩୫. | ୧୨୪/ ୧୯ | ୮୦୯ / ୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି- ବିଶମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୬. | ୧୨୪/ ୧୦ | ୫୧୮/ ୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ନିଜଗାଁ | |
| ୩୭. | ୧୨୪/ ୨୧ | ୫୧୮/ ୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି- ଦାରୋଗା ପାତ୍ର, ଜା- ପାଣ, ବା- ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819

# ବଞ୍ଚିଥିବା ଯାଏ କଳା ସେବା କରୁଥିବି



**ପରଦା ପଛରେ**
**ବିରଞ୍ଚି ନାରାୟଣ ମହାପାତ୍ର**

“ମୋତେ ଯେମିତି ଲାଗେ କଳା ପାଇଁ ମୋର ଜନ୍ମ ହୋଇଛି। ନିଜେ ଅଭିନୟ କରିବାର ମଜା ତ ଅଲଗା, ହେଲେ କଳାକାରଙ୍କୁ ଐତିହାସିକ, ପୌରାଣିକ ନାଟକ ବେଶଭୂଷାରେ ସଜାଇବା, ସେମାନଙ୍କ ପାଇଁ ମୁକୁଟ, ପୋଷାକ ତିଆରି କରିବା ମୋତେ ଯେଉଁ ଆନନ୍ଦ ଦେଇଛି ତାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ। ବଞ୍ଚିଥିବା ଯାଏ କଳା ସେବା କରୁଥିବି ବୋଲି କହନ୍ତି ବିରଞ୍ଚି। ଏହି ମେକଅପ ମ୍ୟାନ୍‌ଙ୍କ

**ସେ ଏକାଧାରରେ ଅଭିନେତା, ମେକ୍‌ଅପମ୍ୟାନ୍, ପେଣ୍ଟର । କଳାକାରଙ୍କୁ ବିଭିନ୍ନ ରୂପରେ ସଜାଇବାରେ ତାଙ୍କୁ ମିଳେ ଅପାର ଆନନ୍ଦ, ଯାହା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ହେଲେ ବିରଞ୍ଚି ନାରାୟଣ ମହାପାତ୍ର..**

ଜନ୍ମ ନୟାଗଡ ଜିଲା ଗୋପାଳପୁର ଅନ୍ତର୍ଗତ ରଣପୁର ଗାଁରେ। ତାଙ୍କର ବାପା ଭିକାରୀ ମହାପାତ୍ର ରାମଲୀଳାରେ ଅଭିନୟ କରୁଥିଲେ। ସେ ଚାହୁଁଥିଲେ ତାଙ୍କ ପରି ପୁଅ ମଧ୍ୟ ଅଭିନେତା ହେଉ। ପ୍ରଥମେ ଶିଶୁ କଳାକାର ଭାବରେ ବିରଞ୍ଚିଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା। କିନ୍ତୁ ଗ୍ରୀନ ରୁମ୍‌ରେ କଳାକାରଙ୍କ ବେଶଭୂଷା, ମେକଅପ ଦେଖି ସେ ସେଥିପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ନିଜର ପ୍ରଚେଷ୍ଟା ବଳରେ ସେ ସ୍ଥାପନ କରିଥିଲେ ରଶ୍ମିତା ଚିତ୍ରାଳୟ। ହେଲେ ସମୟକ୍ରମେ ଏହା ସ୍ଥାଣୁ ହୋଇଯାଇଥିଲେ ମଧ୍ୟ ୬୨ବର୍ଷ ବୟସ୍କ ବିରଞ୍ଚି ଏବେ ଜନତା ଚିତ୍ରାଳୟରେ କାର୍ଯ୍ୟରତ। ପୌରାଣିକ, ଐତିହାସିକ, ସାମାଜିକ ନାଟକରେ ସେ କଳାକାରଙ୍କୁ ଏପରି ସଜାଇ ଦିଅନ୍ତି ସତେ ଯେମିତି ଚରିତ୍ରଗୁଡ଼ିକ ସେମାନଙ୍କ ମୁହଁରେ ଫୁଟିଉଠନ୍ତି। କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ନିଜର ମେକଅପ, ଡ୍ରେସିଂ ଏବଂ ପେଣ୍ଟିଂରେ ପ୍ରଶଂସିତ ତଥା ପୁରସ୍କୃତ ହୋଇଛନ୍ତି।

## ଜାଣନ୍ତି...

- ଶଶୀ କପୁର ଏବଂ ଅମିତାଭ ବଚ୍ଚନଙ୍କୁ ନେଇ ବେଶ୍ କେତୋଟି ହିଟ୍ ଫିଲ୍ମ ପ୍ରସ୍ତୁତ ହୋଇଛି। ‘ସିଲସିଲା’, ‘ଦିୱାର’, ‘ସୁହାଗ’, ‘ଦୋ ଔର ଦୋ ପାଞ୍ଚ’, ‘ନମକ ହଲାଲ୍’କୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ହେଲେ କେବଳ ‘ସିଲସିଲା’ରେ ଅମିତାଭଙ୍କ ବଡ ଭାଇ ଭୂମିକାରେ ଶଶୀ ଅଭିନୟ କରିଛନ୍ତି। ଅନ୍ୟ ଚଳଚ୍ଚିତ୍ରରେ ଶଶୀଙ୍କର ବଡ ଭାଇ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅମିତାଭ।
- ଲୋକପ୍ରିୟ ଗାୟକ ମହମ୍ମଦ ରଫି ଥିଲେ ବକ୍ସିଂ ପ୍ରିୟ ଆଉ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବକ୍ସର ମହମ୍ମଦ ଅଲ୍ଲୀଙ୍କର ବଡ ପ୍ରଶଂସକ। ଥରେ ରଫି ଚିକାଗୋ ଯାଇଥିଲେ। ସେଠାରେ ସେ ଅଲ୍ଲୀଙ୍କୁ ଭେଟିବାକୁ ଚାହିଁଲେ। କିନ୍ତୁ ତାଙ୍କୁ ଯୋଗାଯୋଗ କରିବା ପୂର୍ବରୁ ଖୋଦ୍ ବକ୍ସର ଆସି ରଫି ରହୁଥିବା ହୋଟେଲରେ ପହଞ୍ଚି ଯାଇଥିଲେ।
- ୧୯୬୦ରେ ନିର୍ମିତ ହୋଇଥିଲା ‘ଦିଲ ଭି ତେରେ ହମ୍ ଭି ତେରେ’, ଯାହାର ମେଲ୍ ଲିଡ୍‌ରେ ଅଭିନୟ କରିଥିଲେ ଧର୍ମେନ୍ଦ୍ର। ଏହି ଫିଲ୍ମ ପାଇଁ ତାଙ୍କୁ ପାରିଶ୍ରମିକ ଆକାରରେ ମିଳିଥିଲା ମାତ୍ର ୫୧ ଟଙ୍କା।

# ମୁଁ ଡ୍ରାଇଭରେ ଯିବାକୁ ଭଲ ପାଏ

**ପାଠପଢ଼ା ଆଉ ଅଭିନୟ କ୍ୟାରିୟର। ଏହି ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ନେଇ ଆଗେଇ ଚାଲିଛନ୍ତି ନବାଗତା ଆହାନା । ଡେବ୍ୟୁ ଫିଲ୍ମ ‘ଭୈରବ’ ପରେ ଏବେ ତାଙ୍କ ଅଭିନୀତ ଅନ୍ୟତମ ଫିଲ୍ମ ‘ବ୍ଲାକ୍‌ମେଲ୍’ ରିଲିଜ ଅପେକ୍ଷାରେ ରହିଛି । ତାଙ୍କର ରିଲ୍ ଏବଂ ରିୟଲ ଲାଇଫ ସମ୍ପର୍କରେ ପାଞ୍ଚଟି କଥା...**



**ପାଞ୍ଚଟି କଥା**
**ଆହାନା**

**ଅବସର କିପରି କଟେ ?**

ଓ ହୋ, ଅବସର ! କୁହନ୍ତୁନି। ବର୍ତ୍ତମାନ ମୋର ଟାଇଟ ସିଡ୍ୟୁଲ। ପାଠପଢ଼ା ଚାଲିଛି ପୁଣି ତା’ ସହ ଆକ୍ଟିଂ। ପୁଣି ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ଏକ୍ସରସାଇଜ। ଯେତେବେଳେ ମୋତେ ଅବସର ମିଳେ ମୁଁ ଶୋଇବାକୁ ପସନ୍ଦ କରେ। କିଛି ସମୟ ଶୋଇ ପଡିଲେ କି ଶାନ୍ତି। ଅନ୍ୟପକ୍ଷରେ ଅବସର ମିଳିଲେ ମୁଁ ୟୁ ଟ୍ୟୁବ୍‌ରେ ଭଲ ଭଲ ମେକ୍‌ଅପ ଷ୍ଟାଇଲ, ପେଣ୍ଟିଂ, ଡେୟାରଡେଭିଲ ଗେମ୍ ଦେଖିଥାଏ। ସବୁଠାରୁ ଖାସ୍ କଥା ହେଲା ସମୟ ମିଳିଲେ ମୁଁ ଲଙ୍ଗ୍ ଡ୍ରାଇଭରେ ବାହାରିଯାଏ। ଏକୁଟିଆ ରାସ୍ତାରେ ମନ ପସନ୍ଦର ଗୀତ ଶୁଣି ଗାଡି ଚଳାଇବାର ମଜା ନିଆରା।

**କେବେ ମିଛ କହିଛନ୍ତି ?**

ଇସ୍, ମିଛ କହିବା ପିଲାଦିନେ ମୋର ଏକ ଅଭ୍ୟାସ ଥିଲା। କେଉଁଠି ଭୁଲ କରିଥିବି ତାକୁ ଲୁଚାଇବାକୁ ମିଛ କହେ। ଲୁଚାଇ କିଛି ଖାଇଦେଇଥିବି, ମୋତେ ପଚାରିଲେ ମୁଁ କୁହେ-ମୁଁ ଖାଇନି କି ଜାଣିନି। ତା’ ପରେ କେତେ ଥର ପରିସ୍ଥିତିର ସାମନା କରି ମିଛ କହିଛି। ହେଲେ ବଡ଼ ହେବା ପରେ ଜାଣିପାରିଲି ଯେ ମିଛ କହିବା ସବୁଠାରୁ ବଡ ଭୁଲ। ଏବେ ଆଉ ମିଛ କହୁନି ଆଉ ମିଛ କହୁଥିବା ଲୋକଙ୍କୁ ମୁଁ ଆଦୌ ପସନ୍ଦ କରେନା।

**ଏ ପର୍ଯ୍ୟନ୍ତ ମନରେ କିଛି ଅବସୋସ ରହିଛି କି ?**

ଅବସୋସ ତ ନିଶ୍ଚୟ ରହିଛି। ମୋ ଆକ୍ଟିଂ ଲାଇଫକୁ ନେଇ ବଡ଼ ଆଶା ରହିଛି। କେବଳ ଓଡ଼ିଆ ସିନେମା ନୁହେଁ, ହିନ୍ଦୀ କିମ୍ବା ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ ହେଉଥିବା ଚଳଚ୍ଚିତ୍ରରେ ମୋତେ ଯଦି ସେପରି ଭଲ ସୁଯୋଗ ମିଳେ ତେବେ ତାହାକୁ କେବେ ହାତଛଡା କରିବି ନାହିଁ। ମୁଁ ନିଜକୁ କେବଳ ରୋମାଣ୍ଟିକ ରୋଲ୍‌ରେ ସୀମିତ କରି ରଖିବାକୁ ଚାହେଁନା। ମୁଁ ଅପରାଜିତା, ମହାଶ୍ୱେତାଙ୍କ ପରି ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ, ଯାହାକୁ ଦର୍ଶକ ସବୁବେଳେ ମନେରଖିବେ।

**ଅଭିନେତ୍ରୀ ହେବାର ନିଷ୍ପତ୍ତି କେତେ ଦୂର ଠିକ୍ ବୋଲି ଭାବୁଛନ୍ତି ?**

ମୋର ଏଭଳି ଡିସିସନ୍‌ରେ ମୁଁ ହଣ୍ଡ୍ରେଡ୍ ପର୍‌ସେଣ୍ଟ ସନ୍ତୁଷ୍ଟ। ଏବେ ତ ପାଠପଢ଼ା ଚାଲିଛି। ତେଣୁ ମୋତେ ବାଲାନ୍ସ କରି ଚଳିବାକୁ ପଡୁଛି। ଏପରିକି ପାଠପଢ଼ା ପାଇଁ କେତୋଟି ଭଲ ଅଫର ହାତଛଡା କରିଛି।

**କିପରି ବ୍ୟକ୍ତିଙ୍କୁ ଜୀବନସାଥୀ ଭାବରେ ଚଏସ୍ କରିବେ ?**

ସତରେ, ମୋତେ ପୂରା ଅଡୁଆରେ ପକାଇଦେଲେ। କାରଣ ଏକଥା ଏବେ ମୁଁ ଚିନ୍ତା କରିନି। ଯେତେବେଳେ ସମୟ ଆସିବ, ତାହା ମୁଁ ସମ୍ପୂର୍ଣ୍ଣ ଭାବରେ ମୋ ମା-ବାପାଙ୍କ ଉପରେ ଛାଡିଦେଇଛି। ତଥାପି ସେହି ବ୍ୟକ୍ତି, ଯାହାଙ୍କ ସହ ମୁଁ ବାକି ଜୀବନ କଟାଇବି, ସେ ପ୍ରଥମେ ଭଦ୍ର, ନମ୍ର ସ୍ୱଭାବ ତଥା ସୋବର ପର୍ସନାଲିଟିର ହୋଇଥିବ। ମୋତେ ଖୁସିର ମାହୋଲରେ ରଖିପାରୁଥିବ।

# ବିକିନି ଦିଶା



ଦିଶା ପଟାନି

କିପରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିବାକୁ ପଡେ ତାହାର କାଇଦା ଦିଶା ପଟାନିଙ୍କୁ ଭଲ ଭାବରେ ଜଣା। ଦେଖୁନାହାନ୍ତି ସେ କେମିତି ଭଳିକି ଭଳି ଫଟୋ ସେଶନ କରିଚାଲିଛନ୍ତି। ଆଉ ଏହି ସମୟରେ ସେ ଗୋଟିଏ ପ୍ରକାର କଷ୍ଟ୍ୟୁମକୁ ଅଧିକ ଅଗ୍ରାଧିକାର ଦେଉଛନ୍ତି। ତାହା କ’ଣ ଜାଣନ୍ତି ? ବିକିନି। ପୁଣି ପଚାରିଲେ କହୁଛନ୍ତି, ‘ମୋତେ ଏହି ଗେଟଅପରେ ଅଧିକ କମ୍ଫର୍ଟ ଲାଗିଥାଏ। ବିକିନି ପିନ୍ଧି ସେ ବିଭିନ୍ନ ପୋଜ୍‌ର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତାହାକୁ ନେଇ କେହି କମେଣ୍ଟ କଲେ ତାହାର ଉତ୍ତର ମଧ୍ୟ ଦେଉଛନ୍ତି। ବର୍ତ୍ତମାନ ମୁଁ ଅଲ୍ଲୀ ଆବାସ ଜାଫରଙ୍କ ‘ଭାରତ’ରେ ଅଭିନୟ କରୁଛି। ଏଥିରେ ମୋତେ ମିଳିଛି ଗ୍ଲାମର ଭୂମିକା। ହେଲେ ତାହାର ଏହି ଫଟୋ ସେଶନ ସହ କୌଣସି ରିଲେଶନ ନାହିଁ। ମୋ ମନ ହେଲା ଫଟୋ ସେଶନ କରିବାକୁ ତେଣୁ ସେଥିରେ ବ୍ୟସ୍ତ ଅଛି। ହେଲେ ମୋ ବିକିନି ପିନ୍ଧାକୁ ନେଇ ଅଧିକ ଆଲୋଚନା ନ ହେବା ଭଲ ବୋଲି କହି ବୁଲୁଛନ୍ତି ଦିଶା।

**ଅପେରା ହାଲ୍‌ଚାଲ୍**

# ନୂଆ ରୂପରେ ଯାତ୍ରା ସଚ୍ଚିଦାନନ୍ଦମ୍

ଚଳିତ ଯାତ୍ରା ସିଜନରେ ନୂଆ ରୂପରେ ମଇଦାନକୁ ଓହ୍ଲାଉଛି ଯାତ୍ରା ସଚ୍ଚିଦାନନ୍ଦମ୍। ଅଲଟ୍ରାମଡର୍ନ ଲାଇଟ, ସାଉଣ୍ଡ ଏବଂ ଷ୍ଟେଜ ସହ ମଲ୍‌ଟି ଷ୍ଟାରର କଳାକାର ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିବେ। ଓଡ଼ିଆ ସିନେମାର କମେଡିଆନ୍ ଗୁଞ୍ଜୁ ପ୍ରଥମ ଥର ପାଇଁ ଏହି ପାର୍ଟିରେ ଅଭିନୟ କରିବେ। ରୋମାଣ୍ଟିକ ଯୋଡି ଚନ୍ଦନ-ତୁଳସୀ, ଜଲିଉଡ୍‌ର ନାମୀ ଖଳନାୟକ ସଞ୍ଜୟ ଭୋଳଙ୍କ ଦମ୍‌ଦାର ଡାଏଲଗକୁ ହୃଦୟସ୍ପର୍ଶୀ ଅଭିନୟ,



ସୁଜୟ-ମୀନୁ

ନିଆରା ଅଭିନୟ ପାଇଁ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଭର୍ସାଟାଇଲ ଯୋଡି ସୁଜୟ-ମିନୁଙ୍କ ବ୍ୟତୀତ ଆଗଧାଡିର ଅନ୍ୟତମ ଚରିତ୍ର ଅଭିନେତା ରମାକାନ୍ତ, ରୀନା-ତପନ, ରାଜୁ- ରୀନା, ବାବୁଲି, ଗୁଞ୍ଜୁ ଏବଂ କଣ୍ଢେଇ କଟକ କଲ୍ୟାଣନଗରସ୍ଥିତ ଏହି ପାର୍ଟିରେ ସାମିଲ ହୋଇଛନ୍ତି। ଏହି ସିଜନରେ ଚାରୋଟି ନାଟକକୁ ନେଇ ପାର୍ଟି ଅପେରା ପରିବେଷଣ କରିବ। ନିହାର ମହାନ୍ତିଙ୍କ ରଚିତ ତଥା ଗିମିକ ମାଷ୍ଟର ଲାଲା ବୀରେନ୍ ରାୟଙ୍କ ନିର୍ଦ୍ଦେଶିତ ‘ଗାୟତ୍ରୀ ଅପାର ଗୋପନ କଥା’ ବ୍ୟତୀତ ମନୁ ଭାଇଙ୍କ ‘ମଝିଆ ପୁଅ କାହାର ନୁହଁ’କୁ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ତାପସ ସ୍ୱାଇଁ। ଏହି ନାଟକଦ୍ୱୟ ଚଳିତ ଯାତ୍ରା ସିଜନରେ ଦର୍ଶକଙ୍କୁ ନିଶ୍ଚୟ ଫୁଲ୍ ଏଣ୍ଟରଟେନମେଣ୍ଟ ଦେବ ବୋଲି ପାର୍ଟିର ସ୍ୱତ୍ୱାଧିକାରୀ ବିପିନ ବିହାରୀ ଭୋଳ ଆଶା ରଖିଛନ୍ତି। ଏହା ବ୍ୟତୀତ ‘ରେପ୍ ଆଣ୍ଡ ମର୍ଡର ପାଇଁ ଦାୟୀ କିଏ’ ଏବଂ ‘ତୁଳସୀ ମଥାରେ ଚନ୍ଦନ ଟିପା’ର ପ୍ରସ୍ତୁତି ଚାଲୁରହିଛି।



ଶ୍ରଦ୍ଧା କପୁର

# ଭୂତ ଡରୁଛି ଭୂତକୁ

ଶ୍ରଦ୍ଧା କପୁର ନିଜେ ନିଜକୁ ଡରୁଛନ୍ତି। ଆରେ ଇଏ କେମିତିକା କଥା ? ଜଣେ ପୁଣି ନିଜକୁ ଡରିବ ! କଥାଟି ଏକଦମ୍ ସତ। ନିକଟରେ ଶ୍ରଦ୍ଧା ଏକ ହରର ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ ଭୂତ ଭୂମିକାରେ ଅଭିନୟ କରିବାକୁ ପଡିବ। ଏହି ଗେଟ୍‌ଅପ କିପରି ହେବ ସେ ନେଇ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ ସେ ମେକ୍‌ଅପ ନେଲେ। ମେକ୍‌ଅପ୍ ଶେଷ ହେବା ପରେ ସେ ଯେତେବେଳେ ଆଇନା ସମ୍‌ନାରେ ଛିଡା ହେଲେ ନିଜକୁ ଦେଖି ନିଜେ ଡରିଗଲେ। ସେ ଏମିତି ଚିତ୍କାର କଲେ ଯେ ବାହାରେ ବସିଥିବା ନିର୍ଦ୍ଦେଶକ ମେକ୍‌ଅପ ରୁମ ଭିତରକୁ ପଶିଆସିଥିଲେ। କିଛି ସମୟ ପରେ ସେ ସାଧାରଣ ଅବସ୍ଥାକୁ ଆସିଲେ, ହେଲେ ମନରୁ ସେହି ଭୂତ ଭୟ ଦୂର ହୋଇ ନ ଥିଲା। ସେଦିନ ରାତିରେ ଶୋଇଥିବା ବେଳେ ‘ଭୂତ ଭୂତ’ କହି ସେ ଚିତ୍କାର କରିଉଠିଥିଲେ ବୋଲି କହିଛନ୍ତି। ସେ ଅଭିନୟ କରିବାକୁ ଯାଉଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।



"୨୦୧୮–୧୯ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତରେ ମୋବାଇଲ ଫୋନ ଆମଦାନୀ ପ୍ରାୟ ୫ରୁ ୭% ହ୍ରାସ ପାଇବ।
– ପଙ୍କଜ ମହିନ୍ଦ୍ରୁ, ଅଧ୍ୟକ୍ଷ, ଆଇସିଇଏ



"ପ୍ରତିଯୋଗିତା, ଏୟାରପୋର୍ଟ ୟୁଜର ଚାର୍ଜେସ୍ ଏବଂ ସୁଧ ହାର ବୃଦ୍ଧି ଇତ୍ୟାଦି ଏୟାର ଇଣ୍ଡିଆ କ୍ଷତିର ପ୍ରମୁଖ କାରଣ।
– ସୁରେଶ ପ୍ରଭୁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

# ଅଡୁଆରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓ

ନୂଆଦିଲ୍ଲୀ,୨୨–୮(ପିଟି)

ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ମାନଙ୍କୁ ଅର୍ଥମନ୍ତ୍ରଣାଳୟ କଡ଼ା ନିର୍ଦ୍ଦେଶ ଜାରି କରିଛି। ଯେଉଁ କମ୍ପାନୀ, ସଂସ୍ଥା ବା ବ୍ୟକ୍ତିବିଶେଷ ବ୍ୟାଙ୍କରୁ ୫୦ କୋଟି ଟଙ୍କାରୁ ଅଧିକ ଋଣ ନେଇ ପରିଶୋଧ କରୁ ନାହାନ୍ତି ସେମାନଙ୍କୁ ଯେନତେନ ପ୍ରକାରେ ଧରିବା ପାଇଁ ମନ୍ତ୍ରଣାଳୟ ଶୁଣାଇ ଦେଇଛି। କିନ୍ତୁ ଏତେ ମାତ୍ରାରେ ଋଣ ନେଇ ଯେଉଁମାନେ ଜାଲିଆତି କରିଛନ୍ତି ସେମାନଙ୍କୁ କାବୁ କରିବାରେ ବ୍ୟାଙ୍କ ଯଦି ସଫଳ ନ ହୁଏ ତେବେ ବ୍ୟାଙ୍କ ଅଧିକାରୀମାନେ ହିଁ ହରଡ଼ ଘଣାରେ ପଡ଼ିବେ। ଏଭଳି କ୍ଷେତ୍ରରେ ବ୍ୟାଙ୍କ ଅଧିକାରୀମାନଙ୍କ ନାମରେ ଆପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁହୋଇ ପାରେ। ଅର୍ଥମନ୍ତ୍ରଣାଳୟର ଏଭଳି ନିଷ୍ପତ୍ତି ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

- ହେବ କଡ଼ା କାର୍ଯ୍ୟାନୁଷ୍ଠାନ
- ୧୨ କମ୍ପାନୀକୁ ମଗାଯାଇଛି ୫ ବର୍ଷର କାରବାର ରେକର୍ଡ
- ନଜରରେ ୫୦ କୋଟିରୁ ଅଧିକ ଋଣଗ୍ରହୀତା




ଖବର ଅନୁସାରେ ଭାରତୀୟ ପିଙ୍ଗଳ କୋଡ(ଆଇପିସି) ଧାରା ୧୨୦ବି ଆଧାରରେ ବ୍ୟାଙ୍କ ଅଧିକାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ୟାଙ୍କ ଅଧିକାରୀ ଯଦି ଜାଲିଆତି ସମ୍ପର୍କରେ ଆଗୁଆ ଖବର ନ ଦିଅନ୍ତି ଏବଂ ତାହା ତଦନ୍ତକାରୀ ସଂସ୍ଥାଦ୍ୱାରା ଖୋଳତାଡ଼ ପରେ ଜଣାପଡେ ତେବେ ବ୍ୟାଙ୍କ ଅଧିକାରୀ ହିଁ ଅଡୁଆରେ ପଡିବେ।

ବର୍ତ୍ତମାନ ଏକାଧିକ କମ୍ପାନୀ ଏହିଭଳି ଋଣ ଜାଲିଆତି କରିଥିବା ଖବର ସାମ୍ନାକୁ ଆସିଛି। ବିଶେଷ କରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ହୀରାଗହଣା ବ୍ୟବସାୟୀ ନୀରବ ମୋଦି ଏବଂ ତାଙ୍କ ମାମୁ ମେହୁଲ ଚୋକ୍‌ସୀ ବେଆଇନ ଭାବେ ପ୍ରାୟ ୧୪୦୦୦ କୋଟି ଟଙ୍କା ଋଣ ନେଇ ଫେରାର୍ ହେବା ଘଟଣା ପଦାକୁ ଆସିବା ପରେ ଗୋଟେ ପରେ ଗୋଟେ ଏଭଳି ଘଟଣା ସାମ୍ନାକୁ ଆସୁଛି।

ଏନପିଏ ସମସ୍ୟା ବଢିଚାଲିଥିବା ବେଳେ ସାରା ଦେଶରେ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏନ୍‌ପିଏ ପରିମାଣ ୮ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ସାରିଲାଣି। ଅଧିକାରୀ ଜଣଙ୍କ ଆହୁରି ମଧ୍ୟ କହିଛନ୍ତି ଯେ, ଇସ୍ପାତ ଏବଂ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଜଡ଼ିତ ଥିବା ପ୍ରାୟ ୧୦ରୁ ୧୨ କମ୍ପାନୀ ଏଭଳି ଜାଲିଆତି କରିଥିବା ଖବର ସରକାର ଜାଣିବାକୁ ପାଇଛନ୍ତି।

ଖାଲି ସେତିକି ନୁହେଁ କେତୋଟି ନିର୍ଦ୍ଦିଷ୍ଟ କମ୍ପାନୀକୁ ସେମାନଙ୍କର ଗତ ୫ ବର୍ଷର କାରବାର ରେକର୍ଡ ସମ୍ପର୍କିତ ତଥ୍ୟ ମଗାଯାଇଛି। ସୂଚନାଯୋଗ୍ୟ ୨୦୧୭ ଜୁନ୍‌ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବୃହତ ଏନ୍‌ପିଏ ଆକାଉଣ୍ଟ ସମ୍ପର୍କରେ ସୂଚନା ଦେଇଥିଲା। ଏମାନଙ୍କ ଉପରେ ଜଣେକା ୫ ହଜାର କୋଟିରୁ ଅଧିକ ଋଣ ଥିବାବେଳେ ମୋଟ ଏନ୍‌ପିଏର ୨୫% ଏମାନେ ଅକ୍ତିଆର କରିଥିଲେ।

# ବନ୍ୟା ବିପନ୍ନଙ୍କୁ ପତଞ୍ଜଳିର ସହାୟତା

ନୂଆଦିଲ୍ଲୀ,୨୨–୮

ପ୍ରମୁଖ ଆୟୁର୍ବେଦ ତଥା ଏଫ୍‌ଏମ୍‌ସିଜି କମ୍ପାନୀ ପତଞ୍ଜଳି କେରଳ ଓ କର୍ଣ୍ଣାଟକର ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢାଇଛି। କମ୍ପାନୀ କେରଳର ବନ୍ୟା ପ୍ରଭାବିତ ଅଞ୍ଚଳକୁ ୫୦ ଲକ୍ଷ ଟଙ୍କାର ରିଲିଫ୍ ସାମଗ୍ରୀ ପଠାଇଥିବା ଜଣାପଡ଼ିଛି। ସେହିଭଳି ଅଧିକ ୧.୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି। ଅସୁବିଧାରେ ରହିଥିବା ଲୋକଙ୍କ ଉଦ୍ଧାରକାର୍ଯ୍ୟ ପାଇଁ ସୁରକ୍ଷା ବଳର କାର୍ଯ୍ୟକୁ ପତଞ୍ଜଳି ପ୍ରତିଷ୍ଠାତା ଯୋଗ ଗୁରୁ ବାବା ରାମଦେବଙ୍କ ପ୍ରଶଂସା କରିଛନ୍ତି। ବନ୍ୟା ବିପନ୍ନଙ୍କୁ ସହାୟତା କରିବା ଲାଗି ଦେଶବାସୀ ଆଗେଇ ଆସିବା ଦରକାର ବୋଲି କମ୍ପାନୀ ଆହ୍ୱାନ ଜଣାଇଛି। ସମଗ୍ର ଦେଶକୁ ଏକ ପରିବାର ମାନି ଲୋକଙ୍କୁ ସହାୟତା ଲାଗି କମ୍ପାନୀ ଆଗେଇ ଆସିଛି ବୋଲି ପତଞ୍ଜଳିର ସିଇଓ ଆଚାର୍ଯ୍ୟ ବାଲକ୍ରିଷ୍ଣା ସୂଚନା ଦେଇଛନ୍ତି। ପତଞ୍ଜଳି ପକ୍ଷରୁ ଶତାଧିକ କାର୍ଯ୍ୟକର୍ତ୍ତା କେରଳର ବନ୍ୟା ଅଞ୍ଚଳରେ ଉଦ୍ଧାର ସମେତ ଅନ୍ୟାନ୍ୟ କାର୍ଯ୍ୟରେ ସାମିଲ ହୋଇ ଥିବା ବାଲକ୍ରିଷ୍ଣା କହିଛନ୍ତି। କମ୍ପାନୀ ପକ୍ଷରୁ ପାନୀୟ ଜଳ, ଟୁଥପେଷ୍ଟ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବା ସୂଚନା ରହିଛି।



ସୁରକ୍ଷା ବଳର କାର୍ଯ୍ୟକୁ ପତଞ୍ଜଳି ପ୍ରତିଷ୍ଠାତା ଯୋଗ ଗୁରୁ ବାବା ରାମଦେବଙ୍କ ପ୍ରଶଂସା

## ସଂକ୍ଷେପରେ

### ପାଇଲଟଙ୍କ ଭତ୍ତା ମଞ୍ଜୁର କଲା ଏୟାର ଇଣ୍ଡିଆ



ନୂଆଦିଲ୍ଲୀ,୨୨–୮(ପି.ଟି): ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ଏହାର ପାଇଲଟଙ୍କ ଜୁନ୍ ମାସର ବକେୟା ଭତ୍ତାକୁ ମଞ୍ଜୁର କରିଛି। ଭତ୍ତା ନ ମିଳିଲେ ଉଡାଣ ବନ୍ଦ କରିଦେବାକୁ ପାଇଲଟଙ୍କ କେତେକ ଗୋଷ୍ଠୀ ଗତ ସପ୍ତାହରେ କମ୍ପାନୀକୁ ଚେତାବନୀ ଦେଇଥିଲେ। ଏହା ପରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଜୁନ ମାସର ଭତ୍ତା ଅଗଷ୍ଟ ୨୦ ତାରିଖରେ ପ୍ରଦାନ କରାଯାଇଥିବା କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଦୁଇ ମାସ ପରେ ଉଡାଣ ଭତ୍ତା କମ୍ପାନୀ ପ୍ରଦାନ କରିଛି। ଜୁନ୍ ମାସର ଭତ୍ତା ଅଗଷ୍ଟ ପହିଲାରେ ମିଳିବାକୁ ନିୟମ ରହିଥିବା ବେଳେ ଏଥିରେ ବିଳମ୍ବ ଘଟିଛି ବୋଲି ଅନ୍ୟ ଜଣେ କର୍ମଚାରୀ କହିଛନ୍ତି।

### କ୍ରିପ୍ଟୋଜ୍ୟାକିଂ ମାଧ୍ୟମ ପାଲଟିଛି ସ୍ମାର୍ଟଫୋନ୍

ପ୍ୟାରିସ୍,୨୨–୮: କ୍ରିପ୍‌ଟୋ କରେନ୍ସି କାରବାରକୁ ଅଧିକ ସକ୍ରିୟ କରିବା ପାଇଁ ହ୍ୟାକରମାନେ ସ୍ମାର୍ଟଫୋନ୍ ଉପରେ ଆଖି ପକାଇଛନ୍ତି। ବିନା କୌଣସି କାରଣରେ ଯଦି ଆପଣଙ୍କ ସ୍ମାର୍ଟଫୋନ୍ ଫଙ୍କ୍‌ସନିଂରେ ମନ୍ଥର ହେଉଛି ତେବେ ଏହା ହ୍ୟାକରମାନଙ୍କ ନଜରରେ ଥିବା ଆଶଙ୍କା କରାଯାଇ ପାରେ। କ୍ରିପ୍‌ଟୋ କରେନ୍ସି ଉପାର୍ଜନ ପାଇଁ ହ୍ୟାକରମାନେ ଏଭଳି କରିଥାଇ ପାରନ୍ତି। ହ୍ୟାକରମାନଙ୍କ ଏଭଳି ଚକ୍ରାନ୍ତକୁ ସିକ୍ୟୁରିଟି ଏକ୍ସପର୍ଟମାନେ କ୍ରିପ୍‌ଟୋଜ୍ୟାକିଂ ନାମ ଦେଇଛନ୍ତି। ଏ ସମ୍ପର୍କରେ ୱେଭ୍‌ଷ୍ଟୋନ୍ ନାମକ ଏକ ଆଇଟି ସର୍ଭିସ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀର ବିଶେଷଜ୍ଞ ଜି. ବିଲୋଇସ୍ କହିଛନ୍ତି, କ୍ରିପ୍‌ଟୋକରେନ୍ସି କାରବାରକୁ ବଢାଇବା ପାଇଁ ହ୍ୟାକରମାନେ ପର୍ସନାଲ୍ କମ୍ପ୍ୟୁଟର, ସ୍ମାର୍ଟଫୋନ୍ ଭଳି ଡିଭାଇସ୍‌କୁ ଟାର୍ଗେଟ୍ କରିଛନ୍ତି।

### ପ୍ରଭାବିତ ହେବନାହିଁ ଭାରତର ସୋଭରେନ୍ ରେଟିଂ: ଫିଚ୍

ମୁମ୍ବାଇ,୨୨–୮: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ହେବା ଦ୍ୱାରା ଏହା ଦେଶର ସୋଭରେନ୍ ରେଟିଂକୁ ପ୍ରଭାବିତ କରିବ ନାହିଁ ବିଶ୍ୱର ପ୍ରମୁଖ ରେଟିଂ ଏଜେନ୍ସି ଫିଚ୍ ବୁଧବାର ଏଭଳି କହିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଗତ ସପ୍ତାହରେ ୭୦ ଟଙ୍କା ୧୫ ପଇସାକୁ ଖସି ଆସିଥିବା ବେଳେ ଏହା ଭାରତ ପାଇଁ ଏକ ବିରାଟ ବଡ଼ ଚିନ୍ତାର ବିଷୟ ନୁହେଁ ବୋଲି ଫିଚ୍ ଦର୍ଶାଇଛି। କିନ୍ତୁ ଏହା ଦେଶର କର୍ପୋରେଟ ଏବଂ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ପାଇଁ ଚିନ୍ତାର ବିଷୟ ହୋଇ ପାରେ। ଭାରତର ବୈଦେଶିକ ଋଣଭାର ଅଧିକ ନ ଥିବାରୁ ଏ କ୍ଷେତ୍ରରେ ଏହା ସହାୟ ହେବ ବୋଲି ଫିଚ୍ ପ୍ରକାଶ କରିଛି।

### ଟାକ୍ସ ହେଭେନ୍‌ରେ କମୁଛି ଭାରତୀୟଙ୍କ ଜମା

ନୂଆଦିଲ୍ଲୀ,୨୨–୮
ଟିକସ ଫାଙ୍କିବା ଲାଗି ଟାକ୍ସ ହେଭେନ ବା ଟିକସ ଚୋରି ଭୂସ୍ୱର୍ଗ କୁହାଯାଉଥିବା ଦେଶଗୁଡିକରେ ଭାରତୀୟଙ୍କ ଜମାରେ ହ୍ରାସ ଘଟୁଛି। ୨୦୧୩ ଠାରୁ ୨୦୧୭ ମଧ୍ୟରେ ଏହି ଦେଶଗୁଡିକରେ ଜମା ଏବଂ ଅଣ ବ୍ୟାଙ୍କ ଋଣ କ୍ଷେତ୍ରରେ ବିଶେଷ ଭାବେ ହ୍ରାସ ଘଟିଥିବା ଜଣାପଡିଛି। ବ୍ୟାଙ୍କ ଫର ଇଣ୍ଟର ନ୍ୟାଶନାଲ ସେଟେଲମେଣ୍ଟ (ବିଆଇଏସ୍)ର ଜଣେ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ କଳାଟଙ୍କା ବିରୋଧରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଏଭଳି ସ୍ଥିତି ଆସିଛି। ଲକ୍ସମବର୍ଗ ସମେତ ବିଭିନ୍ନ ଦେଶରେ ଭାରତୀୟଙ୍କ ଜମା ହ୍ରାସ ଘଟିଥିବା ଉକ୍ତ ଅଧିକାରୀ ଜଣଙ୍କ ସୂଚନା ଦେଇଛନ୍ତି।

### ଆସିପାରେ ଆଉ ଏକ ମାନ୍ଦାବସ୍ଥା

ନୂଆଦିଲ୍ଲୀ,୨୨–୮
ବିଶ୍ୱ ଅର୍ଥନୀତି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆଉ ଏକ ମାନ୍ଦାବସ୍ଥା ସାମ୍ନା କରିବାର ବିଶେଷ ସମ୍ଭାବନା ରହିଛି। ଆମେରିକାର ମୁଦ୍ରା ନୀତି ଯୋଗୁ ୟୁରୋପ ଉପରେ ପ୍ରଭାବ ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତି ମାନ୍ଦାବସ୍ଥା ଆଡକୁ ଗତି କରିପାରେ। ପାସିଫିକ୍ ଇନଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଏଭଳି ଏକ ପୂର୍ବାନୁମାନ କରାଯାଇଛି। ମାନ୍ଦାବସ୍ଥା ଆସିବାର ୭୦% ସମ୍ଭାବନା ରହିଥିବା ଉକ୍ତ ସଂସ୍ଥା ପ୍ରକାଶ କରିଛି। ପିମ୍‌କୋ ନାମକ ସଂସ୍ଥାରେ ନନ୍ ଟ୍ରାଡିଶନାଲ ଷ୍ଟ୍ରାଟେଜିଷ୍ଟର ମୁଖ୍ୟ ନିବେଶ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ମାର୍କ ସେଡନର ବଜାରର ଏଭଳି ସ୍ଥିତିକୁ ନେଇ ସତର୍କ କରାଇଛନ୍ତି। ସିଡନୀଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେଡନର ଏହା କହିଛନ୍ତି।

# ବଜାରରେ ସାମ୍‌ସଙ୍ଗର ଗାଲାକ୍ସି ନୋଟ୍ ୯




ନୂଆଦିଲ୍ଲୀ,୨୨–୮

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ବଜାରକୁ ଆସିଛି ନୂଆ ନୋଟ୍ ୯ ମଡେଲ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସର ଆଇଟି ଓ ମୋବାଇଲ୍ ଯୋଗାଯୋଗ ଡିଭିଜନ୍ ସଭାପତି ତଥା ସିଇଓ ଡି.ଜେ. କୋହ ନୂଆ ମଡେଲକୁ ବଜାର ପ୍ରବେଶ କରାଇଛନ୍ତି। ସାରା ଦେଶରୁ ଚୟନ କରାଯାଇଥିବା କିଛି ନୋଟ୍ ପ୍ରେମୀଙ୍କୁ କୋହ ନୂଆ ମଡେଲ ହସ୍ତାନ୍ତର କରିଥିଲେ। ରିମୋଟ କଣ୍ଟ୍ରୋଲ ଥିବା ନୂଆ ଏସ୍ ପେନ୍ ସୁବିଧା ଏଥିରେ ଦିଆଯାଇଛି। ଏହା ଫୋନ୍‌କୁ ସହଜରେ ପରିଚାଳନା କରିବାକୁ ସୁବିଧା ଦେବ। ସେଲ୍ଫି ପାଇଁ ଏଥିରେ ଉନ୍ନତ ସୁବିଧା ରହିଛି। ଅପରପକ୍ଷରେ ଅତ୍ୟାଧୁନିକ କ୍ୟାମେରା, ସାମ୍‌ସଙ୍ଗ ଡେକ୍ସ, ଏଚ୍‌ଡିଏମ୍‌ଆଇ କେବୁଲ ସହ ଏହା ପିସି ଭଳି ଅନୁଭୂତି ପ୍ରଦାନ କରିବାକୁ ସକ୍ଷମ ହେବ। ୧୯୯୫ରେ ଘରୋଇ ବଜାରରେ ସାମ୍‌ସଙ୍ଗ ପ୍ରବେଶ କରିବା ପରଠାରୁ ଭାରତ ସହ ଏକତ୍ରିତ ହୋଇ ଆଗକୁ ବଢି ଚାଲିଛୁ ବୋଲି କୋହ ସୂଚନା ଦେଇଛନ୍ତି। ଏଥିରେ ଲାପ୍‌ଟପର ଶକ୍ତି, ମିଡିଆ ଷ୍ଟ୍ରିମିଂ ଉପକରଣ, ପାୱାର ବ୍ୟାଙ୍କ, ବାହ୍ୟ ହାର୍ଡ ଡ୍ରାଇଭ, ଗେମିଂ କନ୍‌ସୋଲ୍, ଡିଏସ୍‌ଏଲ୍‌ଆର୍ କ୍ୟାମେରା ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଥିବା ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ବରିଷ୍ଠ ଉପସଭାପତି ଅସିମ ୱାରସୀ ସୂଚନା ଦେଇଛନ୍ତି। ଅଗଷ୍ଟ ୨୪ ପରଠାରୁ ଏହା ଭାରତରେ ଉପଲବ୍ଧ ହେବ। ୧୨୮ ଜିବି ମଡେଲର ମୂଲ୍ୟ ୬୭,୯୦୦ ଟଙ୍କା ରହିଥିବା ବେଳେ ୫୧୨ ଜିବି ମଡେଲର ମୂଲ୍ୟ ୮୪,୯୦୦ ଟଙ୍କା ରହିଛି। ଏହା ମିଡ୍ ନାଇଟ ବ୍ଲାକ୍ ଏବଂ ମେଟାଲିକ୍ କପର ରଙ୍ଗରେ ଉପଲବ୍ଧ। ଭୋଡାଫୋନ୍, ଆଇଡିଆ ଏବଂ ଜିଓ ଗ୍ରାହକଙ୍କ ପାଇଁ ଗାଲାକ୍ସି ନୋଟ୍ ୯ ସ୍ୱତନ୍ତ୍ର ଅଫରରେ ଉପଲବ୍ଧ ଥିବା ଜଣାଯାଉଛି।



ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ଟ୍ୱିନ ସିଟି ନେକ୍ସା ଶୋରୁମ୍‌ଠାରେ ନୂଆ 'ସିଆଜ୍' ମଡେଲର ଉନ୍ମୋଚନ କରାଯାଇଛି। ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ଡିଜିଏମ୍ ଆନନ୍ଦ ବିକ୍ରମ, ଏସ୍‌ବିଆଇ ଆର୍.ଏମ୍. ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଟ୍ୱିନ ସିଟି ନେକ୍ସା ଶୋରୁମର ଜି.ଏମ୍. ବିଭୁଦତ୍ତ ପଣ୍ଡା, ସ୍କାଏ ଅଟୋମୋବାଇଲ ସିଓଓ କୌଶିକ୍ ଓଝା, ଜିଏମ୍ ସଞ୍ଜୟ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ମଡେଲଟିକୁ ବଜାର ପ୍ରବେଶ କରାଇଥିଲେ।

# ଏମ୍‌ସିଏ ନଜରରେ ୫ ଲକ୍ଷ କମ୍ପାନୀ

ନୂଆଦିଲ୍ଲୀ,୨୨–୮

ଘରୋଇ ବଜାରର ୧.୪ ନିୟୁତ କମ୍ପାନୀ ବର୍ତ୍ତମାନ ସରକାରଙ୍କ ନଜରରେ ଅଛନ୍ତି। ରେଜିଷ୍ଟ୍ରାର ଅଫ୍ କମ୍ପାନୀ(ଆର୍‌ଓସି)ରେ ପଞ୍ଜୀକରଣ ନେଇଥିବା ଏହି କମ୍ପାନୀଗୁଡିକ ଷ୍ଟାଚୁଟୋରି ରିଟର୍ନ ଫାଇଲ କରି ନ ଥିବା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ସିଏ) ବୁଧବାର ସୂଚନା ଦେଇଛି। ଉକ୍ତ ଫାର୍ମଗୁଡିକ ମଧ୍ୟରେ ୫.୬ ଲକ୍ଷ ଫାର୍ମ ଉପରେ ବର୍ତ୍ତମାନ ଏମ୍‌ସିଏ ନଜର ରଖିଛି। ଫାର୍ମଗୁଡିକର ପଞ୍ଜୀକରଣ ରଦ୍ଦ ନେଇ ଏମ୍‌ସିଏ ନିଷ୍ପତ୍ତି ନେବ। ୨୦୧୭–୧୮ ଆର୍ଥିକ ବର୍ଷରେ ଆର୍‌ଓସି ୨.୨୬ ଲକ୍ଷ କମ୍ପାନୀଙ୍କ ପଞ୍ଜୀକରଣ ରଦ୍ଦ କରିଥିଲା।

# ବିକ୍ରି ହେବ ୟୁନିଟେକ୍ ନିର୍ଦ୍ଦେଶକଙ୍କ ସମ୍ପତ୍ତି

ନୂଆଦିଲ୍ଲୀ,୨୨–୮

ରିୟଲ ଇଷ୍ଟେଟ କମ୍ପାନୀ ୟୁନିଟେକ୍‌ର ସମ୍ପତ୍ତି ବିକ୍ରି ହେବ। ଉକ୍ତ ସମ୍ପତ୍ତି ବିକ୍ରି ଦ୍ୱାରା ଲୋକଙ୍କ ଟଙ୍କା ଫେରସ୍ତ ହେବ ବୋଲି ଜଣାଯାଇଛି। ୟୁନିଟେକ୍ ସମ୍ପତ୍ତି ବିକ୍ରି ଲାଗି ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ହୋଣ୍ଡା ଅଲ୍ ନ୍ୟୁ ଆମେଜ୍‌ର ବିକ୍ରି ସଫଳତା

ନୂଆଦିଲ୍ଲୀ,୨୨–୮

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ପକ୍ଷରୁ ବଜାରକୁ ଆସିଥିବା ଅଲ୍ ନ୍ୟୁ ଆମେଜ୍ ବିକ୍ରି କ୍ଷେତ୍ରରେ ସଫଳତା ହାସଲ କରିଛି। କମ୍ପାନୀର ସର୍ବକାଳୀନ ଶ୍ରେଷ୍ଠ ବିକ୍ରି ହେଉଥିବା ନୂଆ ମଡେଲ ଭାବେ ଏହା ଉଭା ହୋଇଛି। ବଜାରକୁ ଆସିବାର ପ୍ରଥମ ତିନି ମାସ ମଧ୍ୟରେ ଏହା ୩୦,୦୦୦ ବିକ୍ରି ରେକର୍ଡ ହାସଲ କରିଛି। ହୋଣ୍ଡାର ୨୦ ବର୍ଷର ବିକ୍ରି ଇତିହାସ ମଧ୍ୟରେ ବଜାରକୁ ଆସିଥିବା ଯେକୌଣସି ନୂଆ ମଡେଲ ମଧ୍ୟରେ ଏହା ସର୍ବାଧିକ ବିକ୍ରି ସଫଳତା ହାସଲ କରିଛି। ଅଲ୍ ନ୍ୟୁ ଆମେଜ୍‌ର ଏହି ସଫଳତା ଲାଗି ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଜୁଲାଇ ସମୟ ମଧ୍ୟରେ କମ୍ପାନୀ ୧୨.୫% ବିକ୍ରି ସଫଳତା ହାସଲ କରିଛି। ସମ୍ପୂର୍ଣ୍ଣ ନୂଆ ପ୍ଲାଟ୍‌ଫର୍ମରେ ବିକଶିତ ହୋଇଥିବା ନୂଆ ଆମେଜ୍‌କୁ ପ୍ରଥମରୁ ଏକ ପ୍ରକୃତ ସେଡାନ ଭାବେ ବିକଶିତ କରାଯାଇଥିବା ବେଳେ ଏହା ଅନ୍ୟମାନଙ୍କଠାରୁ ଭିନ୍ନ ସାବ୍ୟସ୍ତ ହୋଇଥିବା ହୋଣ୍ଡା କାର୍‌ସ ଇଣ୍ଡିଆର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ମାକୋଟୋ ହ୍ୟୋଡା ସୂଚନା ଦେଇଛନ୍ତି। ଏହା ଗ୍ରାହକଙ୍କ ଦ୍ୱାରା ବାସ୍ତବରେ ଗ୍ରହଣଯୋଗ୍ୟ ହୋଇଥିବା ସେ ସୂଚନା ଦେଇଛନ୍ତି।




## ଅର୍ଥର ଅର୍ଥ

# ପରେ ଋଣ କରିବା ଅପେକ୍ଷା ଏବେ ସଞ୍ଚୟ କରିବା ଭଲ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପ୍ର: ମୋର ବୟସ ୨୯ ବର୍ଷ ଏବଂ ମୁଁ ବିବାହିତ । ମୋର ୧ ବର୍ଷର ଝିଅଟିଏ ଅଛି। ଏଯାଏଁ ବିଶେଷ କିଛି ସଞ୍ଚୟ କରି ନାହିଁ। ଅନ୍ୟ ପକ୍ଷରେ ମୋର ସୀମିତ ଆୟରେ ଘର ଖର୍ଚ୍ଚ ବାଦ୍ ସଞ୍ଚୟ କରିବା ସମ୍ଭବ ହେଉ ନାହିଁ ଆଜିକାଲି ବ୍ୟାଙ୍କ ଋଣ ସହଜରେ ମିଳୁଛି ବୋଲି ମୋର ଧାରଣା। ତେଣୁ ମୋ ଝିଅର ପାଠପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ଭବିଷ୍ୟତରେ ଋଣ ଉପରେ ନିର୍ଭର କରିବି ବୋଲି ଭାବୁଛି। ଋଣକରି ଝିଅକୁ ପାଠ ପଢ଼ାଇବା ଠିକ୍ ହେବ ନା ଏବେଠାରୁ ଯଥାସାଧ୍ୟ ସଞ୍ଚୟ କରିବା ଠିକ୍ ହେବ? ଏ ବିଷୟରେ ଆପଣଙ୍କ ପରାମର୍ଶ ଦେବା ପାଇଁ ଅନୁରୋଧ।**
**– ସୁବ୍ରତ ମାଝୀ, ବାଲେଶ୍ୱର**

ଉ: ପ୍ରଥମତଃ ସଞ୍ଚୟ କାହିଁକି କରିବା ? ଏହି ପ୍ରଶ୍ନର ମୁଖ୍ୟ ଉତ୍ତର ହେଉଛି ଭବିଷ୍ୟତ ସମ୍ପର୍କରେ ଆମେ କେହି ଜାଣିନେ। ଆଗକୁ କ'ଣ ହେବ ବା କ'ଣ ଘଟିବ କେହି ବି ଠିକ୍ ରେ କହିପାରିବେ ନାହିଁ। ତେଣୁ ଭବିଷ୍ୟତର ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଯଦି ଆପଣଙ୍କ ମାସିକ ଆୟର କିଛି ଟଙ୍କା ସଞ୍ଚୟ କରିଥିବେ ତେବେ ଆପଣଙ୍କୁ ଏହା ସୁରକ୍ଷା ପ୍ରଦାନ କରିବ। ଏହା ସହିତ ଯଦି କୌଣସି ପ୍ରକାର ଆକସ୍ମିକ ଖର୍ଚ୍ଚ ଆବଶ୍ୟକ ପଡେ ଯାହାକି ଆପଣଙ୍କ କଳ୍ପନା ବାହାରେ ସେ ସମୟରେ ଏହି ସଞ୍ଚିତ ସମ୍ବଳ ହିଁ ଆପଣଙ୍କୁ ସାହାଯ୍ୟ କରିବ।

ଆପଣ ନିଜକୁ ପ୍ରଶ୍ନ ପଚାରି ପାରନ୍ତି ଯେ ସଞ୍ଚୟ କରିବା ପାଇଁ ଏତେ ଚାପ କାହିଁକି? ଯଦି ଆପଣଙ୍କ ପାଖରେ ଯଥେଷ୍ଟ ଅର୍ଥ ଅଛି ହୁଏତ ସଞ୍ଚୟ କରିବାର ଆବଶ୍ୟକତା ନ ଆସିପାରେ। ଜୀବନରେ ଭବିଷ୍ୟତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ପାଇଁ ସଞ୍ଚୟ କରିବା ଉଚିତ୍। ଯଦି ଋଣ କରି ସବୁ କିଛି କରିବେ ଋଣ ପରିଶୋଧ କରିବାରେ ଆପଣଙ୍କୁ ସୁଧ ପଇଠ କରିବାକୁ ପଡିବ। ଉଦାହରଣ ସ୍ୱରୂପ ଯଦି ଆପଣ ୬୦ ଲକ୍ଷ ଟଙ୍କାର ଏକ ଗୃହଋଣ କରିଛନ୍ତି ଏବଂ ଏଥିରେ ବାର୍ଷିକ ୮.୩୫% ସୁଧ ହାର ହିସାବରେ ୨୦ ବର୍ଷ ପାଇଁ ପରିଶୋଧ କରିବେ ତେବେ ଆପଣଙ୍କୁ ମାସିକ କିସ୍ତି ଆକାରରେ ୫୧,୫୦୧ ଟଙ୍କା ବହନ କରିବାକୁ ପଡିବ। ଆସନ୍ତା ୨୦ ବର୍ଷରେ ସମୁଦାୟ ୧,୨୩,୬୦,୨୮୩ ଟଙ୍କା (୫୧୫୦୧ ମାସିକ କିସ୍ତି x ୨୪୦ ମାସ) ପଇଠ କରିବେ। ଏଥି ମଧ୍ୟରୁ ୬୩,୬୦,୨୮୩ ଟଙ୍କା କେବଳ ସୁଧ ଗଣିବେ। ଆମର ଆଶା ଆପଣ ଏବେ ବୁଝି ପାରୁ ଥିବେ ଯେ, ଋଣ କରି ଆର୍ଥିକ ଲକ୍ଷ୍ୟ ହାସଲ କରିବା ଅପେକ୍ଷା ସଞ୍ଚୟ କରିବା ଶ୍ରେୟସ୍କର ଏବଂ ବୁଦ୍ଧିମାନର କର୍ତ୍ତବ୍ୟ।

### ସଞ୍ଚୟ କରିବାର ୧୦ ପ୍ରମୁଖ କାରଣ

୧. ସଞ୍ଚୟ ଦ୍ୱାରା ଆପଣ ନିଜର ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ।
୨. ଅବସରକାଳୀନ ପାଣ୍ଠି ଗଠନ କରିପାରିବେ।
୩. ସୁନ୍ଦର ଘରଟିଏ ନିର୍ମାଣ କରିପାରିବେ।
୪. ଆମୋଦ ପ୍ରମୋଦ ପାଇଁ ବିଦେଶ ଭ୍ରମଣ କରିପାରିବେ।
୫. ଝିଅପୁଅଙ୍କ ପାଠ ପଢ଼ା ଖର୍ଚ୍ଚ ତଥା ବିବାହ ଖର୍ଚ୍ଚ ତୁଲାଇ ପାରିବେ।
୬. ସଞ୍ଚୟ କରିଥିଲେ ଜରୁରିକାଳୀନ ସମୟରେ କାହାପାଖରେ ହାତ ପାତିବେନି।
୭. କିଛି ଅର୍ଥ ସଞ୍ଚୟ କରିଥିଲେ ପରେ ଅଧିକ ଉପାର୍ଜନ ପାଇଁ ଏହାକୁ ନିବେଶ କରିପାରିବେ। ବୃହତ୍ ପରିମାଣର ସମ୍ପତ୍ତି ସୃଷ୍ଟି କରିପାରିବେ।
୮. ଆର୍ଥିକ ସଙ୍କଟ ସମୟରେ ନିଜକୁ ସୁରକ୍ଷିତ ରଖିପାରିବେ।
୯. ସଞ୍ଚୟ କଲେ ସଞ୍ଚୟ କରିବା ଭଳି ଏକ ଭଲ ଅଭ୍ୟାସ ଫାସରେ ପଡ଼ିବେ।
୧୦. ମାନସିକ ଶାନ୍ତି ଲାଭ କରିବେ।

**ପ୍ର: ମୁଁ ଗତ ଆର୍ଥିକ ବର୍ଷରେ ଏକ ଫ୍ଲାଟ୍ ବିକ୍ରି କରିଛି। ମୋର ଆୟକର ସ୍ତର ହେଉଛି ୩୦%। ଏହି ଟଙ୍କା ଉପରେ କ'ଣ ଆୟକର ଦେବାକୁ ପଡିବ କି ?**
**– ମୋହନ ସାହୁ, ସମ୍ବଲପୁର**

ଉ: ଆପଣ ଏହି ଫ୍ଲାଟ୍ ବିକ୍ରି ଉପରେ ଯେଉଁ ଅର୍ଥ ପାଇଛନ୍ତି ସେଥିରେ କ୍ୟାପିଟାଲ ଗେନ୍ ଟ୍ୟାକ୍ସ ଲାଗୁ ହେବ। ଆମର ପରାମର୍ଶ ଏ ବିଷୟରେ ଭଲ ଭାବରେ ବୁଝି ନିଜର ଆୟକର ରିଟର୍ନ ଦାଖଲ କରନ୍ତୁ ।

**ପ୍ର: ଯଦି ମାସିକ ୫୦୦୦ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ମାଧ୍ୟମରେ ୨୫ ବର୍ଷ ସଞ୍ଚୟ କରାଯାଏ ତେବେ କେତେ ଟଙ୍କା ହେବ? ଏହା ମୋ ଅବସରକାଳୀନ ପାଣ୍ଠି ପାଇଁ ଯଥେଷ୍ଟ ହେବ କି? ପରାମର୍ଶ ଲେଖିବା ପାଇଁ ଅନୁରୋଧ।**
**–ସାଗରିକା ସ୍ୱାଇଁ, ବ୍ରହ୍ମପୁର**

ଉ: ଆସନ୍ତା ୨୫ ବର୍ଷ ପାଇଁ ମାସିକ ୫୦୦୦ଟଙ୍କା ଲେଖାଏଁ ଆପଣ ଯଦି ସଞ୍ଚୟ କରିବେ ତେବେ– ବାର୍ଷିକ ୧୨% ସୁଧହାର ହିସାବରେ ୫୬,୯୨,୯୦୫ ଟଙ୍କାର ଏକ ପାଣ୍ଠି ଗଠନ କରି ପାରିବେ। ଯଦି ବାର୍ଷିକ ୧୩% ସୁଧ ଧରିନିଆଯାଏ ତେବେ ୬୮,୧୪,୩୦୫ ଟଙ୍କାର ପାଣ୍ଠି ଗଠନ କରି ପାରିବେ।

*ଆପଣଙ୍କ ପରବର୍ତ୍ତୀ ପ୍ରଶ୍ନ ହେଲା ଏହି ପାଣ୍ଠି ମୋର ଅବସରକାଳୀନ ଖର୍ଚ୍ଚ ପାଇଁ ଯଥେଷ୍ଟ ହୋଇପାରିବ କି?*

ଆପଣଙ୍କୁ ଜାଣି ରଖିବାକୁ ହେବ ଯେ, ଅବସରକାଳୀନ ପାଣ୍ଠି ଗଠନ ଯୋଜନା ଏକ ବିବିଧ ବିଷୟ। ଏହା ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ହିସାବ କରାଯାଇଥାଏ। ଆପଣ ଅବସର ପରେ ମାସିକ କେତେ ଟଙ୍କା ହେଲେ ଆପଣଙ୍କ ଷ୍ଟାଣ୍ଡାର୍ଡ ଅଫ୍ ଲିଭିଂ ପୂରଣ କରିପାରିବେ ତାହା ଆପଣଙ୍କ ଉପରେ ନିର୍ଭର କରେ। ଆମର ପରାମର୍ଶ ଜଣେ ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନର (ସିଏଫ୍‌ପି)ଙ୍କ ପରାମର୍ଶ ନେଇ ନିଜ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପାଣ୍ଠି ଗଠନ ଯୋଜନା ପ୍ରସ୍ତୁତ କରନ୍ତୁ।

**ପ୍ର: ମୁଁ ବାର୍ଷିକ ପାଖାପାଖି ୫ ଲକ୍ଷ ଟଙ୍କା ପେନସନ ପାଉଛି। ମୋର ମାସିକ ପେନସନ ରାଶି କ'ଣ ଆୟକର ଅନ୍ତର୍ଭୁକ୍ତ ହେବ?**
**– ସମରେନ୍ଦ୍ର ମାଝି, ସମ୍ବଲପୁର**

ଉ– ହଁ, ଆପଣ ବାର୍ଷିକ ପେନସନ ରାଶି ଆୟକର ଅନ୍ତର୍ଭୁକ୍ତ ହେବ। ଆମର ପରାମର୍ଶ ଆୟକର ଛାଡ଼ ସୁବିଧା ପାଇଁ ଏବେ ଠାରୁ ଆୟକର ଯୋଜନା ପ୍ରସ୍ତୁତ କରି ନିବେଶ କରନ୍ତୁ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି–୧୫, ରସୁଲଗଡ
ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

## ସଂକ୍ଷେପରେ

### ଉଷୁରେ ଭାରତକୁ ୪ ପଦକ

**ଜାକର୍ତ୍ତା,୨୨।୮(ପି.ଟି.):** ଏସିଆନ୍ ଗେମ୍ସରେ ଭାରତ ଉଷୁରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ୪ଟି ପଦକ ହାସଲ କରିଛି। ଭାରତର ୪ଜଣ ଖେଳାଳି ସେମିଫାଇନାଲରେ ପ୍ରବେଶ କରି ପରାସ୍ତ ହୋଇଥିଲେ ମଧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନାଓରେମ ରୋଶିବିନି ଦେବୀ, ସନ୍ତୋଷ କୁମାର, ସୂର୍ଯ୍ୟ ଭାନୁ ପ୍ରତାପ ସିଂ ଓ ନରେନ୍ଦର ଗ୍ରିୱାଲ ସାନ୍ଦା ଇଭେଣ୍ଟ ସେମିଫାଇନାଲ ବାଉଟ୍‌ରେ ପରାସ୍ତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି। ଏହାପୂର୍ବରୁ ଭାରତ ୨୦୦୬, ୨୦୧୦ ଓ ୨୦୧୪ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ ମଧ ୪ଟି ପଦକ ହାସଲ କରି ନ ଥିଲା। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ଭାରତ ଦୁଇଟି ବ୍ରୋଞ୍ଜ୍ ଜିତିଥିଲା। ସେତେବେଳେ ଗ୍ରିୱାଲ ପୁରୁଷ ସାନ୍ଦା ୬୦ କେ.ଜି.ରେ ବ୍ରୋଞ୍ଜ ଜିତିଥିଲେ। ଏଥିସହ ଗ୍ରିୱାଲ ଏସିଆନ ଗେମ୍ସରେ ତାଙ୍କର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ଭାରତ ଯଥାକ୍ରମେ ଗୋଟିଏ ବ୍ରୋଞ୍ଜ ଓ ଦୁଇଟି ପଦକ (ଗୋଟିଏ ରୌପ୍ୟ, ଗୋଟିଏ ବ୍ରୋଞ୍ଜ) ଜିତିଥିଲା। ରୋଶିବିନି ଦେବୀ ମହିଳା ସାନ୍ଦା ୬୦ କେ.ଜି ସେମିଫାଇନାଲ୍ସରେ ଚାଇନାର କାଇ ୟିଙ୍ଗ୍‌ୟିଙ୍ଗ୍‌ଙ୍କଠାରୁ ୦-୧ରେ ପରାସ୍ତ ହୋଇଥିଲେ। ସେହିପରି ସନ୍ତୋଷ କୁମାର ପୁରୁଷ ସାନ୍ଦା ୫୯ କେ.ଜି. ବର୍ଗରେ ଭିଏତନାମର ଟ୍ରୁଙ୍ଗ୍ ଜିଆଙ୍ଗ୍ ବୁଇଙ୍କଠାରୁ ୦-୨ରେ ସେମିଫାଇନାଲ ବାଉଟ୍‌ରେ ହାରିଥିଲେ। ଏହାପରେ ପ୍ରତାପ ସିଂ ପୁରୁଷ ସାନ୍ଦା ୬୦ କେ.ଜି.ରେ ଓ ଗ୍ରିୱାଲ ୬୫ କେ.ଜି. ବର୍ଗରେ ସେମିଫାଇନାଲ ବାଉଟ୍ ହାରିଥିଲେ। ପ୍ରତାପ ଇର୍ଫାନ ଆହାଙ୍ଗାରିଆନଙ୍କଠାରୁ ୦-୨ ଓ ଗ୍ରିୱାଲ ଉଜବେକିସ୍ତାନର ଆକମଲ ରାଖିମୋଭଙ୍କଠାରୁ ସମାନ ବ୍ୟବଧାନରେ ପରାସ୍ତ ହୋଇଥିଲେ।

### ଏସିଆନ୍ ପାରା ଗେମ୍ସରେ ସାମିଲ ହେବାକୁ ହାଇକୋର୍ଟରେ ଆବେଦନ

**ନୂଆଦିଲ୍ଲୀ,୨୨।୮(ପି.ଟି.):** ୧୦ ଜଣ ଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଟେବୁଲ ଟେନିସ ଖେଳାଳି ଅକ୍ଟୋବରରେ ଖେଳାଯିବାକୁ ଥିବା ୨୦୧୮ ଏସିଆନ୍ ପାରା ଗେମ୍ସରେ ସାମିଲ ହେବା ପାଇଁ ଏବେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ର ଓ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ)କୁ ନିର୍ଦ୍ଦେଶ ଦେବାପାଇଁ ଏହି ଖେଳାଳିମାନେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଟେବୁଲ ଟେନିସ୍ ଫେଡେରେଶନ ଅଫ ଇଣ୍ଡିଆ (ଟିଟିଏଫଆଇ) ଗତ ଜୁଲାଇ ୮ ତାରିଖରେ ଇନ୍ଦୋରରେ ଚୟନ ପ୍ରକ୍ରିୟାର ଆୟୋଜନ କରିଥିଲା। ଏଥିରେ ଏହି ୧୦ଜଣଙ୍କ ସମେତ ଶ୍ରେଷ୍ଠ ୧୯ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ତେବେ ଶେଷରେ କର୍ତ୍ତୃପକ୍ଷ ପକ୍ଷପାତ କରି ଏହି ୧୦ଜଣ ଖେଳାଳିଙ୍କ ନାମ ତାଲିକାରୁ ବାଦ ଦେଇଥିଲେ ଓ କେବଳ ଟୁର୍ନାମେଣ୍ଟ ପାଇଁ କେବଳ ୫ଜଣ ଖେଳାଳିଙ୍କୁ ଚୟନ କରିଥିଲେ ବୋଲି ଦାଖଲ କରାଯାଇଥିବା ପିଟିଶନରେ ଉଲ୍ଲେଖ କରାଯାଇଛି ବୋଲି ଖେଳାଳିଙ୍କ ଓକିଲ ଅଲଖ ଆଲୋକ ଶ୍ରୀବାସ୍ତବ କହିଛନ୍ତି। ହାଇକୋର୍ଟରେ ଅପିଲ କରିଥିବା ଖେଳାଳିମାନେ ହେଲେ ସନ୍ଦୀପ କାଲରା, ଜଗନ୍ନାଥ ମୁଖାର୍ଜୀ, ରାମକ୍ରିଷ୍ଣାଇଆ ଶ୍ରୀନିବାସ, ସଞ୍ଜିବ କୁମାର ହାଜେରି, ଅଜୟ୍ ଗୁବି ବିଜୟ୍ କୁମାର, ସୁମିତ ସେହଗାଲ, ଏ ରାଜ ଅରବିନ୍ଦନ, ଆର. ବେବି ସାହାନା, ପୁନମ ଓ ଜସୱନ୍ତଭାଇ ଚୌଧୁରୀ। ଏହି ଖେଳାଳିମାନଙ୍କ ବୟସ ୧୪ରୁ ୫୩ ବର୍ଷ ବୟସରେ ସୀମିତ। ୨୪ ତାରିଖରେ ହାଇକୋର୍ଟ ଏ ନେଇ ଶୁଣାଣି କରିବେ। ପାରା ଟେବୁଲ ଟେନିସ ବର୍ଗରେ ଅତିବେଶିରେ ୨୫ଜଣ ଆଥଲେଟ ଅଂଶଗ୍ରହଣ କରିପାରିବେ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଛି।

### କାତାରଠାରୁ ହାରିଲା ଭାରତ

**ଜାକର୍ତ୍ତା, ୨୨।୮(ପି.ଟି.):** ଏସିଆନ୍ ଗେମ୍ସ ପୁରୁଷ ଭଲିବଲ ପ୍ରତିଯୋଗିତାରେ ଭାରତ କାତାରଠାରୁ ପରାସ୍ତ ହୋଇଛି। ବୁଧବାର ଅନୁଷ୍ଠିତ ପୁଲ ଏଫ୍' ମ୍ୟାଚରେ ଭାରତ ୧୫- ୨୫, ୨୦- ୨୫, ୨୦- ୨୫ରେ କାତାରଠାରୁ ମାତ୍ର ୭୭ ମିନିଟରେ ହାରିଛି। ତେବେ ଏହାପୂର୍ବରୁ ପ୍ରଥମ ପୁଲ ମ୍ୟାଚରେ ହଂକଂ ଚାଇନାକୁ ୩-୦ (୨୭- ୨୫, ୨୫- ୨୨, ୨୫- ୧୯)ରେ ହରାଇଥିଲା। ଭାରତ ତା'ର ପରବର୍ତ୍ତୀ ତଥା ଅନ୍ତିମ ପୁଲ ମ୍ୟାଚ୍‌ରେ ମାଲଦ୍ୱୀପକୁ ଭେଟିବ।

# ସର୍ନୋବତଙ୍କୁ ସ୍ୱର୍ଣ୍ଣିମ ସଫଳତା

ପାଲେମବାଙ୍ଗ, ୨୨।୮(ପି.ଟି.)



୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ରାହି ସର୍ନୋବତ୍ ।

ମହାରାଷ୍ଟ୍ର କୋହ୍ଲାପୁରର ରାହି ସର୍ନୋବତ ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ବୁଧବାର ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୭ ବର୍ଷୀୟ ରାହି ଏହି ସଫଳତା ଅର୍ଜନ କରିଛନ୍ତି। ଫାଇନାଲରେ ଦୁଇଟି ଶୁଟ୍- ଅଫ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସ୍ପଷ୍ଟ ହୋଇଥିଲା।

କୋହ୍ଲାପୁରର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ରାହି ସଂଘର୍ଷପୂର୍ଣ୍ଣ ଫାଇନାଲରେ ଥାଇଲାଣ୍ଡର ନାଫାସୱାନ ୟାଙ୍ଗପାଇବୁନଙ୍କୁ ପଛରେ ପକାଇ ଶେଷରେ ବାଜି ମାରିଥିଲେ। ୫ ଶଟ୍ ବିଶିଷ୍ଟ ୧୦ଟି ସିରିଜ ଶେଷ ହେବ ପରେ ଉଭୟେ ସମାନ ୩୪ ପଏଣ୍ଟ ପାଇ ସମାନ ସ୍ଥିତିରେ ଥିଲେ। ଯାହା ଫଳରେ ଶୁଟ- ଅଫ୍‌ର ସହାୟତା ନିଆଯାଇଥିଲା। ପ୍ରଥମ ଶଟ୍- ଅଫ୍‌ରେ ଉଭୟେ ଟାର୍ଗେଟକୁ ସଫଳ ଭାବେ ଲକ୍ଷ୍ୟ ଭେଦ କରିଥିଲେ। ଏହାପରେ ଅନ୍ୟ ଶଟ୍- ଅଫ୍‌ରେ ରାହି ୩ଥର ସଫଳତାର ସହ ଶୁଟ୍ କରିଥିଲେ। କିନ୍ତୁ ନାଫାସୱାନ ଦୁଇଥର ଶଟ୍ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଶେଷରେ ରାହି ବାଜି ମାରି ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଫାଇନାଲରେ ଅଧିକାଂଶ ସମୟରେ ରହି ଅଗ୍ରଣୀ ରହିଥିଲେ। ପ୍ରଥମ ୧୦ଟି ଶଟ୍‌ରେ ସେ ସମସ୍ତଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏପରିକି ଷଷ୍ଠ ସିରିଜ୍‌ରେ ସେ ୫ରୁ ୫ ପଏଣ୍ଟ ହାସଲ କରିଥିଲେ।

ଏଥି ସହ ରାହି ଶୁଟିଂରେ ଭାରତ ପାଇଁ ଦ୍ୱିତୀୟ ଖେଳାଳିଭାବେ ସ୍ୱର୍ଣ୍ଣ ଜିତିଛନ୍ତି। ମଙ୍ଗଳବାର ଅନ୍ୟତମ ଭାରତୀୟ ଶୁଟର ୧୬ ବର୍ଷୀୟ ସୌରଭ ଚୌଧୁରୀ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ମୋଟ ଉପରେ ଦେଖିବାକୁ ଗଲେ ରାହି ଷଷ୍ଠ ଭାରତୀୟ ଭାବେ ଏହି କ୍ରୀଡ଼ା ମହାକୁମ୍ଭରେ ଶୁଟିଂରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ପୂର୍ବରୁ ଚୌଧୁରୀ, ଜସପାଲ ରାଣା, ରନ୍ଧୀର ସିଂ, ଜିତୁ ରାଏ ଓ ରଞ୍ଜନ ସୋଧୀ ଶୁଟିଂରେ ଏସିଆଡ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ଫାଇନାଲରେ ରାହି ୩୪ ସ୍କୋର କରିଥିଲେ ଓ ଏହା ଏସିଆନ୍ ଗେମ୍ସରେ ଯୁଗ୍ମ ରେକର୍ଡ ସାବ୍ୟସ୍ତ ହୋଇଛି।

ତେବେ ୧୬ ବର୍ଷୀୟା ପ୍ରତିଭା ସମ୍ପନ୍ନ ମନୁ ଭାକର ଚାପର ସମ୍ମୁଖୀନ ହୋଇ ନ ପାରି ଫାଇନାଲ୍ସରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ମନୁ ୫୯୩ ଶଟ କରି ଏସିଆଡ ରେକର୍ଡ ସମକକ୍ଷ ହେବା ସହ ଫାଇନାଲ୍ସକୁ ଉଠିଥିଲେ। ଅପରପକ୍ଷରେ ଯୋଗ୍ୟତାପର୍ଯ୍ୟାୟରେ ରହି ୫୮୦ ସ୍କୋର କରି ସପ୍ତମ ସ୍ଥାନରେ ରହିବା ସହ ଫାଇନାଲକୁ ଉଠିଥିଲେ।

ପୂର୍ବରୁ ରାହି ପ୍ରଥମ ଭାରତୀୟ ପିସ୍ତଲ ଶୁଟର ଭାବେ ୨୦୧୩ରେ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାର ପରେ ରାହି କୌଣସି ମେଜର ମେଡାଲ ହାସଲ କରି ନ ଥିଲେ। ଏଲ୍‌ବୋ ଇଞ୍ଜୁରି କାରଣରୁ ସେ ପାଖାପାଖି ଦୁଇ ବର୍ଷ ଶୁଟିଂରୁ ଦୂରେଇ ରହିଥିଲେ। ଟେକ୍‌ନିକ୍‌ରେ ସୁଧାର ଆଣିବା ପାଇଁ ରାହି ଦୁଇଥର ବିଶ୍ୱ ଚାମ୍ପିୟନ ଓ ଅଲିମ୍ପିକ୍ ମେଡାଲିଷ୍ଟ ଜର୍ମାନୀର ମୁଙ୍ଖବାୟାର ଡୋର୍ଜସୁରେନଙ୍କଠାରୁ ପ୍ରଶିକ୍ଷଣ ନେଇଥିଲେ। ରାହି ମଧ ପୂର୍ବରୁ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ଦିଲ୍ଲୀ ଏସିଆଡରେ ୨୫ ମିଟର ପିସ୍ତଲ ପେୟାର୍ସ ଓ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ମଧ ସେ ୨୫ ମିଟର ପିସ୍ତଲ ପେୟାର୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ଜିତିଥିଲେ।

ଅନ୍ୟପଟେ ଫାଇନାଲ୍ସରେ ବିଫଳ ହୋଇଥିବା ଭାକର ଏବେ କେବଳ ଗୋଟିଏ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ତାଙ୍କ ଫେଭରାଇଟ୍ ୧୦ ମିଟର ପିସ୍ତଲ ଇଭେଣ୍ଟରେ ପଦକ ଜିତିବା ଆଶା କରାଯାଉଛି। ମହିଳା ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଭାରତର ଅଞ୍ଜୁମ୍ ମୋଡଗିଲ ଓ ଗାୟତ୍ରୀ ନିତ୍ୟନନ୍ଦମ ଫାଇନାଲ ପାଇଁ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି।

### ରେସଲିଂ: ଭାରତ ୩ ପଦକରେ ସନ୍ତୁଷ୍ଟ

ଜାକର୍ତ୍ତା, ୨୨।୮(ପି.ଟି.)

ଏସିଆନ୍ ଗେମ୍ସ ରେସଲିଂ ଇଭେଣ୍ଟରେ ଭାରତ ଅନ୍ତିମ ଦିବସରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଓ ଗୋଟିଏ ହେଲେ ବି ପଦକ ହାସଲ କରିପାରି ନାହିଁ। ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ ଭାରତ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ପାଇଥିଲା। ତେବେ ଏହା ପରେ ଭାରତୀୟ ଖେଳାଳିମାନେ ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି। ବୁଧବାର ଗ୍ରିକୋ-ରୋମାନ ଗ୍ରାପଲର ହାରପ୍ରୀତ୍ ସିଂ ବ୍ରୋଞ୍ଜ୍ ପଦକ ବାଉଟ୍‌ରେ ପରାସ୍ତ ହୋଇଛନ୍ତି।

୮୭ କେ.ଜି. ବର୍ଗରେ ହରପ୍ରୀତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ସେ କାଜାଖସ୍ତାନର ଅଜମାଟ କୁସ୍ତୁବାୟେଭଙ୍କଠାରୁ ୩-୬ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଏହା ପୂର୍ବରୁ ନବୀନ ୧୩୦ କେ.ଜି. ଓ ହରଦୀପ ୯୭ କେ.ଜି.ରେ ପଦକ ରାଉଣ୍ଡକୁ ଉଠିବାରେ ବିଫଳ ହୋଇଥିଲେ। ଗତ ସଂସ୍କରଣରେ ଭାରତ ରେସଲିଂରେ ଗୋଟିଏ ସ୍ୱର୍ଣ୍ଣ ଜିତିଥିଲା। କିନ୍ତୁ ଏଥର ଭାରତ ୨ଟି ସ୍ୱର୍ଣ୍ଣ ଜିତିଛି। ପୂର୍ବରୁ ବଜରଙ୍ଗ ପୁନିଆ ଓ ମହିଳା ରେସଲର ଭିନେଶ ଫୋଗତ ସେମାନଙ୍କ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଦିବ୍ୟା କକ୍ରାନ ୬୮ କେ.ଜି. ବର୍ଗରେ ମଙ୍ଗଳବାର ବ୍ରୋଞ୍ଜ୍ ଜିତିଥିଲେ।

## ବୋପାନ୍ନା- ଶରନ, ଅଙ୍କିତା ପଦକ ନିଶ୍ଚିତ କଲେ

ପାଲେମବାଙ୍ଗ,୨୨।୮(ପି.ଟି.)

ଟେନିସ୍‌ରେ ଭାରତକୁ ଅତିକମ୍‌ରେ ଦୁଇଟି ପଦକ ମିଳିବା ନିଶ୍ଚିତ ହୋଇଛି। ଅଙ୍କିତା ରାଇନା ଓ ଟପ୍ ସିଡ୍ ମାନ୍ୟତା ପାଇଥିବା ପୁରୁଷ ଡବଲ୍ସ ଯୋଡି ରୋହନ୍ ବୋପାନ୍ନା ଓ ଦିଭିଜ ଶରଣ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତକୁ ଅତିକମ୍‌ରେ ଦୁଇଟି ବ୍ରୋଞ୍ଜ୍ ମିଳିବା ପକ୍କା ହୋଇଛି। ବିଶ୍ୱର ୧୮୯ ନମ୍ବର ମହିଳା ଖେଳାଳି ଅଙ୍କିତା ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ତାଙ୍କଠାରୁ ୪୦୦ଟି ସ୍ଥାନ ତଳେ ଥିବା ହଂକଂର ଇୟୁଡାଇସ୍ ଚୋଙ୍ଗଙ୍କୁ ୬-୪,୬-୧ ସେଟରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସବୁ ୫ଟି ଯାକ ଇଭେଣ୍ଟରେ ସେମିଫାଇନାଲରେ ପରାସ୍ତ ହେବାକୁ ଥିବା ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥାଏ। ଏହାପୂର୍ବରୁ ଭାରତର ସାନିଆ ମିର୍ଜା ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ଜିତିଥିଲେ।




କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ରୋହନ୍ ବୋପାନ୍ନା ଓ ଦିଭିଜ ଶରନ ।

ପୁରୁଷ ଡବଲ୍ସରେ ଅଭିଜ୍ଞ ଭାରତୀୟ ଯୋଡି ବୋପାନ୍ନା ଓ ଶରଣ ବୁଧବାର କ୍ୱାର୍ଟର ଫାଇନାଲରେ ଚାଇନିଜ ତାଇପେ ଯୋଡି ସିଏ ଚେଙ୍ଗପେଙ୍ଗ୍ ଓ ୟାଙ୍ଗ୍ ସୁଙ୍ଗ ହୁଆଙ୍କୁ ୬-୩,୫-୭,୧୦-୧ ସେଟରେ ହରାଇ ସେମିକୁ ଉଠିଛନ୍ତି। ସେମିରେ ଏହି ଭାରତୀୟ ଯୋଡି ଜାପାନର କେ. ଉଇସୁଗି ଓ ଏସ. ଶିମାବୁକୁରୋଙ୍କୁ ଭେଟିବେ।

## ଟାଏକୋଣ୍ଡୋ: ପ୍ରି- କ୍ୱାର୍ଟରରେ ହାରିଲେ ମାନ୍

ଜାକର୍ତ୍ତା, ୨୨।୮(ପି.ଟି.)

ଏସିଆନ ଗେମ୍ସ ଟାଏକୋଣ୍ଡୋରେ ଭାରତୀୟ ଅଭିଯାନ ଶେଷ ହୋଇଛି। ୮୦ କେ.ଜି. ଟାଏକୋଣ୍ଡୋ ଇଭେଣ୍ଟର ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତର ନଭଜିତ୍ ମାନ୍ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୨୪ ବର୍ଷୀୟ ମାନ ଚାଇନାର ଲିଙ୍ଗଲଙ୍ଗ ଚେନ୍‌ଙ୍କଠାରୁ ୬-୨୦ରେ ପରାସ୍ତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ମାନ ୦-୬ରେ ପଛରେ ପଡିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡରେ ମାନ ଖାତା ଖୋଲିଥିଲେ। ଏହା ପରେ ଚେନ୍ ଦୃଢ ପ୍ରତ୍ୟାବର୍ତ୍ତନ କରି ୮ ପଏଣ୍ଟ ସ୍କୋର କରି ୧୫- ୫ରେ ଓଭରଅଲ ଲିଡ୍ ନେଇଥିଲେ। ଏହା ପରେ ତୃତୀୟ ରାଉଣ୍ଡରେ ମାନ୍ ୫-୧ରେ ବିଜୟୀ ହୋଇଥିଲେ। ମାନ ପୂର୍ବରୁ ପ୍ରଥମ ମ୍ୟାଚରେ ଲାଓସ୍‌ର ସୋମସାନୌକ ଫୋମ୍ମାଭାନ୍‌ହଙ୍କୁ ୩୨- ୧୮ରେ ହରାଇ ପ୍ରି- କ୍ୱାର୍ଟରକୁ ଉଠିଥିଲେ।

## ୩ ରୋଇଂ ଇଭେଣ୍ଟ ଫାଇନାଲରେ ଭାରତୀୟ

ପାଲେମବାଙ୍ଗ, ୨୨।୮(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ରୋୟରମାନେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରି ୩ଟି ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ରୋହିତ କୁମାର ଓ ଭଗୱାନ ସିଂ ପୁରୁଷ ଲାଇଟ୍‌ୱେଟ୍ ଡବଲ ସ୍କଲ୍ସ ରିପ୍‌ଚେଜ୍ ରାଉଣ୍ଡରେ ୭:୧୪.୨୩ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଫାଇନାଲ ଖେଳାଯିବ। ସେହିପରି ମହିଳା ଫୋର ରିପିଚେଜ୍ ରାଉଣ୍ଡରେ ସଞ୍ଜିତା ଡଙ୍ଗ ଡଙ୍ଗ, ଅନୁ,ନଭନୀତ କୌର ଓ ୟାମିନି ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ୭: ୫୩.୨୯ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ତେବେ ଏହା ସତ୍ତ୍ୱେ ଏହି ଭାରତୀୟ ଦଳ ଶୁକ୍ରବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ପୁରୁଷ ଲାଇଟ୍‌ୱେଟ ୮ ଟିମ୍ ଶେଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ମଧ ଭାରତୀୟ ଦଳ ୬:୧୫.୬୨ ସେକେଣ୍ଡ ସମୟ ନେଇ ଫାଇନାଲକୁ ଉଠିଛନ୍ତି। ଏହାର ଫାଇନାଲ ମୁକାବିଲା ମଧ ଶୁକ୍ରବାର ଆୟୋଜନ ହେବ। ମଙ୍ଗଳବାର ଦତ୍ତୁ ବାବନ ଭୋକାନାଲ ପୁରୁଷ ସିଙ୍ଗଲ ସ୍କଲ୍ସ ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ସେହିପରି ପୁରୁଷ ଲାଇଟ୍‌ୱେଟ୍ ଫୋର ଟିମ୍ ମଧ ଟାଇଟଲ ରେସ୍‌କୁ ଉତୀର୍ଣ୍ଣ ହୋଇଥଲା। ମହିଳା ପେୟାର ଇଭେଣ୍ଟରେ ସଞ୍ଜୁକ୍ତା ଡଙ୍ଗ ଡଙ୍ଗ୍ ମଧ ଫାଇନାଲ ରାଉଣ୍ଡକୁ କ୍ୱାଲିଫାଏ କରିଥିଲେ।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୮ | ୩୦ | ୧୫ | ୮୩ |
| ଜାପାନ | ୨୦ | ୨୩ | ୨୫ | ୬୮ |
| କୋରିଆ | ୧୧ | ୧୫ | ୨୩ | ୪୯ |
| ଇରାନ | ୭ | ୩ | ୬ | ୧୬ |
| ଇଣ୍ଡୋନେସିଆ | ୬ | ୪ | ୭ | ୧୭ |
| ଉତ୍ତର କୋରିଆ | ୫ | ୨ | ୩ | ୧୦ |
| ଭାରତ | ୪ | ୩ | ୮ | ୧୫ |
| ଥାଇଲାଣ୍ଡ | ୪ | ୨ | ୧୦ | ୧୬ |
| ଉଜବେକିସ୍ତାନ | ୩ | ୫ | ୬ | ୧୪ |
| ଚାଇନିଜ୍ ତାଇପେ | ୩ | ୩ | ୮ | ୧୪ |

## ଗୁରୁବାର ଭାରତର କାର୍ଯ୍ୟସୂଚୀ

**ଆର୍ଚେରୀ:** ପୁରୁଷ ବ୍ୟକ୍ତିଗତ ରିକର୍ଭ ଓ ମହିଳା ବ୍ୟକ୍ତିଗତ ରିକର୍ଭ(ସକାଳ ୮ଟା ୩୦)।
**ଜିମ୍ନାଷ୍ଟ:** ମହିଳା ଭଲ୍ଟ ଇଭେଣ୍ଟ, ଅପରାହ୍ନ ୩ଟା।
**ବ୍ୟାଡ୍‌ମିଣ୍ଟନ:** ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ, ମିକ୍ସଡ ଡବଲ୍ସ, ପୁରୁଷ ଡବଲ୍ସ (୧୦ଟା ୩୦ରୁ ଆରମ୍ଭ)।
**ବାସ୍କେଟବଲ:** ମହିଳା ୫ ଗୁଣା ୫, ଭାରତ ବନାମ ଇଣ୍ଡୋନେସିଆ(ସନ୍ଧ୍ୟା ୫ଟା)।
**କାନୋଇଂ/କାୟାକିଂ ସ୍ଲାଲୋମ:** ମହିଳା ସିଙ୍ଗଲ୍ସ ସେମିଫାଇନାଲ (ସକାଳ ୮ଟା)।
**ଗଲ୍ଫ:** ପୁରୁଷ ବ୍ୟକ୍ତିଗତ, ମହିଳା ବ୍ୟକ୍ତିଗତ (ଭୋର ୪ଟା ୩୦)।
**ରୋଇଂ:** ପୁରୁଷ ସିଙ୍ଗଲ୍ସ ସ୍କୁଲ୍ସ ଫାଇନାଲ, ପୁରୁଷ ଡବଲ୍ସ ସ୍କୁଲ୍ସ ଫାଇନାଲ, ମହିଳା ପେୟାର ଫାଇନାଲ୍, ମହିଳା ଡବଲ୍ସ ସ୍କୁଲ୍ସ ଫାଇନାଲ, ପୁରୁଷ ପେୟାର ଫାଇନାଲ, ପୁରୁଷ ଲାଇଟ୍‌ୱେଟ୍ ଫୋର୍ ଫାଇନାଲ (ସକାଳ ୭ଟା ୩୦ରୁ)।
**ଶୁଟିଂ:** ପୁରୁଷ ଡବଲ୍ସ ଟ୍ରାପ୍ ଯୋଗ୍ୟତା ପର୍ଯ୍ୟାୟ, ମହିଳା ଡବଲ୍ସ ଟ୍ରାପ୍ ଫାଇନାଲ୍ସ (ସକାଳ ୯ଟା ୧୫ରୁ)।
**ସ୍କ୍ୱାଶ:** ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨, ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ (ସକାଳ ୮ଟା ୩୦ରୁ)।
**ସୁଇମିଂ:** ପୁରୁଷ ୫୦ ମି. ବଟରଫ୍ଲାଏ ହିଟ୍ସ (ସକାଳ ୭ଟା ୩୦), ପୁରୁଷ ୧୦୦ମି. ଫ୍ରିଷ୍ଟାଇଲ ହିଟ୍ସ (ସକାଳ ୭ଟା ୫୦), ପୁରୁଷ ୨୦୦ମି. ବ୍ୟାକଷ୍ଟୋକ୍ ହିଟ୍ସ (ସକାଳ ୮ଟା)।
**ଟେନିସ:** ମହିଳା ସିଙ୍ଗଲ୍ସ ସେମିଫାଇନାଲ, ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲ, ପୁରୁଷ ଡବଲ୍ସ ସେମିଫାଇନାଲ, ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ (ସକାଳ ୮ଟା ୩୦ରୁ)।
**ଭଲିବଲ:** ଭାରତ ବନାମ କାଜାକସ୍ତାନ, ମହିଳା ପୁଲ-ବି ମ୍ୟାଚ୍ (ସକାଳ ୮ଟା ୩୦)।
**ଭାରୋତ୍ତୋଳନ:** ପୁରୁଷ ୭୭ କିଗ୍ରା (ସକାଳ ୯ଟା ୩୦ରୁ)।

## ଜିମ୍ନାଷ୍ଟିକ୍‌ରେ ନୈରାଶ୍ୟ

ଜାକର୍ତ୍ତା,୨୨।୮(ପି.ଟି.)

ଏସିଆନ ଗେମ୍ସ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବୁଧବାର ଏସିଆନ୍ ଗେମ୍ସ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତୀୟ ମହିଳା ଦଳ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଦୀପା କର୍ମକାରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳ ପ୍ରଭାବହୀନ ପ୍ରଦର୍ଶନ କରିଥିଲା। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ଦୀପା ଟିମ ଇଭେଣ୍ଟ ଫାଇନାଲରୁ ଓହରିବାକୁ ବାଧ ହୋଇଥିଲେ ଓ ଏହାର ପ୍ରଭାବ ପ୍ରଦର୍ଶନରେ ପଡିଥିଲା। ଫାଇନାଲରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଭାରତ ୧୩୮.୦୫୦ ସ୍କୋର କରି ଆୟୋଜକ ଇଣ୍ଡୋନେସିଆ ଉପରକୁ ରହି ସପ୍ତମ ସ୍ଥାନରେ ରହିଥିଲା। ପ୍ରତ୍ୟେକ ଦଳରେ ୩ଜଣ ଜିମ୍ନାଷ୍ଟ ସାମିଲ ଥିଲେ ଓ ୪ଟି ଆପାରଟସ୍ ଯଥା ଭଲ୍ଟ, ଅନଇଭିନ୍ ବାର୍ସ, ବାଲାନ୍ସ ବିମ ଓ ଫ୍ଲୋର୍ସରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥାନ୍ତି।




ଉଷୁ ପୁରୁଷ ସାନ୍ଦା ୬୦ କେଜି ସେମିଫାଇନାଲରେ ଭାରତର ସୂର୍ଯ୍ୟ ଭାନୁ ପ୍ରତାପ ସିଂ(ବ୍ଲୁ ଜର୍ସି) ଓ ଇରାନର ଇର୍ଫାନ ଆହାଙ୍ଗାରିଆନଙ୍କ ମଧ୍ୟରେ ଲଢ଼େଇ।

ଇଂଲଣ୍ଡ ପରିବେଶରେ କିପରି ଖେଳିବାକୁ ହୁଏ ବିରାଟ କୋହଲି ତା'ର ଉପାୟ ପାଇ ଯାଇଛନ୍ତି। ତାଙ୍କୁ ରୋକିବାକୁ ଆମ ବୋଲରମାନେ ବାଟ ବାହାର କରିପାରିବେ।

–ଜୋ ରୁଟ୍, ଇଂଲଣ୍ଡ ଅଧିନାୟକ



ଇଂଲଣ୍ଡ ବିପକ୍ଷ ଟେଷ୍ଟ ବିଜୟକୁ ଆମେ କେରଳ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ।

–ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ



# ଭାରତ ୨୦୩ ରନରେ ବିଜୟୀ

ନଟିଂହାମ, ୨୨।୮(ପି.ଟି.)



ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂରେ ବୁଧବାର ଜେମ୍ସ ଆଣ୍ଡରସନ୍‌ଙ୍କ କ୍ୟାଚ ନେଉଛନ୍ତି ଅଜିଙ୍କ୍ୟ ରାହାନେ।

ଅଲରାଉଣ୍ଡ ପ୍ରଦର୍ଶନ ସହ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ମାଟିରେ ଟେଷ୍ଟ ବିଜୟର ସ୍ୱାଦ ଚାଖିଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଆକର୍ଷଣୀୟ ପ୍ରଦର୍ଶନ କରି ଟିମ୍ ଇଣ୍ଡିଆ ଏଠାରେ ଅନୁଷ୍ଠିତ ତୃତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡକୁ ୨୦୩ ରନରେ ପରାସ୍ତ କରିଛି। କୋହଲି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଇଂଲଣ୍ଡ ପ୍ରଥମ ଦୁଇ ଟେଷ୍ଟ ଜିତିଥିବାବେଳେ ଭାରତ ଏବେ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୨ରେ ପହଞ୍ଚାଇବାରେ ସକ୍ଷମ ହୋଇଛି।

ମ୍ୟାଚ ଜିତିବା ପାଇଁ ଭାରତୀୟ ଦଳ ବୁଧବାର ଅନ୍ତିମ ଦିବସରେ ଗୋଟିଏ ଉଇକେଟ ଆବଶ୍ୟକ କରୁଥିଲା। ସକାଳେ ମାତ୍ର ୧୭ଟି ବଲ ବୋଲିଂ କରି ଭାରତ ଏହି ସଫଳତା ପାଇଥିଲା। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଏକ ଲେଗ୍‌ବ୍ରେକ୍‌କୁ ବୁଝି ନ ପାରି ଜେମ୍ସ ଆଣ୍ଡରସନ ସ୍ଲିପ୍ ଉପରେ ଶଟ୍ ମାରିବାକୁ ଯାଇ ପ୍ରଥମ ସ୍ଲିପ୍‌ର ଟିକେ ପଛରେ ଥିବା ଅଜିଙ୍କ୍ୟ ରାହାନେଙ୍କୁ ସହଜ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଆଣ୍ଡରସନ ୧୧ ରନ କରି ଆଉଟ ହୋଇଥିବାବେଳେ ଆଡିଲ ରଶିଦ ୩୩ ରନରେ ଅପରାଜିତ ରହିଥିଲେ। ୫୨୧ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଇଂଲଣ୍ଡର ଦ୍ୱିତୀୟ ଇନିଂସ ୩୧୭ ରନରେ ଶେଷ ହୋଇ ଯାଇଥିଲା। ଏହି ଟେଷ୍ଟରେ ଦୁଇ ଓପନର ଲୋକେଶ ରାହୁଲ ଓ ଶିଖର ଧାୱନ ନୂଆ ବଲ ନେଇ ଆସିଥିବା ବୋଲରଙ୍କୁ ସଫଳ ମୁକାବିଲା କରିଥିବାବେଳେ ଈଶାନ୍ତ ଶର୍ମା(୨/୩୨, ୨/୭୦), ଯଶପ୍ରୀତ ବୁମ୍‌ରା(୨/୩୭, ୫/୮୫) ଓ ମହମ୍ମଦ ସାମି(୧/୫୬, ୧/୭୮)ଙ୍କ ବୋଲିଂ ବେଶ୍ ଶାଣିତ ରହିଥିଲା। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ପ୍ରଥମ ଇନିଂସରେ ୮୧ ରନ କରିଥିବାବେଳେ ଚେତେଶ୍ୱର ପୂଜାରା ଦ୍ୱିତୀୟ ଇନିଂସରେ ୭୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ସହ ଅର୍ଦ୍ଧଶତକ ହାସଲ କରି ଦଳରେ ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଥିଲେ। ସମସ୍ତଙ୍କଠାରୁ ଆଗରେ ରହିଥିଲେ ଅଧିନାୟକ ବିରାଟ। ସେ ୨ଟି ଇନିଂସରେ ଯଥାକ୍ରମେ ୯୭ ଓ ୧୦୩ ରନ ସ୍କୋର କରି ଚଳିତ ସିରିଜରେ ନିଜର ମୋଟ ରନ ସଂଖ୍ୟାକୁ ୪୪୦ରେ ପହଞ୍ଚାଇଛନ୍ତି। ସେ ପ୍ରଥମ ଓ ତୃତୀୟ ଟେଷ୍ଟରେ ୨୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଓ ୨ଟି ଅର୍ଦ୍ଧଶତକ ସାମିଲ। କୋହଲି ଏବେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡରେ ଟେଷ୍ଟ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏଠାରେ ସ୍ଲିପ୍ କ୍ୟାଚିଂରେ ମଧ୍ୟ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ବଢ଼ିଆ ରହିଥିଲା। ଏକା ଲୋକେଶ ରାହୁଲ ୭ଟି କ୍ୟାଚ ନେଇଥିଲେ।

## ତୃତୀୟ ଟେଷ୍ଟ ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ।
- ଇଂଲଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ।
- ଭାରତ ଦ୍ୱିତୀୟ ଇନିଂସ: ୩୫୨/୭(ଘୋଷଣା)।
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୭/ଅଲଆଉଟ(ଜୋସ ବଟଲର-୧୦୬), ବେନ୍ ଷ୍ଟୋକ୍ସ-୬୨, ଆଡିଲ ରଶିଦ-୩୩*, ବୁମ୍‌ରା-୫/୮୫, ଈଶାନ୍ତ-୨/୭୦, ଅଶ୍ୱିନ-୧/୪୪, ସାମି-୧/୭୮, ପାଣ୍ଡ୍ୟା-୧/୨୨)।
- ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ।

### ଅଧିନାୟକ ଭାବେ ୩୮ଟି ଟେଷ୍ଟରେ ସର୍ବାଧିକ ବିଜୟ

ରିକି ପଣ୍ଟିଂ– ୩୦ ମ୍ୟାଚ୍
ଷ୍ଟିଭ୍ ୱ– ୨୭ ମ୍ୟାଚ୍
ମାଇକେଲ ଭନ୍/
ବିରାଟ କୋହଲି–୨୨
ଭିଭିଆନ୍ ରିଚାର୍ଡ୍ସ/
ମାର୍କ ଟେଲର– ୨୧
ଆଣ୍ଡ୍ରଉ ଷ୍ଟ୍ରସ– ୨୦

### ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ବିଜୟ

୨୭– ମହେନ୍ଦ୍ର ସିଂ ଧୋନି (୬୦ ମ୍ୟାଚ୍)
୨୨– ବିରାଟ କୋହଲି (୩୮ ମ୍ୟାଚ୍)
୨୧– ସୌରଭ ଗାଙ୍ଗୁଲି (୪୯ ଟେଷ୍ଟ)
୧୪– ମହମ୍ମଦ ଆଝାରୁଦ୍ଦିନ (୪୭ ଟେଷ୍ଟ)

### ଗୋଟିଏ ବର୍ଷରେ ଏସିଆ ବାହାରେ ଭାରତର ଦୁଇ ବା ତତୋଧିକ ବିଜୟ

୧୯୬୮ରେ ୩ଟି ବନାମ ନ୍ୟୁଜିଲାଣ୍ଡ
୨ଟି ଲେଖାଏ– ୧୯୭୧(ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ), ୧୯୭୬ (ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ), ୧୯୮୬ (ଇଂଲଣ୍ଡ), ୨୦୦୨ (ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ), ୨୦୦୫ (ଜିମ୍ବାୱେ), ୨୦୦୬ (ୱେଷ୍ଟଇଣ୍ଡିଜ ଓ ଦ.ଆଫ୍ରିକା), ୨୦୧୬ (ୱେଷ୍ଟଇଣ୍ଡିଜ), ୨୦୧୮ (ଦ.ଆଫ୍ରିକା ଓ ଇଂଲଣ୍ଡ)।

### ଇଂଲଣ୍ଡ ବିପକ୍ଷରେ ଭାରତର ବୃହତ ବିଜୟ (ରନ ବ୍ୟବଧାନ)

୨୭୯ ଲଡ୍ସ, ୧୯୮୬
୨୪୬ ଭାଇଜାଗ, ୨୦୧୬
୨୦୩ ଟ୍ରେଣ୍ଟବ୍ରିଜ, ୨୦୧୮
୧୮୭ କୋଲକାତା, ୧୯୬୧–୬୨

## ଷ୍ଟୁଆର୍ଟ ବ୍ରଡ ଦଣ୍ଡିତ

ଇଂଲଣ୍ଡର ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ଦଣ୍ଡିତ ହୋଇଛନ୍ତି। ଏଠାରେ ଚାଲିଥିବା ଭାରତ ବିପକ୍ଷ ୩ୟ ତଥା ଟ୍ରେଣ୍ଟ ବ୍ରିଜ ଟେଷ୍ଟର ଦ୍ୱିତୀୟ ଦିନରେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ସେ ଭଙ୍ଗ କରିଛନ୍ତି। ଏଣୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ କାଟ କରାଯିବ। ଭାରତୀୟ ଦଳର ପ୍ରଥମ ଇନିଂସ୍ ବ୍ୟାଟିଂ ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଶବ ପନ୍ତଙ୍କୁ ଆଉଟ୍ କରିବା ପରେ ବ୍ରଡ ତାଙ୍କ ନିକଟକୁ ଯାଇ ଖରାପ ବ୍ୟବହାର କରିଥିଲେ। ଏହି ଦୋଷକୁ ବ୍ରଡ ସ୍ୱୀକାର କରି ନେଇଛନ୍ତି। ଏଣୁ ଏହି ଘଟଣାରେ କୌଣସି ଶୁଣାଣି ହେବ ନାହିଁ। ତାଙ୍କ ମ୍ୟାଚ୍ ଫି' କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ମଧ୍ୟ ପ୍ରଦାନ କରାଯାଇଛି।

## ପୃଥ୍ୱୀ, ବିହାରୀଙ୍କୁ ଡାକରା

ନୂଆଦିଲ୍ଲୀ, ୨୨।୮(ପି.ଟି.)

ଯୁବ ମୁମ୍ବାଇ ଓପନର ପୃଥ୍ୱୀ ଶ' ଓ ଆନ୍ଧ୍ର ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ପ୍ରଥମଥର ପାଇଁ ଟେଷ୍ଟ ଦଳରେ ସାମିଲ ହେବା ପାଇଁ ଡାକରା ପାଇଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ସିରିଜରେ ବାକି ଥିବା ଦୁଇଟି ଟେଷ୍ଟ ପାଇଁ ଏହି ଦୁଇ ଖେଳାଳିଙ୍କୁ ଦଳରେ ନିଆଯାଇଛି। ପ୍ରଥମ ଦୁଇଟି ଟେଷ୍ଟରେ ସଂଘାତିକ ଭାବେ ବିଫଳ ହୋଇଥିବା ଅଭିଜ୍ଞ ଓପନର ମୁରଲୀ ବିଜୟ ଓ ଚାଇନାମ୍ୟାନ କୁଳଦୀପ ଯାଦବଙ୍କୁ ଦଳରୁ ବାଦ ଦିଆଯାଇଛି। ପେସ୍ ବୋଲରଙ୍କୁ ସୁହାଉଥିବା ଇଂଲଣ୍ଡ ପିଚ୍‌ରେ ତୃତୀୟ ସ୍ପିନରର ଆବଶ୍ୟକତା ନ ଥିବାରୁ କୁଳଦୀପଙ୍କୁ ବାଦ ଦିଆଯାଇଛି। ଚଳିତ ବର୍ଷ ୧୮ ବର୍ଷୀୟ ପୃଥ୍ୱୀଙ୍କ ନେତୃତ୍ୱରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିଥିଲା। ପ୍ରଥମ ଶ୍ରେଣୀ କ୍ରିକେଟ ସ୍ଥିର ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ୧୪ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ସେ ୫୬.୭୨ ରନ ହାରରେ ୭ଟି ଶତକ ସହ ମୋଟ ୧୪୧୮ ରନ ସଂଗ୍ରହ କରିଛନ୍ତି।

## ସଂକ୍ଷେପରେ

### ଜାତୀୟ ସିନିୟର ଆକ୍ୱାଟିକ୍ସ
### ଓଡ଼ିଶାରୁ ଭାଗନେବେ ୫ ପ୍ରତିଯୋଗୀ

ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି): ତ୍ରିଭେନ୍ଦ୍ରମର ପିରାପାନ୍‌କୋଡେସ୍ଥିତ ଡ.ବି.ଆର. ଆମ୍ବେଦକର ଇଣ୍ଟରନ୍ୟାଶନାଲ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ୭୨ତମ ଗ୍ଲେନ୍‌ମାର୍କ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୯ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କେରଳ ଆକ୍ୱାଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩ ମହିଳାଙ୍କ ସମେତ ମୋଟ ୫ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବାକୁ ଯାଉଥିବା ମହିଳା ପ୍ରତିଯୋଗୀମାନେ ହେଲେ ଭୁବନେଶ୍ୱରର ପ୍ରତ୍ୟାଶା ରୟ, ସୋନିଆ ପଟେଲ ଓ ତୁଳସୀ କିଶାନ। ପୁରୁଷ ବିଭାଗରେ ସମ୍ବଲପୁର କ୍ରୀଡ଼ା ଛାତ୍ରାବାସର ବିକାଶ ହରିପାଲ ଓ ଭୁବନେଶ୍ୱରର ଯଦୁ ବିଡେକ ଅଂଶଗ୍ରହଣ କରିବେ। ଗତ ମେ'ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ପ୍ରତିଯୋଗୀଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ଭୁବନେଶ୍ୱର ସନ୍ତରଣକାରୀମାନେ କୋଚ୍ ସୁରେନ୍ଦ୍ର ନାଏକ ଓ ସମ୍ବଲପୁର ସନ୍ତରଣକାରୀମାନେ ଆଶୁତୋଷ ନାଏକଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଏନଆଇଏସ ସନ୍ତରଣ କୋଚ୍ ତଥା ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସାଧାରଣ ସମ୍ପାଦକ ଦିଲାୱର ହୋସେନ, ଜୟ କ୍ରିଷ୍ଣ ପଟେଲ ଓ ଗଙ୍ଗାଧର ଓରାମଙ୍କୁ ନେଇ ଗଠିତ ଚୟନ କମିଟି ଓଡ଼ିଶା ଖେଳାଳିଙ୍କୁ ମନୋନୀତ କରିଥିଲେ।

### କେରଳ ବନ୍ୟା ପୀଡିତଙ୍କୁ ମ୍ୟାଚ୍ ଫି' ଦାନ କରିବ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୨୨।୮(ପି.ଟି.): ନଟିଂହାମରେ ଖେଳାଯାଇଥିବା ତୃତୀୟ ଟେଷ୍ଟର ମ୍ୟାଚ୍ ଫି'କୁ କେରଳ ବନ୍ୟା ପୀଡିତଙ୍କୁ ଦାନ କରିବାକୁ ଭାରତୀୟ କ୍ରିକେଟ ଦଳ ନିଷ୍ପତ୍ତି ନେଇଛି। ତେବେ କେତେ ପରିମାଣର ଅର୍ଥ ଦାନ କରାଯିବ ସେ ନେଇ ସ୍ପଷ୍ଟ କରାଯାଇନାହିଁ। ଏହା ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆଶା କରାଯାଉଛି। ଏହି ଟେଷ୍ଟର ବିଜୟ ଆମେ କେରଳ ବନ୍ୟା ପୀଡିତଙ୍କୁ ଉତ୍ସର୍ଗ କରୁଛୁ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଉଲ୍ଲେଖଥାଉ କି, ଗୋଟିଏ ଟେଷ୍ଟ ଖେଳିଲେ ଜଣେ ଆଗାଧାଡିର ଭାରତୀୟ ଖେଳାଳି ୧୫ ଲକ୍ଷ ଟଙ୍କା ଆୟ କରିଥାଏ। ତେବେ ଜଣେ ରିଜର୍ଭ ଖେଳାଳି ଏହାର ଅଧା ପାଉଣା ପାଇଥାଏ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୂଆ ସମ୍ବିଧାନକୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ ଓ ଯଦି ଖେଳାଳିମାନେ ନିଜ ସାମର୍ଥ୍ୟ ଅନୁସାରେ କାହାକୁ ସାହାଯ୍ୟ କରିବାକୁ ଚାହାନ୍ତି ତେବେ ବିସିସିଆଇ ଏଥିରେ ଆପତ୍ତି କରିବ ନାହିଁ ବୋଲି କୁହାଯାଇଛି।

### କାମେରୁନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨୨।୮(ପି.ଟି.): ଇସ୍ତାନବୁଲଠାରେ ବୁଧବାର ଅନୁଷ୍ଠିତ ୧୬ ବର୍ଷରୁ କମ୍ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ କାମେରୁନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଦୁଇଟି ଯାକ ଗୋଲ ପ୍ରଥମାର୍ଦ୍ଧରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ରିଡ୍‌ଗେ ମେଲଭିନ ଏକ ଗୋଲସ୍କୋର କରି ଭାରତ ପାଇଁ ଖାତା ଖୋଲିଥିଲେ। ଏହାପରେ ୨୦ତମ ମିନିଟ୍‌ରେ ରୋହିତ୍ ଦାନୁ ଆଉ ଏକ ଗୋଲ କରି ଭାରତକୁ ୨-୦ରେ ଅଗ୍ରଣୀ କରିଥିଲେ। କାମେରୁନ ପକ୍ଷରୁ ଦ୍ୱିତୀୟାର୍ଦ୍ଧ (୬୩ତମ)ରେ ଏକମାତ୍ର ଗୋଲ ଶୁଝିବାରେ ସମର୍ଥ ହୋଇଥିଲା।

### ଇଲିଅଟଙ୍କ ଅବସର

ଅକ୍‌ଲାଣ୍ଡ,୨୨।୮: ନ୍ୟୁଜିଲାଣ୍ଡ ଦଳ ଲାଗି ୨୦୧୫ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଗ୍ରାଣ୍ଟ ଇଲିଅଟ କ୍ରିକେଟରୁ ଅବସର ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ତାଙ୍କ ଦୁର୍ଦ୍ଧର୍ଷ ୮୪ ରନ୍‌ର ଇନିଂସ୍ ସର୍ବଦା ମନେରହିବ। ତାଙ୍କ ଯୋଗୁ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ଥର ଲାଗି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଦ. ଆଫ୍ରିକାର ଜୋହାନ୍ସବର୍ଗରେ ଜନ୍ମିତ ଏହି କ୍ରିକେଟର ୧୯୯୭ରେ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ କେନ ରଥରଫୋର୍ଡଙ୍କ ପରାମର୍ଶ କ୍ରମେ ଇଲିଅଟ୍ ନ୍ୟୁଜିଲାଣ୍ଡ ଯାଇଥିଲେ। କାରଣ ଦ. ଆଫ୍ରିକାରେ ପ୍ରଚଳିତ କୋଟା ସିଷ୍ଟମ ଯୋଗୁ ଇଲିଅଟ ଜାତୀୟ ଦଳରେ ସ୍ଥାନ ପାଉ ନ ଥିଲେ। ନ୍ୟୁଜିଲାଣ୍ଡ ନାଗରିକତ୍ୱ ଗ୍ରହଣ କରିବାର ୬ ବର୍ଷ ମଧ୍ୟରେ ଟେଷ୍ଟ ଫର୍ମାଟରେ ପଦାର୍ପଣ କରିଥିଲେ।

## ଜାତୀୟ ଗ୍ରାପ୍ଲିଂରେ ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୧ ପଦକ

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି)

ହରିୟାଣାର ଏମ.ଡି. ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଗତ ୧୮ରୁ ୨୦ ପର୍ଯ୍ୟନ୍ତ ୧୧ତମ ଜାତୀୟ ସିନିୟର ଗ୍ରାପ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଗ୍ରାପ୍ଲରମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ, ୨ ବ୍ରୋଞ୍ଜ ସହ ମୋଟ ୧୧ଟି ପଦକ ହାସଲ କରିଛନ୍ତି। ମମତା ସାହୁ ୪୨ କେଜି ମହିଳା ବିଭାଗ ଗି'ରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ନୋ–ଗି'ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୋନମ ସାହୁ ୫୭ କେଜି ଗି' ବିଭାଗରେ ସ୍ୱର୍ଣ୍ଣ ଓ ନୋ–ଗି'ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

ପୁରୁଷ ବିଭାଗରେ ୱାଲ୍ଟର ଡାନି ୮୨ କେଜି ବର୍ଗର ଗି' ବିଭାଗରେ ରୌପ୍ୟ, ଅଭିଷେକ ମିଶ୍ର ୮୦ କେଜି ନୋ–ଗି'ରେ ବ୍ରୋଞ୍ଜ, ଶୈଳଶ୍ରୀ ମହାନ୍ତି ୬୭ କେଜି ବିଭାଗ ଗି'ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶ୍ରୀକାନ୍ତ ଶେଖର ୭୭ କେଜି ଗି'ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଓଡ଼ିଶା ଗ୍ରାପ୍ଲିଂ ଆସୋସିଏଶନ ସମ୍ପାଦକ ଡ.ହରିପ୍ରସାଦ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆରମ୍ଭ

ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆରମ୍ଭ ହୋଇଛି। ଏହାର ଅଂଶବିଶେଷ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ଫିଟ୍‌ନେସ ପରୀକ୍ଷାରେ ବହୁ ଛାତ୍ରୀଛାତ୍ର ଭାଗନେଇ ନିଜ ଦକ୍ଷତା ଦେଖାଇଥିଲେ। ଏଥିରେ ଷ୍ଟ୍ରେନ୍ଥ, ଷ୍ଟାମିନା, ଏଣ୍ଡୁରାନ୍ସ, ସ୍ପିଡ୍, କୋ–ଅର୍ଡିନେଶନ ପ୍ରଭୃତିକୁ ମାନଦଣ୍ଡ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୯ ତାରିଖରେ ପୁରସ୍କୃତ କରାଯିବ। ଉତ୍କଳ ସ୍ପୋର୍ଟ୍ସ ମିଟ୍ ପର୍ଯ୍ୟାୟରେ ଆଗକୁ ଷ୍ଟ୍ରଙ୍ଗ ମ୍ୟାନ ଓ ଷ୍ଟ୍ରଙ୍ଗ ଓମେନ ପ୍ରତିଯୋଗିତା ହେବ ବୋଲି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଉତ୍କଳ ସ୍ପୋର୍ଟ୍ସ ମିଟ୍‌ର ପ୍ରଥମ ଦିବସରେ ଅଂଶଗ୍ରହଣକାରୀ ପ୍ରତିଯୋଗୀ।



ଜାତୀୟ ସିନିୟର ଗ୍ରାପ୍ଲିଂରେ ପଦକ ଜିତିଥିବା ଓଡ଼ିଶା ପ୍ରତିଯୋଗୀ।

## ସନ୍‌ସାଇନ୍, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

କଟକ ଅଫିସ, ୨୨।୮

### ଫାଓ ଲିଗ୍

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ରେ ବୁଧବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସନ୍‌ସାଇନ୍ କ୍ଲବ ଓ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଛନ୍ତି। ସନ୍‌ସାଇନ୍ କ୍ଲବ ୪–୦ ଗୋଲରେ ଏସ୍‌ବିଆଇକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ବିକି ସେଠୀ ୨୩ତମ ଓ ୪୬ତମ ମିନିଟ୍‌ରେ ୨ଟି ଗୋଲ ସ୍କୋର କରିଥିବା ବେଳେ ମଦନ ସୋରେନ୍ ୫୭ତମ ମିନିଟ୍‌ରେ ଓ ସେକ୍ ରେହାନ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ରାଧାରମଣ କ୍ଲବକୁ ୧–୦ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ସୁନୀଲ ସର୍ଦ୍ଦାର ୧୩ତମ ମିନିଟରେ ବିଜୟ ସୂଚକ ଗୋଲ ଦେଇଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

DSPL - 132



"After the successful organisation of Make in Odisha Conclave 2016, our focus has been on converting intents into investments through our mantra of 3Ts – Transparency, Technology and Teamwork."

# Grounding New Opportunities for Broad-based Industrial Growth

**Following up on the 2nd phase ground-breaking/inauguration of 19 Industrial units on May 28 2018, Invest Odisha is pleased to announce ...**

## 3rd Phase of Ground-breaking/ Inauguration of 15 New Industrial Projects* Spanning 10 Sectors

*by*

**Hon'ble Chief Minister**

# Shri Naveen Patnaik

**at 12:30 pm on August 23, 2018**

### INAUGURATION

- Grasim Industries, Ganjam
- Jyoti Solar Solutions, Bolangir

### GROUND-BREAKING

- OCL India, Rajganagpur
- IFFCO, Paradip
- Jajpur Cement, Kalinga Nagar
- Indo Nissin Foods, Khurdha
- Shree Malani Foams, Khurdha
- Suguna Foods, Balasore
- MK Plast, Ramdaspur
- SAIZAR Enterprise, Kalinga Nagar
- Aradhana Plastics, Paradip
- Tidal Trading, Paradip
- Weaverbird Engineering & Technology, Infocity
- Utkal Speciality, Khurdha
- Hindustan Urban Infrastructure, Khurdha

***Investment of Rs. 2,901 crore with potential employment for 3,091***

Govt. of Odisha

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

**Register your participation in the "Make in Odisha Conclave" at http://mio.investodisha.gov.in/**

14005/13/0022/1819

Download our mobile app **"Make in Odisha"** from
Follow us on @investInOdisha /investOdisha

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



## ସଂକ୍ଷେପରେ

### ଚାପଡରେ ହାଣିଲେ ମାଂସ ଦୋକାନୀ

**ସାଲେପୁର, ୨୨।୮ (ଡି.ଏନ୍.ଏ.) :** ପବିତ୍ର ଇଦ୍-ଉଲ୍-ଜୁହାରେ ସାଲେପୁର ବ୍ଲକ ଜଗତପୁର ଥାନା ଅଧୀନ ପାଗା ବଜାରସ୍ଥିତ ମାଂସ ଦୋକାନ ନିକଟରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମାଂସ ଦୋକାନୀ କୌଣସି କାରଣରୁ ମାଂସ କଟା ଚାପଡରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗୋଡେଇ ଗୋଡେଇ ହାଣିଛନ୍ତି। ଏହି ଆକ୍ରମଣରେ ସାଲେପୁର ବ୍ଲକ୍ ଅନ୍ତର୍ଗତ ତିଳିଦା ଗ୍ରାମର ରିଜୁଆନ୍ ଅଲ୍ଲୀ (୨୬) ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲକୁ ପଠେଇଛନ୍ତି। ଆକ୍ରମଣର ପ୍ରକୃତ କାରଣ ଜଣାପଡି ନଥିବା ବେଳେ ଅଭିଯୁକ୍ତ ଜଣକ ରିଜୁଆନଙ୍କ ଜଣେ ସମ୍ପର୍କୀୟ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଖବରପାଇ ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏନେଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଅଦ୍ୟାବଧି କୌଣସି ମାମଲା ହୋଇ ନଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ପଦ୍ମପୁର ଓ ପାଗାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଜଗତପୁର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି।

### ଆଗାମୀ ଓଡ଼ିଶା ପକ୍ଷରୁ ନୀଳିମାରାଣୀ ଦେବୀଙ୍କ ଜୟନ୍ତୀ



**ରଘୁନାଥପୁର, ୨୨।୮ ( ଡି.ଏନ.ଏ.):** ଆଗାମୀ ଓଡ଼ିଶା ପକ୍ଷରୁ ସ୍ୱର୍ଗତ ନୀଳିମାରାଣୀ ଦେବୀଙ୍କ ୯୦ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସଭାପତି ବିଜୟ୍ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଏସ୍.ଏ.ଏନ. କଲେଜର ଅବସରପ୍ରାପ୍ତ ଅଧକ୍ଷ ଅଜୟ୍ ଦାସ, ଶିକ୍ଷାବିତ୍ ପ୍ୟାରୀ ମୋହନ ପଟ୍ଟନାୟକ, ଅଧାପକ ଶରତ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ କିଟ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ୍ ସାମନ୍ତଙ୍କ ଭଳି ସୁପୁତ୍ରଙ୍କୁ ଜନ୍ମ ଦେଇଥିବା ମହାନ୍ ବ୍ୟକ୍ତିଙ୍କ ସ୍ମୃତିଚାରଣ କରିଥିଲେ। ନୀଳିମାରାଣୀଙ୍କ ପାଇଁ କଲରାବାଙ୍କ ଗ୍ରାମ ଭାରତ ବର୍ଷରେ ଏକ ସ୍ମାର୍ଟ ଗ୍ରାମ ଭାବେ ପରିଚିତ ହୋଇପାରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ଅଧକ୍ଷ ରମାରଞ୍ଜନ ସ୍ୱାଇଁ, ପଣ୍ଡିତ ପ୍ରଭାତ କିରଣ ମିଶ୍ର ଓ ଶ୍ରୀବସ୍ତ ଦାସମହାପାତ୍ର, ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା ଓ ନିର୍ମଳେନ୍ଦୁ ସୋମ, ପୂର୍ବତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ସାହୁ, ଅଧାପକ ଅଜିତ୍ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ନୀଳିମାରାଣୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ।

### ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବଡ଼ମ୍ବା,୨୨।୮(ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରଗଡିପଡା ଗ୍ରାମର ସାମାଜିକ କର୍ମୀ ତଥା ରଗଡିପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା ଇତିମଧରେ ଅନୁଷ୍ଠିତ ହୋଇଯାଇଛି। ରଗଡିପଡା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଅକ୍ଷୟ୍ କୁମାର କରଣଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସାହୁ, ରଘୁପତି ମହାନ୍ତି, ସନ୍ତୋଷ ମହାରଣା, ସଞ୍ଜୟ୍ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ସାହୁ ଓ କାଶୀନାଥ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ୱର୍ଗତ ଜେନାଙ୍କ ଜାମାତା ବିରଞ୍ଚି କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୋରା ଶାଗୁଆନ ଜବତ

**ନରସିଂହପୁର,୨୨।୮(ସ୍ୱ.ପ୍ର.):** ନରସିଂହପୁର ବନ ବିଭାଗ ପଶ୍ଚିମ ସର୍କଲ ଅଧୀନ ବାଲିକିଆରି ସଂରକ୍ଷିତ ଜଙ୍ଗଲରୁ ବୁଧବାର ୮ଟି ଚୋରା ଶାଗୁଆନ କାଠ ଜବତ କରାଯାଇଛି। ଚୋରା କାଠ ବେପାରୀ ଏହି କାଠଗୁଡିକୁ ହାଣି ଜଙ୍ଗଲ ମଧରେ ଲୁଚାଇ ରଖିଥିଲେ। ଖବରପାଇ ପଶ୍ଚିମ ସର୍କଲ ଅଧିକାରୀ ବିଜୟ୍ କୁମାର ମହାନ୍ତି ଘଟଣାସ୍ଥଳକୁ ଯାଇ ଚୋରା କାଠଗୁଡିକୁ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ତେବେ ଚୋରା କାଠ ରଖିଥିବା ଦୁର୍ବୃତ୍ତମାନେ ଧରାପଡି ନ ଥିଲେ। ଜବତ ହୋଇଥିବା ଏହି କାଠର ମୂଲ୍ୟ ୬୫ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଏସିଏଫଓ ପୂର୍ଣ୍ଣଚନ୍ଦ୍ର ଗୁରୁ ସୂଚନା ଦେଇଛନ୍ତି।

■ ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର ଭୟ

# ଠିକଣା ବଦଳାଉଛନ୍ତି ଟିଟୋ ସହଯୋଗୀ ତପୁ

■ ଏକାଧିକ ଟେଣ୍ଡର ଫିକ୍ସିଂ, ଦାଦାବଟି ଓ ହତ୍ୟା ମାମଲାରେ ସମ୍ପୃକ୍ତ
■ ଲୁଟି ରହି ଅପରାଧ ନେଟ୍‌ୱର୍କ ଚଳାଉଥିବା ସୂଚନା

**କଟକ ଅଫିସ,୨୨।୮**

ଡି' ବ୍ରଦର୍ସ, ଟିଟୋ ଭଳି ବଡ଼ ବଡ଼ ଗ୍ୟାଙ୍ଗଷ୍ଟରମାନେ କଟକରୁ ରାଜ୍ୟ ତଥା ବାହାରେ ନେଟ୍‌ୱର୍କ ଚଳାଉଥିଲେ। କଟକ ସହରକୁ ଅପରାଧୀମାନେ ଆଡ୍ଡାସ୍ଥଳ କରିଥିବାରୁ କମିଶନରେଟ ପୋଲିସ ଏବେ ବଦନାମ ମୁଣ୍ଡାଇଛି। ଏଭଳି କଳଙ୍କ ଛଡ଼ାଇବା ପାଇଁ କିଛିବର୍ଷ ଧରି ଅଣ୍ଟା ଭିଡ଼ିଥିବା ପୋଲିସ ଏବେ ଅପରାଧୀଙ୍କୁ ଧରିବା ପାଇଁ ଏନ୍‌କାଉଣ୍ଟରର ସାହାରା ନେଉଛି। ଗତ ୧୬ ମାସ ଭିତରେ ୧୫ରୁ ଊର୍ଦ୍ଧ୍ୱ ଏନ୍‌କାଉଣ୍ଟର ହୋଇଥିବା ଜଣାପଡିଛି। ଟିଟୋଙ୍କୁ ଗିରଫ କରିବା ପରେ ତା'ଙ୍କ ନେଟ୍‌ୱର୍କକୁ ଖିନ୍‌ଭିନ୍ କରିବା ପାଇଁ ପ୍ରମୁଖ ସହଯୋଗୀଙ୍କୁ ଟାର୍ଗେଟ କରିଛି। ଇତିମଧ୍ୟରେ ଅନେକଙ୍କୁ ଗିରଫ କରାଯାଇଥିବାବେଳେ ଆଉ କେତେଜଣଙ୍କୁ ଏନ୍‌କାଉଣ୍ଟର କରି ଧରିବାକୁ ଯୋଜନା କରୁଛି ପୋଲିସ। ତେବେ ପୋଲିସର ଏପରି ଢଙ୍ଗରେ ଗିରଫଦାରିକୁ ନେଇ ଅପରାଧୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନାନୁସାରେ, କମିଶନରେଟ ପୋଲିସର ଏନ୍‌କାଉଣ୍ଟର ତାଲିକାରେ ଏବେ ରହିଛନ୍ତି ଟିଟୋଙ୍କ ପ୍ରମୁଖ ସହଯୋଗୀ ତଥା ଗ୍ୟାଙ୍ଗଷ୍ଟର ତପୁ ଓରଫ ପ୍ରଶାନ୍ତ ଦାଶ। ତେବେ ପୋଲିସ ନଜରରୁ ହଟିବା ପାଇଁ ସେ ନିୟମିତ ଠିକଣା ବଦଳାଉଛନ୍ତି। ଏପରିକି ବିଭିନ୍ନ ସ୍ଥାନରେ ରହି ଟିଟୋ ଓ ନିଜର ଅପରାଧ ସାମ୍ରାଜ୍ୟକୁ ଜାରି ରଖିବାକୁ ଚେଷ୍ଟା କରୁଥିବାରୁ ସେ ଏବେ ପୋଲିସର ପରବର୍ତ୍ତୀ ଟାର୍ଗେଟରେ ରହିଥିବା କୁହାଯାଉଛି।

ତପୁଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳରେ। କଟକ ଅପରାଧ ଜଗତରେ ବେଶ୍ ପୁରୁଣା ନାଁ। ଦାଦାବଟି, ଟେଣ୍ଡର ଫିକ୍ସିଂ ଭଳି ଅପରାଧରେ ତପୁ ସମ୍ପୃକ୍ତ ଥିବା ପୋଲିସ ପାଖରେ ଏକାଧିକ ପ୍ରମାଣ ରହିଛି। ୨୦୧୩ରେ କଟକ ବାରଙ୍ଗ ଅଞ୍ଚଳରେ ଘଟିଥିବା ଏକ ଡବଲ ମର୍ଡର ଘଟଣାରେ ଗିରଫ ଅଭିଯୁକ୍ତମାନେ ତପୁ ନିର୍ଦ୍ଦେଶରେ କାମ କରିଥିଲେ ବୋଲି ପୋଲିସକୁ ପ୍ରମାଣ ମିଳିଥିଲା। ଶେଷଥର ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ଗୁଳିକାଣ୍ଡ ଘଟଣାରେ ତପୁଙ୍କ ସମ୍ପୃକ୍ତି ଥିବା ମଧ ପୋଲିସକୁ ପ୍ରମାଣ ମିଳିଛି। ଅପରାଧ ଜଗତରେ ତପୁ ଟିଟୋଙ୍କ ସହଯୋଗୀ ଭାବେ ମଧ ବେଶ୍ ଜଣାଶୁଣା। କମିଶନରେଟ ପୋଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ସହରରେ ଏବେ ପେସାଦାର ଅପରାଧୀ ନିଜକୁ ପୋଲିସ ନଜରରୁ ଦୂରେଇ ରଖିବାକୁ ଛୋଟ ଅପରାଧୀମାନଙ୍କ ଦ୍ୱାରା ଅପରାଧ ଘଟଣାଉଛନ୍ତି। ପରବର୍ତ୍ତୀ ସମୟରେ ପୋଲିସ ତଦନ୍ତରୁ ସେମାନଙ୍କ ସମ୍ପୃକ୍ତି ସାମ୍ନାକୁ ଆସୁଛି। ତେଣୁ ପୋଲିସ ଏହି ପେସାଦାର ଅପରାଧୀମାନଙ୍କୁ ଗିରଫ କରି ସହରରେ ଅପରାଧକୁ ରୋକିବାକୁ ଉଦ୍ୟମ କରୁଛି। ସେହିଭଳି ଛୋଟ ଅପରାଧୀମାନଙ୍କୁ ମଧ ବଡ଼ ଅପରାଧରୁ ରୋକିବାକୁ ପଦକ୍ଷେପ ନିଆଯାଉଛି। କମିଶନରେଟ ପୋଲିସ ଡି' ବ୍ରଦର୍ସ ହେଉ ଅବା ଟିଟୋ ଓ ପ୍ରମୁଖ ସହଯୋଗୀଙ୍କୁ ଗିରଫ କରିବା ପରେ ଅନ୍ୟ ସହଯୋଗୀମାନେ ଉକ୍ତ ଅପରାଧ ନେଟ୍‌ୱର୍କ ଚଳାଇବାକୁ ଉଦ୍ୟମ କରୁଛନ୍ତି। ହେଲେ ତାହାକୁ ପୋଲିସ ସଫଳତାର ସହ ଦମନ କରୁଛି।

### ଟିଟୋ ଗିରଫ ମାମଲା: ମହିପାଳର ସରୋଜଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

**କେନ୍ଦ୍ରାପଡା ଅଫିସ, ୨୨।୮**

ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋଙ୍କ ବିଷୟରେ ପଚରାଉଚୁରା କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ବୁଧବାର ସନ୍ଧ୍ୟାରେ କେନ୍ଦ୍ରାପଡା ସହରର ମହିପାଳସ୍ଥିତ ସରୋଜ ପତିଙ୍କୁ ଉଠାଇନେଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡା ସହରରେ ସରୋଜଙ୍କ ଏକ କମ୍ପୁଟର ଦୋକାନ ରହିଛି। ଟିଟୋଙ୍କ ବିଭିନ୍ନ ବ୍ୟବସାୟୀକ ଅନୁଷ୍ଠାନକୁ କମ୍ପୁଟର ଯୋଗାଇବା ସହ ଡାଟା ଏଣ୍ଟ୍ରିରେ ସେ ସହଯୋଗ କରୁଥିଲେ। ଏନେଇ ଅଧିକ ଖୋଳତାଡ କରିବା ପାଇଁ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ନେଇଯାଇଥିବା ସୂଚନା ମିଳିଛି।



ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

### ଜ୍ଞାନ ବିଜ୍ଞାନ ମେଳାରେ ୧୦୫ ପ୍ରକଳ୍ପ ପ୍ରଦର୍ଶିତ

**ନେମାଳ, ୨୨।୮ (ଡି.ଏନ୍.ଏ.)**

ନେମାଳ ଥାନା ଅନ୍ତର୍ଗତ ସାନ୍ତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ପ୍ରାକୃତିକ ସମ୍ବଳର ସଦୁପଯୋଗ, ଜଳଚକ୍ର, ପ୍ରାଥମିକ ଚିକିତ୍ସା ସମେତ ମୋଟ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ମେଳାକୁ ସାମାଜିକ କର୍ମୀ ଦେବେନ୍ଦ୍ର କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୈରବ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ କୁମାର ମହାନ୍ତି ଓ ସମ୍ମାନିତ ଅତିଥିଭାବେ ପ୍ରଭାତ କୁମାର ବେହେରା, ବୈକୁଣ୍ଠ ଚରଣ ବରାଳ, ରୋହିତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ମେଳା ଛାତ୍ରୀଛାତ୍ରଙ୍କ ବିଜ୍ଞାନରେ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ ପଣ୍ଡା ଏବଂ ଜନାର୍ଦ୍ଦନପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭସ୍ମିତା ମହାନ୍ତି ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଗୁରୁଜୀ ମିହିର କୁମାର ଜେନା ଧନ୍ୟବାଦ ଦେଇଥିଲେ ।

■ କେରଳ ବନ୍ୟା ବିପନ୍ନଙ୍କ ମଙ୍ଗଳ କାମନା

## ମା' ଚର୍ଚ୍ଚିକାଙ୍କ ପୀଠରେ ସମୂହ ଦୀପଦାନ

**ବାଙ୍କୀ, ୨୨।୮(ସ୍ୱ.ପ୍ର.)**

କେରଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ବିପତ୍ତିରେ ବହୁ ଧନ ଜୀବନ ନଷ୍ଟ ହୋଇଛି। ସାରା ଦେଶରେ ଏନେଇ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ରାଷ୍ଟ୍ର, ରାଜ୍ୟ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନ୍ୟାବିପନ୍ନଙ୍କୁ ସହଯୋଗର ହାତ ବଢାଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଂଗଠନ ବିଶ୍ୱ କଳିଙ୍ଗ ଫାଉଣ୍ଡେଶନ୍ ତରଫରୁ ମା'ଚର୍ଚ୍ଚିକାଙ୍କ ପୀଠରେ ବୁଧବାର ବନ୍ୟାବିପନ୍ନଙ୍କ ମଙ୍ଗଳ କାମନା କରି ସମୂହ ଦୀପଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିନ୍ମୟ କୁମାର ତ୍ରିପାଠୀ, ପ୍ରୀତିରଞ୍ଜନ ପଣ୍ଡା, ରାକେଶ କୁମାର ସାହୁ, ପ୍ରଭାତ କୁମାର ଗୋଛି, ଦୀପକ୍ ସାହୁ, ପ୍ରିୟତୋଷ ପ୍ରଧାନ, ଚିତ୍ତରଞ୍ଜନ ତରାଇ ଓ ଦିଲୀପ୍ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବନ୍ୟାରେ ଜୀବନ ହରାଇଥିବା ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା।



କେରଳ ବନ୍ୟା ବିପନ୍ନଙ୍କ ପାଇଁ ସମୂହ ଦୀପଦାନ କରାଯାଉଛି।

### ସ୍ୱଚ୍ଛ, ପରିମଳ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୨୨।୮(ସ୍ୱ.ପ୍ର.)**

ବାଙ୍କୀ ପ୍ରତିଭା ବିକାଶ କେନ୍ଦ୍ର କବିଚନ୍ଦ୍ର ଭବନ ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ଓ ପରିମଳ ସମ୍ପର୍କରେ ଜନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ୍.ଡି.ଆଇ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଭା ବିକାଶ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଶ୍ରୀନିବାସ ବେହେରାଙ୍କ ତତ୍ତ୍ୱାବଧାନରେ ସତ୍ୟବ୍ରତ ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବାଙ୍ଗାଲୋରସ୍ଥିତ ଅଜିମ୍ ପ୍ରେମ୍ ଜି ସଂସ୍ଥାର ଉପଦେଷ୍ଟା ଆୟାନ୍ ବିଶ୍ୱାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏସ୍‌ଡିଆଇର ଉପଦେଷ୍ଟା ଗୁରୁପ୍ରସାଦ ମିଶ୍ର, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ବିଜୟ ଦାଶ୍, ପ୍ରକଳ୍ପ ସଂଯୋଜକ ପ୍ରିୟଦର୍ଶିନୀ ରାଏ, ପ୍ରଶାନ୍ତ ରାଜ, ଭାଗ୍ୟଶ୍ରୀ ଜେନା ଓ ସସ୍ମିତା ଦାଶ୍ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ଅତିଥି ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଜୋର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ପଣ୍ଡା, ଧର୍ମ ପ୍ରସାଦ ମଙ୍ଗରାଜ, ବଳଭଦ୍ର ପଣ୍ଡା ଓ ଆଶିଷ୍ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ବିଭାଗୀୟ ମୁଖ୍ୟ ଅମଲାଙ୍କ କ୍ୟାଡର ପୁନର୍ଗଠନ ଦାବି

**ତେଜୁଛି ଅସନ୍ତୋଷ**

**କଟକ ଅଫିସ,୨୨।୮**

ଦୀର୍ଘଦିନ ଧରି ବିଭାଗୀୟ ମୁଖ୍ୟ ଓ ସେକ୍ସନ୍ ଅଫିସରଙ୍କ କ୍ୟାଡର ପୁନର୍ଗଠନ କରିବାକୁ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ହେଲେ ରାଜ୍ୟ ସରକାର ଏହାକୁ ଅଣଦେଖା କରି ଆସୁଛନ୍ତି। ଫଳରେ ରାଜ୍ୟର ୩ ହଜାରରୁ ଊର୍ଦ୍ଧ୍ୱ ବିଭାଗୀୟ ଅମଲା ଓ ସେକ୍ସନ ଅଫିସରଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ଦାବି ଅନୁସାରେ, ସଚିବାଳୟର କ୍ୟାଡର ପୁନର୍ଗଠନ ୨୦୦୮ରୁ ହୋଇସାରିଛି। ପରେ ହାଇକୋର୍ଟ ଆଡ୍‌ଭୋକେଟ୍ ଜେନେରାଲ,ସଚିବାଳୟ ମଧ୍ୟରେ ଥିବା ୭ଟି କମ୍ପୋଜିଟ୍ ବିଭାଗୀୟ ମୁଖ୍ୟ ଅଧୀନସ୍ଥ ଅମଲା ଓ ସେକ୍‌ସନ୍ ଅଫିସର୍‌ଙ୍କ କ୍ୟାଡର ମଧ ତଦନୁଯାୟୀ କରାଯାଇଛି। ମାତ୍ର ଅନ୍ୟ ବିଭାଗରେ ଏପର୍ଯ୍ୟନ୍ତ କ୍ୟାଡର ପୁନର୍ଗଠନ ହୋଇନାହିଁ। ଅପରପକ୍ଷରେ ସରକାର ଏହାକୁ ଅଣଦେଖା କରି ଅନ୍ୟାୟ ଭାବେ ୨୦୧୩ରେ ବିଭାଗୀୟ ମୁଖ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଏକତୃତୀୟାଂଶ ଲେଭେଲ୍-୧ ସେକ୍ସନ୍ ଅଫିସର ପଦବୀ ଉଚ୍ଛେଦ କରିଛନ୍ତି। ଏଣୁ ୨ଶହରୁ ଊର୍ଦ୍ଧ୍ୱ ସେକ୍ସନ୍ ଅଫିସର୍ ଲେଭେଲ୍-୧ (ଡେକ୍ସ ଅଫିସର୍) ପଦୋନ୍ନତିରୁ ବଞ୍ଚିତ ହୋଇଆସୁଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଏହି କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ ଗତ ଏପ୍ରିଲ ୧୬ ତାରିଖରେ ମଞ୍ଜୁରୀ ଦେଇସାରିଛନ୍ତି। ୩ମାସ ବିତିଯାଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ଏହା ଚରମ ପ୍ରଶାସନିକ ବିଫଳତା ବୋଲି ସମିତି ଏକ ପ୍ରେସ୍ ଇସ୍ତାହାରରେ କହିଛି। କ୍ୟାଡର ପୁନର୍ଗଠନ ଦାବି ନେଇ ସମସ୍ତ ବିଭାଗୀୟ ମୁଖ୍ୟ, ଅମଲା ଓ ସେକ୍ସନ୍ ଅଫିସର୍‌ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସମିତିର ଉପଦେଷ୍ଟା ପ୍ରତାପ ଦାସ, ଅନୁପ୍ରେନ୍ଦ ମହାନ୍ତି, ରାମଚନ୍ଦ୍ର ରଣା, ଉପାଧକ୍ଷ ପ୍ରଭାତ ଦେବତା, ଜିଲା ସମିତିର ସାଧାରଣ ସମ୍ପାଦକ ଦୀନବନ୍ଧୁ ମହାପାତ୍ର, ସମ୍ପାଦକ ତ୍ରିଲୋଚନ ଗୁରୁ, ସୌଭାଗ୍ୟ ସାମଲ, ଅକ୍ଷୟ ରାଉତ, କୃଷ୍ଣଚନ୍ଦ୍ର ସାହୁ, ଗୌରୀଶଙ୍କର ନନ୍ଦ ଓ ଗଣେଶ ଓଝା ପ୍ରମୁଖ ଦୃଢ ଦାବି କରିଛନ୍ତି।

## ପାଞ୍ଚସାହି ତୈଳିକ ବୈଶ୍ୟ ସମାଜର ସାଧାରଣ ମହାସଭା

**କଟକ ଅଫିସ, ୨୨।୮**

ପାଞ୍ଚସାହି ତୈଳିକ ବୈଶ୍ୟ ସମାଜର ସାଧାରଣ ମହାସଭା ମଣି ସାହୁଙ୍କ ୭୧ତମ ସ୍ମୃତି ଦିବସ ଉଦ୍ଦେଶ୍ୟରେ ସ୍ଥାନୀୟ ବକ୍ସିବଜାର ବଢେଇ ସାହିସ୍ଥିତ ଶ୍ରୀ ଶ୍ରୀ ଯୁଗଳ କିଶୋରଜୀଉ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଶ୍ୟ ସମାଜର ସଭାପତି ରାକେଶ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ସାହୁ ଅଭିଭାଷଣରେ ଗତ ୪ ବର୍ଷ ଧରି ହୋଇଥିବା ସାମାଜିକ କାର୍ଯ୍ୟକ୍ରମ ଓ ଆୟବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶୁକଦେବ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ସାହୁ, ଦାମୋଦର ସାହୁ, ଗଦାଧର ସାହୁ, ଭଗବାନ ସାହୁ, ଶିବ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିମନ୍ତ୍ରିତ ଅତିଥି ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ, ନୂଆବଜାର ପୂଜା କମିଟି ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, ଚାଉଳିଆଗଞ୍ଜ ଅଧିକାରୀ ପ୍ରଦୀପ ସାହୁ, ଖାନନଗର ମହନ୍ତ ସୁରେନ୍ଦ୍ର ସାହୁ ଏବଂ ମଣିସାହୁ ଛକ ଉପଦେଷ୍ଟା ମଧୁସୂଦନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ରାକେଶ ସାହୁ ଚେୟାରମ୍ୟାନ, ରବୀନ୍ଦ୍ର ସାହୁ ସଭାପତି, କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକାରୀ ସଭାପତି, ପ୍ରଫୁଲ୍ଲ ସାହୁ ସାଧାରଣ ସମ୍ପାଦକ, ଅଜୟ ସାହୁ ସଂଗଠନ ସମ୍ପାଦକ, ନାରାୟଣ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

## ସସ୍ମିତାଙ୍କୁ ଭେଟିଲେ ଭାଜପା ନେତା

**ଲଳିତଗିରି, ୨୨।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାଟିପାରିଲୋ ଗ୍ରାମର ଶ୍ରଦ୍ଧାଞ୍ଜଳି ମଲିକ ଗତ ସୋମବାର ଗୋବରୀ ନଦୀ ପାଣିରେ ଭାସିଯାଉଥିବା ବେଳେ ବ୍ରାହ୍ମଣମଣିଯୋରୀ ଗ୍ରାମର ସସ୍ମିତା ନାୟକ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସସ୍ମିତାଙ୍କ ସାହସିକତା ବିଷୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ମାହାଙ୍ଗାର ଭାଜପା ନେତା ସାରଦା ପ୍ରଧାନ ସସ୍ମିତାଙ୍କୁ ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜ୍ଞାପନ କରିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସେ ଘଟଣା ସ୍ଥଳ ପରିଦର୍ଶନ କରି ଗୋବରୀ ନଦୀର ଦୁଇକୂଳ ପୁନରୁଦ୍ଧାର କରିବା ପାଇଁ ଦାବି କରିଛନ୍ତି। ଏଥିସହ ଆସନ୍ତା ୨୪ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ସାହସୀ ସସ୍ମିତାଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସସ୍ମିତାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିବା ନିମନ୍ତେ ସାରଦା ଦାବି କରିଛନ୍ତି।



ସସ୍ମିତାଙ୍କୁ ଆର୍ଥିକ ସହାୟତା ଦିଆଯାଉଛି।

## ଇଦ୍-ଉଜ୍-ଜୁହାରେ ସାମୂହିକ ନମାଜ ପାଠ



ନରସିଂହପୁର: ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରୁଛନ୍ତି।



ନିଶ୍ଚିନ୍ତକୋଇଲିରେ ମୁସଲମାନମାନେ ଇଦ୍ ମୁବାରକ ଶୁଭେଚ୍ଛା ଜଣାଉଛନ୍ତି।

**ନିଶ୍ଚିନ୍ତକୋଇଲି,୨୨।୮ (ସ୍ୱ.ପ୍ର/ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ କାଜିହାଟ, ଶୁକରପଡା ଓ କଟିକଟା ପଞ୍ଚାୟତର ପାରସାଇଲୋ, ଅସୁରେଶ୍ୱର, ନରେନ୍ଦ୍ରପୁର, କାକୁଡିଆପଡା ସମେତ ନେମାଳର ବିଭିନ୍ନ ମସ୍‌ଜିଦରେ ସାମୂହିକ ନମାଜ ପାଠ କରାଯାଇଥିଲା। କାଜିହାଟସ୍ଥିତ ମକବୁଲ ସୁକୁମ ସୁଙ୍ଗୁଡା ମସ୍‌ଜିଦରେ ଭାଇଚାରା ପର୍ବ ଅନୁଷ୍ଠିତ ହୋଇଥିଲା। ମୌଲାନା ନକିବୁଲ ଅମିନ ବର୍କ କାସମିଙ୍କ ଦ୍ୱାରା ସାମୂହିକ ନମାଜ ପାଠ କରାଯାଇଥିଲା । ଏଥିରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ବ୍ୟକ୍ତି ଯୋଗଦେଇଥିଲେ। ନମାଜ ପାଠ ପରେ ପ୍ରଦେଶ କଂଗ୍ରେସ ସମ୍ପାଦକ ପ୍ରଦୀପ୍ତ ଦାସ, ଜୟରାମପୁର ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ ଓ ବ୍ଲକ କଂଗ୍ରେସ ସଭାପତି ଦିଲୀପ କୁମାର ରାଉତ ପ୍ରମୁଖ ସେଠାରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ।

**ଟିଗିରିଆ, (ଡି.ଏନ୍.ଏ.)-** ଟିଗିରିଆ ବ୍ଲକର ୨ ଅହମ୍ମଦିୟା ଜମାତ ପଙ୍କାଳ ଓ କରଡ଼ାପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ବୁଧବାର ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ଜମାତ ଅହମ୍ମଦିୟା ପଙ୍କାଳ ଇଦ୍‌ଗାହରେ ମୌଲାନା ମହମ୍ମଦ ମେରାଜ ଅଲ୍ଲୀ ସମବେତ ପୁରୁଷମାନଙ୍କୁ ଇଦ୍ ନମାଜ ପାଠ କରାଇଥିଲେ। ସେହିପରି ଜାମା ମସ୍‌ଜିଦ୍‌ରେ ସମବେତ ମହିଳାଙ୍କୁ ମୌଲାନା ତୟବ ଅହମ୍ମଦ ନମାଜ ପାଠ କରାଇଥିଲେ। କରଡ଼ାପଲ୍ଲୀରେ ମୌଲାନା ସେକ୍ ଅବଦୁଲା ଅସଲାମ ସମବେତ ପୁରୁଷ ଓ ମହିଳାମାନଙ୍କୁ ଇଦ୍ ନମାଜ ପାଠ କରାଇଥିଲେ।

**ନରସିଂହପୁର, (ସ୍ୱ.ପ୍ର/ଡି.ଏନ୍.ଏ.)-** ନରସିଂହପୁର ବ୍ଲକର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବୁଧବାର ମହାଆଡମ୍ବରରେ ଇଦ୍-ଉଜ୍-ଜୁହା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନରସିଂହପୁରସ୍ଥିତ ଇଦ୍‌ଗାହ ପଡିଆରେ ଗୁରୁ ଅମାନ ଉଲ୍ଲାଙ୍କ ଦ୍ୱାରା ନମାଜ ପାଠ କରାଯାଇଥିଲା। ବହୁ ମୁସଲମାନ ଭାଇ ଏଥିରେ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସଦର ମହକୁମା ମୁସଲମାନ ବସ୍ତିର ସଭାପତି ଶେଖ ସାବିବ, ମଞ୍ଜୁ ଖାଁ ଓ ଅକ୍ତାର ଇସରାଇଲ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



# ପ୍ଲାଷ୍ଟିକ୍ ବର୍ଜନ ପାଇଁ ଆଗୁଆ ପଦକ୍ଷେପ

କଟକ ଅଫିସ,୨୨।୮

ଅକ୍ଟୋବର ୨ରୁ ରାଜ୍ୟରେ ପ୍ଲାଷ୍ଟିକ ଓ ପଲିଥିନ (ନିର୍ଦ୍ଦିଷ୍ଟ ଓଜନ ଓ ପ୍ରକାରର) ବ୍ୟବହାର ବନ୍ଦ ହେବ। ତେଣୁ ସହରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ଏବେଠୁ ପ୍ରକ୍ରିୟା ଆରମ୍ଭ କରିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଓଲିଉଡ୍ ଷ୍ଟାର ଅରିନ୍ଦମ ରାୟ ଏଥିରେ ସାମିଲ୍ ହେବେ ବୋଲି କହିଛନ୍ତି ମେୟର ମୀନାକ୍ଷୀ ବେହେରା।

ତାଙ୍କ ସୂଚନାନୁସାରେ, ବିଭିନ୍ନ ସାମାଜିକ ସଂଗଠନ ଏହି କାର୍ଯ୍ୟକ୍ରମରେ ସହାୟତା ଯୋଗାଇଦେବେ। ପ୍ରତି ୧୦ଟି ୱାର୍ଡ ଦାୟିତ୍ୱରେ ଜଣେ ଲେଖାଏ ଡେପୁଟି କମିଶନର ର୍‍ୟାଙ୍କର ଅଧିକାରୀ ରହିବେ।





- ସେପ୍ଟେମ୍ବରରୁ ଆରମ୍ଭ ହେବ ସଚେତନତା କାର୍ଯ୍ୟକ୍ରମ
- ପ୍ରତି ୧୦ ୱାର୍ଡ ପାଇଁ ଜଣେ ଡେପୁଟି କମିଶନର ର୍‍ୟାଙ୍କ୍ ଅଧିକାରୀ
- ସାମିଲ୍ ହେବେ ଓଲିଉଡ୍ ଷ୍ଟାର୍ ଅରିନ୍ଦମ

ଲିଫ୍‌ଲେଟ, ପୋଷ୍ଟର ଜରିଆରେ ଲୋକଙ୍କୁ ସଚେତନତା କରାଯିବ। ଏଥିସହ ବିଭିନ୍ନ ଏଫଏମ୍ ରେଡିଓ ଚ୍ୟାନେଲରେ ମଧ୍ୟ ଏ ନେଇ ମହାନଗର ନିଗମ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସହର ନେଇ ସ୍ୱତନ୍ତ୍ର ସ୍ଲୋଗାନ ବିଜ୍ଞାପନ ଦିଆଯିବ।

ସିଏମ୍‌ସି କମିଶନର ବିକାଶ ମହାପାତ୍ର କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର କାହିଁକି କରିବା ନାହିଁ ସେ ସମ୍ପର୍କରେ ସଚେତନ କରାଯିବ। ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପ୍ରତି କ'ଣ ଦଣ୍ଡବିଧାନ ରହିବ ତାହା ଦ୍ୱିତୀୟ ପର୍ଯ୍ୟାୟରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ଜଣାଇଦିଆଯିବ। ମହାନଗର ନିଗମ ଅଧୀନରେ ଥିବା ସ୍କୁଲଗୁଡ଼ିକରେ ମଧ୍ୟ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ବିଷୟରେ ପିଲାଙ୍କୁ ସଚେତନ କରାଯିବ ଏବଂ ସଚେତନତା ପ୍ରଚାର ରଥ ଅଞ୍ଚଳ ବୁଲି 'ପ୍ଲାଷ୍ଟିକ ବର୍ଜନ କରନ୍ତୁ, ପରିବେଶକୁ ସୁସ୍ଥ ରଖନ୍ତୁ' ବାର୍ତ୍ତା ଦେବ।

ତେବେ ସିଏମ୍‌ସିର ଏହି ପ୍ରସ୍ତୁତିକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, ମହାନଗର ନିଗମ ପକ୍ଷରୁ ଲୋକଙ୍କୁ ସଚେତନ କରାଇବା କିଛି ବଡ଼ କଥା ନୁହେଁ। ହେଲେ ନିଷିଦ୍ଧ ପ୍ଲାଷ୍ଟିକ୍ ତିଆରି କରୁଥିବା ୟୁନିଟଗୁଡ଼ିକୁ ବନ୍ଦ କରିବା ଦିଗରେ ସରକାରୀ ସ୍ତରରେ କିଭଳି ଉଦ୍ୟମ ହେବ ତାହା ହିଁ ସବୁଠାରୁ ବଡ଼ କଥା। ସିଏମ୍‌ସିର ଏପରି ବହୁ ଯୋଜନା ଓ ପଦକ୍ଷେପ କେବଳ ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରହିଛି। ସଚେତନତା ବାହାନାରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସଫଳତା ସେପରି ମିଳୁ ନ ଥିବା ଅନେକ ନଜିର ରହିଛି। ଏହି ଅଭିଯାନର ପରବର୍ତ୍ତୀ ସମୟରେ ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ। ସଚେତନତା କାର୍ଯ୍ୟକ୍ରମ ପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଥରେ ଅଧେ ଚେକିଂ କରି ଚୁପ୍ ବସିଲେ ହେବ ନାହିଁ। ନିୟମିତ ବ୍ୟବଧାନରେ ଏହି ଟିମ ବିଭିନ୍ନ ଦୋକାନରେ ଯାଞ୍ଚ କରିବା ଦରକାର ବୋଲି କହିଛନ୍ତି ଭାଜପା କର୍ପୋରେଟର ଚିତ୍ତରଞ୍ଜନ ଦାସ।



ସିଏମ୍‌ସି ୱାର୍ଡ ନଂ.୨ ବିଜୁ ଯୁବବାହିନୀ ପକ୍ଷରୁ କଟକ ବିଡାନାସୀ ନୂଆସାହିସ୍ଥିତ ଗୋଦାବରୀଶ ସନ୍ଥ ସଂସ୍କୃତ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ମନ୍ତ୍ରୀ ନବ୍‌ଜୋତ୍ ସିଂ ସିଦ୍ଧୁଙ୍କ କୁଶପୁତ୍ତଳିକା ଦାହ

**କଟକ ସଦର, ୨୨।୮ (ଡି.ଏନ.ଏ.):** ପଞ୍ଜାବ ପର୍ଯ୍ୟଟନ ମନ୍ତ୍ରୀ ନବ୍‌ଜୋତ୍ ସିଂ ସିଦ୍ଧୁଙ୍କ ପାକିସ୍ତାନ ଗସ୍ତ ପ୍ରତିବାଦରେ ବୁଧବାର କଟକ-ପାରାଦୀପ ରାସ୍ତାର କନ୍ଦରପୁର ଛକରେ କଟକ ସଦର ସନ୍ତ୍ରାଶନ୍ୟାସୀ ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ଏଥିସହ ସିଦ୍ଧୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଦେଶ ସହ ସମ୍ପର୍କ ରଖି ସିଦ୍ଧୁ ଦେଶବାସୀଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି ବୋଲି ପ୍ରତିଭା ଶତପଥୀ, ହୃଷୀକେଶ ଜେନା, ନିର୍ମଳ ଦାସ, ପୀୟୁଷ ପରିଡା, ସତ୍ୟଜିତ୍ ଦାଶ, ଗୋକୁଳ ପ୍ରଧାନ ଓ ବନମାଳୀ ରାଉତ ପ୍ରମୁଖ କହିଥିଲେ।

### ଇଦ୍-ଉଜ୍-ଜୁହା ପାଳିତ

**ଚୌଦ୍ୱାର, ୨୨।୮ (ଡି.ଏନ.ଏ.):** ଚୌଦ୍ୱାର ଅଞ୍ଚଳରେ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ବହୁସଂଖ୍ୟାରେ ମୁସଲମାନ ସକାଳେ ସ୍ଥାନୀୟ ମସ୍‌ଜିଦ୍‌ରେ ନମାଜ ପାଠ କରିଥିଲେ। ପରେ ଚୌଦ୍ୱାର ପୌରାଞ୍ଚଳ, ମଙ୍ଗରାଜପୁର, ସାଇଁଟୋ, ନାରପଡ଼ା ଗ୍ରାମରେ ବାସ କରୁଥିବା ବହୁ ମୁସଲମାନ୍ ଶ୍ରଦ୍ଧାଳୁ ଚୌଦ୍ୱାରର ଚାଟେଶ୍ୱର ମନ୍ଦିର ନିକଟସ୍ଥ ଇଦ୍‌ଗା ପଡିଆରେ ଏକତ୍ରିତ ସମୂହ ନମାଜ ପାଠ କରିଥିଲେ। ସ୍ଥାନୀୟ ଗୁଲ୍‌ସନ୍-ଇ-ଇସ୍‌ଲାମ୍ ମଦ୍ରାସାର ମୁଖ୍ୟ ମୌଲାନା ଜନାବ୍ ସାଫୁଦ୍ଦିନ୍ ସକାଫି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ନମାଜ ପାଠ କରାଇଥିଲେ। ଚୌଦ୍ୱାର ମୁସଲିମ୍ ପଞ୍ଚାୟତର ସଭାପତି ସେକ୍ ସାଜିଦ୍ ଚାନ୍ଦ୍, ଉପ ସଭାପତି କରିମ୍ ବକ୍ସ, ସମ୍ପାଦକ ରହିମ୍ ବେଗ୍, ଏହେସାନ୍ ରକିବ୍ ସାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଚୌଦ୍ୱାର ନିକଟସ୍ଥ ବିଲ୍‌ତେରୁଆଁ ଗ୍ରାମରେ ଅନୁରୂପ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଥିଲା।

### ଜ୍ଞାନ ବିଜ୍ଞାନ ମେଳା

**ଚୌଦ୍ୱାର, ୨୨।୮ (ଡି.ଏନ.ଏ.):** ଚୌଦ୍ୱାର ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଗମ୍ବର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାକୁ ମ୍ୟୁନିସିପାଲ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୧୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପରିଚାଳନା ସମିତି ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ସୋନାଲି ମହାପାତ୍ର, ଭ୍ରମରବର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବ୍ରଜକିଶୋର ସାହୁ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପଙ୍କଜା ସ୍ୱାଇଁ, ସୁଷମା ଦାସ, ଆରତୀ ମହାପାତ୍ର, ଇନ୍ଦ୍ରମଣି ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦ ବିକ୍ରି ଅଭିଯୋଗ: ୨ ଗିରଫ

**କଟକ ଅଫିସ, ୨୨।୮:** ମଦ ବିକ୍ରି କରିବା ଅଭିଯୋଗରେ ବାଦାମବାଡି ପୋଲିସ ଦୁଇଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ଇମାମ ନଗର ଅଞ୍ଚଳର ଦିଲ୍ଲୀପ ସେଠୀ(୩୨) ଓ ପୁରୀଘାଟ ଥାନା ଅଞ୍ଚଳର ଆଶୁତୋଷ ପରିଡା(୩୮)। ପୋଲିସ ସୂଚନା ଅନୁଯାୟୀ, ଉଭୟ ବାଦାମବାଡି ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ କାରବାର କରନ୍ତି। ମଙ୍ଗଳବାର ରାତିରେ ପୋଲିସ ଚଢାଉ କରି ଦିଲ୍ଲୀପଙ୍କଠାରୁ ୩୮ ବୋତଲ, ଆଶୁତୋଷଙ୍କଠାରୁ ୪୨ ବୋତଲ ମଦ ଜବତ କରିଥିଲା। ଏ ନେଇ ଥାନାରେ ଦୁଇଟି ମାମଲା(ନଂ.୨୩୨,୨୩୩/୧୮)ରୁଜୁ ହୋଇଛି।

### ୨ ବଖରା ଜଳିଗଲା

**ଫୁଲନଖରା, ୨୨।୮ (ଡି.ଏନ.ଏ.):** ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବାରଙ୍ଗ ବ୍ଲକ ଅଧୀନ ଅଡା ଗ୍ରାମର ହୃଷୀକେଶ ବେହେରାଙ୍କ ୨ ବଖରା ଜଳିଯାଇଛି। ଏଥିରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ନିଆଁ ଲାଗିବା ଦେଖି ଗ୍ରାମବାସୀ ପହଞ୍ଚି ପାଣି ପକାଇ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି।



ଇଦ୍-ଉଜ୍-ଜୁହା ଅବସରରେ ବୁଧବାର କଟକ ସତୀଚୌରା ଛକ ନିକଟ ଇଦ୍‌ଗାଠାରେ ମୁସ୍‌ଲମାନ ବ୍ୟକ୍ତିମାନେ ସମୂହ ନମାଜ ପାଠ କରୁଛନ୍ତି।

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ବୈଠକ
# ସେପ୍ଟେମ୍ବର ୨ରୁ ମଦ ବିରୋଧରେ ଦସ୍ତଖତ ଅଭିଯାନ

କଟକ ଅଫିସ, ୨୨।୮

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲାସ୍ତରୀୟ ବୈଠକ କଟକସ୍ଥିତ ଗାନ୍ଧୀଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିଶା ନିବାରଣ ଅଭିଯାନର ସଂଯୋଜିକା ଅପର୍ଣ୍ଣା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରାଯିବା ସହିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ନିଶାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଆସନ୍ତା ସେପ୍ଟେମ୍ବର ୨ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମଦ ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ କରାଯିବ। ଏଥିସହିତ ଜନସଚେତନତା ପାଇଁ ବିବିଧ ସଭାସମିତି ଓ ପଦଯାତ୍ରାର ଆୟୋଜନ କରାଯିବ। ୨ ତାରିଖରେ ସ୍ଥାନୀୟ ବିଧାୟକଙ୍କୁ ଦସ୍ତଖତ ସମ୍ବଳିତ ଚିଠା ପ୍ରଦାନ କରାଯିବ, ଯେପରି ସେମାନେ ବିଧାନସଭାରେ ନିଶା ବିରୋଧରେ ଆଇନ କରିବାକୁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି ଉପସ୍ଥାପନ କରିବେ। ନଭେମ୍ବର ୨୩ ତାରିଖ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ବହୁ ସଂଖ୍ୟାରେ ମହିଳା ଭୁବନେଶ୍ୱରଠାରେ ଏକାଠି ହୋଇ ପୂର୍ବରୁ ପାରିତ ହୋଇଥିବା ୧୯୫୬ ମସିହାର ଆଇନକୁ ତୁରନ୍ତ ଲାଗୁ କରିବା ପାଇଁ ଦାବି କରିବେ। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମାରକ ନିଧିର ସଭାପତି ସତ୍ୟ ରାୟ, କଟକ ଜିଲା ସର୍ବୋଦୟ ମଣ୍ଡଳ ସଭାପତି କୈଳାସ ସାହୁ, ସମ୍ପାଦକ ରମାକାନ୍ତ ମଣ୍ଡଳ, ମୁକ୍ତି ସଂଗଠନର ସଭାପତି ସୁଶାନ୍ତ ମହାନ୍ତି, ଶୋଭନୀୟ ଶିକ୍ଷାଶ୍ରମର ବନଲତା ଦେବୀ, ସାମାଜିକ କର୍ମୀ ଶୈଳଜ ରବି, ଗନ୍ଧର୍ବ ବେହେରା, ଇନ୍ଦୁମତୀ ସାହୁ, ରାକେଶ ନାୟକ, ମାଳତି ପାତ୍ର, ଭବାନୀ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଦସ୍ତଖତ ସଂଗ୍ରହ ପାଇଁ ବାଙ୍କୀରୁ ଲିଙ୍ଗରାଜ, ଆଠଗଡରୁ ବେଣୁଧର ମହାନ୍ତି ଏବଂ ବିଚିତ୍ରାନନ୍ଦ ସେଠୀ, ବଡମ୍ବା ନରସିଂହପୁରରୁ ଅଞ୍ଜଳିବାଳା ସାହୁ, ଟାଙ୍ଗୀ-ଚୌଦ୍ୱାରରୁ ସବ୍ୟସାଚୀ ମିଶ୍ର, ସାଲେପୁରରୁ କିରଣବାଳା ଭୂୟାଁ, କଟକ ସଦରରୁ ଅନୀମା ରାୟ, କଟକ-ବାରବାଟୀରୁ ମଧୁମିତା ରାୟ ଚୌଧୁରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। କନକଲତା ଭଞ୍ଜ ଧନ୍ୟବାଦ ଦେଇଥିଲେ।

### ପୁସ୍ତକ ଲୋକାର୍ପଣ ଉତ୍ସବ

**ଚୌଦ୍ୱାର, ୨୨।୮ (ଡି.ଏନ.ଏ.)** କବି ତଥା କଥାଶିଳ୍ପୀ ଜ୍ୟୋତ୍ସ୍ନାବାଳା ଦେବୀ(ପାଣି)ଙ୍କ ଦ୍ୱାରା ଲିଖିତ ୨ଟି ପୁସ୍ତକର ଲୋକାର୍ପଣ ଉତ୍ସବ ସ୍ଥାନୀୟ କଳିଙ୍ଗ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧିକା ମନୋରମା ମହାପାତ୍ର ଯୋଗଦେଇ ଜ୍ୟୋତ୍ସ୍ନାବାଳାଙ୍କ ରଚିତ ଗଳ୍ପ ସଙ୍କଳନ 'ବିହି ଲିହିଛି ଯାହା' ଓ କବିତା ସଙ୍କଳନ 'ମୋ ଗୀତ ମୋ ମିତ'କୁ ଉନ୍ମୋଚନ କରିଥିଲେ। ସମାଲୋଚକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କବି ଶ୍ରୀନିବାସ ବେହେରା, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ଜୀବନରେ ଗଳ୍ପ ଓ କବିତାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଶିଶୁ ସାହିତ୍ୟିକ ଦିବ୍ୟଜ୍ୟୋତି ପାଣିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମନ୍ମଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷାବିତ୍ ସୁବାସ ମିଶ୍ର, ସୁକାନ୍ତ ମହାନ୍ତି, ଭାଗବତ ରାଉତ, ମାୟାଧର ମହାପାତ୍ରଙ୍କ ସମେତ ବହୁ କବି, ଗାଳ୍ପିକ ଯୋଗଦେଇଥିଲେ।

### ବ୍ୟକ୍ତିଙ୍କୁ ଭୁଜାଲିରେ ଆକ୍ରମଣ

କଟକ ସଦର, ୨୨।୮ (ଡି.ଏନ.ଏ.)

କନ୍ଦରପୁର ଥାନା ଅଧୀନ ଅଥଙ୍ଗାଠାରେ ବୁଧବାର ସନ୍ଧ୍ୟାରେ କୂଳସରିଚୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ବ୍ୟକ୍ତିଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୭/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଆହତ ବ୍ୟକ୍ତିଙ୍କ ଝିଅ କନ୍ଦରପୁର କଲେଜରେ ଅଧ୍ୟୟନ କରନ୍ତି। ସକାଳେ ସେ କଲେଜରୁ ଘରକୁ ଫେରୁଥିବାବେଳେ ବରାଳ ଗ୍ରାମର ଜଣେ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ଖବରପାଇ ଛାତ୍ରୀଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ।

## ସ୍ୱଚ୍ଛଭାରତ ଅଭିଯାନରେ ପାଇଖାନା ନିର୍ମାଣ
# ଦେଢମାସରେ ୧୨୦୦୦ ଟାର୍ଗେଟ୍

କଟକ ସଦର, ୨୨।୮(ଡି.ଏନ୍.ଏ.)

୨୦୧୪ ଅଗଷ୍ଟ ୧୫ ତାରିଖରୁ ସ୍ୱଚ୍ଛଭାରତ ଅଭିଯାନରେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ୨୫ ହଜାର ବ୍ୟକ୍ତିଗତ ପାଇଖାନା ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ ୪ ବର୍ଷ ବିତିବାକୁ ବସିଥିଲେ ମଧ୍ୟ କାର୍ଯ୍ୟରେ ମନ୍ଥରତା ଯୋଗୁ ୧୩ ହଜାର ପାଇଖାନା ନିର୍ମାଣ ସରିଛି। ବାକି ୧୨ ହଜାର ପାଇଖାନା ପାଇଁ ଦେଢ ମାସ ଅର୍ଥାତ ଅକ୍ଟୋବର ୨ ତାରିଖ ପୂର୍ବରୁ ଶେଷ କରିବାକୁ କଟକ ଜିଲାପାଳ ଟାର୍ଗେଟ୍ ଦେଇଛନ୍ତି। ସେଥିପାଇଁ ବ୍ଲକର ଯନ୍ତ୍ରୀ, ସମ୍ପ୍ରସାରଣ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏବେ କାମ ଛାଡି ଘର ଘର ବୁଲି ପାଇଖାନା କରିବା ପାଇଁ ହିତାଧିକାରୀଙ୍କୁ ପ୍ରବର୍ତ୍ତାଇବା ଆରମ୍ଭ କରିଦେଇଛନ୍ତି। ବର୍ଷାଦିନରେ ସରଞ୍ଜାମ ଯୋଗାଡ କରି ଅଳ୍ପଦିନରେ କାମ ସାରିବା ସମ୍ଭବ ନୁହେଁ ବୋଲି ଲୋକମାନେ ଉପରୋକ୍ତ ଅଧିକାରୀମାନଙ୍କୁ ଜଣାଇଦେବା ଲକ୍ଷ୍ୟ କରାଯାଉଛି। କାରଣ ଏହି ୧୨ ହଜାର ହିତାଧିକାରୀଙ୍କ ମଧ୍ୟରେ ଶତକଡା ୮୦ ଭାଗ ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର ଅଟନ୍ତି। ମଜୁରି ଲାଗି ଚଳୁଥିବା ଲୋକମାନେ ଆଗତୁରା ଟଙ୍କା ଖର୍ଚ୍ଚ କରିବା ପରେ ପାଇଖାନା ପାଇଁ ୧୨ ହଜାର ଟଙ୍କା ବିଲ୍ ପରେ ମିଳିବାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୂର୍ବରୁ ନିର୍ମିତ ପାଇଖାନା ମଧ୍ୟରେ ଅଧିକାଂଶ ପୁରୁଣା ବୋଲି ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। କମ୍ପ୍ୟୁଟରରେ ଡିଜାଇନ୍ କରି ଫଟୋ ଦାଖଲ କରିବା ପରେ ଅନେକ ଲୋକ ବିଲ୍ କରି ଟଙ୍କା ନେଇଥିବା କଥା ଦଧିବାମନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଗୋଚ୍ଛାୟତ କହିଛନ୍ତି। ଏପରି କି ୪ ମାସ ତଳେ ପାଇଖାନା ବିଲ୍ କରିବା ପାଇଁ ଲାଞ୍ଚ ନେଉଥିବାବେଳେ ଜଣେ ଠିକା କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଧରାପଡି ଜେଲ୍ ଯାଇଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଅବଗତ ଥିଲେ ମଧ୍ୟ କେହି ଅନିୟମିତତାକୁ ବନ୍ଦ କରିବା ପାଇଁ ଉଦ୍ୟମ କରିନାହାନ୍ତି ବୋଲି ଗୋଚ୍ଛାୟତ କହିଛନ୍ତି। ଏହାବ୍ୟତୀତ ସୁନ୍ଦର କୋଠାଘରେ ମାର୍ବଲ ଖଚିତ ପାଇଖାନା ନିର୍ମାଣ କରିଥିବା ଲୋକମାନଙ୍କୁ ମଧ୍ୟ ନୂଆ ପାଇଖାନା ପାଇଁ କାର୍ଯ୍ୟାଦେଶ କିପରି ଦିଆଯାଇଛି ତାହାର ତଦନ୍ତ ପାଇଁ ସବୁସ୍ତରରୁ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ବିଡିଓ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଏହା ଉପରେ କୌଣସି ମତାମତ ଦେବା ପାଇଁ ମନା କରିଥିଲେ।

### ମୈତ୍ରୀ ସଂସଦର ସ୍ୱତନ୍ତ୍ର ବୈଠକ

କଟକ ଅଫିସ, ୨୨।୮

ମୈତ୍ରୀ ସଂସଦ ପକ୍ଷରୁ ସୁତାହାଟସ୍ଥିତ କାର୍ଯ୍ୟାଳୟରେ ବୁଧବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କେରଳରେ କାର୍ଯ୍ୟ କରୁଥିବା ବହୁ ଓଡ଼ିଆ ଜନସାଧାରଣ ବନ୍ୟା ଦ୍ୱାରା ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଉଚ୍ଚସ୍ଥାନଗୁଡିକରେ ଭୋକଉପାସରେ ରହିବାକୁ ନେଇ ସଂସଦର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିପନ୍ନ ଓଡ଼ିଆମାନଙ୍କ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ସଂସଦ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାର କେରଳର ବନ୍ୟା ବିପନ୍ନଙ୍କ ପାଇଁ ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି। ହେଲେ ଏହା ଯଥେଷ୍ଟ ହୋଇ ନ ଥିବାରୁ ଉକ୍ତ ଅନୁଦାନ ରାଶି ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ଉକ୍ତ ବୈଠକରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ସଂସଦର ସଭାପତି ତଥା ଆଇନଜୀବୀ ଅଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଫିରୋଜ ଅହମ୍ମଦ ଖାନ, ଆଇନଜୀବୀ ବିପିନ ବିହାରୀ ଦାସ, ଜୟନ୍ତ ପଟ୍ଟନାୟକ, ସଞ୍ଜୟ ମହାନ୍ତି, ଅଜିତ ମହାପାତ୍ର, ଆଇନଜୀବୀ ସୁରଜିତ ନାଥ, ତେଜେଶ୍ ସାହୁ ଓ ମହମ୍ମଦ ଅଫଜଲ୍ ପରୱେଜ୍ ପ୍ରମୁଖ ଯୋଗଦେଇଥିଲେ।

## ଅଲ ଓଡ଼ିଶା ବେସରକାରୀ କଲେଜ ଅଧ୍ୟାପକ ଫୋରମର ରାଜ୍ୟସ୍ତରୀୟ ବୈଠକ
# ଦାବି ପୂରଣ ଦିଗରେ ସରକାରଙ୍କ ଉଦାସୀନତା

କଟକ ଅଫିସ, ୨୨।୮

କଟକ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ଅଲ ଓଡ଼ିଶା ବେସରକାରୀ କଲେଜ ଅଧ୍ୟାପକ ଫୋରମର ରାଜ୍ୟସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଡ. କମଳ ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ବହୁସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ଏହି ସମ୍ମିଳନୀରେ ଯୋଗଦେଇ ଯୁକ୍ତିଯୁକ୍ତ ଦାବିଗୁଡ଼ିକ ପୂରଣ ଦିଗରେ ସରକାରୀ କଳର ଉଦାସୀନତା ମନୋଭାବକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯୋଗ୍ୟ ଅଧ୍ୟାପକଙ୍କୁ ୟୁଜିସି ଦରମା ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨କୁ ବୃଦ୍ଧି, ୨୦୧୬ ଜାନୁୟାରୀ ୧ରୁ ଆର୍ଥିକ ସୁବିଧା ସହ ଅବିକଳ ସପ୍ତମ ବେତନ ପ୍ରଦାନ, ବୈଧିକୃତ ନିଯୁକ୍ତି ଦିନକୁ ବିଚାରକୁ ନେଇ ଅଧ୍ୟକ୍ଷ ପଦ ପ୍ରଦାନ ଭଳି ଦାବି ପୂରଣ ଦିଗରେ ସରକାରୀ କଳର କାଳକ୍ଷେପଣ ନୀତିକୁ ନେଇ ସମ୍ମିଳନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉପରୋକ୍ତ ଦାବିଗୁଡ଼ିକ ପୂରଣ ଦିଗରେ ସରକାର ଯଦି ତ୍ୱରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶିକ୍ଷକ ନେତା ଡ. ସତ୍ୟପ୍ରିୟ ମହାନ୍ତି, ଡ. ଗୀତିରାଣୀ ଦାସ, ଲକ୍ଷ୍ମୀଧର ପ୍ରଧାନ, ନମିତା ମହାନ୍ତି, ଶଙ୍କର ପ୍ରସାଦ ନାୟକ, ଅବନୀ ରଞ୍ଜନ ପତି, ବିନୟ ଖିଲାର, ପ୍ରଭାକର ମିଶ୍ର, ପ୍ରମୋଦ ଦାସ, ଧନୁର୍ଦ୍ଧର ମୁଦୁଲି ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଡ. ତରୁଲତା ପରିଡ଼ା ଧନ୍ୟବାଦ ଦେଇଥିଲେ।





ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକ ବକ୍ସିବଜାରସ୍ଥିତ ବଡେଇସାହି ବାସ୍ତରୀ ମଠରେ ଅନୁଷ୍ଠିତ ଝୁଲଣ ଯାତ୍ରା।





କଟକ ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିରରେ ଝୁଲଣ ଯାତ୍ରା ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ। -ରବର୍ଟ ବର୍ଟନ



## ସଂକ୍ଷେପରେ

### ଇଦ୍-ଉଲ୍-ଜୁହା ପାଇଁ କାକଟପୁର ଉତ୍ସବମୁଖର

କାକଟପୁର,୨୨।୮(ଡି.ଏନ୍.ଏ ): ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ପାଇଁ ଉତ୍ସବ ମୁଖର ହୋଇପଡିଛି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ଲତାହରଣ, ଫକୀରସାହି, ମହାଦେବବସ୍ତ, କଟକଣା, ରସୁଲପୁର, ଭଣ୍ଡାଘର, ବଳଭଦ୍ରପୁର, ଇନାୟତପୁର, ଗୁଣ୍ଡଲବା ଆଦି ଗ୍ରାମ। ଇସଲାମ ଧର୍ମାବଲମ୍ବୀମାନେ ନୂଆବସ୍ତ୍ର ପରିଧାନ କରି ମସଜିଦରେ ସମୂହ ନମାଜ ପାଠ କରିଥିଲେ। ଏହା ସହ ପରସ୍ପରକୁ ଆଲିଙ୍ଗନ କରି ଇଦ୍-ଉଲ୍-ଜୁହାର ଅଭିନନ୍ଦନ ଜଣାଇଥିଲେ। ପ୍ରତ୍ୟେକ ଗ୍ରାମର ପ୍ରବେଶ ପଥ ଓ ମସଜିଦଗୁଡିକରେ ସୁନ୍ଦର ତୋରଣ ସହ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜିଲାପାଳଙ୍କ ଜନଶୁଣାଣି ଶିବିର ୩୦ରେ

କଣାସ,୨୨।୮(ଡି.ଏନ୍.ଏ ): କଣାସ ବ୍ଲକରେ ଚଳିତମାସ ୩୦ ତାରିଖରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ନୂତନ ଜିଲାପାଳ ଜ୍ୟୋତିରଞ୍ଜନ ଦାସ ଏହି ଶିବିରରେ ଯୋଗଦେଇ ଲୋକମାନଙ୍କ ଅଭିଯୋଗର ଶୁଣାଣି କରିବେ। ତହସିଲ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଶିବିର ଆରମ୍ଭ ହେବ। ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଅଭିଯୋଗକାରୀମାନେ ଉକ୍ତ ଶିବିରରେ ଉପସ୍ଥିତ ରହି ନିଜର ଅଭିଯୋଗ ଶୁଣାଣି କରିବାକୁ ବିଡ଼ିଓ ପ୍ରତିଭା ସାହୁ ଜଣାଇଛନ୍ତି।

### ନିର୍ମାଲ୍ୟ ପକ୍ଷରୁ ଚାରାରୋପଣ

ପୁରୀ ଅଫିସ,୨୨।୮: ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ବୁଧବାର ପୁରୀ ସଦର ବ୍ଲକ ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ବୃକ୍ଷରୋପଣ ଓ ସ୍ୱଚ୍ଛ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମରେ ସଫେଇ କରାଯିବା ସହ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ଅନୁଷ୍ଠାନର ବଦ୍ରି ମିଶ୍ର, ବିଶ୍ୱନାଥ ମିଶ୍ର, ରାଜେନ୍ଦ୍ର ମିଶ୍ର, ଚିନ୍ତାମଣି ମହାପାତ୍ର, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ର ଓ କେତେକ କଲେଜ ଛାତ୍ର ଯୋଗଦେଇଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

କଣାସ,୨୨।୮(ଡି.ଏନ୍.ଏ ): କଣାସସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୪ତମ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ପରିଚାଳନା କମିଟି ସଭାପତି ସୁବାସଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ବାଣୀପ୍ରସନ୍ନ ମିଶ୍ର, ଆଚାର୍ଯ୍ୟା, ଆଚାର୍ଯ୍ୟ ଓ ପରିଚାଳନା କମିଟିର ସଦସ୍ୟମାନେ ପ୍ରକଳ୍ପ ପରିଦର୍ଶନ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ସମୁଦାୟ ୧୦୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମହନ୍ତ ବନମାଳୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁ ଓ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପ୍ରଧାନ ବିଚାରକଭାବେ ଯୋଗ ଦେଇଥିଲେ। ସମୁଦାୟ ୩୫ଟି ପ୍ରକଳ୍ପକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟଭାବେ ପ୍ରତ୍ୟେକ ଶ୍ରେଣୀ ଅନୁଯାୟୀ ମନୋନୀତ କରାଯାଇଥିଲା। ସୁବାସଚନ୍ଦ୍ର ମହାରଥୀ, ମନୋଜ ମହାପାତ୍ର, ବିଶ୍ୱନାଥ ବେହେରା, କମିଟି ସମ୍ପାଦକ ପ୍ରଶାନ୍ତ ଭୋଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷକ ସୁଜାତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରେକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଗୁରୁ ରାମଚନ୍ଦ୍ରଙ୍କ ପାଇଁ...

# ସର୍ଜନା ମାଗିଲା ସାହାଯ୍ୟ

ପୁରୀ ଅଫିସ, ୨୨।୮

ଗୁରୁ ରାମଚନ୍ଦ୍ର ପ୍ରତିହାରୀ। ଅଭିନୟ ହେଉଛି ତାଙ୍କ ହୃଦୟ, ଆଉ ଦର୍ଶକଙ୍କ ଭଲପାଇବା ତାଙ୍କର ନିଃଶ୍ୱାସ। କଂସା କବାଟ, ଦୋଳମୁକୁଟ, ସୁନା ପଞ୍ଜୁରି, ମଉନାବତୀ ଭଳି ଶତାଧିକ ମଞ୍ଚ ନାଟକ ସାଙ୍ଗକୁ କିଏ କାହାର, ଘର ସଂସାର, ନୂଆବୋଉ, ବାପା, ଭାଇଭଉଣୀ, ଦେବଯାନୀ ଭଳି ଏକାଧିକ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ଲକ୍ଷ ଲକ୍ଷ କଳାପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ଅଭିନୟରେ ନିଜର ନିପୁଣତା ଦେଖାଇ ଶଙ୍ଖଶ୍ରୀ, ଅଭିନୟ ଭୂଷଣ, ମଞ୍ଚ ସମ୍ରାଟ, ଜୟଦେବ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ଭଳି ଅନେକ ସମ୍ମାନର ଅଧିକାରୀ ହୋଇଥିବା ଗୁରୁ ରାମଚନ୍ଦ୍ର ଏବେ ରୋଗ ଶଯ୍ୟାରେ। ସେ ଆବଶ୍ୟକ କରୁଛନ୍ତି କଳାପ୍ରେମୀଙ୍କଠାରୁ ଭଲପାଇବା ଏବଂ କିଛି ଆର୍ଥିକ ସାହାଯ୍ୟ। ଏହି ମହାନ୍ ପ୍ରତିଭାଙ୍କୁ ଆର୍ଥିକ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି ହିନ୍ଦୀ ନାଟକ 'ସର୍ଜନା'। ଶ୍ରୀକ୍ଷେତ୍ର ନାଟ୍ୟ ମହାସଂଘ ଆୟୋଜନରେ ରଙ୍ଗଶାଳା ପକ୍ଷରୁ ମଞ୍ଚସ୍ଥ ହୋଇଛି ଏହି ନାଟକ।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ନାଟକ 'ସର୍ଜନା'ର ଏକ ଦୃଶ୍ୟ।

ଏହି ବିଶ୍ୱକୁ ଦେଖିଲେ ମନରେ ସୃଷ୍ଟି ହୁଏ ଅନେକ ପ୍ରଶ୍ନବାଚୀ। ଏ ସୃଷ୍ଟି କ'ଣ? ସ୍ରଷ୍ଟା କିଏ? ଏଥିରେ ଅନେକ ପ୍ରାସଙ୍ଗିକ ଓ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯାଇଛି। ପୁଣି ପୌରାଣିକ କଥା ଓ ଗାଥା ଏବଂ ଆଉ କିଛି ବୈଜ୍ଞାନିକ ଗବେଷଣା ସମ୍ବନ୍ଧୀୟ ତତ୍ତ୍ୱ ବି ରହିଛି। ଏହା ସତ୍ତ୍ୱେ ଆଜି ବି ଏହା ରହସ୍ୟପୂର୍ଣ୍ଣ। କୁହାଯାଏ ସ୍ୱୟଂ ଭଗବାନ ବିଷ୍ଣୁ ଯେତେବେଳେ ସୃଷ୍ଟି ରଚନା ଆରମ୍ଭ କଲେ ସେ ବ୍ରହ୍ମା ଓ ମହେଶ୍ୱରଙ୍କୁ ଏଥିରେ ମହାନ ଭାଗୀଦାର କରାଇଲେ। ଜଳ, ସ୍ଥଳ, ଆକାଶ, ଅଗ୍ନି ଓ ପବନ ସୃଷ୍ଟି କଲେ। ଏହାପରେ ଜୀବଜନ୍ତୁ, ଉଦ୍ଭିଦ ଓ ମାନବ ସଭ୍ୟତା ସୃଷ୍ଟି କଲେ। କିନ୍ତୁ ବିଜ୍ଞାନ କିଛି ଅଲଗା ଉପସ୍ଥାପନା କରେ। ଯୁଗଯୁଗାନ୍ତର ବିବର୍ତ୍ତନଧାରାକୁ ନେଇ ସୃଷ୍ଟି ହୋଇଛି ଏହି ପୃଥିବୀ, ଜୀବଜନ୍ତୁ ଓ ଉଦ୍ଭିଦ। ଭରି ରହିଛି ସବୁ ଉପାଦାନ ଓ ଜୀବନ ତତ୍ତ୍ୱ। ଏହି ସତ୍ୟର ସୂକ୍ଷ୍ମ ଓ ପ୍ରବାହମାନ ବିଚାରଧାରାକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ ସର୍ଜନା।

ଗଣେଶ୍ୱର ମହାପାତ୍ରଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ବିକ୍ରମ କୁମାର ସାହୁ। ବିଭିନ୍ନ ଭୂମିକାରେ ଶମ୍ଭୁନାଥ ହୋତା, ଗୌରୀରଞ୍ଜନ ବାରିକ, ରମେଶ ଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଶୁଭ୍ରାଂସି ପୁରୀ, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଅଭିନୟ କରିଛନ୍ତି।

ଗୁରୁ ରାମଚନ୍ଦ୍ରଙ୍କୁ ଭଲ ପାଉଥିବା ତଥା ନାଟକ ପ୍ରତି ରୁଚି ରଖିଥିବା ବହୁ ସଂଖ୍ୟାରେ ଦର୍ଶକ ଅନ୍ନପୂର୍ଣ୍ଣା ମଞ୍ଚରେ ଏହି ନାଟକକୁ ଉପଭୋଗ କରିଛନ୍ତି। ପ୍ରତ୍ୟେକଙ୍କ କିଞ୍ଚିତ ସାହାଯ୍ୟ ଅସମୟରେ ଗୁରୁଙ୍କ ପାଇଁ ନିଶ୍ଚିତ ବହୁମୂଲ୍ୟ ସାବ୍ୟସ୍ତ ହେବ ଏବଂ ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଆମ ଗହଣକୁ ଫେରିଆସିବେ ବୋଲି ନାଟକର ନିର୍ଦ୍ଦେଶକ ସାହୁ କହିଛନ୍ତି।

## ମହାପ୍ରଭୁଙ୍କ ଆଶୀର୍ବାଦରୁ ରୋଜଗାର ମିଳିଲା



ଦିନକର କାହାଣୀ

ବାଳକୃଷ୍ଣ ପ୍ରଧାନ(୫୫)। ଗଞ୍ଜାମ ଜିଲା ଭଞ୍ଜନଗର ତାରାସିଂ ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମରେ ତାଙ୍କ ଘର। ଜନ୍ମର ୧୨ଦିନ ପରେ ମା' ଆରପାରିକୁ ଚାଲିଗଲେ। ଜେଜେ ମା' ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ସ୍ନେହ ଓ ଲାଳନ ପାଳନ ବଳରେ ବାଳକୃଷ୍ଣ ବଢିଲେ।
ନିଜ ସଂଘର୍ଷମୟ ଜୀବନ ସମ୍ପର୍କରେ ବାଳକୃଷ୍ଣ କୁହନ୍ତି, ପିଲାଟି ବେଳରୁ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଇଚ୍ଛା ଥିଲା। ସପ୍ତମ ଶ୍ରେଣୀ ପାସ କରିବା ପରେ ରୋଜଗାର ଆଶାରେ କଟକ ପଳାଇ ଆସିଲି। ସେଠାରେ ଦିନ ମଜୁରିଆ ଭାବେ କାର୍ଯ୍ୟ କଲି। ଏହି ସମୟରେ ଜଣେ ସମ୍ପର୍କୀୟ ପିଉସା ଦେଖାହେଲେ। ୧୯୯୨ ଅକ୍ଟୋବର ୧୬ରେ ସେ ଚିଠି ଖଣ୍ଡେ ଲେଖି ପୁରୀର ଜାନକୀ ମହାନ୍ତିଙ୍କ ପାଖକୁ ପଠାଇଲେ। ଜାନକୀ ବାବୁଙ୍କ ସହ ସାକ୍ଷାତ ପରେ ଆରମ୍ଭ ହେଲା ଭିନ୍ନ ଜୀବନ।
ଜାନକୀ ବାବୁଙ୍କଠାରୁ ପ୍ରତ୍ୟହ ଧରିତ୍ରୀ ନେଇ ବିକ୍ରି କରେ। ମୁଁ କେବଳ ଧରିତ୍ରୀ ବିକ୍ରି କରୁଥିଲି। ପରେ ପାଠକଙ୍କ ଚାହିଦାକୁ ନଜରରେ ରଖି ଅନ୍ୟାନ୍ୟ ଖବରକାଗଜ ବିକ୍ରି କଲି। ମହାପ୍ରଭୁ ମୋ ଇଚ୍ଛା ପୂରଣ କଲେ। ଖବରକାଗଜ ବିକ୍ରିରୁ ରୋଜଗାର ପାଇଲି। ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ପ୍ରତିବର୍ଷ ରଥଯାତ୍ରା ଦେଖିବାର ସୁଯୋଗ ମିଳୁଛି। ମୁଁ ଏବଂ ମୋ ସ୍ତ୍ରୀ ପ୍ରତ୍ୟହ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିଲୁ। କିନ୍ତୁ ବର୍ତ୍ତମାନ ସମୟ ଅଭାବରୁ ପ୍ରତି ଗୁରୁବାର ଦୁହେଁ ମହାପ୍ରଭୁଙ୍କ ଦର୍ଶନ ଲାଗି ଯାଉଛୁ ବୋଲି ସେ କହିଛନ୍ତି।
ଦୈନନ୍ଦିନ ଜୀବନ ସମ୍ପର୍କରେ ସେ କୁହନ୍ତି, ମୁଁ ପ୍ରତ୍ୟହ ଭୋର ୫ଟାରୁ ଉଠି ନିତ୍ୟକର୍ମ ସାରି କର୍ମକ୍ଷେତ୍ରକୁ ବାହାରି ପଡେ। ଖବରକାଗଜ ସଂଗ୍ରହ କରି ସିଦ୍ଧ ମହାବୀର ଓ ମଧୁବନ ଅଞ୍ଚଳର ଗ୍ରାହକଙ୍କୁ ଦିଏ। ଯୁକ୍ତ ୩ ପଢୁଥିବା ମୋର ଦୁଇ ପୁଅ ସୁଧାଂଶୁ ଏବଂ ହିମାଂଶୁ ପ୍ରତ୍ୟହ ସକାଳୁ ୧ଘଣ୍ଟା ମୋତେ ମୋ କାର୍ଯ୍ୟରେ ସହଯୋଗ କରନ୍ତି। ଯେତେଦିନ ପର୍ଯ୍ୟନ୍ତ ସାଇକେଲ ଚଳାଇ ପାରୁଥିବି ସେ ପର୍ଯ୍ୟନ୍ତ ଖବରକାଗଜ ବିତରଣ କରୁଥିବି ବୋଲି ସେ କହିଛନ୍ତି।

ପ୍ରଦୀପ କିଶୋର ସାହୁ, ପୁରୀ ଅଫିସ

## ଲଗାଣ ବର୍ଷାର ୨ମାସ ପରେ ବି ପାଣି ଛାଡୁନି

### ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିଲେ ଜିଲାପାଳ

ପୁରୀ ଅଫିସ, ୨୨।୮:

ଲଗାଣ ବର୍ଷା ପରଠାରୁ ସିପସରୁବାଲି, ସୁଜାତା ନଗର, ମାଟିତୋଟା ନୂଆସାହି ୫ମ ଗଳି, ବଳିଆପଣ୍ଡା ବସ୍ତି ଏବଂ ଡିଏଜି ଅଫିସ ପଛପାର୍ଶ୍ୱ ବସ୍ତି ଜଳବନ୍ଦୀ ହୋଇ ରହିଛି। ଜୁନ୍ ୨୧ ଲଗାଣ ବର୍ଷାକୁ ଇତିମଧ୍ୟରେ ୨ମାସ ବିତିଥିଲେ ହେଁ ଜଳ ନିଷ୍କାସନ ହେଉନାହିଁ। ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଥିବା ବେଳେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ବୁଧବାର ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି।

ସକାଳେ ଜିଲାପାଳ ସିପସରୁବାଲି-୧ର ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିଥିଲେ। ଏହାପରେ ଲଗାଣ ବର୍ଷାରେ ଧୋଇ ହୋଇଯାଇଥିବା ଷ୍ଟର୍ଲିଂ ନିକଟ ପ୍ରଜାପିତା ବ୍ରହ୍ମକୁମାର ଆଶ୍ରମ ରାସ୍ତା ଦେଖିଥିଲେ। ମଙ୍ଗଳାହାଟ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦେଖି ମାଟିତୋଟା ଓ ସୁଜାତା ନଗର ଜଳବନ୍ଦୀ ଅଞ୍ଚଳ ଦେଖିଥିଲେ। ସୁଜାତା ନଗର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଖୁବ୍‌ଶୀଘ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ଙ୍କ ସହ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଜିଲାପାଳଙ୍କ ଏହି ଗସ୍ତ ବେଳେ ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଭବତାରଣ ସାହୁ, ସ୍ୱେରେଜ, ଡ୍ରେନେଜ, ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଥିଲେ।



ପୁରୀ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ବଳିଆପଣ୍ଡା ଅଞ୍ଚଳ ବୁଲି ଦେଖୁଛନ୍ତି।

## ନିମାପଡ଼ା ବ୍ୟାଣ୍ଡ ଆଣ୍ଡ ସାଉଣ୍ଡର ନୂତନ କର୍ମକର୍ତ୍ତା ନିଯୁକ୍ତ

ନିମାପଡ଼ା,୨୨।୮(ଡି.ଏନ୍.ଏ):

ନିମାପଡ଼ା ବ୍ଲକ ଓ ଏନଏସି ଅଞ୍ଚଳର ସାଉଣ୍ଡ ମାଲିକମାନଙ୍କୁ ନେଇ 'ନିମାପଡ଼ା ବ୍ୟାଣ୍ଡ ଆଣ୍ଡ ସାଉଣ୍ଡ ଆସୋସିଏଶନ' ଗଠିତ ହୋଇଛି। ଏହି ଅବସରରେ ଆସୋସିଏଶନର ଏକ ସାଧାରଣ ବୈଠକ ବୁଧବାର ସ୍ଥାନୀୟ ଉତ୍ତରେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେଶ୍ୱର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆସୋସିଏଶନର ନୂତନ କର୍ମକର୍ତ୍ତା ନିଯୁକ୍ତି ପାଇଥିଲେ। ସଭାପତିଭାବେ ପ୍ରକାଶଚନ୍ଦ୍ର ଲେଙ୍କା, ସମ୍ପାଦକ ରଞ୍ଜିତ ମାହାର୍ଥା, କୋଷାଧ୍ୟକ୍ଷ ପବିତ୍ର ରଞ୍ଜନ ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ନିମାପଡା ଅଞ୍ଚଳର ୨୫ଜଣ ବ୍ୟାଣ୍ଡ ଆଣ୍ଡ ସାଉଣ୍ଡ ମାଲିକମାନେ ଯୋଗଦେଇଥିଲେ।

## ଗୁରୁ ଦିବସରେ ସମ୍ବର୍ଦ୍ଧିତ ହେବେ ୭ ଶିକ୍ଷକ

ପୁରୀ ଅଫିସ,୨୨।୮:

ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଗୁରୁ ଦିବସ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗୁରୁ ଦିବସ ସମାରୋହ ଏବଂ ସଂଘର ୪ର୍ଥ ବାର୍ଷିକ ଉତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍ସବରେ ଜିଲାର ବିଭିନ୍ନ ବ୍ଲକରୁ ୭ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ଲକ୍ଷ୍ମୀଧର କର ସ୍ମୃତି ସମ୍ମାନ ଜଣେ ଆଦର୍ଶ ଶିକ୍ଷକଙ୍କୁ ପ୍ରଦାନ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ସେପ୍ଟେମ୍ବର ୫ରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଶ୍ୱ ଶିକ୍ଷକ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଫେସର ଅମିୟ ମହାନ୍ତି, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମ୍ପାଦକ ପ୍ରଫେସର ରବି ରାୟ, ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ସଂଘର ସମ୍ପାଦକ ବିବେକାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେବା ଲାଗି ସ୍ୱୀକୃତି ପ୍ରଦାନ କରିଥିବା ନେଇ ସଂଘ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଲକ୍ଷ୍ମଣ ପ୍ରଧାନ, ବିଜନ ସେନ୍, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ଦାଶରଥି ମହାପାତ୍ର, ପ୍ରଫେସର ଅଦ୍ୱୈତ ଚରଣ ଧଳ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ସୁନୀଲ କୁମାର ରଥ, ସନ୍ତୋଷ କୁମାର ମହାନ୍ତି, ବାଇଧର ଜେନାଙ୍କ ସମେତ ଶତାଧିକ ଶିକ୍ଷକ ଯୋଗଦେଇଥିଲେ।

■ ଛାତ୍ର ସଂସଦ ନିର୍ବାଚନ

## ତିନି ପ୍ରମୁଖ ଛାତ୍ର ସଙ୍ଗଠନର ପ୍ରସ୍ତୁତି ଆରମ୍ଭ

ପୁରୀ ଅଫିସ, ୨୨।୮

ଛାତ୍ର ସଂସଦ ନିର୍ବାଚନ ପାଇଁ ପୁରୀର ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବୁଧବାର ତିନି ପ୍ରମୁଖ ରାଜନୈତିକ ଦଳର ଛାତ୍ର ସଙ୍ଗଠନ ଛାତ୍ର କଂଗ୍ରେସ, ଛାତ୍ର ବିଜେଡି ଏବଂ ଏବିଭିପି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଉଭୟ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଦୁଇ କଲେଜରେ ପ୍ରାର୍ଥୀ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ଏବିଭିପି ପୁରୀ ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି କୁହନ୍ତି, ବୁଧବାର ସନ୍ଧ୍ୟାରେ କେତେଜଣ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଏସ୍‌ସିଏସ୍ କଲେଜରେ ସମସ୍ତ ପଦବୀରେ ଏବିଭିପି ପ୍ରାର୍ଥୀ ଦେବ ବୋଲି ସେ କହିଛନ୍ତି। ପୁରୀ ଜିଲା ଛାତ୍ର ବିଜେଡି ସଭାପତି ନାରାୟଣ ସିଂ କୁହନ୍ତି, ଏନେଇ ଆମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇ କଲେଜରେ ଆମ ପ୍ରାର୍ଥୀ ଦିଆଯିବ। ଗତ ବର୍ଷ ଦୁଇ କଲେଜରେ ଆମ ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ଚଳିତ ବର୍ଷ ମଧ୍ୟ ଆମେ ବିଜୟ ଲାଭ କରିବୁ ବୋଲି ଆଶା ରଖିଛୁ। ଆଗାମୀ ଦିନରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବା ଯୋଜନା ରହିଛି। ସେହିପରି ପୁରୀ ଲୋକ ସଭା କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶ କୁହନ୍ତି, ଛାତ୍ର ସଂସଦ ନିର୍ବାଚନ ଲାଗି ଆମେ ପ୍ରସ୍ତୁତ ଅଛୁ। ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇ କଲେଜରେ ପ୍ରାର୍ଥୀ ଦିଆଯିବାକୁ ସ୍ଥିର କରୁଛୁ ବୋଲି ସେ କହିଛନ୍ତି।

## ଡକାୟତି, ଲୁଟ୍ ଘଟଣାରେ ୬ ଗିରଫ

ନିମାପଡ଼ା,୨୨।୮(ଡି.ଏନ୍.ଏ )

ନିମାପଡ଼ା ଥାନା ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଡକାୟତି ଓ ଲୁଟ୍ ଘଟଣାରେ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ତେରହଳ ପଣ୍ଡାସାହି ଗ୍ରାମର ଭାଗୀରଥି ପଣ୍ଡା, ନିମାପଡ଼ା ଥାନା ରେଞ୍ଚ ଶାସନ ଗ୍ରାମର ସୁନୀଲ ପ୍ରଧାନ, ବିଆଁଳ ଗ୍ରାମର ତାରାକାନ୍ତ ପଣ୍ଡା, ହରିଶପୁର ଗ୍ରାମର ସୌଭାଗ୍ୟ ଜେନା, ବଳଙ୍ଗା ଥାନା ଦଳଭାଣପୁର ଗ୍ରାମର ଆଲୋକ କୁମାର ବେହେରା ଓ ଖେଲାର ମଠସାହି ଗ୍ରାମର ପ୍ରଦୀପ୍ତ ଭାରତୀ। ଏହା ସହ ସେମାନଙ୍କଠାରୁ ୭୨ହଜାର ୮ଶହ ଟଙ୍କା, ୫ଟି ବାଇକ୍, ଗୋଟିଏ ସୁନାଚେନ ଓ ୨ଟି ମୋବାଇଲ ଜବତ ହୋଇଥିବା ଆଇଆଇସି ହରମୋହନ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୂଚନାଥାଉକି, ଗତ ୧୪ ସେପ୍ଟେମ୍ବର ୨୦୧୮ରେ ବଳଙ୍ଗା ଅଞ୍ଚଳର ଗୋ ଖାଦ୍ୟ ବ୍ୟବସାୟୀ ରଞ୍ଜନ କୁମାର ସାହୁଙ୍କ ବୋଲେରେକୁ ନିମାପଡ଼ା କେନାଲ ବନ୍ଧରେ ଅଟକାଇ ତାଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ୮ଲକ୍ଷ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ପୋଲିସ ବୋଲେରୋ ଡ୍ରାଇଭରଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ ୩ଜଣ ଫେରାର ଥିବା ଆଇଆଇସି ନାୟକ କହିଛନ୍ତି। ଏ ନେଇ ଥାନାରେ ମାମଲା(ନଂ.୨୨୫/୧୮)ରୁଜୁ ହୋଇଥିଲା। ସେହିପରି ୧୯ ଅଗଷ୍ଟ ୨୦୧୭ରେ ଏକମୋକୋଣା ଗ୍ରାମର ସବିତା ନାୟକ ସ୍କୁଟିରେ ଯାଉଥିବା ବେଳେ ଡିଏଭି ସ୍କୁଲ ନିକଟରେ ତାଙ୍କଠାରୁ ସୁନାଚେନ ଓ ସୁନା ମଙ୍ଗଳସୂତ୍ର ଲୁଟ୍ କରିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ ଜଣେ ଫେରାର ଥିବା ଆଇଆଇସି କହିଛନ୍ତି। ଏ ନେଇ ଥାନାରେ ମାମଲା(ନଂ.୨୦୪/୧୮)ରୁଜୁ ହୋଇଥିଲା। ୬ଜଣ ଡକାୟତ, ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ବାଇକ୍, ଟଙ୍କା, ସୁନାଚେନ, ମୋବାଇଲ ଆଦି ଜବତ କରିବା ନିମାପଡ଼ା ପୋଲିସକୁ ଏକ ବଡ ସଫଳତା ମିଳିଛି।



ଗିରଫ ଅଭିଯୁକ୍ତ



ଜବତ ହୋଇଥିବା ମୋବାଇଲ, ଟଙ୍କା, ସୁନାଚେନ।

## ଫଟୋରେ ଖବର



ପୁରୀ ବଡଓଡିଆ ମଠରେ ଅନୁଷ୍ଠିତ ଝୁଲଣ ଯାତ୍ରା।



ନେବଳ ଦାସ ମଠ ଝୁଲଣ କୁଞ୍ଜରେ ରାଧାକୃଷ୍ଣ।



ପୁରୀ ହରଚଣ୍ଡୀ ସାହି ଶିଶୁମନ୍ଦିରରେ ଅନୁଷ୍ଠିତ ବିଜ୍ଞାନମେଳାରେ ବୁଧବାର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।



ମହାନ୍ ପୁରୁଷ ଓ ମହାନ୍ ମହିଳାଙ୍କଠାରୁ ଏ ଦୁନିଆରେ ବଡ଼ କିଛି ନାହିଁ। ଲୋକେ ସେମାନଙ୍କୁ ବିଶ୍ୱାସ କରନ୍ତି। ସେହି ମହାନ୍ ପୁରୁଷ ଓ ମହିଳାମାନେ ୯୯ ପ୍ରତିଶତ ଠିକ୍ ତୁମ ଭଳି।
- କୋପରନିକସ



## ସଂକ୍ଷେପରେ

### ଜୟନ୍ତ ଭାଜପା ଯୁବ ମୋର୍ଚ୍ଚା ଉପ ସଭାପତି

ପୁରୀ ଅଫିସ, ୨୨।୮: ଜୟନ୍ତ କୁମାର ମହାନ୍ତିଙ୍କୁ ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚାର ଉପ ସଭାପତି ଭାବେ ନୂତନ ଦାୟିତ୍ୱ ଦିଆଯାଇଛି। ସେହିପରି ଛାତ୍ର ନେତା ଦିବ୍ୟାଂଶୁ ସାହୁ ଭାଜପା ଯୁବମୋର୍ଚ୍ଚାରେ ଯୋଗଦେଇଥିବା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ଦୁର୍ଘଟଣାରେ ୫ ଆହତ

ପୁରୁଣା ଭୁବନେଶ୍ୱର, ୨୨।୮(ଡି.ଏନ.ଏ.): ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡିଆପୋଖରୀ ଏବଂ ଉତ୍ତରା ଛକ ନିକଟରେ ଦୁଇଟି ପୃଥକ୍ ପୃଥକ୍ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ପୋଲିସ ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ୪ଟି ବାଇକ୍ ଯୋଗେ କିଟ୍‌ର ୧୦ ଜଣ ଛାତ୍ରୀଛାତ୍ର ପୁରୀ ଅଭିମୁଖେ ଯାଉଥିଲେ। ଘଟଣାସ୍ଥଳରେ ଏକ ପିକ୍‌ଅପ୍ ଭ୍ୟାନ ବିପରୀତ ଦିଗରେ ରଙ୍ଗ ସାଇଡରେ ଆସୁଥିଲା। ଦୁଇଟି ବାଇକ୍ ଦ୍ରୁତଗତିରେ ଥିବାରୁ ଭାରସାମ୍ୟ ହରାଇ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ବାଇକ୍ ଦୁଇଟି ଭାଙ୍ଗିରୁଜି ଯାଇଥିବାବେଳେ ୪ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଉତ୍ତରା ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିଲା। ସେହିଭଳି ଅପରାହ୍ନରେ ବାଲକାଟୀ ଆଡୁ ନିଜ ଗାଁ ଉତ୍ତରାକୁ ବାଇକ୍‌ରେ ରମା ପରିଡା ନାମ୍ନୀ ମହିଳା ଫେରୁଥିବା ବେଳେ ଭୁବନେଶ୍ୱର ପଟୁ ଦ୍ରୁତଗତିରେ ଫେରୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ରମା ଆହତ ହୋଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଫାଣ୍ଡି ଅଧିକାରୀ ଅଶୋକ ଗୋଚ୍ଛାୟତ କହିଛନ୍ତି।

### ଜଣଙ୍କୁ ଭୁଜାଲିରେ ଆକ୍ରମଣ

କଟକ ସଦର, ୨୨।୮ (ଡି.ଏନ.ଏ.): କନ୍ଦରପୁର ଥାନା ଅଧୀନ ଅଥଙ୍ଗାଠାରେ ବୁଧବାର ସନ୍ଧ୍ୟାରେ କୂଳସରିଚୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ବ୍ୟକ୍ତିଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୭/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଆହତ ବ୍ୟକ୍ତିଙ୍କ ଝିଅ କନ୍ଦରପୁର କଲେଜରେ ଅଧ୍ୟୟନ କରନ୍ତି। ସକାଳେ ସେ କଲେଜରୁ ଘରକୁ ଫେରୁଥିବାବେଳେ ବରାଳ ଗ୍ରାମର ଜଣେ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ଖବରପାଇ ଛାତ୍ରୀଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିବାରୁ ସେ ଉତ୍କ୍ଷିପ୍ତ ହୋଇ ପାଖରେ ରଖିଥିବା ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ।

### ୨ ବଖରା ଜଳିଗଲା

ଫୁଲନଖରା, ୨୨।୮ (ଡି.ଏନ.ଏ.): ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବାରଙ୍ଗ ବ୍ଲକ ଅଧୀନ ଅଡା ଗ୍ରାମର ହୃଷୀକେଶ ବେହେରାଙ୍କ ୨ ବଖରା ଜଳିଯାଇଛି। ଏଥିରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ନିଆଁ ଲାଗିବା ଦେଖି ଗ୍ରାମବାସୀ ପହଞ୍ଚି ପାଣି ପକାଇ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି।

■ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଗିରଫ ଦାବିରେ ଅଭିଯୁକ୍ତଙ୍କ ଘର ଆଗରେ ଧାରଣା

ଗୋପ,୨୨।୮(ଡି.ଏନ୍.ଏ)

ଗତ ୧୯ତାରିଖ ବିଳମ୍ବିତ ରାତିରେ ବେଗୁନିଆ ଗ୍ରାମର ନିରଞ୍ଜନ ବେହେରା(୩୨)ଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ବୁଧବାର ମୃତକଙ୍କ ପରିବାରର ୧୦ରୁ ଊର୍ଦ୍ଧ୍ୱ ମହିଳା ବେଦପୁର ଗ୍ରାମର ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କ ଘରୁ ୩ଜଣ ମହିଳାଙ୍କୁ ଥାନାକୁ ଆଣିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରକାଶ ଯେ, ଗୋପ ଥାନା ଅଧୀନ ବେଗୁନିଆ ଗ୍ରାମର ନିରଞ୍ଜନ ଛଇତନା ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କ ଠାରୁ ସୁଧ ବାବଦ କିଛି ଟଙ୍କା ଆଣିଥିଲେ। ସୁଧ ଟଙ୍କା ବାବଦ ଆଲୋଚନା ଓ ଭୋଜି କରିବା ପାଇଁ ସେହି ଯୁବକ ଗତ ରବିବାର ନିରଞ୍ଜନଙ୍କୁ ଛଇତନାକୁ ଡ଼ାକିଥିଲେ। ନିରଞ୍ଜନ ଦୁଇ ସହଯୋଗୀ ମଲ୍ଲିକ୍‌ସାହି



ପୋଲିସ ୩ଜଣ ମହିଳାଙ୍କୁ ଥାନାକୁ ନେଉଛି।

ଗ୍ରାମର ବିପିନ ସେନାପତି ଓ ବେଦପୁର ଗ୍ରାମର ଦିବାକର ମଲିକଙ୍କ ସହ ଭୋଜି କରିବା ପାଇଁ ଛଇତନା ଯାଇଥିଲେ। ସୋମବାର ସକାଳୁ ନିରଞ୍ଜନଙ୍କ ମୃତ ଦେହ ଦଳନଈ କଲେଜ ନିକଟ ରାସ୍ତା ଉପରେ ପଡ଼ିଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଗୋପ-ବାଲିଘାଇ ରାସ୍ତା ଅବରୋଧ କରିବା ସହ ପରିବାର ଲୋକଙ୍କ ପକ୍ଷରୁ ହତ୍ୟା ଅଭିଯୋଗ ହେବା ପରେ ପିପିଲି-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଦୀର୍ଘ ୯ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁରୀ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ଧୀରେନ୍ ନନ୍ଦ, କୋଣାର୍କ ଥାନାଧିକାରୀ ସୁଜିତ୍ କୁମାର ପ୍ରଧାନ, କାକଟପୁର ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ମଲ୍ଲିକ୍‌ସାହି ଗ୍ରାମର ବିପିନ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟ ଜଣେ ସହଯୋଗୀ ଦିବାକରଙ୍କୁ ବୁଧବାର ସୁଦ୍ଧା ଗିରଫ କରାଯାଇନାହିଁ। ଏହି ପ୍ରତିବାଦରେ ବେଗୁନିଆ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ମହିଳା ବେଦପୁର ଗ୍ରାମର ଦିବାକରଙ୍କ ଘର ସାମ୍ନାରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ନିମାପଡ଼ା ଏସ୍‌ଡ଼ିପିଓ, ଗୋପ ଥାନାଧିକାରୀ ସଦଳବଳ ପହଞ୍ଚି ଧାରଣା ଦେଇଥିବା ଲୋକଙ୍କ କବଳରୁ ଦିବାକରଙ୍କ ପରିବାରର ୩ ଜଣ ସଦସ୍ୟଙ୍କୁ ଥାନାକୁ ଆଣିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ କୁହନ୍ତି, ପରିସ୍ଥିତି ଅଣାୟତ ହେବାରୁ ୩ଜଣ ମହିଳାଙ୍କୁ ଗୋପ ଥାନାକୁ ଆଣିଛୁ। ତଦନ୍ତ ପରେ ଯାହା କିଛି ଜଣାପଡିବ ବୋଲି ସେ କହିଥିଲେ।

# ଅଲାରନାଥଙ୍କ ପୀଠରେ ଝୁଲଣଯାତ୍ରା ଆରମ୍ଭ

ବ୍ରହ୍ମଗିରି,୨୨।୮(ଡି.ଏନ୍.ଏ)

ପ୍ରତିବର୍ଷ ପରି ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀଠାରୁ ମହାପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ଝୁଲଣ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ଏହି ଯାତ୍ରା ୫ଦିନ ଧରି ଚାଲିବ। ସନ୍ଧ୍ୟା ପୂର୍ବରୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ବାହୁ ବିଜେ କରାଇ ଝୁଲଣ ମଣ୍ଡପରେ ବିଜେ କରାଯାଇଥିଲା। ସେଠାରେ ମନ୍ଦିର ପକ୍ଷରୁ ଏକ ସ୍ୱତନ୍ତ୍ର ଧୂପରେ ଶୀତଳ ମଣୋହି ଭୋଗ ମାଣ୍ଡୁଅପିଠା, ଖଇକୋରା ଖଣ୍ଡ, ଉଖୁଡା ଅର୍ପଣ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସୁସଜ୍ଜିତ ଝୁଲଣ କୁଞ୍ଜରେ ଶ୍ରୀଜୀଉ।

# ଜିଲା ସ୍କୁଲରେ ବନ ମହୋତ୍ସବ



ବନ ମହୋତ୍ସବ ଅବସରରେ ପୁରୀ ଜିଲା ସ୍କୁଲରେ ବୃକ୍ଷରୋପଣ କରାଯାଉଛି।

ପୁରୀ ଅଫିସ, ୨୨।୮

ଓଡ଼ିଶା ଘୋଡ଼ା ସବାର ବାହିନୀ ପୁରାତନ କ୍ୟାଡେଟ ସଂଘ ପକ୍ଷରୁ ପୁରୀ ଜିଲା ସ୍କୁଲଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ନିମ୍ବ, କୃଷ୍ଣଚୂଡା ଆଦି ୨ଶହ ବୃକ୍ଷରୋପଣ କରାଯାଇଛି। ଗଛର ସୁରକ୍ଷା ଲାଗି ବାଉଁଶ ତାଟି ବାଡ଼ ଦିଆଯାଇଛି। ପୁରାତନ କ୍ୟାଡେଟ ସଂଘର ସଭାପତି ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡାକ୍ତର ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଏନ୍‌ସିସିର ଉପନର୍ଦ୍ଦେଶକ ଡ. ଶୌର୍ଯ୍ୟରଞ୍ଜନ ପରିଜା, ଲ୍ୟୁଟନାଣ୍ଟ କର୍ଣ୍ଣେଲ ଆଲୋକ ପଲେଇ, ଡାକ୍ତର ଶୁଭ୍ରାଂଶୁ ଶେଖର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପୁରାତନ କ୍ୟାଡେଟ ସଂଘର ୩୫ଜଣ କର୍ମକର୍ତ୍ତା ଯୋଗଦେଇଥିଲେ। ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୦ଜଣ ଏନସିସି କ୍ୟାଡେଟ ବୃକ୍ଷରୋପଣରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଜ୍ଞାନଚାନ୍ଦ ଦାଶ ପଟ୍ଟନାୟକ, ଶୁଭ୍ରେନ୍ଦୁ ଦେ, ସୁଧାଂଶୁ ମିଶ୍ର, ଜୟଶ୍ରୀ ରଥ, ରାନୁ ପତି ଏବଂ ପୁରାତନ କ୍ୟାଡେଟ ସଂଘର ସହ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଫୁଟ୍‌ପାଥରେ ଗାଡ଼ି ପାର୍କିଂ

## ସୋସିଆଲ ମିଡିଆରେ ଫଟୋ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ରାଜଧାନୀରେ ଅଧିକାଂଶ ସ୍ଥାନରେ ଫୁଟପାଥ୍‌ଗୁଡିକ ବର୍ତ୍ତମାନ ଗାଡି ପାର୍କିଂ ପାଇଁ ବ୍ୟବହାର କରାଯାଉଛି। ଏ ଦିଗରେ ଟ୍ରାଫିକ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପ୍ରାୟତଃ ରାସ୍ତା ଜାମ୍ ରହୁଥିବାରୁ ଲୋକମାନେ ଫୁଟ୍‌ପାଥରେ ବାଇକ୍ ନେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଏପରି କି ଅନେକ ସ୍ଥାନରେ ଲୋକେ ଫୁଟ୍‌ପାଥରେ କାର୍ ଏବଂ ଅନ୍ୟ ୪ ଚକିଆ ଯାନ ପାର୍କିଂ କରୁଛନ୍ତି। ପଟିଆ ଏବଂ ଚନ୍ଦ୍ରଶେଖରପୁର ଅଞ୍ଚଳରେ କେତେଜଣ ନିର୍ଦ୍ଦିଷ୍ଟ ଶୋ'ରୁମ ମାଲିକ ସେମାନଙ୍କ ବ୍ୟବହୃତ ଲଗ୍‌ଜ୍ୟୁରି କାରକୁ ଫୁଟ୍‌ପାଥରେ ପାର୍କିଂ କରୁଛନ୍ତି। ଫଳରେ ପଥଚାରୀମାନେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ଏ ସମ୍ପର୍କିତ କେତେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ଏହା ପରେ ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଟ୍ରାଫିକ କର୍ମଚାରୀଙ୍କୁ ପଠାଇ ପଟିଆ ଓ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଫୁଟ୍‌ପାଥରେ ବେଆଇନ ଭାବେ ପାର୍କିଂ ହୋଇଥିବା ଗାଡି ମାଲିକଙ୍କଠାରୁ ଜରିମାନା ଆଦାୟ କରିବା ସହିତ ନୋଟିସ ଜାରି କରାଯାଇଛି।

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

**ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା**

ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ ପଛପଟେ ଥିବା ଖେଳପଡିଆରେ ପୂର୍ଣ୍ଣଚନ୍ଦ୍ର ନାୟକ ନାମକ ଯୁବକଙ୍କୁ ସୋମବାର ରାତିରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ୪୮ ଘଣ୍ଟା ବିତିଛି। ହେଲେ ଅଭିଯୁକ୍ତ ଟେର୍ ପାଇପାରି ନାହିଁ ପୋଲିସ। କିଏ କ'ଣ ପାଇଁ ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କଲା ତାହାର ଉତ୍ତର ନା ପୋଲିସ ପାଖରେ ଅଛି ନା ପରିବାର ଲୋକେ ଜାଣିଛନ୍ତି। ଫଳରେ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି।

କଟକ ଜିଲା ନିଆଳି ମାଣିକପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ଓ ୬ବର୍ଷର ପୁଅକୁ ନେଇ ସାଲିଆସାହି ତାରିଣୀନଗରରେ ରହୁଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ପିଲାଙ୍କୁ ଟ୍ୟୁଶନ କରିବା ସହ ମାମୁଙ୍କ ଚାଟ୍ ଦୋକାନରେ ବ୍ୟବସାୟ କରି ପରିବାର ଚଳାଉଥିଲେ। ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ସେ ମାମୁଙ୍କ ଦୋକାନରୁ ଘରକୁ ବାହାରିଥିଲେ। କିନ୍ତୁ ଘରେ ପହଞ୍ଚି ନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ହାଇସ୍କୁଲ ପଛପଟ ଖେଳପଡ଼ିଆରୁ ମିଳିଥିଲା। କେହି ଦୁର୍ବୃତ୍ତ ତାଙ୍କ କାନମୁଣ୍ଡାକୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ କହିଛନ୍ତି, ସ୍ୱାମୀଙ୍କର କାହା ସହିତ ଶତ୍ରୁତା ନ ଥିଲା। କିଏ କାହିଁକି ତାଙ୍କୁ ହତ୍ୟା କଲା ତାହା ଜାଣିବା ଲାଗି କେବଳ ପୋଲିସ ହିଁ ଏକମାତ୍ର ଭରସା। ପୋଲିସ ମୋ ସ୍ୱାମୀଙ୍କ ହତ୍ୟାକାରୀକୁ ଗିରଫ କରିବା ସହ ଆମକୁ ନ୍ୟାୟ ଦେଇପାରିବ। ସ୍ୱାମୀଙ୍କ ହତ୍ୟା ପରେ ଆମେ ସର୍ବସ୍ୱ ହରାଇଲୁ। ତେଣୁ ପୋଲିସ ଅଭିଯୁକ୍ତମାନଙ୍କୁ ଧରି ଉଚିତ ଶାସ୍ତି ଦେଉ ବୋଲି ସେ ନିବେଦନ କରିଛନ୍ତି।

ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ପୋଲିସ ଘଟଣାର ତଦନ୍ତ ଚଳାଇଛି, ଖୁବଶୀଘ୍ର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଅନ୍ୟପଟେ ଏ ନେଇ ବୁଧବାର ସନ୍ଧ୍ୟାରେ ଡିସିପିଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଡିସିପି ଅନୁପ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

# କୃଷ୍ଣପ୍ରସାଦରେ ଇଦ୍-ଉଲ୍-ଜୁହା ପାଳିତ

କୃଷ୍ଣପ୍ରସାଦ,୨୨।୮(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ଓ ଭଗବାନପୁରରେ ମୁସଲିମ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ବୁଧବାର ଇଦ୍ ଉଲ୍ ଜୁହା ପାଳନ କରିଛନ୍ତି। ସେମାନେ ଦିନତମାମ ୫ ଥର ନମାଜ ପଢ଼ିବା ସହ ଧର୍ମଗ୍ରନ୍ଥ କୋରାନ୍ ପାଠ କରିଥିଲେ। ସ୍ଥାନୀୟ କନ୍ଦାଖାଇ କଳା ଓ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଜୟନୁଲ୍ ହୁସେନ୍ କୁହନ୍ତି, ମୁସଲିମ୍ ଧର୍ମଯାଜକ ଇସ୍‌ମାଇଲ୍ ଠାକୁରଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ପୁତ୍ରଙ୍କୁ ବଳି ଭାବେ ସମର୍ପଣ କରିଥିଲେ। ସେଥିରେ ପ୍ରଭୁ ସନ୍ତୁଷ୍ଟ ହୋଇ ଇସ୍‌ମାଇଲ୍‌ଙ୍କୁ ନିଜର ଶ୍ରେଷ୍ଠ ଭକ୍ତ ଘୋଷଣା କରିଥିଲେ। ତେଣୁ ଏହି ପର୍ବରେ ମୁସ୍‌ଲିମ୍‌ମାନେ ଛେଳି, ମେଣ୍ଢା ଆଦି ପଶୁ ବଳି ଦେଇ ସେହି ମାଂସକୁ ରୋଷେଇ କରି ଖାଇଥାନ୍ତି। ତେବେ ଅର୍ଥାଭାବରୁ ଗରିବ ଲୋକେ ବଳି ଦେଇପାରି ନ ଥାନ୍ତି କିମ୍ବା ମାଂସ ଖାଇବାର ସୁଯୋଗ ପାଇପାରି ନ ଥାନ୍ତି। ତେଣୁ ଏହିଦିନ ଗରିବ ଲୋକଙ୍କୁ ମାଂସ ବଣ୍ଟନ କରାଯାଇଥାଏ। ବ୍ଲକ୍‌ର ମାଲୁଦ ଓ ଭଗବାନପୁର ଗ୍ରାମର ପ୍ରାୟ ୪୦୦ ପରିବାର ଏହି ପର୍ବରେ ସାମିଲ ହୋଇଥିଲେ।

■ ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ସାଧାରଣ ସଭା

# ପେନ୍‌ସନ କର୍ମଚାରୀଙ୍କୁ ସରକାରୀ ସହାୟତା ଦାବି

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଦେଶର ୨୩ଟି ରାଜ୍ୟର ରାଜ୍ୟ ସରକାର ଅବସରପ୍ରାପ୍ତ ପେନ୍‌ସନ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ସହ ମୃତ୍ୟୁକାଳୀନ ଆର୍ଥିକ ଅନୁଦାନ ଦେଉଛନ୍ତି। ଏହାବ୍ୟତୀତ ମାଗଣା ଚିକିତ୍ସା ସୁବିଧା ଓ କ୍ଷତିପୂରଣ ଭଳି ବିଭିନ୍ନ ସୁବିଧା ସୁଯୋଗ ଦେଇଆସୁଛନ୍ତି। ହେଲେ ଏଭଳିସ୍ଥଳେ ଓଡ଼ିଶା ସରକାର ଅବସରପ୍ରାପ୍ତ ପେନ୍‌ସନ କର୍ମଚାରୀମାନଙ୍କୁ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରୁଛନ୍ତି ବୋଲି ଅଭିଯୋଗ କରିଛି ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ। ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଆମ ସରକାର ମଧ୍ୟ ସେମାନଙ୍କ ନୀତିକୁ ଅନୁସରଣ କରିବାର ସମୟ ଆସିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ ବିଜେବି ନଗରସ୍ଥିତ ରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏ ନେଇ ମତପ୍ରକାଶ ପାଇଛି।

ସଂଘ ସଭାପତି ଇଂ. ବିପିନ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ୫ଜଣ ବରିଷ୍ଠ ସଦସ୍ୟ ଇଂ. କୁଞ୍ଜବିହାରୀ ମହାନ୍ତି, ଇଂ. ଧ୍ରୁବଚରଣ ହୋତା, ଇଂ. ବଳରାମ ପ୍ରସାଦ ବସୁମଲ୍ଲିକ, ଇଂ. ଶରତ ଚନ୍ଦ୍ର ଦାସ ଓ ଇଂ. ଭବାନୀ ଚରଣ ପଟ୍ଟନାୟକଙ୍କୁ 'ରାୟ ଚୂଡ଼ାମଣି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଘର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ରାୟ ଚୂଡ଼ାମଣିଙ୍କ ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଡିପ୍ଲୋମା ଇଞ୍ଜିନିୟର ସ୍ୱର୍ଗତ ଚୂଡ଼ାମଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିଭଳି କେରଳ ବନ୍ୟା ବିପନ୍ନଙ୍କ ପାଇଁ ସମସ୍ତେ ମୁକ୍ତ ହସ୍ତରେ ଦାନ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ଏହି ସଭାରେ ଉପଦେଷ୍ଟା ଦର୍ପ ନାରାୟଣ ଦାସ, ସାଧାରଣ ସମ୍ପାଦକ ବାମଦେବ ତ୍ରିପାଠୀ, ପୃଷ୍ଠପୋଷକ ସାରଦା ପ୍ରସାଦ ମହାନ୍ତି, ଧବଳ ପ୍ରସାଦ ଚୌଧୁରୀ, ଜନାର୍ଦ୍ଦନ ରାୟ, କୃଷ୍ଣଚନ୍ଦ୍ର ସାହୁ, ମଳୟରାଜ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଉପସଭାପତି ଇଂ. ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# 'ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ', 'ପ୍ରବନ୍ଧ ଗୁଚ୍ଛ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

'ଆଶ୍ରୟ' ସମାଜ କଲ୍ୟାଣ ସଂଗଠନ ପକ୍ଷରୁ ବୁଧବାର ରେଡ୍‌କ୍ରସ୍ ଭବନରେ 'ଆଶ୍ରୟର ସାହିତ୍ୟ ଉତ୍ସବ-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭାଷାବିତ୍ ଡ. ବିଜୟଲକ୍ଷ୍ମୀ ମହାନ୍ତି, ଶିକ୍ଷାବିତ୍ ପ୍ରଫେସର ଡ. ସତ୍ୟନାରାୟଣ ପାଲ୍, ଚିତ୍ରାଙ୍ଗଦା ପ୍ରଧାନ ଓ ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ଦାଶ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଡ. ସୁହାସିନୀ ମହାପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକ 'ଓଡ଼ିଆ ସାହିତ୍ୟକୁ



ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ମୟୂରଭଞ୍ଜର ଦାନ' ଓ 'ପ୍ରବନ୍ଧ ଗୁଚ୍ଛ' ଉନ୍ମୋଚିତ ହୋଇଥିଲା। ପ୍ରବନ୍ଧ ଗୁଚ୍ଛରେ ୨୮ଟି ପ୍ରବନ୍ଧ ରହିଛି। ଭକ୍ତି ଭିକ, ନାରୀ ଚରିତ୍ର, ଆତ୍ମଜୀବନୀ ଓ ବିଜ୍ଞାନକୁ ଭିତ୍ତିକରି ରଚିତ ଏହି ପୁସ୍ତକରେ ୨୪ଟି ଓଡ଼ିଆ ଓ ୪ଟି ଇଂଲିଶ ପ୍ରବନ୍ଧ ରହିଛି। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଭାଷାବିତ୍, ଗବେଷକ ଯୋଗଦେଇଥିଲେ। 'ବିଶ୍ୱ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜ ଅପ୍ରତିଦ୍ୱନ୍ଦ୍ୱୀ' ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଘରୋଇ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଖୋର୍ଦ୍ଧା ଅଫିସ,୨୨।୮

ଖୋର୍ଦ୍ଧା ଟାଉନ ଥାନା ଶିଳ୍ପାଞ୍ଚଳ ଫାଣ୍ଡି ମୁକୁନ୍ଦପ୍ରସାଦ ଅଞ୍ଚଳରେ ଥିବା ଏକ ଘରୋଇ ହଷ୍ଟେଲରେ ବୁଧବାର ଝୁଲନ୍ତା ଅବସ୍ଥାରେ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ପୁରୀ ଜିଲା ଗଡିଶାଗଡା ଥାନା ଜଙ୍କିଆ ଗଡସାହିର ସ୍ୱପ୍ନାପ୍ରିୟା ବଳିଆରସିଂହ (୧୬)। ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ ହେବ। ପୋଲିସ ନଂ. ୪୦/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀଙ୍କ ଗୋଡ ତଳେ ଲାଗିଥିବାରୁ ମା' ବାପା ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, କଣାସ ଥାନା ଜଙ୍କିଆ ଗଡସାହିର ନେତ୍ରାନନ୍ଦ ବଳିଆରସିଂହଙ୍କ ଝିଅ ସ୍ୱପ୍ନାପ୍ରିୟା ପି.ଏନ. କଲେଜ ଖୋର୍ଦ୍ଧାର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀ। ଗତ ୧୮ ତାରିଖରେ ସେ ମକୁନ୍ଦପ୍ରସାଦର ଘରୋଇ ହଷ୍ଟେଲରେ ରହିଥିଲେ। ତେବେ ବୁଧବାର ସନ୍ଧ୍ୟାରେ ହଷ୍ଟେଲର ଫ୍ୟାନରେ ନିଜ ଓନିରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ତେବେ ଗୋଡ ତଳେ ଲାଗିଛି। ଗୋଡ ତଳେ ଲାଗିବା ନେଇ ହତ୍ୟାର ପ୍ରଶ୍ନ ଉଠୁଥିବାରୁ ଛାତ୍ରୀଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ସେହିଭଳି ହାଣ୍ଡନୋଟ ମିଳୁଥିବା କୁହାଯାଉଥିଲେ ହେଁ ପୋଲିସ ଅସ୍ୱୀକାର କରିଛି। ଏ ନେଇ ଟାଉନ ଥାନା ଆଇଆଇସି ରଣଜିତ ସାହୁ କୁହନ୍ତି, ଛାତ୍ରୀଙ୍କ ଗୋଡ ତଳେ ଲାଗିଥିବାରୁ ମା'ବାପା ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ରଖି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶଥାଉ କି ଏହି ହଷ୍ଟେଲରେ ପୁରୀ ଜିଲା କଣାସ ଥାନା ହଳଦିଆପଡା ଗାଁର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ର ଶାନ୍ତନୁ ହାତୀ(୧୭) ୨୦୧୭ ଏପ୍ରିଲ ୨୭ ସନ୍ଧ୍ୟା ୫ଟାରେ ପ୍ରାଣ ହରାଇଥିଲେ। ତାଜା ଭାଙ୍ଗି ଶାନ୍ତନୁ ପ୍ରାଣ ହରାଇଥିଲେ କହି ହଷ୍ଟେଲ କର୍ତ୍ତୃପକ୍ଷ ଖସିବାକୁ ଚେଷ୍ଟା କରିଥିବା ଅଭିଯୋଗ ଥିବାବେଳେ ଛାତ୍ରୀଙ୍କ ମୃତ୍ୟୁ ପୁଣି ଅସୁବିଧା ସୃଷ୍ଟି କରିଛି।